ମୋବାଇଲ ପ୍ରେମ

ରାଜ କିଶୋର ପତି



Source: Author, Digitized by PPRACHIN, SOA

ମୋବାଇଲ ପ୍ରେମ

(ଉପନ୍ୟାସ)

ଉପନ୍ୟାସକାର:
ରାଜକିଶୋର ପତି

ପ୍ରକାଶିକା
ଶ୍ରୀମତୀ ସଂଯୁକ୍ତା ପତି

Source: Author, Digitized by PPRACHIN, SOA

ମୋବାଇଲ ପ୍ରେମ
(ଉପନ୍ୟାସ)

ଔପନ୍ୟାସିକ
ରାଜକିଶୋର ପତି

ପ୍ରକାଶିକା
ଶ୍ରୀମତୀ ସଂଯୁକ୍ତା ପତି
ପ୍ଲଟ ନଂ-୪୩(ଖ), ଲେନ୍ ନଂ-୧, ରୋଡ ନଂ-୨
ଜଗନ୍ନାଥ ବିହାର, ବରମୁଣ୍ଡା-୭୫୧୦୦୩
ମୋ-୯୪୩୭୧୪୩୬୭୫

ପ୍ରାପ୍ତିସ୍ଥାନ
ବିଦ୍ୟାଶ୍ରୀ
ସାହିତ୍ୟ ଭବନ, ୭୨୨, ଜନପଥ, ୟୁନିଟ୍-୩
ଭୁବନେଶ୍ୱର - ୭୫୧୦୦୧

ପ୍ରଚ୍ଛଦ ଶଶିକାନ୍ତ ରାଉତ

ଅଲଙ୍କରଣ ଓ ମୁଦ୍ରଣ
କମ୍ପ୍ୟୁପ୍ରିଣ୍ଟ୍, ଲିଙ୍କ୍ ରୋଡ୍, କଟକ

ପ୍ରଥମ ପ୍ରକାଶ ୨୦୨୧

ମୂଲ୍ୟ ୯୦.୦୦ (ନବେଟଙ୍କା ମାତ୍ର)

MOBILE PREM
(Novel)

By
Rajkishore Pati

Publisher
Smt. Sanjukta Pati
Plot No-43/B, Lane-1, Road-2, Jagannath Vihar,
Baramunda, Bhubaneswar-751003

Source: Author, Digitized by PPRACHIN, SOA

ଉତ୍ସର୍ଗ

ଯାହାଙ୍କର ସ୍ନେହ, ଶ୍ରଦ୍ଧା, ସେବା, ଆଦରରେ ମୁଁ ମଣିଷ ହୋଇଛି ମୋର ପୂଜ୍ୟା ମାତୃତୁଲ୍ୟା ବଡ ନୂଆବୋଉଙ୍କ କରକମଳରେ ଟେକିଦେଇ ଆଶୀର୍ବାଦ ଭିକ୍ଷା କରୁଛି ।

ଅନୁ

(ଡାକନାମ)

Source: Author, Digitized by PPRACHIN, SOA

ସ୍ମାର୍ଟଫୋନ ପରି ଯନ୍ତ୍ରମାନଙ୍କ
ଧୃତରାଷ୍ଟ୍ରୀ ଆଲିଙ୍ଗନେ
ପଥ ହୁଡୁଛନ୍ତି ଯୌବନରେ ପାଦ
ଦେଉ ଦେଉ ପିଲାମାନେ ।

ଡେସ୍କଟପ ଲାପଟପ୍ ଫେସବୁକ୍
ଅପସଂସ୍କୃତି ବାହକ
ଦାରୁଣ ବ୍ୟାଧିରେ ପୀଡିତ ହେବାର
ସମ୍ଭାବନା ଅତ୍ୟଧିକ ।

ସାମାଜିକ ଗଣମାଧ୍ୟମ ପ୍ରଭାବେ
ବ୍ୟକ୍ତିଗତ କ୍ଷତ ସହ
ପାରିବାରିକ ଓ ସମାଜଜୀବନ
ସନ୍ତୁଳନ ଦୟନୀୟ ।

Source: Author, Digitized by PPRACHIN, SOA

ଅଭିମତ

ସ୍ମାର୍ଟଫୋନ୍ ପରି ଯନ୍ତ୍ରମାନଙ୍କ ଧୃତରାଷ୍ଟ୍ରୀ ଆଲିଙ୍ଗନେ
ପଥ ହୁଡୁଛନ୍ତି ଯୌବନରେ ପାଦ ଦେଉଦେଉ ପିଲାମାନେ ॥

ମୋର ସହପାଠୀ ତଥା ଅନ୍ତରଙ୍ଗ ବନ୍ଧୁ ଶ୍ରୀ ରାଜକିଶୋର ପତି ମୋ ହାତକୁ ପ୍ରାୟ ଏକଶତ ପୃଷ୍ଠା ବିଶିଷ୍ଟ ଦୁଇଗୋଟି ଉପନ୍ୟାସ ବଢାଇଦେଇ ତ୍ରୁଟି ସଂଶୋଧନ ତଥା ମତାମତ ଦେବାପାଇଁ ଆଗ୍ରହ ପ୍ରକାଶ କରିଥିଲେ । ବାର୍ତ୍ତାଳାପ ମାଧ୍ୟମରେ ମୁଁ ଜାଣିବାକୁ ପାଇଲି ଯେ ତାର ତୃତୀୟ ଉପନ୍ୟାସଟି ପ୍ରାୟ ଦେଢଶହ ପୃଷ୍ଠା ଅତିକ୍ରମ କରିସାରିଲାଣି । ଆମେ ଦୁହେଁ ପ୍ରାୟ ସମବୟସ୍କ । ପରିଣତ ବୟସରେ ସେ ଯେ ଆଧୁନିକ ମାନବ ଜୀବନର ଗଦ୍ୟକାବ୍ୟ ଭାବରେ ଅଭିହିତ ହେଉଥିବା ଉପନ୍ୟାସ ରଚନାରେ ଧୈର୍ଯ୍ୟର ସହ ଆଗେଇ ଚାଲିଛି ତାହା ମୋତେ ବିସ୍ମିତ କରିବା ସହିତ ଯେ ଆନନ୍ଦରେ ଅଭିଭୂତ କରିଛି, ତାହା ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଭାଷା ନାହିଁ ।

ଉପରୋକ୍ତ ତିନିଗୋଟି ଉପନ୍ୟାସରୁ ଗୋଟିଏ ହେଉଛି ମୋବାଇଲ ପ୍ରେମ । ଆଧୁନିକ ସହରୀ ଓ ଗ୍ରାମ୍ୟ ଜୀବନକୁ ସ୍ମାର୍ଟଫୋନ୍ ଯେଉଁଭଳି କର୍ଣ୍ଣପିଶାଚ ଭଳି କବଳିତ କରିସାରିଲାଣି ତାହା ଗଭୀର ଚିନ୍ତାର ବିଷୟ । ମୋବାଇଲ ଫୋନର ସୀମିତ ଓ ସକାରାତ୍ମକ ପ୍ରୟୋଗ ଅପରିହାର୍ଯ୍ୟ ହୋଇଥିଲାବେଳେ ଏହାର ଦୁରୁପଯୋଗ ହେତୁ ସମାଜକୁ ବହୁମୂଲ୍ୟ ଦେବାକୁ ପଡୁଛି । ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ଜୀବନ ମଧ୍ୟରେ କିଛି ବ୍ୟବଧାନ ଥାଏ । ମାତ୍ର ସ୍ମାର୍ଟଫୋନ, ଲ୍ୟାପଟପ୍, ଡେକ୍ସଟପ ପରି ଯନ୍ତ୍ର ଏହି ବ୍ୟବଧାନକୁ ଅନାବରଣ କରିବା ଦ୍ୱାରା ସମସ୍ୟା ଜଟିଳରୁ ଜଟିଳତର ହୋଇଚାଲିଛି । ତା ଛଡା ଫୋନ ମାଧ୍ୟମରେ ନିରୀହ ଝିଅମାନଙ୍କୁ ଫସେଇ ସେମାନଙ୍କର ଜୀବନକୁ ଯେପରି ଦୁର୍ବିସହ କରିଦେଉଛନ୍ତି, ତାର ଏକ ପ୍ରକୃଷ୍ଟ ଉଦାହରଣ ହେଉଛନ୍ତି ଆମର କାବ୍ୟ-ନାୟିକା ଶକୁନ୍ତଳା । ଅପରିଚିତ ଲୋକଟିର କଅଁଳ କଥାରେ ଫସିଯାଇ ତାର ଆକାଉଣ୍ଟକୁ ୮୩୦,୦୦୦ଙ୍କା ଦେଇସାରିଲା ପରେ ଏକାନ୍ତରେ ସାକ୍ଷାତ କରିବା ପାଇଁ ଗ୍ରାମରୁ

Source: Author, Digitized by PPRACHIN, SOA

ଗୋଡ କାଢିଥିଲେ । ସୌଭାଗ୍ୟକୁ ପୋଲିସଙ୍କର ଉପସ୍ଥିତି ଓ ଅଶୋକବାବୁଙ୍କ ପରି ଜଣେ ମହାନୁଭବ ବ୍ୟକ୍ତିଙ୍କର ବଦାନ୍ୟତା ହେତୁ ସେ ଆସନ୍ନ ବିପଦରୁ ରକ୍ଷାପାଇଛନ୍ତି । ତା ନ ହୋଇଥିଲେ ସେ କୋଉ କୂଳର ହୋଇ ରହିନଥାନ୍ତେ । ସେଦିନର ସେହି ବର୍ଷଣମୁଖର ରାତ୍ରୀରେ ନିଃସ୍ୱ ଅଶୋକବାବୁଙ୍କ ବଖୁରିକିଆ ଘରେ ଯୁବକ ଯୁବତୀ ଯେଉଁଭଳି ଭାବରେ ସଂଯମ ଓ ସୌଜନ୍ୟର ପରାକାଷ୍ଠା ପ୍ରଦର୍ଶନ କରି ରାତିଟି ବିତାଇଛନ୍ତି ତାହା ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ ।

ସୌଭାଗ୍ୟକ୍ରମେ ଅଶୋକବାବୁ ବ୍ୟାଙ୍କ ଅଫିସର ଓ ଶକୁନ୍ତଳା ଗ୍ରାମ ସ୍କୁଲରେ ଶିକ୍ଷାକର୍ମୀ ଭାବେ ନିଯୁକ୍ତି ପାଇ କୂଳରେ ଲାଗିଯାଇଛନ୍ତି । ସେମାନଙ୍କର ବିବାହ ପ୍ରସ୍ତାବ ଚୂଡାନ୍ତ ହେଲାପରେ ମଧ୍ୟ ଗୁଣ୍ଡାମାନେ ମାରଣାସ୍ତ୍ରରେ ଶକୁନ୍ତଳାଙ୍କୁ ତାଙ୍କ ଘରୁ ଉଠାଇନେବା ପାଇଁ ଆସି ଧରାପଡି ଗାଁ ବାଲାଙ୍କଠାରୁ ଛେଚା ଖାଇଛନ୍ତି । ପରେ ତଳକୋର୍ଟ ଦ୍ୱାରା ମଧ୍ୟ ୧ ୨ ବର୍ଷ ଜେଲ ଓ ୫ ୦ ୦ ଟଙ୍କା ଜରିମାନା ଦେବାପାଇଁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି । ବରକନ୍ୟାଙ୍କର ବିବାହ ଗ୍ରାମ୍ୟ ପରମ୍ପରା ଚଳଣି ଅନୁସାରେ ସମ୍ପନ୍ନ ହୋଇଛି । ଏବେତ ଯଉତୁକ ବିହୀନ ବିଭାଘର । ଦ୍ୱିତୀୟରେ ସୀମିତ ଲୋକଙ୍କୁ ନେଇ ଭୋଜିଭାତ । ଉପନ୍ୟାସକାର ଏ ଦିଗ ସବୁକୁ ଯେପରି ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛନ୍ତି ତାହା ଅନନ୍ୟ ସାଧାରଣ ।

ଚନ୍ଦ୍ରରେ ମଧ୍ୟ କଳଙ୍କ ଥାଏ । ମୁଁ ଉପନ୍ୟାସଟିକୁ ଦୁଇଥର ପାଠ କରିଛି । ଯେଉଁ ଦିଗପ୍ରତି ଲେଖକ ଦୃଷ୍ଟିଦେବା ଆବଶ୍ୟକ ତାହା ହେଉଛି ଏହାର ବାକ୍ୟ ଗଠନ ଶୈଳୀ ।

ଭରପୂର ଉତ୍କଣ୍ଠା ରହିଥିବା ଏହି ଉପନ୍ୟାସଟି ଯେ ପାଠକୀୟ ସ୍ୱୀକୃତି ଲାଭ କରିବ ଏଥିରେ ଦ୍ୱିମତ ନାହିଁ ।

ବୈକୁଣ୍ଠନାଥ ପତି

ଉପସଭାପତି

ଗୋଦବରୀଶ ସାହିତ୍ୟ ସଂସଦ

ଭୁବନେଶ୍ୱର

Source: Author, Digitized by PPRACHIN, SOA

ଲେଖକଙ୍କ କଲମରୁ ପଦେ....

ପୁରାତନ ପ୍ରସ୍ତର ଯୁଗର ଆଦିମ ମଣିଷ ନୂତନ ପ୍ରସ୍ତରଯୁଗକୁ ଆସି ବିଜ୍ଞାନର ପାରଦର୍ଶିତା ଦେଖାଇ ଆଜି ଏପରି ଏକ ସୋପାନରେ ପହଞ୍ଚିଛି ଯାହା ମହାମନିଷି ମାନଙ୍କର କଳ୍ପନାତିତ ଥିଲା । ତନ୍ମଧ୍ୟରୁ ପ୍ରଯୁକ୍ତିବିଦ୍ୟା ଅନ୍ୟତମ । ଏହି ପ୍ରଯୁକ୍ତିବିଦ୍ୟା ବଳରେ ମଣିଷ ଏପରି ଏକ ସୂକ୍ଷ୍ମ ଯନ୍ତ୍ରର ଉଦଭାବନ କରିପାରିଛି ଯାହା ଆଜିକାଲି ଦୁନିଆଁରେ ମଣିଷ ପାଇଁ ଅପରିହାର୍ଯ୍ୟ ଓ ସେହି ଯନ୍ତ୍ରଟି ଯୋଗୁଁ ମଧ୍ୟ ଗୁଡିଏ ବ୍ୟବହାର୍ଯ୍ୟ ଉପକରଣ ଯଥା ଘଣ୍ଟା, କ୍ୟାମେରା ଓ ଅନ୍ୟାନ୍ୟ ଆନୁସଙ୍ଗିକ ପଦାର୍ଥ ସେମାନଙ୍କର ସତ୍ତା ହରାଇବାର ଆଶଙ୍କାରେ ଅଛନ୍ତି । ସେ ଯନ୍ତ୍ରଟି ହେଲା ଭ୍ରାମ୍ୟମାଣ ଦୂରଭାଷ ବା ଇଂରାଜୀରେ ମୋବାଇଲ ଫୋନ୍ । ଏହି ଯନ୍ତ୍ରଟି ମଣିଷର ଜୀବନକୁ ଯେପରି ବିଭିନ୍ନ କ୍ଷେତ୍ରରେ ସୁଗମ, ସରଳ କରିପାରିଛି ଅନୁରୂପ ଭାବେ ଏହାର ଦୁରୁପଯୋଗ ମଣିଷ ସଭ୍ୟତା ପାଇଁ ଅନର୍ଥର କାରନାମା ବହନ କରୁଛି । ସେହି ଯନ୍ତ୍ରର ଦୁରୁପଯୋଗ ଯୋଗୁଁ ଆଜିକାଲି ବହୁତ ଯୁବକ/ ଯୁବତୀ ବିପଥଗାମୀ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ଜୀବନକୁ ଦୁର୍ବିସହ କରିଦେଉଛନ୍ତି ତାହା ସହିତ ପାରିବାରିକ ଓ ସାମାଜିକ ଜୀବନକୁ ମଧ୍ୟ କ୍ଷତ, ବିକ୍ଷତ କରୁଛନ୍ତି । ଯେଉଁଥିପାଇଁ ପିତା,ମାତା, ପରିବାର ବର୍ଗ ଓ ସାମାଜିକ ମୂଲ୍ୟବୋଧ ପ୍ରତି ଆସକ୍ତ ଥିବା ଜନସାଧାରଣ ବହୁଭାବେ ଚିନ୍ତିତ । ଅଧମ ଲେଖକ ମଧ୍ୟ ସେଇ ଆଶା, ଆଶଙ୍କାକୁ ବହୁ ଦିନରୁ ମନେ ମନେ ଗୁଣି ହେଉଥିଲା ବେଳେ ଏହାର ନିରାକରଣ ବା ପ୍ରତିରୋଧ ପାଇଁ ବିଭିନ୍ନ ଲେଖା ମାଧ୍ୟମରେ ଏହି ଉପାଖ୍ୟାନକୁ ବହୁଳଭାବେ ଲୋକଲୋଚନକୁ ଆଣି ଏହାଦ୍ୱାରା ସୃଷ୍ଟ କ୍ଷତର ଭରଣାପାଇଁ କିଛି ବାସ୍ତବବାଦୀ ବା କାଳ୍ପନିକ ଚିତ୍ରକୁ ପରିବେଷଣ କରିବାକୁ ପ୍ରଚେଷ୍ଟା ଜାରି ରଖିଥିଲା । ଶୀତଦିନର ଏକ ବର୍ଷଣ ମୁଖର ସନ୍ଧ୍ୟାରେ କ୍ଷୁଦ୍ର କବିତାଟିଏ ଲେଖିଲାବେଳେ ଏହିପରି ଏକ କଥାବସ୍ତୁ ମନକୁ ଆସିବାରୁ ଏକ କାବ୍ୟ ରଚନା ଆରମ୍ଭ ହେଲା ଯାହା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ । କିନ୍ତୁ ସେହି କାବ୍ୟର ଅବିକଳ ଗଦ୍ୟାନୁବାଦଟି ଆରମ୍ଭ କରି ତାହା ମନର ଆବେଗ ସହିତ ଦ୍ରୁତ ଗତିରେ ଧାଇଁବାରୁ ଶେଷ ହୋଇ ପ୍ରକାଶନ ପାଇଁ ବ୍ୟବସ୍ଥା ହେଲାଣି । ଅବଶ୍ୟ

Source: Author, Digitized by PPRACHIN, SOA

କାବ୍ୟଟି ଆଉ ଅଳ୍ପ କିଛି ବାକିଅଛି ଓ ବିଳମ୍ବର କାରଣ ସାଂସାରିକ ଜଞ୍ଜାଳ, ଶାରୀରିକ ଅସୁସ୍ଥତା ଇତ୍ୟାଦି । ତାକୁ ସମ୍ପୂର୍ଣ୍ଣ କରିବାର ପ୍ରଚେଷ୍ଟାରେ ହେଳା ମଧ କରି ନାହିଁ । ଦେଖାଯାଉ ଭଗବାନଙ୍କର ଆଶୀର୍ବାଦ ଥିଲେ ଅଳ୍ପଦିନ ମଧରେ ଶେଷ କରିପାରିବି । ଉପନ୍ୟାସଟିର କଳେବର ବୃଦ୍ଧି କରିବାକୁ ମନରେ ବହୁତ ପରିକଳ୍ପନା ଆସିଥିଲେ ମଧ ସେଗୁଡିକ ସମାଜ ପାଇଁ ଆଉ ଗୋଟିଏ ଗୋଟିଏ ଖଳନାୟକ ସାଜିବେ ବୋଲି ବିବେକ ବାରବାର, ଚେତାଇବାରୁ ମୁଁ ଉପନ୍ୟାସଟିରେ ସାମିଲ କଲିନାହିଁ ।

ଏହି କଥା ବସ୍ତୁର କାବ୍ୟରୂପ ଆରମ୍ଭ କରି ସବୁ ଲେଖା ଶୁଣାଇଲା ପରି ମୋର ନିରବ କଳାକାରଙ୍କୁ ଶୁଣାଇବାରୁ ମୁରୁକୀ ହସରେ ଖୁସି ଜାହିର କରି ପ୍ରଥମଥର ପାଇଁ ମୁହଁ ଖୋଲି ଏହାକୁ ଗଳ୍ପ ଆକାରରେ ଲେଖ ବୋଲି ଅଳି କଲେ । ତାଙ୍କରି ପ୍ରେରଣାରୁ ଏହାର ଉପନ୍ୟାସ ରୂପର ଆରମ୍ଭ । ଶେଷ ହେବା ଯାକେ ମଝିରେ ମଝିରେ ଶୁଣାଇଲେ ସେ ବହୁତ ଖୁସି ହୁଅନ୍ତି । ସେହି ନିରବ କଳାକାର ଆଉ କେହି ନୁହନ୍ତି ମୋର ସୁଖ, ଦୁଃଖର ଚଲାସାଥି, ପ୍ରେମମୟୀ,ଲାସ୍ୟମୟୀ, ଗୁଣ୍ଡୁଣୀହାତୀ ମୋ ସହଧର୍ମିଣୀ । ତାଙ୍କୁ ହୃଦୟର ଗଭୀରତମ କୋଣରୁ ଧନ୍ୟବାଦ ଜଣାଉଛି । ଅବଶ୍ୟ ମୁଁ ଯେହେତୁ ଏକ ପରିବାର ପ୍ରେମୀଲୋକ ତେଣୁ ଉପନ୍ୟାସଟିକୁ ମିଳନାତ୍ମକର ରୂପ ଦେଇଛି । ବିଚ୍ଛେଦାତ୍ମକ ଭାବ ସବୁବେଳେ ମତେ ମର୍ମାହତ କରେ । ଆଶାକରେ ଏହି କ୍ଷୁଦ୍ର ଉପନ୍ୟାସଟି ପାଠକ/ ପାଠିକାଙ୍କ ମନୋରଞ୍ଜନ ସହିତ ଯେଉଁ ଭିତ୍ତିଭୂମିର କଥାବସ୍ତୁକୁ ନେଇ ଆଗେଇଛି ତାକୁ ପ୍ରତିହତ କରିପାରିଲେ ଶ୍ରମ ସାର୍ଥକ ହେଲାବୋଲି ଭାବିବି ।

ଏହି ଉପନ୍ୟାସଟିର ଦୋଷ ତୃଟି ସଂଶୋଧନର ଦାୟିତ୍ୱ ହସି ହସି ଗ୍ରହଣ କରିଥିବା ମୋର ଲଙ୍ଗୁଟିଆ ବନ୍ଧୁ ପଣ୍ଡିତ ଶ୍ରୀ ବୈକୁଣ୍ଠନାଥ ପତିଙ୍କୁ ମୁଁ ମୋର ଆନ୍ତରିକ ଧନ୍ୟବାଦ ଜଣାଉଛି । ତାଙ୍କର ଦୀର୍ଘ ଲେଖକୀୟ ଅନୁଭୂତିରୁ ଦେଇଥିବା ପରାମର୍ଶ ମୁଁ ଆଗାମୀ ଦିନମାନଙ୍କରେ ଅନୁପାଳନ କରିବାକୁ ଚେଷ୍ଟା କରିବି । ଅବଶ୍ୟ ସେ ହୃଦୟ ଖୋଲି କଥାବସ୍ତୁକୁ ପ୍ରଶଂସା କରିଥିବାରୁ ହୃଦୟର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜଣାଉଛି ।

(ଇତି)

ରାଜୁ

Source: Author, Digitized by PPRACHIN, SOA

ମୋବାଇଲ ପ୍ରେମ

ଅନୁଚ୍ଛେଦ-୧

ମାଘମାସ, ସମୟ ଅପରାହ୍ନ, ଅଦିନିଆ ବର୍ଷା ଆରମ୍ଭ ହୋଇଯାଇଥାଏ । ଶିତୁଆ ପବନ ଯୋଗୁଁ ଶୀତର ପ୍ରଭାବ ଯୋରରେ ଅନୁଭୂତ ହେଉଥାଏ । ଛୋଟ ଦିନକୁ ବର୍ଷାପାଗ ଯୋଗୁଁ ସନ୍ଧ୍ୟା ଆସିଗଲା ପରି ଜଣାପଡୁଥାଏ । ମୁଁ ଟିଉସନ ସାରି ଛତାଟିଏ ଧରି ବସାକୁ ଫେରୁଥିଲାବେଳେ ଶୀତ ପୋଷାକ ନେଇ ନଥିବାରୁ ଶୀତରେ ଥରିଥରି କଷ୍ଟେମଷ୍ଟେ ଚାଲିଥାଏ । ଶୀତଦିନିଆ ବର୍ଷା ହେତୁ ରାସ୍ତାଘାଟରେ ବିଶେଷ କେହି ଲୋକବାକ ନଥାନ୍ତି । ରାସ୍ତାଘାଟ ପ୍ରାୟତଃ ଶୂନଶାନ । ଦେଖିଲି ଜଣେ ଯୁବତୀ ସେଇ ବର୍ଷାରେ ଓଦାହୋଇ ଶୀତରେ ଥରି ଥରି ରାସ୍ତା କଡେ କଡେ ଚାଲିଥାନ୍ତି । ମୁଁ ତାଙ୍କର ପାଖାପାଖି ହୋଇ ତାଙ୍କୁ କହିଲି ବର୍ଷାରେ ପୁରାପୁରି ଓଦାହୋଇଗଲେଣି । ମୋ ଛତା ତଳକୁ ଆସନ୍ତୁ , ନହେଲେ ଥଣ୍ଡା ଜ୍ୱର ଧରିନେବ । ମୋ କଥା ମାନି ସେ ମୋ ଛତା ତଳକୁ ଆସିବାରୁ ମୁଁ ଛତାଟି ଟେକି ଧରିବା ଫଳରେ ବର୍ଷାର ଛିଟିକା ଆମ ଦୁହିଁଙ୍କ ଉପରେ ପଡିଲା । ତେଣୁ ସେ ସନ୍ତର୍ପଣରେ ମତେ କହିଲେ, "ଦେଖନ୍ତୁ ମୁଁ ତ ଓଦା ହୋଇଛି, ଆପଣ ମୋ ପାଇଁ ମଧ୍ୟ ଓଦା ହେବେ । ତେଣୁ ମୁଁ ଛତାତଳୁ ବାହାରକୁ ଯାଉଛି, ଆପଣ ମୋପାଇଁ କଷ୍ଟ କରନ୍ତୁ ନାହିଁ । ମୋ ପରି ଜଣେ ହତଭାଗିନୀ ଓଦାହେବା ଦରକାର ।" ଏତିକି କହି ସେ ବାହାରି ଯିବାକୁ ଉଦ୍ୟତ ହେଉଥିବାରୁ ମୁଁ କହିଲି ଦେଖନ୍ତୁ, ମୁଁ ଆଦୌ ଓଦା ହେବିନାହିଁ । ଏହା କେବଳ ଆପଣଙ୍କର ଭ୍ରମ ବା ନିହାତି ଅଭିମାନ । ସାମାନ୍ୟ ଛିଟିକା ପଡୁଛି, ତେଣୁ ଆପଣ ଛତା ତଳେ ଚାଲନ୍ତୁ ଏବଂ କିଛି ଯଦି ଆପତ୍ତି ନଥାଏ ଦୟାକରି ଅସୁବିଧା ଖୋଲି କରି କହିଲେ ମୁଁ ମୋ ସାଧ୍ୟମତେ ଆପଣଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିବି । ମୋ କଥା ଶୁଣି ସେ କିଛି ସମୟ ନିରବରେ ମୋ ଛତାତଳେ ଚାଲୁ ଚାଲୁ କହିଲେ "ଆପଣା ହସ୍ତେ ଜିହ୍ୱା ଛେଦି, କେଅଛି ତାର ପ୍ରତିବାଦୀ"। ମୁଁ ଭାଗବତର ଏହି ପଦକ ଶୁଣି କିଛି ଠିକ୍ ଭାବେ ବୁଝିପାରିଲିନାହିଁ କେବଳ ଅନୁମାନ କଲି ସେ କୌଣସି

Source: Author, Digitized by PPRACHIN, SOA

ଏକ ଭୁଲ ନିଷ୍ପତ୍ତି ନେଇଛନ୍ତି ବା ବାଟ ଧରିଛନ୍ତି । ତେଣୁ ସ୍ପଷ୍ଟ ହେବାପାଇଁ ମୁଁ କହିଲି, ଆପଣ ଖୋଲିକରି କହିବାକୁ ଯଦି ଠିକ୍ ମନେ କରୁନାହାନ୍ତି ତେବେ କୁହନ୍ତୁ ନାହିଁ । ନିଜ ମନର ଦୁଃଖ ଅନ୍ୟସାଙ୍ଗେ ବାଣ୍ଟିଲେ ତାହା ଲାଘବ ହୁଏ । କିନ୍ତୁ ବ୍ୟକ୍ତିଗତ ପ୍ରସଙ୍ଗ ହୋଇଥିଲେ ତାହାକୁ ଜଣେ ଅଜଣା ଲୋକକୁ କହିବା ମଧ୍ୟ ଉଚିତ୍ ନୁହେଁ । ଏହାଶୁଣି ସେ କହିଲେ ହଁ ଏହା ଏକ ବ୍ୟକ୍ତିଗତ କଥା କିନ୍ତୁ ସେପରି ଗୋପନୀୟ ମଧ୍ୟ ନୁହେଁ ବୋଲି ମୁଁ ଭାବୁଛି । ତଥାପି ମୋର ମନ କହେ ମୁଁ କାହିଁକି ମୋର ଦୁଃଖ କହି ଅନ୍ୟର ମନକୁ ଅଶାନ୍ତ କରିବି ? ଏହାଶୁଣି ମୁଁ କହିଲି, ଆପଣଙ୍କ କଥା ଯୁକ୍ତି ସଂଗତ ଏବଂ ମାନବିକତାର ପରିଚୟ ଦିଏ । କିନ୍ତୁ ଏହା ମଧ୍ୟ କୁହାଯାଇଛି ଯେ ସମସ୍ୟାକୁ ଖୋଲି ନକହିଲେ ତାର ସମାଧାନ ହୋଇପାରେନାହିଁ । ଅବଶ୍ୟ ମଣିଷ ସାଧାରଣତଃ ନିଜର ସମସ୍ୟା କେବଳ ଆତ୍ମୀୟସ୍ୱଜନ ବା ବନ୍ଧୁବାନ୍ଧବଙ୍କ ଆଗରେ ପ୍ରକାଶ କରିଥାନ୍ତି । ଯେହେତୁ ମୁଁ ଆପଣଙ୍କର ସମ୍ପୂର୍ଣ୍ଣ ଅପରିଚିତ ତେଣୁ ଆପଣଙ୍କର ନିଷ୍ପତ୍ତିକୁ କେବଳ ସେ ଅର୍ଥରେ ମୁଁ ସମର୍ଥନ କରିବି, ସ୍ୱାଗତ କରିବି, କିନ୍ତୁ ଆପଣଙ୍କ ଦୁଃଖ ଶୁଣି ମୋତେ କଷ୍ଟ ହେବ ବୋଲି ଯଦି ଆପଣ ଭାବୁଛନ୍ତି ତେବେ ମୁଁ ତାକୁ ଆଦୌ ଗ୍ରହଣ କରିବିନାହିଁ । ମୋକଥା ଶୁଣି ସେ କହିଲେ, ଠିକ୍ ଅଛି ମୁଁ ମୋର ସମସ୍ୟା ଆପଣଙ୍କୁ ଠିକେ ଠିକେ କହୁଛି ଶୁଣନ୍ତୁ ।

ଦିନେ ଗୋଟିଏ ଅଜଣା ନମ୍ବରରୁ ମୋ ମୋବାଇଲକୁ ଗୋଟିଏ କଲ ଆସିବାରୁ ମୁଁ ସେ କଲଟିକୁ ଗ୍ରହଣ କଲି । ଅପର ପକ୍ଷରୁ ଜଣେ ଯୁବକ ବନ୍ଧୁ ମୋ କର୍ଣ୍ଣଶୁଣି ଭଦ୍ରାମି ସହକାରେ କହିଲେ ଆଜ୍ଞା ମୁଁ ଅନ୍ୟଜଣଙ୍କୁ ଟେଲିଫୋନ୍ କରିବାକୁ ଚାହୁଁଥିଲି କିନ୍ତୁ ଭୁଲବଶତଃ ଆପଣଙ୍କ ନମ୍ବରଟି ଲାଗିଗଲା । ତେଣୁ କ୍ଷମା କରିଦେବେ । ମୁଁ ମଧ୍ୟ ସୌଜନ୍ୟତା ଦୃଷ୍ଟିରୁ କହିଲି,ଏମିତି ବେଳେବେଳେ ଗୋଟିଏ ସଂଖ୍ୟା ଭୁଲ ହୋଇଗଲେ ଅନ୍ୟ ନମ୍ବର ଲାଗିଯାଇଥାଏ । ତେଣୁ ଏଥିରେ ଏତେ ବ୍ୟସ୍ତ ହୁଅନ୍ତୁ ନାହିଁ । ଏହାଶୁଣି ସେ କଥା ଲମ୍ବାଇବାକୁ ଯାଇ କହିଲେ ବେଳେ ବେଳେ ଏପରି ଭୁଲ ହୋଇଗଲେ ଜଣେ ଜଣେ ଅଛନ୍ତି ବହୁତ ରାଗିଯାଇ କଦର୍ଯ୍ୟ ଭାଷାରେ ନିଜର ବିରକ୍ତି ପ୍ରକାଶ କରିବା ସହିତ ଧମକମଧ୍ୟ ଦିଅନ୍ତି, ତେଣୁ ମୁଁ ଆଗୁଆ ଭୁଲ ମାଗିନେଇଥିଲି ସେ ଗାଳିରୁ ବର୍ତ୍ତିବାପାଇଁ । କିନ୍ତୁ ମୁଁ

Source: Author, Digitized by PPRACHIN, SOA

ଜାଣି ନଥିଲି ଯେ ଆପଣ ଏପରି ଭଦ୍ର ଓ ସମ୍ବେଦନଶୀଳା ଯିଏ ବାସ୍ତବତାକୁ ଗ୍ରହଣ କରି ବ୍ୟସ୍ତ ହେବାକୁ ବାରଣ କରୁଛନ୍ତି । ତେଣୁ ଆପଣଙ୍କୁ ଅନେକ ଅନେକ ଧନ୍ୟବାଦ । ଆପଣଙ୍କର ଏହି ବହୁମୂଲ୍ୟ ସମୟ ନଷ୍ଟ କରିଥିବାରୁ ମୁଁ ମଧ୍ୟ ଦୁଃଖିତ । ଅବଶ୍ୟ ଏଇ ପରିପ୍ରେକ୍ଷୀରେ ଆଉ ଗୋଟିଏ କଥା କହିବାକୁ ମୋର ଇଚ୍ଛା ହେଉଛି । ମାତ୍ର ମୋର ବିବେକ ବାଧା ଦେଉଛି । ଯଦି ଆପଣଙ୍କର ଆପତ୍ତି ନଥାଏ ତେବେ ଆମେ ଦୁଇଜଣ ଏହିପରି ମଝିରେ ମଝିରେ ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହୋଇପାରିବା, ଏଣିକି ନିଷ୍ପତ୍ତି ଆପଣଙ୍କର । ଯଦି ଆପଣଙ୍କର ଇଚ୍ଛାହେବ ତେବେ ଆପଣଙ୍କ ଆଡୁ ଆଗ ଟେଲିଫୋନ ଆସିଲେ ମୁଁ ଜାଣିବି ଆପଣ ଏହି ଟେଲିଫୋନ ବନ୍ଧୁତ୍ୱ ବଜାୟ ରଖିବାକୁ ଚାହୁଁଛନ୍ତି । ତେଣିକି ଆମେଦୁହେଁ ସମୟ ଓ ସୁବିଧା ଦେଖି ଯିଏ ଯେତେବେଳେ ଚାହିଁବା କଥା ହେବା । 'ରହୁଛି, ଶୁଭସନ୍ଧ୍ୟା' କହି ଫୋନ କାଟିଦେଲେ । ମୁଁ ମଧ୍ୟ ସେହି ମୁହୂର୍ତ୍ତରେ ସେ କଥାକୁ ଏତେ ଗୁରୁତ୍ୱ ଦେଇନଥିଲି । କାହିଁକି କେଜାଣି ରାତିରେ ମୋ ମନରେ ଏକ ଭାବାବେଗ ସୃଷ୍ଟିହେଲା । ମୁଁ ଭାବିଲି ଯୁବକ ଜଣଙ୍କ ଭଦ୍ର ଏବଂ ବିନୟୀ । ତାଙ୍କର କଥା ମଧ୍ୟ ମାର୍ଜିତ ଓ ରୁଚିସମ୍ପନ୍ନ । ପ୍ରସ୍ତାବ ମଧ୍ୟ ସେପରି ମନ୍ଦ ନୁହେଁ । ସେ ଜଣେ ଯୁବକ ଓ ମୁଁ ମଧ୍ୟ ଜଣେ ଯୁବତୀ, ତେଣୁ ନିଜ ନିଜ ମଧ୍ୟରେ ଏହି ଟେଲିଫୋନ ମାଧ୍ୟମରେ କଥାହେଲେ ପରସ୍ପର କିଛିଟା ନୂଆ ନୂଆ କଥା ଓ ଅନୁଭୂତି ହାସଲ କରିପାରିବା ସେଇହେତୁ ନମ୍ବରଟିକୁ ମୋ ମୋବାଇଲରେ ଅଜଣା ଯୁବକ ବନ୍ଧୁ ସଞ୍ଜ୍ଞା ଦେଇ ବଞ୍ଚାଇ ରଖିଲି । ଯଦି କେତେବେଳେ·କୌଣସି କଥା ବା ତଥ୍ୟ ବିଷୟରେ ଜାଣିବାର ମାଧ୍ୟମ ମୋ ପାଖ ଆଖରେ ନମିଳିବ, ସେତେବେଳେ ତାଙ୍କ ସହିତ ଯୋଗାଯୋଗ କରି ବୁଝିହେବ ବା ସେ ବିଷୟରେ ଅଧିକ ଜ୍ଞାନ ଆହରଣ କରିହେବ । ଏହାତ ହେଉଛି ପ୍ରଯୁକ୍ତି ବିଦ୍ୟାର ଅବଦାନ, ତେଣୁ ମୁଁ ସେଇଆ କଲି । ଇତି ମଧ୍ୟରେ କିଛିଦିନ କଟିଗଲା । ମୋର ଆଉ ସେ କଥା ମନେ ନଥିଲା । ହଠାତ୍ ଦିନେ ଗୋଟିଏ ଚାକିରୀ ବିଷୟରେ ଖବର କାଗଜରୁ ପଢି ସେ ବିଷୟରେ ଅଧିକ ତଥ୍ୟପାଇଁ ମୋର ସାହାଯ୍ୟ ଆବଶ୍ୟକ ପଡିବାରୁ ମୁଁ ସେଇ ନମ୍ବରକୁ ଟେଲିଫୋନକରି ମୋର ପରିଚୟ ଇତ୍ୟାଦି ଦେବାରୁ ଯୁବକ ବନ୍ଧୁ ଜଣଙ୍କ ବହୁ ଆଦର ଓ ବିନମ୍ରତାର ସହିତ ମତେ ସ୍ୱାଗତ କରି ଭଲମନ୍ଦ ପଚାରିଲେ । ମୁଁ ମଧ୍ୟ ତାଙ୍କର କୁଶଳକଥା ବୁଝି ସାରିଲାପରେ ମୋର ଆବଶ୍ୟକ

Source: Author, Digitized by PPRACHIN, SOA

ତଥ୍ୟ କଥା ତାଙ୍କୁ ପଚାରିବାରୁ ସେ କହିଲେ ଦେଖନ୍ତୁ ମୁଁ ଯେହେତୁ ମୋର ମନପସନ୍ଦର ଚାକିରିଟିଏ ବର୍ଷେହେଲା ପାଇଯାଇଛି ତେଣୁ ଆଜିକାଲି ଆଉ ଚାକିରି ସମ୍ବନ୍ଧୀୟ ତଥ୍ୟ ରଖୁନାହିଁ। କିନ୍ତୁ ଆପଣ ଯେଉଁ ବିଷୟରେ ମତେ କହିଲେ ମୁଁ କାଲି ସନ୍ଧ୍ୟାସୁଦ୍ଧା ସେ ବିଷୟରେ ସବୁତଥ୍ୟ ଆପଣଙ୍କୁ ଯୋଗାଇ ଦେବି । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ କହି ଟେଲିଫୋନ୍ କାଟିଲେ । ସତକୁ ସତ ତା'ପରଦିନ ରାତି ଆଠଟା ବେଳକୁ ତାଙ୍କ ପାଖରୁ ଗୋଟିଏ କଲ ଆସିଲା ଓ ସେ ମୁଁ ଯାହା ଜାଣିବାକୁ ଚାହୁଁଥିଲି ସେସବୁ ବିଷୟରେ ମତେ ବିସ୍ତୃତ ଭାବେ କହିବା ସାଙ୍ଗେ ସାଙ୍ଗେ ପଚାରିଲେ ଯଦି ଆପଣଙ୍କର ଏଇ ନମ୍ବରଟିରେ whatsapp ବ୍ୟବସ୍ଥା ଅଛି ତେବେ କୁହନ୍ତୁ ମୁଁ ସେ ସମ୍ବନ୍ଧୀୟ ବିଜ୍ଞାପନଟିକୁ ଆପଣଙ୍କ ପାଖକୁ ତୁରନ୍ତ ପଠାଇଦେବି ଯାହା ଆପଣଙ୍କ ପାଇଁ ଅଧିକ ପ୍ରାଞ୍ଜଳ ହେବ । ମୁଁ ହଁ ଭରିଲା ପରେ ସେ କହିଲେ ମୁଁ କିଛିକ୍ଷଣ ମଧ୍ୟରେ ପଠାଇଦଉଛି। ମୋର ଅଫିସରେ କିଛିକାମ ଅଛି ତେଣୁ ରହୁଛି । ଯଦି ହେବ ରାତି ୧୦ଟା ବେଳକୁ ଟେଲିଫୋନ କରିବି, ଆପଣଙ୍କର କିଛି ଅସୁବିଧା ନଥିଲେ କଥାହେବା କହି ଟେଲିଫୋନ କାଟିଦେଲେ। ଯୁବକ ବନ୍ଧୁଙ୍କର ଏତାଦୃଶ ସହୃଦୟତା, ଦାୟିତ୍ୱବୋଧ ଏବଂ ସାହାଯ୍ୟ ମନୋଭାବ ମୋ ମନକୁ ବେଶ୍ ଛୁଇଁଲା । ତେଣୁ ମୁଁ ମୋର ଶୋଇବା ଶେଜରେ ପଡି ତାଙ୍କର ଟେଲିଫୋନକୁ ଉତ୍ସୁକତାର ସହିତ ଅପେକ୍ଷା କରି ରହିଲି। ଠିକ୍ ରାତି ୧୦ଟା ପାଞ୍ଚମିନିଟ୍ ବେଳକୁ ମୋ ମୋବାଇଲଟି ବାଜି ଉଠିଲା। ଉଠାଇ ଦେଖିଲି ତାହା ତାଙ୍କ ନମ୍ବରରୁ ଆସିଥିଲା ତେଣୁ ମୁଁ ଟେଲିଫୋନ ଗ୍ରହଣ କଲି ଓ ତାଙ୍କୁ ତାଙ୍କର ସାହାଯ୍ୟ ପାଇଁ ଆନ୍ତରିକ ଧନ୍ୟବାଦ ଜଣାଇଲି ଏବଂ କହିଲି ଆଜିକାଲି ନିଜ ଲୋକ ମଧ୍ୟ ଏପରି ତତ୍ପରତାର ସହିତ ସାହାଯ୍ୟ କରୁନାହାନ୍ତି ତେଣୁ ବାସ୍ତବରେ ମୁଁ ଆପଣଙ୍କ ପାଖେ ଋଣୀ । ସେ ମଧ୍ୟ ବିନମ୍ରତାର ସହିତ କହିଲେ ମୁଁ ସେପରି କିଛି ବଡକାମ କରିନାହିଁ, ତେଣୁ ଏତେ ପ୍ରଶଂସା କରି ମତେ ଋଣୀ କରନ୍ତୁ ନାହିଁ । ସେହିଦିନ ସେ ମୋତେ ଅଧିକ ପ୍ରଭାବିତ କରିବା ପାଇଁ କହିଲେ ଆପଣଙ୍କ ଭାଷା, ସ୍ୱରରୁ ମୁଁ ଯାହା ଅନୁମାନ କରୁଛି ଆପଣ କେବଳ ଉଚ୍ଚଶିକ୍ଷିତା ନୁହନ୍ତି ଜଣେ ଅନନ୍ୟ ସୁନ୍ଦରୀମଧ୍ୟ । ଆଉ ମୋର ପରମ ସୌଭାଗ୍ୟ ସେଦିନର ଭୁଲ ଯୋଗାଯୋଗ ମତେ ଆପଣଙ୍କ ପରି ଜଣେ ସୁନ୍ଦରୀ

Source: Author, Digitized by PPRACHIN, SOA

ତରୁଣୀଙ୍କ ସହିତ ବନ୍ଧୁତ୍ୱ ସ୍ଥାପନ କରିବାର ସୁଯୋଗ ଦେଇଛି । ଦେଖାଯାଉ ଏ ବନ୍ଧୁତ୍ୱ ଆଗକୁ କେତେ ସୁଦୃଢ ହେଉଛି । ମୁଁ ମଧ୍ୟ ସେଦିନ କିଛିଟା ପ୍ରଭାବିତ ହୋଇ ତାଙ୍କୁ ଜଣେ ଉତ୍ତମ, ଭଦ୍ର ଓ ମେଧାବୀ ଯୁବକ ବୋଲି ବର୍ଣ୍ଣନା କରି କହିଲି ଆପଣ ମଧ୍ୟ ଜଣେ ସୁନ୍ଦର ବ୍ୟକ୍ତିତ୍ୱର ଅଧିକାରୀ ଏଥିରେ ମୋର ତିଳେମାତ୍ର ସନ୍ଦେହ ନାହିଁ । ତେଣୁ ଆମର ଏ ବନ୍ଧୁତ୍ୱର ରୂପାନ୍ତର ମଧ୍ୟ ହୋଇପାରେ । ସେ ତତ୍‌କ୍ଷଣାତ୍ ମତେ କହିଲେ ହୋଇପାରେ କଣ,ମୋ ମନରେ ମଧ୍ୟ ରୂପାୟିତ ହୋଇସାରିଲାଣି ଯାହା କହିବାକୁ ମତେ ଟିକେ ସଙ୍କୋଚ ଲାଗୁଛି । ଆପଣଙ୍କ ପରି ଜଣେ ସୁନ୍ଦରୀ ତରୁଣୀଙ୍କର ସାନିଧ ମତେ ବ୍ୟତିବ୍ୟସ୍ତ କରୁଛି । ସତେ ଯେପରି ବିଧାତା ଆମ ଦୁହିଁଙ୍କୁ, ଦୁହିଁଙ୍କ ପାଇଁ ସୃଷ୍ଟି କରିଛନ୍ତି ଆଉ ତାଙ୍କରି କୃପାରୁ ଯଦି ତାହା ସମ୍ଭବହୁଏ ମୁଁ ନିଜକୁ ଧନ୍ୟମନେ କରିବି ଓ ଆପଣଙ୍କୁ ମୁଁ ମୋ ହୃଦୟର ରାଣୀ କରି ରଖିବି । ମୋ ତରଫରୁ କିଛି ଆଭାସ ନପାଇ କହିଲେ, 'ସମ୍ଭବତଃ ମୁଁ ଅଧିକ ଭାବପ୍ରବଣ ହୋଇ ପଡିଲି ତେଣୁ ଆପଣ ମତେ କିଛି କହୁନାହାନ୍ତି ଏବଂ ମନେ ମନେ ମତେ ନୀଚ ଦୃଷ୍ଟିରେ ଦେଖିବା ଆରମ୍ଭ କରିଦେଲେଣି ଯାହା କରିବା କଥା ମଧ୍ୟ ସ୍ୱାଭାବିକ ତେଣୁ ଏ ଅକ୍ଷମଣୀୟ ଅପରାଧ ପାଇଁ କ୍ଷମା ମାଗୁଛି ଓ ଆପଣଙ୍କ ବିଚାର ବୁଦ୍ଧିକୁ ପ୍ରଶଂସା ନକରି ରହିପାରୁନି । ଆଶାକରେ ନିଜ ଗୁଣେ କ୍ଷମା କରିଦେବେ ଓ ଆମର ବର୍ତ୍ତମାନର ଯେଉଁ ବନ୍ଧୁତ୍ୱ ଅଛି ତାକୁ ବଜାୟ ରଖିବେ' । ଅଗତ୍ୟା ମୁଁ ଉପାୟ ନପାଇ ତାଙ୍କ ମନ ନଭାଙ୍ଗିବାପାଇଁ କହିଲି ସେପରି କିଛି ନୁହେଁ । ଯେହେତୁ ଆପଣ ପୁରୁଷ ତେଣୁ ନିଜର ମନଖୋଲି କହିପାରିଲେ ସେଥିରେ ମୁଁ ଖୁସି । ମୋକଥା ନସରୁଣୁ କହିଲେ-ଯାହାହେଉ ଆପଣ ମତେ ଏକ ଧର୍ମ ସଂକଟରୁ ବଞ୍ଚାଇଦେଲେ ଓ ମୋ ମନୋଭାବକୁ ସାକାର ଦୃଷ୍ଟିରେ ନେଇଥିବାରୁ ଅଶେଷ ଧନ୍ୟବାଦ । ରାତି ଅନେକ ହେଲାଣି ପରେ କଥାହେବା କହି ମୋ ମନକୁ ଉଚ୍ଚାଟକରି ଫୋନ କାଟିଦେଲେ । ଫୋନ୍ କଟିଗଲା ପରେ ମୁଁ କିପରି ଏକ ସ୍ୱପ୍ନ ଦୁନିଆକୁ ଚାଲିଗଲା ପରି ବୋଧକଲି ଏବଂ ମୋମନ ସେ ଯୁବକଙ୍କ ଆଡକୁ ଅଧିକ ଆକୃଷ୍ଟ ହେବାରୁ ଶରୀରରେ ଶିହରଣ ଖେଳିଗଲା ଆଉ କିଛି ସମୟ ସ୍ୱପ୍ନ ଦୁନିଆରେ ବୁଲି ଶୋଇଗଲି । ଏହା ପରଠାରୁ ଆମେ ଦୁହେଁ ପ୍ରତିଦିନ ରାତିରେ ଘଣ୍ଟା ଘଣ୍ଟା ଗପି ରଙ୍ଗିନ ଦୁନିଆରେ ଭ୍ରମଣ କଲୁ ଓ ମୁଁ

Source: Author, Digitized by PPRACHIN, SOA

ଧୀରେ ଧୀରେ ସେଇ ଯୁବକଙ୍କ ପ୍ରେମରେ ଆକୃଷ୍ଟହୋଇ ରଙ୍ଗିନ ସ୍ୱପ୍ନରେ ବିଭୋର ହେଲି । ଏହିପରି କିଛିଦିନ ଚାଲିଲାପରେ ଦିନେ ତାଙ୍କ ଆଡୁ ଫୋନ୍ ନଆସିବାରୁ ମୁଁ ବ୍ୟସ୍ତହୋଇ ତାଙ୍କୁ ଫୋନ କଲି ସେ ମୋ ଫୋନକୁ ଗ୍ରହଣ କରି ପଚାରିଲେ ହଠାତ୍ କିପରି ଆପଣ ଆଜି ଟେଲିଫୋନକଲେ । ଆଜି ପର୍ଯ୍ୟନ୍ତ ମୁଁ ଟେଲିଫୋନ କରୁଥିଲି ଆପଣ କେବେ ବି ଆପଣଙ୍କ ଆଡୁ ଟେଲିଫୋନ କରୁନଥିଲେ । ମୁଁ କହିଲି ଆପଣ ଯୁବକ ତେଣୁ ଆପଣଙ୍କ ପକ୍ଷେ ଫୋନ କରିବାର ଅସୁବିଧାନାହିଁ କିନ୍ତୁ ଯେହେତୁ ମୁଁ ଜଣେ ଯୁବତୀ ମତେ ସମ୍ଭ୍ରମତା ଓ ସଂସ୍କାର ଧର୍ମ ଅନୁପାଳନ କରିବା ଜରୁରୀ । ସେ ତତ୍‌କ୍ଷଣାତ୍ କହିଲେ ଦେଖ ମୁଁ କେବଳ ତୁମକୁ ପରୀକ୍ଷା କରିବା ପାଇଁ ଏପରି ପଚାରିଦେଲି, ମନଦୁଃଖ କରିବ ନାହିଁ । ସେ ସେହି କଥା ଗୁଡିକ କହିଲାବେଳେ ତାଙ୍କ କଣ୍ଠସ୍ୱର ସାମାନ୍ୟ ଅଲଗା ଜଣାପଡିଲା ତେଣୁ ମୁଁ ପଚାରିଲି ସବୁଦିନେ ତ ଆପଣ ଦିଲ୍‌ଦାର ଢଙ୍ଗରେ କଥାହୁଅନ୍ତି କିନ୍ତୁ ଆଜି କାହିଁକି ଅଲଗା ପରି ଜଣାଯାଉଛି ? ଆପଣଙ୍କ ଅନୁମାନ ସତ୍ୟ, ସେ କହିଲେ, ସବୁଦିନ ଓ ସବୁବେଳ ସମାନ ନଥାଏ ତେଣୁ କିଛିଟା ପାର୍ଥକ୍ୟ ରହିଛି । ମୁଁ ଅଧିକ ଉତ୍ସୁକତାର ସହିତ ଘଟଣା କଣ ବୋଲି ପଚାରିବାରୁ ସେ କହିଲେ ଆମେ ଯେହେତୁ ସୁଖ, ଦୁଃଖର ସାଥୀ ହେବା ବୋଲି କଥା ଦେଇଛେ ତେଣୁ ତୁମକୁ କହୁଛି ଶୁଣ । ଆଜି ମୋ ବୋଉର ଦେହ ଖରାପ ହେବାରୁ ଡାକ୍ତରଙ୍କ ପାଖକୁ ନେଇଥିଲି । ଡାକ୍ତର ଯାହା କହିଲେ ସେଥିରେ ମୋ ହୋସ ଉଡିଯାଇଛି । ତୁରନ୍ତ ଅସ୍ତ୍ରୋପଚାର କରିବାକୁ ପଡିବ । ବୋଉ ବହୁ ଦିନରୁ ଏଇ ରୋଗରେ ଆକ୍ରାନ୍ତ ହୋଇଥିଲେ ମଧ୍ୟ ମତେ କହିବାକୁ ସଂକୋଚ କରି ଲୁଚାଇଥିଲା । ତେଣୁ ଡାକ୍ତର କହିଲେ ଦୁଇ, ତିନି ଦିନ ମଧ୍ୟରେ ସବୁ ବ୍ୟବସ୍ଥା କରି ଅସ୍ତ୍ରୋପଚାର ନକଲେ ଆଗକୁ କଣ ହେବ କହି ହେବନାହିଁ । ଖର୍ଚ୍ଚ କଥା ପଚାରିବାରୁ ସେ କହିଲେ ହାରାହାରି ଲକ୍ଷେ ଟଙ୍କାରୁ ଅଧିକ ଖର୍ଚ୍ଚ ହେବ । ଯେହେତୁ ବୋଉ କଥାରେ ପଡି ବ୍ୟାଙ୍କରୁ ଋଣନେଇ ବାପା କିଣିଥିବା ଜାଗାରେ ମୁଁ ଘରଖଣ୍ଡେ ଏଇ ସ୍ୱଳ୍ପ ଦିନର ଚାକିରି ମଧ୍ୟରେ କରି ଦେଇଛି ତେଣୁ ମୋ ପାଖରେ ସଞ୍ଚିତ ଧନ କିଛି ନାହିଁ । ସାଙ୍ଗମାନଙ୍କୁ ମାଗିଲେ କିଛି ମିଳିବାର ଆଶାଅଛି କିନ୍ତୁ ତାହା ପର୍ଯ୍ୟାପ୍ତ ନୁହେଁ । ମୋ ବୋଉ ମୋପାଇଁ ସବୁକିଛି ତେଣୁ କଣ କରିବି ଏଇ [illegible] । ଏହା ଶୁଣି

Source: Author, Digitized by PPRACHIN, SOA

ମତେ ବଡ ଦୁଃଖଲାଗିଲା । ମୋ ଟିଉସନରୁ ମିଳୁଥିବା ପଇସା ବାପା ଦେଇଥିବା ହାତ ଖର୍ଚ୍ଚରୁ ମୋ ବ୍ୟାଙ୍କ ଆକାଉଣ୍ଟରେ ମୁଁ ଭଲକିଛି ପଇସା ରଖିଥିଲି ତେଣୁ ଭାବିଲି ବନ୍ଧୁ ହିସାବରେ ମୋର ମଧ୍ୟ ସାହାଯ୍ୟର ହାତ ବଢାଇବାକଥା । ଏହାଭାବି ମୁଁ କହିଲି ଦେଖନ୍ତୁ ଆପଣଙ୍କର ଏଇ ବିପଦବେଳେ ମୁଁ ମଧ୍ୟ କିଛିଟା ସହଯୋଗ କରିବାକୁ ଚାହୁଁଛି ତେଣୁ ବ୍ୟସ୍ତ ହୁଅନ୍ତୁ ନାହିଁ । ଭଗବାନ ଅଛନ୍ତି ମାଆଙ୍କର କିଛି ହେବନାହିଁ । ସେ ଅଳ୍ପଦିନ ମଧ୍ୟରେ ସୁସ୍ଥ ହୋଇଯିବେ । ସେ ମୋର କଥାଶୁଣି ଧନ୍ୟବାଦ ଜଣାଇ କହିଲେ ଆପଣଙ୍କଠାରୁ ପଇସା ନେବାକୁ ମୁଁ କେବେହେଲେ ପସନ୍ଦ କରିବିନାହିଁ ଆଉ ମଧ୍ୟ ଯଦି ମୋ ବୋଉ ଜାଣିବ, ସେ ମଧ୍ୟ ମତେ ବହୁତ ଗାଳିଦେବ । ତେଣୁ ସାହାଯ୍ୟର ହାତ ବଢାଇଥିବାରୁ ଆନ୍ତରିକ କୃତଜ୍ଞତା ଜଣାଉଛି ଶୁଭରାତ୍ରୀ । ମୁଁ କହିଲି ଆପଣ ମଧ୍ୟ ମତେ ପରିବାରର ଏଇ ବିପଦବେଳେ ଯଦି ସହଯୋଗ କରିବାକୁ ସୁଯୋଗ ନଦେବେ ତେବେ ମୁଁ ଜାଣିବି ଆପଣ ମତେ ଆପଣଙ୍କ ପରିବାର ସଦସ୍ୟା ବୋଲି ଭାବୁନାହାନ୍ତି, ଖାଲି ଉପର ଦେଖାଣିଆ ଭାବେ ଯାହା କଥାରେ କହୁଛନ୍ତି । ଏହାଶୁଣି ସେ କହିଲେ ଆପଣଙ୍କର ଏକଥାର ଉତ୍ତର ମୋ ପାଖରେ ନାହିଁ କାରଣ ଆମ ଦୁହିଁଙ୍କ କଥା ଯୁକ୍ତି ସଂଗତ କିନ୍ତୁ ଆପଣଙ୍କ କଥା ପ୍ରାସଙ୍ଗିକତା ଦୃଷ୍ଟିରୁ ଅଧିକ ଗୁରୁତ୍ୱ ବହନ କରୁଛି । ହେଉ ମୁଁ ଦେଖୁଛି, କାଲି ସନ୍ଧ୍ୟାକୁ ଯଦି ନିହାତି ଆବଶ୍ୟକ ପଡିବ ତେବେ କହିବି । ରାତି ବହୁତ ହେଲାଣି ବିଶ୍ରାମ ନିଅନ୍ତୁ କହି ଶୁଭରାତ୍ରୀ କହି ଫୋନ କାଟିଦେଲେ । ମୁଁ ତା ପରଦିନ ସନ୍ଧ୍ୟାଯାଏ ଅପେକ୍ଷା କଲି । ଠିକ୍ ସନ୍ଧ୍ୟାପରେ ପରେ ଟେଲିଫୋନ ଆସିଲା ଏବଂ ଯୁବକବନ୍ଧୁ କହିଲେ ଅଳ୍ପ କିଛି ଅର୍ଥ ଭରଣା ହୋଇପାରୁନାହିଁ । ତେଣୁ ତୁମକୁ କହିଥିବା ଅନୁଯାୟୀ ଫୋନକଲି । ମୁଁ ତାଙ୍କର ସମୟାନୁବର୍ତ୍ତିତା ଓ ପ୍ରତିଶ୍ରୁତିର ଅନୁପାଳନ ଦେଖି ବେଶ ପ୍ରଭାବିତ ହେଲି ଏବଂ ପଚାରିଲି କେତେ ନିଅଣ୍ଟ ହେଉଛି ସେ କହିଲେ ଆଉ ଚାଳିଶ ହଜାର ଖଣ୍ଡେ ନିଅଣ୍ଟ ପଡୁଛି । ମୋର ଜଣେ ବନ୍ଧୁ ମଧ୍ୟ କିଛି ଦେବ ବୋଲି କହିଛି । ଏହା ଶୁଣି କହିଲି ମୁଁ ଆପଣଙ୍କୁ ତୁରନ୍ତ ତିରିଶ ହଜାର ଦେଇପାରିବି ଚଳିବ ? ସେ ବହୁତ ଖୁସି ହୋଇ ଧନ୍ୟବାଦ ଜଣାଇ କହିଲେ ବାସ୍ତବରେ ତୁମେ ମୋର ହୃଦୟର ଜୀବନସାଥୀ । ଅବଶ୍ୟ ମୁଁ ଗୋଟିଏ ସର୍ତ୍ତରେ ନେବି । ମୁଁ ପଚାରିଲି ସେ ସର୍ତ୍ତଟି କଣ ? ସେ କହିଲେ ସେ ଟଙ୍କା ମୁଁ ବ୍ୟାଙ୍କରୁ ଋଣ ଆଣିଲାପରେ ତୁମକୁ ଫେରାଇବି ଏବଂ

Source: Author, Digitized by PPRACHIN, SOA

ତୁମେ ଗ୍ରହଣ କରିବ । ସେ ମଝିରେ ମଝିରେ ମୋତେ କେତେବେଳେ ଆପଣତ କେତେବେଳେ ତୁମେ କହିବା କିଛିଦିନରୁ ଆରମ୍ଭ କରିଥିଲେ । ତେଣୁ ମୁଁ କହିଲି ଆପଣ ମତେ ଆଜିଠୁଁ ତୁମେ ବୋଲି ସମ୍ବୋଧନ କରିବେ ଆଉ ଆପଣ ବୋଲି କହିବେ ନାହିଁ । ମୁଁ ମଧ୍ୟ ଆପଣଙ୍କ ସର୍ତ୍ତରେ ରାଜି । ବୋଉଙ୍କର ଶରୀର ସୁସ୍ଥ ହେଉ ଏହା ଆମ ଦୁହିଁଙ୍କର ପ୍ରାଥମିକତା ତେଣୁ ସେଥିପାଇଁ ସବୁଥିରେ ମୁଁ ରାଜି । ସେ ମୋ କଥାକୁ ଠଉରାଇ ପାରି କହିଲେ ବ୍ୟସ୍ତତା ଓ ଚିନ୍ତା ମଧ୍ୟରେ ମୁଁ ମୋର ମାନସିକ ସ୍ତରରେ ଠିକ୍ ନ ରହିପାରି ଏପରି କହିଥିବାରୁ ଦୁଃଖିତ । ତଥାପି ତୁମ କଥା ଯୁକ୍ତି ସଂଗତ ଭାବି ଏଣିକି ତୁମେ ବୋଲି ସମ୍ବୋଧନ କରିବି । ତୁମେ ମୁଁ ଦେଇଥିବା ବ୍ୟାଙ୍କ ଆକାଉଣ୍ଟକୁ ପ୍ରଥମେ ଅଳ୍ପ କିଛି (ପାଞ୍ଚଶ ମଧ୍ୟରେ) ପଠାଅ ମୁଁ ଦେଖି ଠିକ୍ ଅଛି ବୋଲି କହିଲେ ଅବଶିଷ୍ଟ ଟଙ୍କା ପଠାଇବ ।

ତାପରଦିନ ମୁଁ ସେ ଦେଇଥିବା ବ୍ୟାଙ୍କ ଆକାଉଣ୍ଟକୁ ପାଞ୍ଚଶତ ଟଙ୍କା ପଠାଇଲି । ସନ୍ଧ୍ୟାବେଳକୁ ସେ ଫୋନକଲେ ଓ କହିଲେ ଟଙ୍କା ଆସିଛି ତୁମେ ଅବଶିଷ୍ଟ କାଲି ପଠାଇବ । ମୁଁ ଏବେ ବ୍ୟସ୍ତ ଅଛି ପରେ କଥା ହେବା କହି ଫୋନ କାଟିଲେ ମୁଁ ମଧ୍ୟ ତାପରଦିନ ଅବଶିଷ୍ଟ ଟଙ୍କା ପଠାଇ ତାଙ୍କ ଫୋନକୁ ଅପେକ୍ଷା କରି ରହିଲି । ଠିକ୍ ସନ୍ଧ୍ୟାବେଳକୁ ସେ ଫୋନକରି କହିଲେ ଟଙ୍କା ଆସିଯାଇଛି । ବୋଉର ଅସ୍ତ୍ରୋପଚାର ପାଇଁ ସବୁ ବ୍ୟବସ୍ଥା ଚାଲିଛି । କାଲି ହେବ, ତେଣୁ କାଲି ରାତିକି ଫୋନକରି ସବୁ କହିବି, ରହୁଛି । ସେ ତାଙ୍କର ସମୟାନୁବର୍ତ୍ତିତା ବଜାୟରଖି ରାତି ୧୦ଟା ପରେ ଫୋନକରି କହିଲେ ବୋଉର ଅସ୍ତ୍ରପଚାର ଭଲରେ ଭଲରେ ହୋଇଗଲା, ବୋଉ ଏବେ ଭଲଅଛି, ଡାକ୍ତର କହିଲେ ଆଉ ବିପଦ ନାହିଁ । ତେଣୁ ବ୍ୟସ୍ତ ହେବନାହିଁ । ମୁଁ କହିଲି ଅସ୍ତ୍ରୋପଚାର କେଉଁ ହସ୍ପିଟାଲରେ ହୋଇଛି କହିଲେ ମୁଁ ପହଞ୍ଚି ବୋଉଙ୍କୁ ଦେଖିବା ସଙ୍ଗେ ସଙ୍ଗେ ତାଙ୍କର କିଛି ସେବା କରିପାରନ୍ତି ଓ ଆପଣଙ୍କୁ ମଧ୍ୟ ସାକ୍ଷାତ କରିପାରନ୍ତି । ସେ ତତକ୍ଷଣାତ୍ କହିଲେ ନାହିଁ ତୁମର ଆସିବା ଦରକାର ନାହିଁ । ମାଉସୀ ଓ ମାଇଁ ବୋଉ ପାଖରେ ଅଛନ୍ତି ବୋଉର ଦେଖାଶୁଣାପାଇଁ ଅନ୍ୟାନ୍ୟ ବନ୍ଧୁବାନ୍ଧବ ମଧ୍ୟ ଅଛନ୍ତି । ତେଣୁ ତୁମର ଉପସ୍ଥିତି ମୋପାଇଁ ଟିକେ ଅଡୁଆ ପରିବେଶ ସୃଷ୍ଟି କରିବ । ଯେହେତୁ ବୋଉ ଶଯ୍ୟାଶାୟୀ ତେଣୁ ମତେ ସବୁ ସମ୍ଭାଳିବାକୁ ପଡିବ ।

Source: Author, Digitized by PPRACHIN, SOA

ସେ ଦୃଷ୍ଟିରୁ ମନା କରୁଛି ମନ ଉଣା କରିବନାହିଁ କି ଭୁଲ ବୁଝିବ ନାହିଁ । ଆଉ ମୁଁ ମଧ୍ୟ ସମୟ ସୁବିଧା ଦେଖି ଦୁଇ ତିନିଦିନ ବ୍ୟବଧାନରେ ବୋଉ ଭଲହେବା ପର୍ଯ୍ୟନ୍ତ ଟେଲିଫୋନ କରିବି ସେଥିପାଇଁ ମଧ୍ୟ ବ୍ୟସ୍ତ ହେବନାହିଁ କହି ଫୋନ କାଟିଦେଲେ ।

ତାପରଠାରୁ କିଛି କିଛି ଦିନର ବ୍ୟବଧାନରେ ସେ ଫୋନ କରି ବୋଉଙ୍କ ସ୍ୱାସ୍ଥ୍ୟ କଥା କହି ଫୋନ କାଟୁଥିଲେ । ମୁଁ ଟେଲିଫୋନ କରିବା କଥା କହିଲେ ନ କରିବା ପାଇଁ ମଧ୍ୟ କହୁଥିଲେ । ଆଉ ଆଗପରି ତାଙ୍କର ମୋ ସହିତ କଥା ହେବାର ଆଗ୍ରହ ନଥିଲା ପରି ମୁଁ ଅନୁଭବ କରୁଥିଲି । ପ୍ରାୟ ଏକମାସ ଏହିପରି ଚାଲିଲା ପରେ ମୁଁ ଥରେ ମୋର ବ୍ୟସ୍ତତା ଦେଖାଇବାରୁ ସେ ଟିକେ ବିରକ୍ତ ହେଲାପରି କହିଲେ-ମୁଁ ତୁମ ଟଙ୍କା ଫେରାଇବାର ବ୍ୟବସ୍ଥା କଲାପରେ ତୁମକୁ ଡାକିବି ବ୍ୟସ୍ତ ହୁଅନାହିଁ । କିଛିଦିନ ପରେ ସେ ଟେଲିଫୋନ କରି କହିଲେ, ତୁମେ ଦୁଇଦିନପରେ ସହରକୁ ଆସି ବ୍ୟାଙ୍କ କଲୋନି ଛକ ପାଖରେ ପହଞ୍ଚି ମତେ ଫୋନକଲେ ମୁଁ ସେଠାକୁ ଆସିବି, ତୁମକୁ ସବୁ କହିବି ଓ ଅନ୍ୟାନ୍ୟ ବ୍ୟବସ୍ଥା କରିବି । ଭୁଲିବନାହିଁ, ନିଶ୍ଚିତ ଆସିବ କହି ଫୋନ ରଖିଲେ ।

ମୁଁ ତାଙ୍କ କଥା ରକ୍ଷାକରି, ବହୁ ଦିନର ପ୍ରତୀକ୍ଷାପରେ ତାଙ୍କ ସାଙ୍ଗରେ ସାକ୍ଷାତ କରିବାର ଉତ୍ସୁକତାକୁ ସମ୍ଭାଳିନପାରି ବୋଉକୁ ସାଙ୍ଗ ଘରକୁ ବୁଲିବାକୁ ଯାଉଛି ବୋଲି ମିଛ କହି ଦିନ ବାରଟା ସୁଦ୍ଧା ବ୍ୟାଙ୍କ କଲୋନି ଛକରେ ଥିବା ବରଗଛମୂଳେ ପହଞ୍ଚିଲି । ଦେଖିଲି ସେଠାରେ ପୋଲିସମାନେ କିଛି, କିଛି ଦୂରରେ ଠିଆ ହୋଇଛନ୍ତି । ମୁଁ ସେଥିପ୍ରତି ନଜର ନଦେଇ ମୋ ଯୁବକ ବନ୍ଧୁଙ୍କୁ ଟେଲିଫୋନ କଲି ତାହା ଲାଗିଲା ନାହିଁ । ମୁଁ କିଛି କିଛି ବ୍ୟବଧାନରେ ଟେଲିଫୋନ କରିବାକୁ ଚେଷ୍ଟାକଲି କିନ୍ତୁ ଟେଲିଫୋନ ଲାଗୁନଥାଏ । ଏହିପରି ପ୍ରାୟ ବହୁତ ସମୟ ପରେ ଦୁଇଜଣ ଯୁବକ ଗୋଟିଏ ମଟର ସାଇକେଲରେ ଆସି ମୋ ପାଖଦେଇ ଗଲାବେଳେ ମତେ ଆଖିମାରି, ହାତଠାରି ଆଗକୁ ଯିବାକୁ ଇସାରା ଦେବାରୁ ମୁଁ ଡରିଯାଇ ଜଣେ ପୋଲିସ ବାବୁଙ୍କ ପାଖାପାଖି ଠିଆ ହୋଇ ରହିଲି । ସେ ଯୁବକ ଦୁଇଜଣ ପୁଣି କିଛି ସମୟପରେ ସେଠାକୁ ଆସି ମୋତେ ପୋଲିସ

Source: Author, Digitized by PPRACHIN, SOA

ବାବୁଙ୍କ ପାଖରେ ଠିଆ ହୋଇ ଥିବାର ଦେଖି ଦ୍ରୁତ ଗତିରେ ଗାଡି ଚଳାଇ ପଳାଇଗଲେ। ମୁଁ ବ୍ୟତିବ୍ୟସ୍ତ ହୋଇ ପୁଣି ଟେଲିଫୋନ କରିବାରୁ ଟେଲି ଫୋନରୁ ଶୁଭିଲା ଦୁଃଖିତ ଏପରି ନମ୍ବର ନାହିଁ ।

ମୁଁ ଟେଲିଫୋନରୁ ଏପରି ନିରାଶବାଣୀ ଶୁଣି ଭାଙ୍ଗିପଡିଲି । ସେତେବେଳକୁ ମେଘ ଉଠାଇ ଆସିଲା କିଛି ସମୟପରେ, ବର୍ଷା ଧୀରେ ଧୀରେ ଆରମ୍ଭ ହେଲା । ତେଣୁ ପୋଲିସ ବାବୁ କହିଲେ ବର୍ଷା ପକାଇଲାଣି, ଯାଅ ଅନ୍ୟ କେଉଁଠି ଆଶ୍ରୟ ନିଅ ଏଠାରେ ଏପରି ଠିଆ ହୁଅନାହିଁ । ତାଙ୍କ କଥାମାନି କେଉଁଠି ଟିକେ ବର୍ଷାରୁ ବର୍ତ୍ତିବାପାଇଁ ଅଜଣା ସହରରେ ଏଇ ରାସ୍ତା ଦେଇ ଓଦାହୋଇ ଚାଲିଥିଲି, ଆପଣ ମତେ ଡାକିଲେ । ଆଜି ମଧ୍ୟ ଆଉ ଗାଁକୁ ଫେରିହବନି କାରଣ ଗାଁ ବସ ପଳାଇ ଯିବଣି ତେଣୁ କଣ କରିବି କେଉଁଠି ରହିବି ସେଇଆ ଭାବି ଭାବି ନିରାଶ୍ରୟ ଭାବେ ଓଦାହୋଇ ଚାଲିଥିଲି ।

ସେତେବେଳକୁ ମୁଁ ମୋ ବସା ପାଖାପାଖି ପହଞ୍ଚିଥିଲି । ମୋର ଆଉ ଗୋଟିଏ ଟିଉସନ ବେଳ ମଧ୍ୟ ହୋଇ ଆସୁଥାଏ । ଯୁବତୀଙ୍କ ସବୁ କଥାଶୁଣି ତାଙ୍କର ଏତାଦୃଶ ଦୁରାବସ୍ଥା ଦେଖି ମୋ ମନରେ ଦୁଃଖ ହେଲା କିନ୍ତୁ କରିବି କଅଣ । ମୁଁ ଯୁବକ ଅବିବାହିତ ପୁଣି ସ୍ୱଳ୍ପ ରୋଜଗାର ଯୋଗୁଁ ବଖୁରିକିଆ ଭଡାଘରେ ରହେ। ଅପରପକ୍ଷରେ ସିଏ ଜଣେ ଅପରିଚିତା ଏକଲା ଯୁବତୀ । ସେ ତାଙ୍କର ଯେଉଁ ଦୁଃଖକଥା କହିଲେ ସେଥିରେ ସତ୍ୟତା କେତେ ତାହା ମଧ୍ୟ ପରୀକ୍ଷା କରିବା ପାଇଁ ବେଳ ନାହିଁ । ଶୀତଦିନ ସନ୍ଧ୍ୟାପାଖ ହେଲାଣି । ସେ ସମ୍ପୂର୍ଣ୍ଣ ଓଦା ଏପରି ଅବସ୍ଥାରେ ତାଙ୍କ ପ୍ରତି ଅନୁକମ୍ପା ନଦେଖାଇବା ଅମଣିଷ ପଣିଆ ହେବ । ଆଉ ମଧ୍ୟ ତାଙ୍କୁ ସବୁ କଥା ଖୋଲି ନ କହି ନିଜ ପାଖରେ ରହିବାକୁ କହିବା ମଧ୍ୟ ସମୀଚୀନ ନୁହେଁ । ଏହିପରି ଏକ ହଁ., ନାଁ ର ଗୋଲକ ଧନ୍ଦାରେ ପଡି ସାହାସ ସଞ୍ଚୟ କରି ମୋ ବିଷୟରେ ସବୁକଥା କହିସାରି ପଚାରିଲି -ଆପଣ ସବୁକଥାକୁ ଭଲଭାବେ ବିଚାର କରି କୁହନ୍ତୁ ମୋ ବସାରେ ରହିପାରିବେ ଅବା ଅନ୍ୟ କେଉଁଠିକି ଯିବେ ସେଥିପାଇଁ ମୁଁ କିଛି ବ୍ୟବସା କରିବି । ସେ ସେଇ ଅନ୍ଧାରିଆ ପରିବେଶରେ ଲୁହ ଛଳ ଛଳ ଆଖିରେ ମୋ ମୁହଁକୁ ଭଲ ଭାବେ ନିରେଖି ଚାହିଁ କହିଲେ ମୁଁ

Source: Author, Digitized by PPRACHIN, SOA

ଆପଣଙ୍କୁ ଭରସା କରୁଛି, ରହିବି, ସମ୍ଭବତଃ ଭଗବାନଙ୍କର ଏହା ହିଁ ଇଚ୍ଛା । ମୁଁ ତାଙ୍କର କଥାଶୁଣି କହିଲ ଦେଖନ୍ତୁ ମୁଁ ଆପଣଙ୍କର ବିଶ୍ୱାସ ଓ ଭରସା ନିଶ୍ଚିତ ରଖିବି ତେଣୁ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ବସାରେ ତାଙ୍କୁ ଛାଡି ତରତର ହୋଇ ଟିଉସନକୁ ବାହାରିବା ପୂର୍ବରୁ କହିଲି ଓଦା ଲୁଗା ବଦଳାଇ ଦୟା କରି ଯାହା କିଛି ଶୁଖିଲା ଲୁଗା ଅଛି ସେଥିରୁ ଖଣ୍ଡେ ପିନ୍ଧିନେବ, ଚୁଡା ବା ମୁଢି ସେ ବଡ ଡବାରେ ଅଛି ଗଣ୍ଡେ ଖାଇବ ଓ କବାଟ କିଳି ରହିବ । ମୁଁ ଟିଉସନ ସାରି ଦେଢଘଣ୍ଟା ପରେ ଫେରିଲେ ମୋ ନାମ ଅଶୋକ କହି ଡାକିଲେ କବାଟ ଫାଙ୍କରେ ଦେଖି କବାଟ ଖୋଲିବେ । ମୁଁ ଆସୁଛି । ତାଙ୍କୁ ସେଇ ଅବସ୍ଥାରେ ଛାଡି ଦେଇଯିବାରୁ ମତେ ବ୍ୟସ୍ତ ଲାଗୁଥାଏ କିନ୍ତୁ କର୍ତ୍ତବ୍ୟ ତ କରିବାକୁ ପଡିବ । ସେଠାରେ ପହଞ୍ଚି ଦେଖିଲି ପିଲାଟିକୁ ଜ୍ୱର ହୋଇଯାଇଛି । ତେଣୁ ତାଙ୍କ ବାପା କହିଲେ, ଆପଣ ଫେରି ଯାଆନ୍ତୁ । ମୁଁ ବସାକୁ ଫେରି ମୋ ନାମ କହି ଡାକିବାରୁ ସେ କବାଟ ଫାଙ୍କରେ ମତେ ଦେଖି ଧୀରେ କବାଟ ଖୋଲିଲେ ଏବଂ ମତେ ଓଦା ହୋଇ ଯାଇଥିବାର ଦେଖି କହିଲେ ଆପଣ ଶୀଘ୍ର ଓଦାଲୁଗା ବଦଳାଇ ପକାନ୍ତୁ ନଇଲେ ଥଣ୍ଡା ଧରିବ । ମୁଁ ଦେଖିଲି ସେ ମୋର ପିନ୍ଧା ଧଳା ଲୁଗା ଖଣ୍ଡିକ ପିନ୍ଧିଛନ୍ତି । ଯୁବତୀ ସେ କେବଳ ଖଣ୍ଡେ ଧଳା ଲୁଗାରେ ନିଜର ଲଜ୍ୟା ନିବାରଣ କରିବା ପାଇଁ ଚେଷ୍ଟା କରି ସନ୍ତର୍ପଣରେ ଠିଆ ହୋଇଛନ୍ତି । ତାଙ୍କ କଥା ଶୁଣି ମୁଁ ହସିବି ବା କାନ୍ଦିବି କିଛି ଚିନ୍ତା କରିପାରିଲି ନାହିଁ କାରଣ ସେଇଲୁଗା ଖଣ୍ଡିକ ବାଦେ ମୋର ଆଉ ଭଲ ଲୁଗାନାହିଁ । ଚାକିରି ଅଭାବରୁ ଟିଉସନକରି ସ୍ୱଳ୍ପ ରୋଜଗାରରେ ଚଳି ନିଜର ଭବିଷ୍ୟତ ଗଢିବା ପାଇଁ ଚେଷ୍ଟାକରୁଛି । ଯଦି ମୋର ଆଉ ଭଲ ଲୁଗାନାହିଁ ବୋଲି କହିବି ତେବେ ତାଙ୍କୁ ଦୁଃଖ ହେବ ତେଣୁ ହେଉ ବୋଲି କହି ଥିବା ପୁରୁଣା ଚିରା ଲୁଗାଟିକୁ ସଜାଡି ପିନ୍ଧିବାରୁ ସେ ଅନୁମାନ କରିନେଲେ ଆଉ ଲୁଗା ନାହିଁ ତେଣୁ ମନଦୁଃଖ କରି ମୁଁ ଆପଣଙ୍କ ପାଇଁ ଅଭିଶାପ ପାଲଟିଲି କହି ମଥାନତ କରି ଠିଆହେଲେ । ତାଙ୍କର କଥା ଓ ଉଦାସଭାବ ମୋର ଦୁଃଖକୁ ଆହୁରି ବଢାଇ ଦେଲା, ତେଣୁ କହିଲି ନାହିଁ ସେପରି କୁହନ୍ତ ନାହିଁ, ମତେ କଷ୍ଟ ହେଉଛି । ବରଂ ଆପଣଙ୍କର ସମ୍ପୂର୍ଣ୍ଣ ପରିଚୟ, ଶିକ୍ଷା, ଦିକ୍ଷା ବିଷୟରେ କୁହନ୍ତୁ । ଏହା ଶୁଣି ସେ ନିଜର ନାମ ଶକୁନ୍ତଳା ଘର କେନ୍ଦ୍ରାପଡା

Source: Author, Digitized by PPRACHIN, SOA

ଏବଂ ବିଜ୍ଞାନରେ ସ୍ନାତକ ହାସଲ କରିଛନ୍ତି ବୋଲି କହଲେ । ତାଙ୍କ ବାପାଙ୍କର ପରିଚୟ ଦେବା ସହିତ ପରିବାର ବିଷୟରେ ମଧ୍ୟ ବିସ୍ତୃତଭାବେ କହି କାନ୍ଦି ପକାଇଲେ । ତାଙ୍କ କାନ୍ଦିବାର ଦେଖି ପଚାରିଲି କାହିଁକି କାନ୍ଦୁଛ ? ସେ କହିଲେ ଆପଣମତେ ଘରେ ରଖି ତିନ୍‌ସନ ଯିବାପରେ ମୋର ମୋବାଇଲି ପ୍ରେମିକ ମୋ ଫୋନକୁ ଟେଲିଫୋନ କଲେ ଫୋନଟି ଉଠାଇଲି ନାହିଁ । କିଛି ସମୟପରେ ଟେଲିଫୋନ ଆଉଥରେ କରିବାରୁ ମୁଁ କଲଟିକୁ ଗ୍ରହଣ କଲି । ସେ ମୋତେ ତୁମେ କେଉଁଠି ଅଛ କୁହ, ମୁଁ ତୁମକୁ ନେଇଆସିବି,ଆମେ ହୋଟେଲରେ ରହିବା ବୋଲି କହିଲେ । ମୁଁ ତାଙ୍କୁ କହିଲି ଆପଣଙ୍କ କଥାରେ ମୁଁ ଦିନ ବାରଟାରୁ ଆସି ବ୍ୟାଙ୍କ କଲୋନି ଛକରେ ଠିଆ ହୋଇ ବାରମ୍ବାର ଟେଲିଫୋନ କରି ଥକିଲି, ଆପଣ ମୋ କଲ ଉଠାଇଲେ ନାହିଁ । ମୁଁ ସେଠାରେ ଅସହାୟ ଭାବେ ଘଣ୍ଟା ଘଣ୍ଟା ଅପେକ୍ଷା କଲେ ମଧ୍ୟ ଆସିଲେ ନାହିଁ । ମଝିରେ ଦୁଇଜଣ ଯୁବକ ଗୋଟିଏ ବାଇକରେ ଆସି ମୋ ପାଖଦେଇ ଗଲାବେଳେ ମତେ ହାତଠାରି ଆଖିମାରି କିଛି ଆଗକୁ ଯିବାକୁ ଇସାରା ଦେବାରୁ ମୁଁ ଡରିଯାଇ ସେଠାରେ ଠିଆ ହୋଇଥିବା ପୁଲିସ ବାବୁଙ୍କ ପାଖରେ ଠିଆହେଲି ଓ ତାପରେ ଯେବେ ଟେଲିଫୋନ କଲି ଫୋନଟି କହି ଉଠିଲା ଦୁଃଖିତ ସେପରି ନମ୍ବର ନାହିଁ । ଯାହା ଶୁଣି ମୁଁ ଭାଙ୍ଗିପଡିଲି । ପ୍ରେମିକ ବାବୁ କହିଲେ ସେ ଛକରେ ପୋଲିସ ପହରା ଦିଏନାହିଁ ବୋଲି ମୁଁ ତୁମକୁ ସେଠାକୁ ଡକାଇଥିଲି ନିରାପଦରେ ବସି କଥାହେବା କିନ୍ତୁ ଦୁର୍ଭାଗ୍ୟକୁ ମୁଖ୍ୟମନ୍ତ୍ରୀ ତାର ଅଳ୍ପ ଦୂରରେ ଥିବା ପଡିଆରେ ଗୋଟିଏ ସଭାରେ ଭାଷଣ ଦେବାକୁ ଯିବାକୁ ଥିବାରୁ ନିରାପତ୍ତା ଦୃଷ୍ଟିରୁ ଆଜି ସେଇଛକ ପୋଲିସ ଛାଉଣୀରେ ପରିଣତ ହୋଇଛି ଦେଖି ମୁଁ ଡରରେ ସେଠାକୁ ଗଲିନାହିଁ ଓ ତୁମ ଟେଲିଫୋନ ଉଠାଇଲି ନାହିଁ । ମଝିରେ ଯେଉଁ ଦୁଇଜଣ ମଟର ସାଇକେଲରେ ଯାଇ ଜଣେ ତୁମକୁ ଆଖିମାରି, ହାତଠାରି ଇସାର ଦେଇଥିଲେ ସିଏ ମୁଁ କିନ୍ତୁ ତୁମେ ଜାଣି ପାରିଲ ନାହିଁ । ଆଗକୁ ଆସିବା ପରିବର୍ତ୍ତେ ତୁମେ ପୋଲିସ ବାଲାଙ୍କ ପାଖାପାଖି ଠିଆହେଲ ତେଣୁ ଆଉ ଡରିକରି ଗଲିନାହିଁ । ଭାବିଲି ୪ଟା ପରେ ସଭାସାରି ମୁଖ୍ୟମନ୍ତ୍ରୀ ଫେରିଗଲା ପରେ ଯାଇ ତୁମକୁ ଦେଖାକରି ସବୁ ବ୍ୟବସ୍ଥା କରିବି । କିନ୍ତୁ ଅଦିନିଆଁ ବର୍ଷା ଯୋଗୁଁ ତୁମେ ହଠାତ୍ ୩ଟା ବେଳକୁ ସେ ଜାଗାଛାଡି କୁଆଡେ ଚାଲିଗଲ ।

Source: Author, Digitized by PPRACHIN, SOA

ଏହାଶୁଣି ମୁଁ କହିଲି ପୋଲିସକୁ ଦେଖି ଆପଣ ଏତେ କାହିଁକି ଡରୁଥିଲେ । ଆମେତ ପରସ୍ପର ବନ୍ଧୁ । ଆପଣ ଆସିଥିଲେ ମୁଁ ଆପଣଙ୍କ ସାଙ୍ଗେ ଯାଇଥାନ୍ତି ଏଥିରେ ଡରିବାର କଣ ଅଛି ? ସେ ମୋ କଥା ଶୁଣି କହିଲେ ତୁମେ ପୋଲିସ ବାଲାଙ୍କୁ ଚିହ୍ନିନ । ସେ ଆମପରି ହିରୋଙ୍କୁ ଜଣେ ଠିଆ ହୋଇଥିବା ଝିଅ ପାଖକୁ ଆସିବାର ଦେଖିଲେ କେତେକଥା ପଚାରି ହଇରାଣ କରିଥାନ୍ତେ । ତାଙ୍କର କାମ ହେଲା ସବୁଥିରେ ସନ୍ଦେହ କରିବା ଥରେ ତାଙ୍କ ହାବୁଡରେ ପଡିଗଲେ କଥା କୁଆଡେ ଯାଇଥାନ୍ତା କହିବା ଅସମ୍ଭବ, ତେଣୁ ସେଇ ଭୟରେ ମୁଁ ଗଲିନାହିଁ । ଏହାଶୁଣି ମୁଁ କହିଲି ହଉ ଆପଣଙ୍କ କଥାହେଲା ତେବେ ମୋ ଟେଲିଫୋନ ଧରି କିମ୍ୱା ମତେ ଟେଲିଫୋନ କରିତ ଆପଣ ସେକଥା କହିପାରିଥାନ୍ତେ ତାହା କଲେ ନାହିଁ କାହିଁକି ? ଏତେ ସମୟପରେ ମୋକଥା ମନେ ପଡିବାରୁ ମତେ ହୋଟେଲକୁ ନେଇ ରଖିବେ ବୋଲି କହୁଛନ୍ତି ଘରକୁ ନେବାକୁ କାହିଁକି କହୁନାହାନ୍ତି ? ମୁଁ ଘରକୁ ଗଲେ ବୋଉଙ୍କ ସାଙ୍ଗେ ସାକ୍ଷାତ କରି ପାରନ୍ତି ଓ ତାଙ୍କ ସ୍ୱାସ୍ଥାବସ୍ଥା ଦେଖିପାରନ୍ତି ମତେ ଭଲଲାଗନ୍ତା । ତାଦ୍ୱାରା ମଧ୍ୟ ହୋଟେଲରେ ରହି ଅଯଥା ଖର୍ଚ୍ଚ କରିବାକୁ ପଡନ୍ତା ନାହିଁ । ମୋର ଏତେ ଗୁଡିଏ କଥା ଶୁଣି ମୋ ପ୍ରେମିକ ରାଗରେ ଉତକ୍ଷିପ୍ତ ହୋଇ କହିଲେ ତୁ ମତେ ଉତ୍ତର ଦେଉଛୁ । ତୁ ମତେ ଚିହ୍ନିନୁ । ମୁଁ ଏମିତି କେତେ ଯୁବତୀଙ୍କୁ ପ୍ରତାରିତ କରି ତାଙ୍କ ପଇସାରେ ଅୟସ କରିଛି ତ କାହାକୁ ଉପଭୋଗ କରି ବରବାଦ କରିଛି । ତୁ ସେଠାରୁ ଯାଇଁ କେଉଁଠି ଅଛୁ ତାହା ମୋ ଲୋକମାନେ ଖୁବ୍ ଅଳ୍ପ ସମୟ ମଧ୍ୟରେ ଜାଣିପାରିବେ । ତାପରେ ତତେ ସେଠାରୁ ଉଠାଇ ଆଣିଲେ ମୋ ଅସଲରୂପ ଦେଖାଇବି । ଯଦି ଭଲ ଗତି ଅଛି ତେବେ ତୋର ଠିକଣା ଦେ, ମୁଁ ଯାଇ ତତେ ଆଣିବି । ବିଶେଷ ହଇରାଣ କରିବିନାହିଁ । ତୁ କେବଳ ମୋ ପାଖରେ ହୋଟେଲରେ ରାତିରେ ରହିବୁ । ଏକଥା ଶୁଣି ମୁଁ ଖୁବ୍ ଡରିଯାଇଥିଲେ ମଧ୍ୟ ସାହାସ ସଞ୍ଚୟ କରି କହିଲି ମୁଁ ଏକ ପୋଲିସ ମଉସାଙ୍କ ଘରେ ଅଛି । ମାଉସୀ ଆମ ଗାଁ ପାଖ ଲୋକ ତେଣୁ ସେ ମୋତେ ଖୁବ୍ ଆଦର ଯତ୍ନ କରୁଛନ୍ତି । ମୁଁ ଏ ଜାଗାର ଠିକଣା ଜାଣିନାହିଁ । ମଉସାଙ୍କୁ ଟେଲିଫୋନ ଦଉଛି ସେ ତୁମକୁ ଠିକଣା ଦେବେ ଏବଂ ତାଙ୍କର ଯାହା ପଚାରିବାର ଅଛି ପଚାରିବେ ଏବଂ ଯାହା କହିବାର ଅଛି କହିବେ । ମୋକଥା ଶୁଣି ଯୁବକ ବନ୍ଧୁ

Source: Author, Digitized by PPRACHIN, SOA

ଖୁବ୍ ଜୋରରେ ଗୋଟାଏ ଗର୍ଜନ କରି ତୋ ଭାଗ୍ୟ ଭଲ ତୁ ପୋଲିସ ବାଲାର ସମ୍ପର୍କୀୟା ବୋଲି ବଞ୍ଚିଗଲୁ । ମୁଁ ଯେତିକି ପାଇଲି ତାହା ଯଥେଷ୍ଟ କହି ଫୋନ କାଟିଦେଲେ ।

ଅନୁଚ୍ଛେଦ-୨

ତାଙ୍କ ଫୋନ କଟିଲା ବେଳକୁ ଆପଣ ଆସିଗଲେ ବୋଲି ମୁଁ ଟିକେ ଆଶ୍ୱସ୍ତ ହେଲି ନଇଲେ ଡରରେ ମରିଯାଇଥାନ୍ତି । ଆଉ ମଧ୍ୟ ଆପଣଙ୍କ ସକାଶେ ମୋତେ ଡର ଲାଗୁଛି । ଯାହା ତାଙ୍କ କଥାରୁ ଜଣାଗଲା ସିଏ ଗୁଣ୍ଡା ଶ୍ରେଣୀର ଲୋକ, ତେଣୁ ସେ କଣ ଯେ କେତେବେଳେ କରିବେ ତାର ଠିକଣା ନାହିଁ । ସେଗୁଡାକ ଅବିବେକୀ । ମୋ ସକାଶେ ଆପଣ ବିପଦ ଭିତରକୁ ଟାଣି ହୋଇଗଲେଣି, ସେହି ଦୁଃଖରେ ମୋ ମନ ବିକଳ ହେଉଛି । ଏହାଶୁଣି ମୁଁ କହିଲି ଯାହା ଇଶ୍ୱରଙ୍କ ବରାଦଥିବ ତାହା ହେବ, ତେଣୁ ତୁମେ ବ୍ୟସ୍ତ ହୁଅନାହିଁ । ମତେ ଖୁସି ଲାଗିଲା ତୁମର ଉପସ୍ଥିତ ବୁଦ୍ଧି ଦେଖି । ବିପଦବେଳେ ତୁମେ ଡରିନଯାଇ ବାଘକୁ ନିଜେ ଫାଗ ବୋଲି କହି ଡରାଇ ଦେଇଛ । ସେ ଯୁବକ ତୁମକୁ ପ୍ରଥମେ ନିଜର ବାକ୍ ଚାତୁରୀରେ ପ୍ରଲୋଭିତ କରି ତୁମଠାରୁ କିଛି ଅର୍ଥ ହାସଲ କଲାପରେ ବାହାନା ଦେଖାଇ ତୁମକୁ ଏଠାକୁ ଡକାଇଥିଲା ନିଜର ଦ୍ୱିତୀୟ ସ୍ୱାର୍ଥ ହାସଲ କରିବ ବୋଲି । କିନ୍ତୁ ତୁମର ସୌଭାଗ୍ୟ ତାର ଦୁର୍ଭାଗ୍ୟ ସେଦିନ ସେ ଯାଗାରେ ପୋଲିସ ପହରାଥିଲା ଏବଂ ହଠାତ୍ ବର୍ଷା ଆସିବାରୁ ତୁମେ ଆଶ୍ରୟ ଖୋଜିବା ପାଇଁ ସେ ଯାଗା ଛାଡି ଅନ୍ୟତ୍ର ଚାଲିଗଲ ଯାଦ୍ୱାରା ତାର ଯୋଜନା ଫେଲ ମାରିଲା । ତେଣୁ ସେ ତାର ତୃତୀୟ ଚାଲ ଖେଳି ତୁମକୁ ଅକ୍ତିଆର କରିବାକୁ ପୁଣି ଅଭିନୟ ଆରମ୍ଭ କରିଥିଲା । ଯାହା ତୁମର ପ୍ରଶ୍ନବାଣ ଯୋଗୁ ମଧ୍ୟ ସମ୍ଭବ ନହେବା ଦେଖି ସେ ତାର ଶେଷ ଅସ୍ତ୍ର ପ୍ରୟୋଗ କରି ଧମକାଇବା ଆରମ୍ଭ କରିଥିଲା କିନ୍ତୁ ତୁମେ ଉପସ୍ଥିତ ବୁଦ୍ଧି ଖଟାଇ ପୋଲିସ ବାଲାର ସମ୍ପର୍କୀୟା କହି ନିଜେ ଫାଗ ବୋଲି ପରିଚୟ ଦେଇ ଡରାଇଦେଲ । ସର୍ବୋପରି ସର୍ବମୟ କର୍ତ୍ତା ବିଶ୍ୱନିୟନ୍ତା ତୁମଉପରେ ତାଙ୍କର କରୁଣା ରୂପି ବଜ୍ରକବଚ ରଖିଥିବାରୁ ତୁମେ ବର୍ତ୍ତିଗଲ, ତେଣୁ ତାଙ୍କୁ ପ୍ରଣତି ଜଣାଇ ତାଙ୍କର ଗୁଣଗାନ କର ।

Source: Author, Digitized by PPRACHIN, SOA

ବହୁତ ଡେରି ହେଲାଣି, ପେଟ ଖାଦ୍ୟ ଖୋଜିଲାଣି ତେଣୁ ଆଗ ରୋଷେଇ କରି କଣଗଣ୍ଡେ ଖାଇଲା ପରେ ଯାହା ଆଉ କଥା ହେବା । ମୁଁ ଏପରି କହୁକହୁ ଯୁବତୀ ଜଣକ ଅନୁରୋଧ କରି କହିଲେ ଯାହାଅଛି ମୋତେ ଦେଖାଇ ଦିଅନ୍ତୁ ମୁଁ ରୋଷେଇ କରିଦେବି ଆପଣ ବସନ୍ତୁ । ଅଗତ୍ୟା ତାଙ୍କ କଥାରଖି ଯାହା କିଛିଥିଲା ଦେଖାଇବା ସହିତ ରୋଷେଇ ସରଞ୍ଜାମ ଦେଖାଇବାରୁ ସେ ତୁରନ୍ତ ରୋଷେଇ କାର୍ଯ୍ୟରେ ଲାଗିଗଲେ । ତାଙ୍କର ରୋଷେଇ କରିବାର ପ୍ରଣାଳୀ ଦେଖି ମୁଁ ବସି ଭାବୁଥାଏ ଯିଏ ଯେଉଁ କାମପାଇଁ । ରୋଷେଇ ସରିବା ପରେ ସିଏ ବାସନ ଖୋଜିଲେ ଏବଂ ଦେଖିଲେ ବାସନ ମାତ୍ର ଏକସେଟ୍ ଅଛି । ମୁଁ ମଧ୍ୟ ଅନୁଭବ କରି କହିଲି ପଡିଶାଙ୍କଠାରୁ ମାଗି ଆଣୁଛି ଦୁହେଁ ଏକା ସାଙ୍ଗେ ଖାଇନେବା । ସେ ମତେ ବାରଣ କରି କହିଲେ ଆପଣଙ୍କୁ ବାଢି ଦଉଛି ଖାଆନ୍ତୁ, ମୁଁ ଆପଣଙ୍କ ପରେ ସେଇ ବାସନରେ ଖାଇବି । ମାଗିବା ଆବଶ୍ୟକ ନାହିଁ । କାରଣ ମୁଁ ଜୀବନରେ ନିଜକୁ ଜାଣିବା ବାଲା ଭାବି ଥରେ ଝୁଣ୍ଟି ସାରିଲିଣି ଏଣିକି ଆଉ ଝୁଣ୍ଟିବିନାହିଁ । ଆମର ପରମ୍ପରାର ଧାରା ବଜାୟ ରଖିବି ଓ ଅନୁଭୂତି ସମ୍ପନ୍ନ ଗୁରୁଜନମାନଙ୍କ କଥାକୁ ଗ୍ରହଣ କରିବି । ତେଣୁ ମୁଁ ଆଗ ଖାଇଲା ପରେ ବାସନ ନେଇ ମାଜିବାକୁ ଯିବାରୁ ସେ ମୋ ହାତରୁ ବାସନ ନେଇ ନିଜେ ମାଜି ଆଣି ବସି ଖାଇଲେ । ସେ ଖାଉଥିଲାବେଳେ ମୋର ଚିନ୍ତା ବଢିଲା । ବଖରାଏ ଘର ସେଥିରେ ପୁଣି ମୋ ପାଖରେ ଖଣ୍ଡିଏ ଛୋଟ ବିଛଣା ମାତ୍ର ଅଛି ଓ ଖଣ୍ଡିଏ ଚାଦର ମଧ୍ୟ । ଏ ପ୍ରବଳ ଶୀତ ରାତିଟି କେମିତି ଆମେ ଦୁହେଁ କାଟିବୁ ତାହା ମୋପାଇଁ ଚିନ୍ତାର ବିଷୟ । ଯୁବତୀ ଜଣକ ଖାଇସାରି ନିଜର ହାତମୁହଁ ଧୋଇ ବାସନମାଜି ଖାଇବା ଜାଗାକୁ ସଫା କରି ଆସି ମୋ ପାଖାପାଖି ଠିଆ ହୋଇ ହସ ହସ ମୁହଁରେ କହିଲେ, ଆପଣ ଚିନ୍ତିତ ରାତିଟି କିପରି କାଟାଇବା । ମୁଁ ଘର କଣରେ ଜାକିଜୁକି ହୋଇ ବସି ରାତି କଟାଇଦେବି । ଆପଣ ବିଛଣାରେ ଶୁଅନ୍ତୁ । ଏହିପରି ଭାବରେ ରାତିର ଏଇ କେତେ ଘଣ୍ଟା କଟାଇଦେବା, ତେଣୁ ବ୍ୟସ୍ତ ହୁଅନ୍ତୁ ନାହିଁ । ମୋ ଯୋଗୁଁ ଆପଣ ହଇରାଣ ଓ ବ୍ୟସ୍ତ ହେଉଛନ୍ତି ବୋଲି କହିବି ନାହିଁ, କାରଣ ଆପଣ କହିଛନ୍ତି ଯେ ସବୁ ଉପରବାଲାଙ୍କ ଖେଳ, ଆମେ ସବୁ ନିମିତ୍ତ ମାତ୍ର । ଭଗବାନଙ୍କ

Source: Author, Digitized by PPRACHIN, SOA

ଅସୀମ କୃପାରୁ ମୁଁ ଏତେ ବଡ ବିପଦରୁ ଉଦ୍ଧାର ପାଇ ଆପଣଙ୍କ ପରି ଦେବତୁଲ୍ୟ ମଣିଷ ଦେବତାଙ୍କ ସାକ୍ଷାତ ପାଇଛି । ତେଣୁ ନିରାପଦରେ ଅଛି । ନଇଲେ ଏତେ ବେଳକୁ ମୋର ଅବସ୍ଥା ଯେ କଣ ହୋଇଥାନ୍ତା ତାହା କଳ୍ପନା ସାପେକ୍ଷ । ମୁଁ ଆଉ ଅଧିକ କିଛି ଚାହୁଁନାହିଁ । ମୋର ଭୁଲ ପାଇଁ ମୁଁ ଦଣ୍ଡ ପାଇବା ସଙ୍ଗେ ସଙ୍ଗେ ଆପଣ ମଧ୍ୟ ମୋ ସାଙ୍ଗରେ ଛନ୍ଦି ହୋଇ ଅସୁବିଧା ଭୋଗିବା ସହିତ ବିପଦ ଭିତରକୁ ଟାଣି ହୋଇଗଲେଣି । ମୁଁ ବୁଝିପାରୁନାହିଁ ଭଗବାନଙ୍କର ଏ ଲୀଳାର ମହତ ଉଦ୍ଦେଶ୍ୟ କ'ଣ ? ଏହା କହିସାରି ଶକୁନ୍ତଳା ଲୁହ ଛଳ ଛଳ ଆଖିରେ ମୁଣ୍ଡ ତଳକୁ କରି ଠିଆହେଲେ । ମୁଁ ତାଙ୍କୁ ବୁଝାଇବାକୁ ଯାଇ କହିଲି ତୁମେ ଯାହା ଶେଷରେ କହିଲ ତାହାହିଁ ଠିକ୍, ତାଙ୍କରି ଇଛା ହିଁ ପୂର୍ଣ୍ଣ ହେବ । ଆମେ ଦୁଇଜଣ ନିମିତ୍ତ ମାତ୍ର । ଆଜି ରାତିଟି ଆମେ ଦୁଇଜଣ ଏଇ ଛୋଟ ବିଛଣାର ଦୁଇ ପାର୍ଶ୍ୱରେ ବସିରହି କଟାଇବା । ମୋରି କଥା ଅନୁସାରେ ଚକୁଆ ଚକୋଇ ଗୋଟିଏ ଯାଗାରେ ପରସ୍ପରକୁ ପଛକରି ବସି ରାତି କଟାଇଲା ପରି ଆମେ ଦୁହେଁ ବିଛଣାର ଦୁଇମୁଣ୍ଡରେ ବସି ରାତିଟି କଟାଇଲୁ । ସକାଳ ହେବାରୁ ମୁଁ ମୋର ନିତ୍ୟକର୍ମ ସାରି ଟିଉସନ କରିବାକୁ ବାହାରିବା ପୂର୍ବରୁ କହିଲି ତୁମେ ନିଜର ନିତ୍ୟକର୍ମସାରି ପ୍ରସ୍ତୁତ ହୋଇଥାଅ । ମୁଁ ଦୁଇଘଣ୍ଟାପରେ ଆସିଲେ ତୁମକୁ ନେଇ ତୁମ ଗାଁ ବସରେ ବସାଇ ଦେବି, ତୁମେ ଆରାମରେ ଫେରିଯିବ । ମୁଁ ଟିଉସନ ସାରି ଫେରିଲାପରେ ଶକୁନ୍ତଳା ମୋପାଇଁ ରୁଟି ଓ ଆଳୁ ଭଜାର ଜଳଖିଆ ବାଢିଆଣି ଥୋଇଲେ ଯାହା ଦେଖି ମୁଁ ଅବାକ୍ ହୋଇଗଲି ଓ ବିକଳ ଲାଗିଲା କିନ୍ତୁ ନିଜର ମନୋଭାବକୁ ଚାପିରଖି କହିଲି ତୁମେ ମଧ୍ୟ ତୁମର ଜଳଖିଆ ଆଣି ଶୀଘ୍ର ଖାଇନିଅ, ମୁଁ ମଧ୍ୟ ଖାଇନେଉଛି । ମୋ ହାତରେ ସମୟ ବହୁତ କମ ତେଣୁ ମୁଁ ତୁମକୁ ନେଇ ବସରେ ବସାଇଦେଇ ଷ୍ଟେନୋଗ୍ରାଫି ଶିଖାଇବାକୁ ଯିବି । ଏହାଶୁଣି ଶକୁନ୍ତଳା କହିଲେ- ମୋର ପୋଷାକ ସବୁ ଓଦା ଅଛି ଆଦୌ ଶୁଖିନାହିଁ ତେଣୁ ସେଇ ଓଦା ପୋଷାକ ପିନ୍ଧି ମୁଁ କିପରି ଫେରିବି ? ବରଂ ଗୋଟାଏ କଥା କହିବି ଯେଉଁଥିପାଇଁ ଆପଣ ମତେ କ୍ଷମା କରିଦେବେ ଏବଂ ଭୁଲ ବୁଝିବେନି । କଥାଟି ହେଲା ମୁଁ କିଛି ଅର୍ଥ ଦେଉଛି ଆପଣ ଫେରିଲାବେଳକୁ ମୋ ପାଇଁ ହଳେ ପୋଷାକ କିଣି ଆଣିବେ । ଏହାଶୁଣି ମୋ ଆତ୍ମା ବିକଳରେ କାନ୍ଦିଉଠିଲା ।

Source: Author, Digitized by PPRACHIN, SOA

ମୁଁ ବିଶ୍ୱବିଦ୍ୟାଳୟର ଜଣେ କୃତିଛାତ୍ର । ଅନେକ ଚାକିରି ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ପରୀକ୍ଷା ଓ ସାକ୍ଷାତକାର ଦେଲିଣି କିନ୍ତୁ ଖଣ୍ଡେ ହେଲେ ଚାକିରି ଏ ପର୍ଯ୍ୟନ୍ତ ମିଳୁନାହିଁ । ଯେଉଁଥିପାଇଁ ମୁଁ ଟିଉସନକରି ସ୍ୱଳ୍ପ ରୋଜଗାରରେ ଚଳୁଥିବାରୁ ବିପଦବେଳେ ଜଣେ ଅସହାୟାକୁ ହଲେ ପୋଷାକ କିଣିଦେବା ମୋ ପକ୍ଷେ ସମ୍ଭବ ହେଇପାରୁନାହିଁ । ଶକୁନ୍ତଳା ମୋର ମନକଥାକୁ ଠିକ୍ ଅନୁମାନ କରି ନେଇ କହିଲେ ଦେଖନ୍ତୁ ଆପଣ ଏଥିରେ ମନଉଣା କରନ୍ତୁ ନାହିଁ । ଆପଣଙ୍କ ପରି ଜଣେ ଭଲ ମଣିଷ କେବେହେଲେ ବିଫଳ ହେବେନାହିଁ । ସବୁଦିନ ଏପରି ଯିବ ନାହିଁ । ଭଗବାନଙ୍କ କୃପାରୁ ଶୁଭଦିନ ଆସିବ ବୋଲି ମୋ ଆତ୍ମା ପୁରୁଷ କହୁଛନ୍ତି । ଆଉ ଗୋଟିଏ କଥା ଆପଣ ଟିଉସନ ଯାଇଥିବାବେଳେ ମୁଁ ବୋଉ ସାଙ୍ଗେ କଥା ହୋଇ ତାଙ୍କୁ ସବୁକଥା କହିଛି । ବୋଉ ମୋକଥା ଶୁଣି ବାପାଙ୍କ ସାଙ୍ଗେ କଥା ହୋଇ ମତେ କହିଛି ଯେ ସେ ଦୁଇଜଣ ଏଠାକୁ ଆସୁଛନ୍ତି । ସମ୍ଭବତଃ ଦିନ ୨ଟା ମଧ୍ୟରେ ପହଞ୍ଚିବେ । ତେଣୁ ଏଇ କେତେ ଘଣ୍ଟା ଏଠାରେ ରହିବାକୁ ମତେ ଆପଣ ଅନୁମତି ଦେବାକୁ ହେ ମଣିଷ ଦେବତା ହାତପାତି ମିନତୀ ଜଣାଉଛି । ତାଙ୍କୁ କହିଲି ମୁଁ ଏତେ ପ୍ରଶଂସାର ଯୋଗ୍ୟ ନୁହେଁ କାରଣ ମୁଁ ସେପରି କିଛି ମହାନ୍ କାମ କରିନାହିଁ, ମୁଁ ଜଣେ ବେକାର ଓ ଗରିବ ଯୁବକ କେବଳ ଅସମୟରେ ତୁମକୁ ଯାହା ଆଶ୍ରୟ ଦେଇଛି ଟିକେ ହସିଦିଅ ଖୁସି ଲାଗିବ । ଏପରି କହିବାଦ୍ୱାରା ସେ ସାମାନ୍ୟ ହସି ଦେବାରୁ କହିଲି ଏଇ ହସ ହସ ମୁହଁରେ ତୁମେ ସୁନ୍ଦର ଦେଖାଯାଉଛ । ମୁଁ ଯାଉଛି ଟିଉସନ ସାରି ଶୀଘ୍ର ଫେରିବି । ଘରେ ଯାହାକିଛି ଅଛି ସେଥିରେ ଆମ ଚାରିଜଣଙ୍କ ପାଇଁ ରୋଷେଇ କରିଦେବ । ଅବଶ୍ୟ ମୋ ପାଖରେ ଉପାୟ ନଥିବାରୁ ବରାଦ କଲି, ତେଣୁ ମତେ ଭୁଲ ବୁଝିବନି କହି ଚାଲିଗଲି ।

ଅନୁଚ୍ଛେଦ-୩

ଟିଉସନ ସାରି ଫେରିଲା ବେଳକୁ ଦିନ ଦେଢଟାରୁ ଅଧିକ ହୋଇଥାଏ ସେତେବେଳକୁ ଶକୁନ୍ତଳାଙ୍କ ମା ଓ ବାପା ଆସି ଯାଇଥାନ୍ତି । ତେଣୁ ମୁଁ ପହଞ୍ଚି ସେମାନଙ୍କୁ ପ୍ରଣିପାତ କଲି ଓ ସେମାନେ ମୋତେ ଆଶୀର୍ବାଦ କଲେ । ଠିକ୍

Source: Author, Digitized by PPRACHIN, SOA

ସେତିକି ବେଳକୁ ଶକୁନ୍ତଳା ହସ ହସ ମୁହଁରେ ନାଟକୀୟ ଢଙ୍ଗରେ କହିଲେ ମୁଁ ଗୋଟିଏ ଅପୂର୍ବ ଚିଜ ପାଇଛି ଆପଣ ଦୟାକରି ଆଖିବୁଜି ଠିଆ ହୁଅନ୍ତୁ ମୁଁ ଅପୂର୍ବ ଚିଜ୍ ଆପଣଙ୍କୁ ଦେଖାଇବି । ତାଙ୍କ କଥା ରକ୍ଷାକରି ଆଖିବୁଜି ଠିଆ ହେବାରୁ ଗୋଟିଏ ବନ୍ଦ ଲଫାଫା ମୋ ହାତରେ ଦେଇ କହିଲେ ଏବେ ଆଖିଖୋଲି ଦେଖନ୍ତୁ । ମୁଁ ଆଖିଖୋଲି ଲଫାପାଟିକୁ ଦେଖି ତାକୁ ଖୋଲିଲି ତାହା ମୋର ବ୍ୟାଙ୍କରେ ଚାକିରି ପାଇଁ ନିଯୁକ୍ତି ପତ୍ର ଥିଲା । ମୁଁ ପ୍ରଥମେ ବିଶ୍ୱାସ କରିପାରିଲିନାହିଁ ଓ ଭାବାବେଗରେ ମୋର ଆଖିରୁ ଆନନ୍ଦାଶ୍ରୁ ବହିବାକୁ ଲାଗିଲା । ଶକୁନ୍ତଳା ମୋ ହାତରୁ ଚିଠିଟି ନେଇ ପଢି କହିଲେ ମୁଁ ଆପଣଙ୍କୁ କହିଥିଲି ନା ଆପଣଙ୍କ ପରି ମଣିଷ ଦେବତାଙ୍କ କଥା ଭଗବାନ ନିଶ୍ଚିତ ବୁଝିବେ । ସବୁଦିନେ ଦୁଃଖ ରହିବନାହିଁ । ଏହାଶୁଣି ମୁଁ ତାଙ୍କ ହାତଧରି କହିଲି ତୁମେ ମୋ ପାଇଁ ଶୁଭଦାୟିନୀ ପ୍ରମାଣିତ ହେଲ । ଏହାପରେ ମୁଁ ଈଶ୍ୱରଙ୍କୁ ପ୍ରଣାମ ଜଣାଇ ତାଙ୍କ ବାପା, ମାଆଙ୍କୁ ପ୍ରଣିପାତ କଲି । ଉଭୟ ମୋତେ ଏକା ସାଙ୍ଗେ କୋଳାଗ୍ରତ କରି ଆଶୀର୍ବାଦ ଦେଲେ । ଶକୁନ୍ତଳା ମଧ୍ୟ ମୋ ହାତ ଧରି ମୋତେ ବଧାଇ ଜଣାଇଲେ । ଏହି ସବୁ ଚାଲିଥିଲାବେଳେ ମୁଁ ଘଣ୍ଟାକୁ ଦେଖି ବ୍ୟସ୍ତ ହୋଇ କହିଲି ମୁଁ ଯାଉଛି ପତ୍ର କିଣି ଆଣିବି ଆମେମାନେ ଖାଇବା ବେଳ ବହୁତ ଉଛୁର ହେଲାଣି । ଶକୁନ୍ତଳା ମତେ ବାରଣ କରି କହିଲେ ସେ ବ୍ୟବସ୍ଥା ସେ କରିସାରିଛନ୍ତି । ସମସ୍ତେ ହାତ, ମୁହଁ ଧୋଇ ଆସନ୍ତୁ । ମୁଁ ମୋର ପୋଷାକ ବଦଳାଇ ହାତ, ମୁହଁ ଧୋଇ ଆସି ଦେଖିଲି ତିନିଜଣଙ୍କ ପାଇଁ ଖାଦ୍ୟ ବଢାଯାଇଛି ତେଣୁ ପଚାରିଲି ତୁମପାଇଁ କାହିଁ ବାଢିଲ ନାହିଁ ? ସେ ହସିଦେଇ କହିଲେ ଆମ ସଂସ୍କୃତିରେ ଗୁରୁଜନମାନେ ଆଗ ଖାଆନ୍ତି ଯାହା ମୁଁ ପିଲାବେଳୁ ଦେଖିଛି । ତାକୁ ଅନୁସରଣ କରି ମୁଁ ଆପଣମାନଙ୍କ ପାଇଁ ବାଢିଛି । ଆପଣମାନେ ଖାଆନ୍ତୁ ମୁଁ ପରେ ପରେ ଖାଇବି । ଜୀବନରେ ଅନ୍ଧ ଥରେ ବାଡି ହଜାଏ । ଠିକ୍ ସେହି ନ୍ୟାୟରେ ମୁଁ ଗରୁଜନମାନଙ୍କ କଥାକୁ ଗ୍ରହଣ ନକରି ସଂସ୍କାର ପରମ୍ପରାକୁ ଭୁଲି ଯେଉଁ ଭୁଲ କରିଛି ତାର ଆଉ ପୁନଃରାବୃତ୍ତି ହେବନାହିଁ । ଆମେମାନେ ସମସ୍ତେ ଖାଇ ସାରିଲାପରେ ସମସ୍ତେ ଏକାଠି ବସିନ୍ତୁ ଶକୁନ୍ତଳାଙ୍କ ବାପା ମୋର ପରିଚୟ ପିତା,ମାତା, ବାସସ୍ଥାନ ବିଷୟ

Source: Author, Digitized by PPRACHIN, SOA

ପଚାରିଲେ । ତାହାଶୁଣି ମୁଁ କହିଲି ଆବାଲ୍ୟରୁ ବାପ,ମାଆ ଛେଉଣ୍ଡ । ଅଜା ଆଇଙ୍କ ପାଖରେ ରହି ବଡ ହୋଇଛି ଅଜା, ଆଇ ମୋତେ ଖୁବ୍ ସ୍ନେହ କରୁଥିଲେ ଓ ଜତ୍ନରେ ବଢାଇଥିଲେ । ମୁଁ ଭଲ ପାଠପଢୁଥିବାରୁ ଅଜା ମୋର ପାଠପଢାରେ କେବେ ଉଣା କରିନଥିଲେ । ଅଜା ଆଇ ମଲାପରେ ମାମୁ ଘରେ ରହିବା ମୋ ପାଇଁ ଆଉ ସମ୍ଭବ ହେଲାନାହିଁ । ତେଣୁ ନିଜ ଘରେ କକେଇ, ଖୁଡୀଙ୍କ ପାଖକୁ ଗଲି କିନ୍ତୁ ସେଠାରେ ମଧ୍ୟ ସେମାନଙ୍କ ଦୁଃର୍ବ୍ୟବହାର ଓ ଘୃଣା ଯୋଗୁ ରହିପାରିଲିନାହିଁ । ଅବଶ୍ୟ ଅଜା, ଆଇ ମରିବା ବେଳକୁ ମୋର ପାଠପଢା ପ୍ରାୟତଃ ସରିଯାଇଥିଲା । ମୁଁ ଅନ୍ୟ ଉପାୟ ନପାଇ ସହରକୁ ଆସି ଟିଉସନ କରି ଚଳି ଚାକିରି ଅନ୍ୱେଷଣରେ ଅଛି । ମୁଁ ଆସିବାପରେ ମାମୁ ମାଇଁ କିମ୍ବା କକେଇ, ଖୁଡି କେବେହେଲେ ମୁଁ କିପରି ଅଛି କଣ କରୁଛି ମୋର ଭଲମନ୍ଦ କଥା ବୁଝିନାହାନ୍ତି । ଏହା ଶୁଣି ଶକୁନ୍ତଳାଙ୍କ ମାଆ ଲୁହଭରା ଆଖିରେ ମୋତେ କୋଳକୁ ଆଉଜାଇ ନେଇ କୋହଭରା କଣ୍ଠରେ କହିଲେ-କିଏ କହୁଛି ତୁମେ ବାପ,ମାଆ ଛେଉଣ୍ଡ, ତୁମେ ପରା ଆମ ପୁଅ । ତାଙ୍କ ବାପା ମୋ ପିଠି ଆପୁଡାଇ ସ୍ନେହରେ କହିଲେ ବାବୁରେ ବିଧାତାଙ୍କ ଲିଳା ବୁଝିବା ବଡ କଠିଣ । ସେ କାହାକୁ କେତେବେଳେ କଣ ଦିଅନ୍ତି କେଉଁ ଅବସ୍ଥାରେ ରଖନ୍ତି ତାହା ତାଙ୍କୁ ହିଁ ଜଣା । ବ୍ୟସ୍ତ ହୁଅ ନାହିଁ ସେ ଶୁଭବେଳା ଆସିଯାଇଛି ଏଣିକି ତାଙ୍କର ଅସୀମ କୃପା ତୁମ ଉପରେ ଢାଳି ହୋଇପଡିବ । ମନରେ ବିଶ୍ୱାସ ରଖ, ସତ୍କର୍ମ କରିଚାଲ । ସବୁ ମିଳିବ ଆଉ ମଧ୍ୟ ମୁଁ ଶକୁନ୍ତଳା ଠାରୁ ତୁମ ବ୍ୟବହାରଂ ମଣିଷ ପଣିଆ କଥା ଶୁଣିସାରିଛି ଏବଂ ଏଇ କେତେ ସମୟର ମିଳାମିଶାରୁ ଦେଖୁଛି ମଧ୍ୟ । ମୁଁ ମୋର ଦୀର୍ଘ ଶିକ୍ଷକତା ଜୀବନରେ ବହୁତ ଭଲପିଲା ଦେଖିଛି,କିନ୍ତୁ ତୁମ ପରିଜଣେ ବିରଳ ସୁନ୍ଦର ମଣିଷ ମୁଁ କେବେ ଦେଖିନାହିଁ । ଶକୁନ୍ତଳା ମୋର ଏକମାତ୍ର ଅଲିଅଳୀ କନ୍ୟା । ବିଜ୍ଞାନରେ ସ୍ନାତକ କଲାପରେ ଶିକ୍ଷକତା ପାଇଁ ବି.ଇଡି କରିଛି । ପରମ୍ପରା ଓ ସଂସ୍କାର ପାଇଁ ସେ ସମସ୍ତଙ୍କର ଶ୍ରଦ୍ଧାର ପାତ୍ର ଥିଲା କିନ୍ତୁ ଏକ ଅଶୁଭ କ୍ଷଣରେ ଭୁଲର ଶିକାର ହୋଇ ମୋବାଇଲି -ପ୍ରେମରେ ପଡି ଆମକୁ ଦୁଃଖୀ କରିଥିଲା । ଏବେ ସିଏ

Source: Author, Digitized by PPRACHIN, SOA

ଦୁନିଆର ମଣିଷ ରାକ୍ଷସଙ୍କୁ ଭଲଭାବେ ଚିହ୍ନିଗଲା । ସେଇ ମଣିଷ ରାକ୍ଷସମାନେ କିପରି ତାଙ୍କର ଛଳନାର ମାୟାଜାଲ ବିଛାଇ କେତେ ନିରୀହ, ନିରୀହାଙ୍କୁ ଯେ ଶିକାର କରନ୍ତି ଯାହାଦ୍ୱାରା ସେମାନଙ୍କର ଜୀବନ, ଯୌବନ, ଧନ,ମାନ ଯଶ ସବୁ କ୍ଷଣକରେ ଭୂଲୁଣ୍ଠିତ ହୁଏ ଯାହା ସେ ନିଜେ ହୃଦୟଙ୍ଗମ କରିପାରିଛି । ଭଗବାନଙ୍କର ଅସୀମ କରୁଣାରୁ ସେ ତୁମପରି ଜଣେ ସୁନ୍ଦର ମଣିଷର ସାକ୍ଷାତପାଇ ଏକ ବଡ ବିପଦରୁ ରକ୍ଷାପାଇ ବଞ୍ଚିଗଲା । ଯଦି ସେ ଅନ୍ୟ କେଉଁ ମଣିଷଙ୍କ ହାବୁଡେ ପଡିଥାନ୍ତା ତେବେ ସବୁ ଶେଷ ହୋଇଯାଇଥାନ୍ତା । ଆମେ ଭଗବାନଙ୍କୁ ତାଙ୍କର ଅସୀମ କରୁଣାପାଇଁ ମଥାପାତି ପ୍ରଣାମ କରିବା ସାଙ୍ଗେ ସାଙ୍ଗେ ତୁମକୁ ଆଶୀର୍ବାଦ କରୁଛୁ । ଭଗବାନ ତୁମ ଶରୀରରେ ଯଶ, କ୍ଷାତି ସବୁ ଢାଳି ଦିଅନ୍ତୁ । ଆଉ ଗୋଟିଏ କଥା, ଶକୁନ୍ତଳା ମଧ ଶିକ୍ଷାକର୍ମୀ ଭାବେ ଆମ ଗାଁ ଉଚ୍ଚବିଦ୍ୟାଳୟରେ,ଯେଉଁଠି ମୁଁ ସାରା ଜୀବନ ଶିକ୍ଷକତା କରି ଅବସର ନେଇଛି,ଚାକିରି ପାଇଯାଇଛି । ମୁଁ ଆଶାକରେ ସେ ତାର ଶିକ୍ଷାକୁ ଉପଯୋଗ କରି ନିଜର ଛାତ୍ରବତ୍ସଳତା ଦେଖାଇ ମୋର ସୁନାମକୁ ଦ୍ୱିଗୁଣିତ କରିବ । ଶକୁନ୍ତଳା ଏହା ଶୁଣି ବାପ, ମାଆଙ୍କ ପାଦ ବନ୍ଦନା କରିବା ସହିତ ମତେ ମଧ ପ୍ରଣାମ କରି କହିଲେ ବାପା ମୁଁ ଆପଣଙ୍କୁ କଥା ଦେଉଛି ମୁଁ ନିଶ୍ଚିତ ଆପଣଙ୍କ ସୁନାମକୁ ବଜାୟ ରଖିବି । ମୁଁ ତାଙ୍କ ହାତଧରି ତାଙ୍କୁ ବଧାଇ ଜଣାଇବା ସାଙ୍ଗେସାଙ୍ଗେ କହିଲି, ନିଜର କର୍ତ୍ତବ୍ୟରେ ହେଳା ନକରି ଛାତ୍ର ଛାତ୍ରୀମାନଙ୍କୁ ଶ୍ରଦ୍ଧା କରିବ ତେବେ ଯାଇ ତୁମେ ଜଣେ ଉତ୍ତମ ଶିକ୍ଷୟତ୍ରୀର ସମ୍ମାନ ପାଇବ । ଶକୁନ୍ତଳାଙ୍କ ବାପା କହିଲେ ମୋର କେଉଁ ଥିରେ ଅଭାବ ନାହିଁ କେବଳ ଗୋଟିଏ ଅଭାବ ପାଇଁ ଆମେ ବ୍ୟାକୁଳ ଥିଲୁ । ପରମ କାରୁଣିକ ବିଶ୍ୱପିତା ଆମର ସେଇ ଅଭାବକୁ ତୁମକୁ ଦେଇ ପୂରଣ କରିଦେଇଛନ୍ତି । ତେଣୁ ଆମେ ଦୁହେଁ ମନଖୋଲି ଆଶୀର୍ବାଦ କରୁଛୁ ତୁମେ ଦୁହେଁ ଖୁସିରେ ଘର ସଂସାର କରି ସୁଖି ହୁଅ । ମୋ ମନରେ ଯାହା ଆଶା ଓ ଆକାଂକ୍ଷା ଥିଲା ମୁଁ ମନ ଖୋଲି କହିଲି ଏବେ ତୁମ ଦୁହିଁଙ୍କ ପାଳି ତେଣୁ ତୁମେମାନେ ତୁମର ଇଛା ଓ ଆଶା କହିଲେ ଆମେ ଖୁସି ହେବୁ ।

Source: Author, Digitized by PPRACHIN, SOA

ଶକୁନ୍ତଳାଙ୍କ ବାପାଙ୍କ ଏକଥା ଶୁଣି ଅବାକ୍ ହୋଇଗଲି । କଣ କହିବି ବା କି ଉତ୍ତର ଦେବି ବୋଲି ମୋର ଭାଷା ସ୍ଫୁରିଲାନାହିଁ । ଶକୁନ୍ତଳା ଓ ମୋର ସାକ୍ଷାତ ଏକ ଆକସ୍ମିକ ଘଟଣା ଚକ୍ରରେ ଘଟିଛି ଯାହା ମଧ୍ୟ ମାତ୍ର ଗୋଟିଏ ଦିନର । ଆମେ ଦୁହେଁ ଦୁହିଁଙ୍କୁ ଭଲ ଭାବରେ ମଧ୍ୟ ଏପର୍ଯ୍ୟନ୍ତ ବୁଝିନାହୁଁ । ସେ ତାଙ୍କ ମୋବାଇଲି ପ୍ରେମିକଙ୍କୁ ସମ୍ପୂର୍ଣ୍ଣ ଭୁଲିଛନ୍ତି କି ନାହିଁ ତାହା ମଧ୍ୟ ସ୍ପଷ୍ଟ ନୁହେଁ । ତାଙ୍କ ମନରେ କଣ ଆଶାଅଛି ତାହ ମଧ୍ୟ ମତେ ଅଜଣା । ମୋପରି ଜଣେ ଅନାଥ ତାଙ୍କର ପସନ୍ଦ ହେବକି ନାହିଁ ? ଏହିପରି ଏକ ଗୋଲକ ଧନ୍ଦାରେ ପଡି କଣ ଉତ୍ତର ଦେବି ବୋଲି ଭାବନା ସମୁଦ୍ରରେ ବୁଡି ରହିଥିବା ବେଳେ ଶକୁନ୍ତଳା ମୁଣ୍ଡ ତଳକୁ କରି ତାଙ୍କ ବୋଉଙ୍କ ହାତଧରି ସଲ୍ଲଜ ବଦନରେ କହିଲେ ମୁଁ ମୋର ଭୁଲ ପାଇଁ ମନସ୍ତାପ କରୁଛି, ତେଣୁ ବାପା, ବୋଉ ମତେ କ୍ଷମାକରି ଦିଅନ୍ତୁ । ମୁଁ ଗୁରୁଜନ ମାନଙ୍କ କଥା ନମାନି ଚାଟୁ କଥାରେ ଭାସିଯାଇ ଏ ଅନ୍ଧ ଦୁନିଆରେ କିଏ ମଣିଷ କିଏ ରାକ୍ଷସ ଚିହ୍ନି ନପାରି ଯେଉଁ ପାପ କରିଛି ତାର ପ୍ରାୟଶ୍ଚିତ କରିବି । ଅବଶ୍ୟ ଆପଣ ମାନଙ୍କ ସୁକୃତ, ଭଗବାନଙ୍କ ଦୟାରୁ ଏବଂ ମୋର ପୂର୍ବ ପୂର୍ଣ୍ଣବଳରେ ମୁଁ ଜଣେ ମଣିଷ ଦେବତାଙ୍କୁ ଭେଟିବାରୁ ମୋର କାଳରାତ୍ରି ହଟିଯାଇଛି ଓ ମୁଁ ମରୁ ମରୁ ବଞ୍ଚିଯାଇଛି । ତେଣୁ ଆପଣମାନଙ୍କ ଦ୍ୱାରା ସ୍ଥିରୀକୃତ ପ୍ରସ୍ତାବ ମୋର ଶିରୋଧାର୍ଯ୍ୟ,ମୁଁ ତାକୁ ମଥାପାତି ଗ୍ରହଣ କରୁଛି । ମୁଁ ମଧ୍ୟ ମୋର ପୂର୍ବ ଇତିହାସ ସବୁ ଠିକ୍‌ଠିକ୍ ଭାବେ ମନ ଖୋଲି ଅଶୋକ ବାବୁଙ୍କୁ ଜଣାଇଛି,କିଛି ଲୁଚାଇନି । ସେ ମଧ୍ୟ ମୋର ମନର ମିତ । ତେଣୁ ସେଇ ମଣିଷ ଦେବତାଙ୍କୁ ସଶ୍ରଦ୍ଧେ ପ୍ରଣାମ ଜଣାଇ ଅନୁରୋଧ କରେ ସେ ମୋତେ ସ୍ୱୀକାର କଲେ ମୁଁ ନିଜକୁ ଭାଗ୍ୟବତୀ ମଣିବି । ଏହା କହି ଲୁହ ଛଳ ଛଳ ଆଖିରେ ମଥାନତ କରି ଠିଆ ହେଲେ ।

ଶକୁନ୍ତଳାଙ୍କର ଏହି ସବୁ କଥା ଓ ଲୁହ ଛଳ ଛଳ ଆଖିରେ ଠିଆ ହେବାର ଦୃଶ୍ୟ ମୋ ମାନସପଟକୁ ଆନ୍ଦୋଳିତ କଲା । ମୋ ଆତ୍ମା ପୁରୁଷ କହି ଉଠିଲେ ସେ ଶୁଦ୍ଧ ସୁବର୍ଣ୍ଣ ଓ ଗଙ୍ଗାଜଳ ପରି ସ୍ୱଚ୍ଛ । ତାଙ୍କ ମନରେ ଅହମିକା ନାହିଁ ବରଂ

Source: Author, Digitized by PPRACHIN, SOA

ଜଣେ ସେ ଉଚ୍ଚ ଚିନ୍ତାଧାରାର ବ୍ୟକ୍ତିତ୍ୱ । ଆଉ ମଧ୍ୟ ତାଙ୍କ ପରିବାର ପିତା, ମାତା ଉଚ୍ଚ ସଂସ୍କୃତି ସମ୍ପର୍ଣ୍ଣ ଓ ଶିକ୍ଷିତ । ମୋର ଏଇ ମାନସ ମନ୍ଥନ ମଧ୍ୟରେ କିଛିକ୍ଷଣ ଅତିବାହିତ ହୋଇଗଲା । ମୁଁ ମୁଣ୍ଡଟେକି ଦେଖିଲି ସେ ତିନିଜଣ ମୋ ମୁହଁକୁ ବିକଳରେ ଚାହିଁ ରହିଛନ୍ତି, ତେଣୁ କାଳ ବିଳମ୍ବ ନକରି ଉଠି ଠିଆ ହୋଇ ପଡିବାରୁ ସେମାନେ ମୁହଁ ତଳକୁ କରି ଦେବାର ଦେଖି ମତେ ବିକଳ ଲାଗିଲା । ମୁଁ ତାଙ୍କ ପିତା ମାତାଙ୍କୁ ପ୍ରଣାମ କରି କହିଲି ଆପଣମାନେ ତ ମଧ୍ୟ ମୋର ପିତା,ମାତା ସଦୃଶ । କାରଣ ମୋ ପରି ଜଣେ ବାପ ମାଆ ଛେଉଣ୍ଡକୁ ପୁଅ ବୋଲି ସ୍ୱୀକାର କରିଛନ୍ତି ତେଣୁ ମୁଁ କିପରି ଆପଣମାନଙ୍କର ଅବାଧ୍ୟ ହେବି । ଯଦି ଶକୁନ୍ତଳା ତାଙ୍କ ବାପାଙ୍କ କଥା ଭାଙ୍ଗି ପାରିଲେ ନାହିଁ ତେବେ ମୁଁ କିପରି ମୋ ବାପ ମାଆଙ୍କ ପ୍ରସ୍ତାବକୁ ଅସ୍ୱୀକାର କରିବି ?ଏହା କଣ ଜଣେ ସୁପୁତ୍ରର କର୍ତ୍ତବ୍ୟ ?ତେଣୁ ଆମେ ଦୁହେଁ ଆପଣଙ୍କୁ ମଥାପତି ପ୍ରଣାମ ଜଣାଉଛୁ, ଆଶୀର୍ବାଦ କରନ୍ତୁ ଯେପରି ଆମର ସାଂସାରିକ ଜୀବନ ସୁଖମୟ ହେବ । ଏହା ଶୁଣି ଶକୁନ୍ତଳାଙ୍କ ପିତା ଆନନ୍ଦରେ ମୋତେ କୋଳାଗ୍ରତ କରି ମୁଣ୍ଡ ସାଉଁଳାଇ କହିଲେ ଏଇ ପଦେ କଥାରେ ତୁମେ ମୋ ମନର ବୋଝ ହାଲକା କରିଦେଲ । ଆମେ ଦୁହେଁ ତୁମକୁ ଆଶୀର୍ବାଦ କରୁଛୁ ତୁମର ଦାମ୍ପତ୍ୟ ଜୀବନ ସୁଖମୟ ହେଉ । ମୁଁ ଦେଖିଲି ଶକୁନ୍ତଳାଙ୍କ ମୁହଁରେ ସ୍ମିତହସ ଅଛି କିନ୍ତୁ ଆଖିରୁ ଲୁହ ବହି ଚାଲିଛି । ତେଣୁ ତାଙ୍କ ହାତଧରି ସ୍ନେହରେ କହିଲି ଏବେ ମନର ସନ୍ଦେହ ଦୂର ହେଲାତ ?ଗତକାଲି ମୁଁ କହିଥିଲି ଏସବୁ ବିଧାତାଙ୍କ ଖେଳ,ତେଣୁ ବ୍ୟସ୍ତ ହୁଅନାହିଁ । ସେ ଏପରି କାହିଁକି କରିଛନ୍ତି ତାହା ତାଙ୍କୁ ହିଁ କେବଳ ଜଣା । ଆଉ ମଧ୍ୟ କାଲି ଦେଖାହେଲାବେଳେ ଆମେ ଦୁହେଁ ଏପରି ଘଟିବ ବୋଲି ଅନୁମାନ କରିଥିଲେ କି ? ତେଣୁ ଆମର କର୍ତ୍ତବ୍ୟ ହେଲା ବାଟରେ ଚାଲିବା, ସତ୍କର୍ମ କରିବା, ମନରେ ଭାବ, ଭକ୍ତି ରଖି ସମସ୍ତଙ୍କୁ ଉପଯୁକ୍ତ ସମ୍ମାନଦେବା, ଜଞ୍ଜାଳମୟ ସଂସାର ଯାତ୍ରାରେ ଚାଲିଲା ବେଳେ କେବେହେଲେ ବ୍ୟତିବ୍ୟସ୍ତ ହୋଇ ବିରକ୍ତି ପ୍ରକାଶ କରିବା ନାହିଁ । ଶକୁନ୍ତଳା ଏହାଶୁଣି ହସ, ହସ ମୁହଁରେ ମତେ ପ୍ରଣାମ ଜଣାଇ କହିଲେ ଆପଣ ମୋର ଆଦର୍ଶ ପୁରୁଷ ତେଣୁ ଆପଣଙ୍କ ଆଜ୍ଞା କେବେହେଲେ ଅବଜ୍ଞା ହେବନାହିଁ ବୋଲି ମୁଁ ପାଦଛୁଇଁ ଶପଥ କରୁଛି । ଏହାପରେ ଆମେ ଦୁହେଁ ପିତାମାତାଙ୍କ ପାଦବନ୍ଦନା

Source: Author, Digitized by PPRACHIN, SOA

କଲୁ । ସେମାନେ ଆମଦୁହିଁଙ୍କୁ ତାଙ୍କ ହାତକୁ ହାତରେ ଛନ୍ଦି ଏକକାଳୀନ କୋଳାଗ୍ରତ କଲେ ।

ଶକୁନ୍ତଳାଙ୍କ ପିତା ମୋ ପିଠି ଥାପୁଡାଇ କହିଲେ-ବାବୁ ଆମେମାନେ କାଲି ସକାଳୁ ଗାଁକୁ ଫେରିଯିବୁ । ମୁଁ ବିବାହପାଇଁ ଦିନ,ବାର ସ୍ଥିର କରି ତୁମକୁ ଜଣାଇବି । ମୁଁ ତାଙ୍କ କଥା ଶୁଣି କହିଲି ଆପଣତ ଜାଣନ୍ତି ଭଗବାନଙ୍କ କୃପାରୁ ଆମେ ଦୁଇଜଣ ଯାକ ଏକାବେଳକେ ନୂଆକରି ଚାକିରି ଜୀବନ ଆରମ୍ଭ କରିବୁ । ଆଉ ମଧ ମୋର ବ୍ୟାଙ୍କ ସେବାପାଇଁ ମତେ ପ୍ରଥମେ ତିନିମାସ ପ୍ରଶିକ୍ଷଣ ନେବାକୁ ପଡିବ । ତେଣୁ କିଛି ମହଲତ ଭିକ୍ଷା କରୁଛି । ଶକୁନ୍ତଳାଙ୍କ ବାପା ହସିଦେଇ କହିଲେ ବାବୁ ସେସବୁ ମତେ ଜଣା ତେଣୁ ସବୁ କଥାକୁ ନଜରରେ ରଖି ସମୟର ଆବଶ୍ୟକତାକୁ ମାପି ଚୁପି ମୁଁ ଦିନବାର ସ୍ଥିର କରିବି ତେଣୁ ବ୍ୟସ୍ତ ହୁଅନାହିଁ । ଆଉ ଗୋଟିଏ କଥା ମୋ ମନକୁ ଆସୁଛି ଆଜି ଏପରି ଏକ ଶୁଭଦିନରେ ଟାଲ ପାଖରେ ଥିବାଦେବ ମନ୍ଦିରରେ ପ୍ରଭୁଙ୍କୁ ଦର୍ଶନ କରି ଆମେମାନେ ଆମର ଭକ୍ତି ନୈବେଦ୍ୟ ଅର୍ପଣ କରିବା । ତାଙ୍କ କଥା ଅନୁସାରେ ଆମେମାନେ ସମସ୍ତେ ପାଖରେ ଥିବା ମନ୍ଦିରକୁ ଯାଇ ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜାକରି ପ୍ରଭୁଙ୍କୁ ପ୍ରଣାମ ଜଣାଇ ଫେରିଲୁ ।

ଶକୁନ୍ତଳା ରାତ୍ରୀ ଭୋଜନ ପାଇଁ ପ୍ରସ୍ତୁତି ଆରମ୍ଭ କଲେ ଓ ମୁଁ ତାଙ୍କ ପିତାମାତାଙ୍କୁ କହି ଟିଉସନକୁ ବାହାରିଗଲି । ଟିଉସନରୁ ଫେରିଲାପରେ ସମସ୍ତେ ମିଶି ରାତ୍ରିଭୋଜନ କରି ବିଶ୍ରାମ କଲୁ ।

ପ୍ରତିଦିନର ସକାଳ ନୂଆଦିନ ଓ ନୂଆକଥା ନେଇ ଆସେ । ଠିକ୍ ସେହି ନ୍ୟାୟରେ ସେଦିନ ସକାଳ ଆସିବାରୁ ଶକୁନ୍ତଳା ଗୋଟିଏ ଦନର ମମତାକୁ କାଟି ତାଙ୍କ ପିତାମାତାଙ୍କ ସଙ୍ଗରେ ଗାଂକୁ ଯିବାକୁ ପ୍ରସ୍ତୁତ ହୋଇ ବାହାରି ପଡିଲେ ସିନା କିନ୍ତୁ ତାଙ୍କର ମୁଖମଣ୍ଡଳ ବିଷାଦଗ୍ରସ୍ତ ଥିଲା । ବିଦାୟଟା ସବୁବେଳେ ଏକ ବିଚ୍ଛେଦର ଘନଘଟା । ଏହି ଧାରା କାଳ, କାଳ ଧରି ଚାଲିଛି ଓ ଚାଲିଥିବ ମଧ ଏଥିରେ ଦ୍ୱିମତ ହେବାର ନାହିଁ । ମୁଁ ସମସ୍ତଙ୍କୁ ଧରି ବସଷ୍ଟାଣ୍ଡ ଚାଲିଲି ।

Source: Author, Digitized by PPRACHIN, SOA

ଚାଲିଲାବେଳେ ସମସ୍ତେ ନିରବ ଯେପରି ସମସ୍ତେ ମୂକ ପାଲଟି ଯାଇଛନ୍ତି । ବସଷ୍ଟାଣ୍ଡରେ ପହଞ୍ଚି ସେମାନଙ୍କୁ ତାଙ୍କ ଗାଆଁ ବସରେ ବସାଇଦେଇ ପିତାମାତାଙ୍କୁ ପ୍ରଣାମ ଜଣାଇ ଶୁଭଯାତ୍ରା କହି ମୁଁ ତଳକୁ ଓହ୍ଲାଇ ଆସିଲି । ତଳେ ପହଞ୍ଚି ଦେଖିଲି ଶକୁନ୍ତଳା ଲୁହ ଗଡାଇ ମତେ ଏକ ନୟନରେ ଚାହିଁ ରହିଛନ୍ତି । ଦେଖିଲି, ତାଙ୍କ ପିତାମାତା ଆମ ଦୁଇଜଣଙ୍କର ମନୋଭାବକୁ ହୃଦୟଙ୍ଗମ କରି ଅସହାୟ ହୋଇ ମନର କୋହ ମନରେ ଚାପି ବିକଳରେ ଆମକୁ ଚାହିଁ ନିରବ ହୋଇ ବସିଛନ୍ତି । ମୁଁ ମଧ୍ୟ ମୋର ଭାବାବେଗକୁ ଅଟକାଇ ନପାରି ଶକୁନ୍ତଳାଙ୍କୁ ଚାହିଁ କହିଲି- ସୁବିଧା ମିଳିଲେ ଟିକେ ଆସି ବୁଲିଯିବ ବୋଲି ଅନୁରୋଧ କରୁଛି । ଶକୁନ୍ତଳା ନିଜର କୋହ ସମ୍ଭରଣ କରି ବାହାରକୁ ହାତ ବଢାଇ କହିଲେ ନିଶ୍ଚୟ ଆସିବି ବୋଲି କଥାଦଉଛି । ମୁଁ ତାଙ୍କ ହାତକୁ ମୋ ଦୁଇହାତରେ ଚାପିଧରି ସ୍ନେହରେ କହିଲି ତୁମର ଯାତ୍ରା ଶୁଭହେଉ । ଠିକ୍ ସେତିକି ବେଳକୁ ଯନ୍ତ୍ର ଦାନବଟା ଆମମନର ଅକୁହା କଥାର ଆଦାନପ୍ରଦାନକୁ କ୍ଷଣେ ମାତ୍ର ସମୟ ନଦେଇ ଗଡିବାକୁ ଆରମ୍ଭ କଲା । ତେଣୁ ଶକୁନ୍ତଳା ହାତ ଫେରାଇନେଇ ମତେ ନମସ୍କାର କଲା ବେଳକୁ ବସଟି ଜୋରରେ ଗଡିବାକୁ ଲାଗିଲା । ଆମେ ଦୁହେଁ ପରସ୍ପରକୁ ଚାହିଁ ରହିଥାଉ । କିଛି କ୍ଷଣ ମଧ୍ୟରେ ବସଟି ମୋର ନେତ୍ର ପଥାରୁଢ ହେବାରୁ ଭଗ୍ନମନୋରଥ ନେଇ ଦୈନନ୍ଦିନ ରୁଟିନଭରା ଜୀବନ ଜୀବିକା ପାଇଁ ବାହାରିଗଲି ।

ଅନୁଚ୍ଛେଦ-୪

ପ୍ରାୟ ଦିନ ଗୋଟାଏ ବେଳକୁ ମୁଁ ମୋର ଟିଉସନ ଇତ୍ୟାଦି ସାରି ଘରକୁ ଫେରି ରୋଷେଇରେ ବ୍ୟସ୍ତ ଅଛି ମୋର ମୋବାଇଲଟି ବାଜି ଉଠିବାରୁ ଉଠାଇ ଦେଖିଲି ତାହା ଶକୁନ୍ତଳାଙ୍କ ପାଖରୁ ଆସିଛି । ସେ ସାଙ୍ଗେ ସାଙ୍ଗେ ମତେ କହିଲେ ଆମେମାନେ ଭଲରେ ଗାଁରେ ପହଞ୍ଚି ଗଲୁଣି । ଆପଣ କଣ ଟିଉସନ ସାରି ଘରକୁ ଫେରିଲେଣି ? ମୁଁ ହଁ ଭଳି କହିଲି, ରୋଷେଇ କରୁଛି ଖାଇସାରି ଚାକିରୀରେ ଯୋଗଦେବାପାଇଁ ଆବଶ୍ୟକ କାଗଜ ଡାକ୍ତରୀ ପ୍ରମାଣପତ୍ର ଆଦି ବ୍ୟବସ୍ଥା କରିବାକୁ ଯିବି । ଭାବୁଛି ଯଦି ସବୁ ଆଜିକାଲି ମଧ୍ୟରେ ଯୋଗାଡ ସରିଯିବ ତେବେ ମୁଁ ବୁଧବାର ଦିନ ବ୍ୟାଙ୍କରେ ଯୋଗଦେବି । ତୁମେ କେବେ ସ୍କୁଲରେ

Source: Author, Digitized by PPRACHIN, SOA

ଯୋଗଦେବ ଭାବୁଛ ବୋଲି ପ୍ରଶ୍ନ କରିବାରୁ ଶକୁନ୍ତଳା କହିଲେ ବାପା ମଧ୍ୟ ସେଇ ବୁଧବାର ଦିନ ଯୋଗଦେବାକୁ ମତେ କହିଛନ୍ତି । ଆପଣ ସେଦିନ ଠାକୁରଙ୍କୁ ଦର୍ଶନ କରିସାରି ବ୍ୟାଙ୍କକୁ ଯିବେ । ଆପଣଙ୍କ ଶୁଭକାମନା କରୁଛି ବୋଲି କହିବାରୁ ମୁଁ କହିଲି ମୋର ମଧ୍ୟ ତୁମକୁ ନୂଆ ଚାକିରିର ଶୁଭକାମନା ରହିଲା । ମୁଁ ରହୁଛି ପରେ କଥା ହେବା କହି ରୋଷେଇରେ ଲାଗିପଡିଲି । ଖାଇ ସାରିବା ପରେ କିଛି ସମୟ ସାମାନ୍ୟ ବିଶ୍ରାମନେଇ ସାର୍ଟିଫିକେଟ ଇତ୍ୟାଦି ଜେରକ୍ସ କରିବା ଓ ଡାକ୍ତରଙ୍କ ପାଖରୁ ସୁସ୍ଥ ପ୍ରମାଣପତ୍ର ଯୋଗାଡ କରିବାକୁ ବାହାରି ପଡିଲି । ସବୁ କାମ ଭଲରେ ଭଲରେ ହୋଇ ଯିବାରୁ ସନ୍ଧ୍ୟା ପୂର୍ବରୁ ବସାକୁ ଫେରି ନିତ୍ୟକର୍ମସାରି ଟିଉସନ କରିବାକୁ ବାହାରିଗଲି । ଟିଉସନ ସରିଲାପରେ ଛାତ୍ରର ପିତାମାତାଙ୍କୁ ମୋର ବ୍ୟାଙ୍କରେ ଚାକିରି ହୋଇଯାଇଛି କହିବାରୁ ସେମାନେ ଖୁବ୍ ଖୁସି ହେଲେ, କିନ୍ତୁ ମୁଁ ଆଉ ଗୋଟିଏ ଦିନପରେ ଟିଉସନ କରିବାକୁ ଆସିପାରିବିନାହିଁ ଶୁଣି କହିଲେ ଆପଣଙ୍କ ପରି ଜଣେ କେହି ଟିଉସନସାର ଯଦି ଆପଣଙ୍କ ନଜରରେ ଥିବ ତେବେ କହିଲେ ଆମର ଚିନ୍ତା ଦୂର ହେବ । ସେମାନଙ୍କଠାରୁ ବିଦାୟ ନେଇ ଆସିଲା ବେଳେ ମନରେ ଦୁଃଖ ଭରିଗଲା । ଠିକ୍ ସେହିପରି ତା'ପରଦିନ ସକାଳବେଳା ଟିଉସନ ସାରି ସେ ଛାତ୍ରଙ୍କ ପିତାମାତାଙ୍କୁ କହିବାରୁ ସେଠାରେ ମଧ୍ୟ ଅନୁରୂପ ପ୍ରତିକ୍ରିୟା ମିଳିଲା, ଯାହା ଦେଖି ମୁଁ ଉପଲବ୍ଧି କଲି ଯେ ଜୀବନରେ କିଛି ବ୍ୟତିକ୍ରମ ଆସିଲେ ତାହା ସୁଖର ହେଉ ବା ଦୁଃଖର ହେଉ ମଣିଷର ଭାବାବେଗକୁ କିଛି ମାତ୍ରାରେ ପ୍ରଭାବିତ କରିଥାଏ । ଦିନ ଯାଇ ରାତି ଓ ରାତିପରେ ପୁଣି ଏକ ନୂଆ ସକାଳ ଏକ ନୂଆ ଦିନକୁ ଧରି ଆସିଥାଏ । ଠିକ୍ ସେମିତି ବୁଧବାରର ନୂଆ ସକାଳ ମୋପାଇଁ ଏକ ନୂଆ ଶୁଭବେଳା ନେଇ ଆସିଲା । ମୁଁ ସକାଳୁ ଉଠି ନିଜର ନିତ୍ୟକର୍ମ ସାରିବାରେ ଲାଗିପଡିଲି । ନିତ୍ୟକର୍ମସାରି ମୁଁ ପୋଷାକ ପରିଧାନ କରୁଛି ମୋବାଇଲ ବାଜିବାରୁ ତାହା ଶକୁନ୍ତଳାଙ୍କର ଥିବବୋଲି ଅନୁମାନ କରି ଉଠାଇ ଦେଖିଲି ବାସ୍ତବରେ ତାହା ସତଥିଲା । ଶକୁନ୍ତଳା ମତେ ପ୍ରଣାମ ଜଣାଇବା ସାଙ୍ଗେ ସାଙ୍ଗେ ନୂଆ ଚାକିରି ଜୀବନପାଇଁ ବଧାଇଜଣାଇଲେ । ମୁଁ ମଧ୍ୟ ତାଙ୍କୁ ମୋ ତରଫରୁ ବଧାଇ ଜଣାଇଲି । ସେ ମୋତେ ପୁଣିଥରେ

Source: Author, Digitized by PPRACHIN, SOA

ଠାକୁରଙ୍କୁ ଦର୍ଶନ କରି ଚାକିରିରେ ଯୋଗ ଦେବାକୁ ଯିବାକୁ ଅନୁରୋଧ କଲେ । ମୁଁ ତାଙ୍କୁ କହିଲି ମୋର ମନେ ଅଛି ତେଣୁ ବ୍ୟସ୍ତ ହୁଅନାହିଁ । ତୁମେ ମଧ୍ୟ ଠାକୁରଙ୍କୁଦର୍ଶନ କରି ଯିବ । ଫୋନରଖ ରାତିରେ କଥା ହେବା କହି ଫୋନକାଟି ସବୁ କାଗଜପତ୍ର ଧରି ଠାକୁରଙ୍କୁ ପ୍ରଣତି ଜଣାଇ ଜୀବନର ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ବାହାରି ପଡ଼ିଲି ।

ବ୍ୟାଙ୍କରେ ପହଞ୍ଚି ବ୍ୟାଙ୍କ ମ୍ୟାନେଜରଙ୍କ ପାଖକୁ ଯାଇ ନିଜର ନିଯୁକ୍ତିପତ୍ର ଓ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜ ଦେଇ ମୁଁ ଆଜିଠାରୁ କାର୍ଯ୍ୟରେ ଯୋଗେଦବାକୁ ଆସିଛି ବୋଲି କହିବାରୁ ସେ ମୋତେ ବସିବାକୁ ନିର୍ଦ୍ଦେଶ ଦେଇ କିଛି ସମୟ ମତେ ନିରେଖି ଚାହିଁ କହିଲେ-ଆପଣ ଅଶୋକ ମହାପାତ୍ରଟି ? ମୁଁ ହଁ ଭରିବାରୁ କହିଲେ ମତେ ଚିହ୍ନିପାରୁନାହାନ୍ତି ? ଆମେ ଉଭୟ ପରା ଉତ୍କଳ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ଛାତ୍ରଥିଲେ । ଆମେ ଦୁହେଁ ଆଗ ପଛ ଦୁଇ ବ୍ୟାଚରେ ପଢୁଥିଲେ । ମୁଁ ମ୍ୟାନେଜରଙ୍କୁ ଚିହ୍ନିପାରି କହିଲି, ସାର୍ ଆପଣ ମତେ ଚିହ୍ନିପାରିଲେ ଅଥଚ ମୁଁ ଚିହ୍ନିପାରିଲି ନାହିଁ, ତେଣୁ ଦୁଃଖିତ । ଏହାଶୁଣି ମ୍ୟାନେଜର କହିଲେ ବ୍ୟସ୍ତ ହେବାର କିଛି ନାହିଁ । ଭଲହେଲା ଆମେ ଦୁହେଁ ଗୋଟିଏ ଜାଗାରେ ମିଶି କାମ କରିବା । ଖୁବ୍ ଖୁସି ଲାଗୁଛି । ଏହାପରେ ମ୍ୟାନେଜର ମୋତେ କିଛି ସମୟ ବ୍ୟାଙ୍କର କାର୍ଯ୍ୟଧାରା ବିଷୟରେ ବୁଝାଇଲାପରେ ତାଙ୍କ ପାଖରେ ଥିବା ଆଲମିରାରେ ରଖାଯାଇଥିବା ବ୍ୟାଙ୍କର କାର୍ଯ୍ୟାବଳୀ ସମ୍ବନ୍ଧୀୟ ପୁସ୍ତକ ଗୁଡ଼ିକୁ ଦେଖାଇ କହିଲେ ଆପଣ ସେଗୁଡ଼ିକ ଭଲଭାବରେ ପଢିନିଅନ୍ତୁ ତାପରେ ବିଭିନ୍ନ ବିଭାଗର ସହକାରୀ ମ୍ୟାନେଜର ମାନଙ୍କ ପାଖରେ ବସି ସେହି ବିଭାଗର କାର୍ଯ୍ୟଧାରା ବିଷୟରେ ସାତଦିନ କରି ପ୍ରଶିକ୍ଷଣ ନେବେ ଏବଂ ପ୍ରତି ସପ୍ତାହ ଶେଷରେ ଦେଖାକରି ସବୁ କହିବେ । ଏହାପରେ ଆପଣଙ୍କୁ କୌଣସି ଏକ ବିଭାଗର ଦାୟିତ୍ୱ ଦିଆଯିବ ଯାହା ଆପଣ ସେଇ ବିଭାଗରେ ଥିବା ସହକାରୀ ମ୍ୟାନେଜରଙ୍କ ସହାୟତା ନେଇ ସମ୍ପାଦନ କରିବେ ଠିକ୍ ସେତିକି ବେଳକୁ ମ୍ୟାନେଜରଙ୍କ ନିର୍ଦ୍ଦେଶ ଅନୁଯାୟୀ ସବୁ ବିଭାଗର ସହକାରୀ ମ୍ୟାନେଜରମାନେ ଆସି ମୋ ସହିତ କରମର୍ଦ୍ଦନ କଲେ ଓ ସେହି ଶାଖାରେ ଯୋଗଦେଇ ଥିବାରୁ ଶୁଭେଚ୍ଛା ଜଣାଇଲେ । ଚାହା, ଜଳଖିଆ

Source: Author, Digitized by PPRACHIN, SOA

ସରିଲାପରେ ଜଣେ ସହକାରୀ ମ୍ୟାନେଜର ମୋତେ ସାଙ୍ଗରେ ନେଇ ବ୍ୟାଙ୍କର ସବୁ ବିଭାଗ ଗୁଡ଼ିକ ବୁଲାଇବା ସାଙ୍ଗେ ସାଙ୍ଗେ ସମ୍ପୃକ୍ତ କର୍ମଚାରୀମାନଙ୍କ ସହିତ ପରିଚୟ କରାଇଲେ । ମ୍ୟାନେଜରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଗୋଟିଏ ଛୋଟ କୋଠରୀରେ ବସି ବିଭିର୍ଣ୍ଣ ଗୁରୁତ୍ୱପୂର୍ଣ୍ଣ ନିୟମାବଳୀଥିବା ବହିଗୁଡ଼ିକ ଅଧ୍ୟୟନ କରିବାରେ ଲାଗିଲି ଓ ସନ୍ଧ୍ୟା ୬ଟା ବେଳକୁ ମ୍ୟାନେଜରଙ୍କୁ ଜଣାଇ ବସାକୁ ଫେରିଲି ।

ବସାରେ ପହଞ୍ଚି ନିଜର ନିତ୍ୟକର୍ମ ସାରି ବସିଛି ଫୋନ ବାଜିଉଠିବାରୁ ଫୋନ ଉଠାଇ ଶକୁନ୍ତଳାଙ୍କ ସାଙ୍ଗେ କଥାହେଲି । ଉଭୟ ନିଜ ନିଜର ପ୍ରଥମ ଚାକିରି ଜୀବନର ଅନୁଭୂତି ବିଷୟ ଉଭୟଙ୍କୁ ଶୁଣାଇ ଖୁସିରେ ଦୀର୍ଘ ସମୟ ଧରି ଗପରେ ମାତିଗଲୁ । ବହୁ ସମୟ ଗପିଲାପରେ ଶକୁନ୍ତଳା କହିଲେ କ୍ଷମା ମାଗୁଛି, କାରଣ ଆପଣଙ୍କୁ ଗପରେ ମତାଇ ଉପାସ ରଖିଲିଣି । ଏଠି ସିନା ବୋଉ ରୋଷେଇ କରୁଛି, କିନ୍ତୁ ଆପଣ ରୋଷେଇ ନକଲେ ଖାଇବେ କଣ ? ମୁଁ ମଧ୍ୟ ପ୍ରକୃତିସ୍ଥ ହୋଇ ଘଣ୍ଟାକୁ ଦେଖି ବ୍ୟସ୍ତ ହୋଇ କହିଲି, ବାସ୍ତବରେ ତୁମକୁ ପ୍ରଶଂସା ନକରି ରହିପାରୁନି କାରଣ ଜଣେ ନାରୀ ସେ ଜେଜେମା, ବୋଉ, ଭାଉଜ, ସ୍ତ୍ରୀ, ଭଉଣୀ ବା ଅନ୍ୟ ଯେ କେଉଁ ସମ୍ପର୍କୀୟା ହୁଅନ୍ତୁ ଅନ୍ୟର ଭୋକ କଥା ସେମାନେ ପ୍ରଥମେ ଭାବନ୍ତି ଯେଉଁଥିପାଇଁ ସେମାନେ ବନ୍ଦନୀୟା । ନାରୀ ମମତାର ମୂର୍ତ୍ତିମନ୍ତ ପ୍ରତୀକ । ତାର ହୃଦୟ ଲହୁଣି ପରି କୋମଳ ଓ ସମବେଦନା ସମୁଦ୍ରର ଗଭୀର ଜଳରାଶିପରି ବିଶାଳ । ତେଣୁ ପୁଣିଥରେ ତୁମର ସମ୍ବେଦନଶୀଳତା ପାଇଁ ମୋ ହୃଦୟର କୃତଜ୍ଞତା ଜଣାଇ ରହୁଛି, କାଲି ସନ୍ଧ୍ୟାକୁ ପୁଣି କଥାହେବା । ଶୁଭରାତ୍ରୀ କହି ଫୋନ କାଟିଲି । ତରତରରେ ରୋଷେଇରେ ଲାଗିଗଲି । ରୋଷେଇ ସାରି ରାତ୍ରୀ ଭୋଜନ କରି ଶୋଇବାକୁ ଯେତେ ଚେଷ୍ଟା କଲି ନିଦ ଲାଗିଲା ନାହିଁ । ଶକୁନ୍ତଳାଙ୍କ ସୁନ୍ଦର, ଶାନ୍ତ, ସ୍ନିଗଧ ମୁହଁ, ଛୋଟ ହସ ଓ ଧୀର କଥା ମୋତେ ବ୍ୟତିବ୍ୟସ୍ତ କଲା । ମୁଁ ହୃଦୟଙ୍ଗମ କଲି ଦୀର୍ଘ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ର ଜୀବନରେ ବହୁ ଯୁବତୀଙ୍କ ସଂସ୍ପର୍ଶରେ ଆସିଛି । ଏକାଠି ବସି ଶ୍ରେଣୀ କକ୍ଷରେ ପାଠ ପଢ଼ିଛି । ପୁସ୍ତକାଳୟରେ ବିଭିନ୍ନ ବିଷୟ ଆଲୋଚନା ମଧ୍ୟ କରିଛି । କଲେଜ

Source: Author, Digitized by PPRACHIN, SOA

ସାମନା ପଡିଆ ଓ ସିମେଣ୍ଟ ଚଉକିରେ ବସି ବେଳେ ବେଳେ ମଉଜ ମସ୍ତି ମଧ୍ୟ କରିଛୁ କିନ୍ତୁ ତାର ପ୍ରଭାବ କେବେହେଲେ ମୋର ନିଦ୍ରା ସମୟରେ ଆସିନଥିଲା । ଯାହା ଆଜି ପାଇଁ ଏହା ମୋର ଏକ ନୂଆ ଅନୁଭୂତି । ତେବେ ଏହାକୁ ହିଁ କୁହାଯାଇପାରେ ପ୍ରେମ । ମୁଁ ଅନୁଭବ କଲି ବୋଧେ ବାସ୍ତବରେ ପ୍ରେମଜ୍ୱରରେ ଆକ୍ରାନ୍ତ ହୋଇଛି ଯାହାର ଏକମାତ୍ର ନିଦାନ ହେଉଛି ବିବାହ ଓ ମିଳନ । ବୋଧହୁଏ ସେଇଥିପାଇଁ ଶକୁନ୍ତଳାଙ୍କ ବାପା ତାଙ୍କ ସାଂସାରିକ ଜୀବନାନୁଭୂତିକୁ ପାଥେୟ କରି ବିବାହ ଦିନ ବାର ସ୍ଥିର କରିବାକୁ ପ୍ରସ୍ତାବ ଦେଇଥିଲେ, କିନ୍ତୁ ମୁଁ ନୂଆ ଚାକିରିରେ ବାହାନା ଦେଖାଇ କିଛି ମହଲତ ମାଗିବା ମୋ ପାଇଁ ମହଙ୍ଗା ସାବ୍ୟସ୍ତ ହେଉଛି । ବାପା ମାଆ ମାନେ ଯୁବକ ବା ଯୁବତୀ ପୁଅଝିଅ ମାନଙ୍କର ପ୍ରାଥମିକ ଆବଶ୍ୟକତାକୁ ହୃଦୟଙ୍ଗମ କରୁଥିବାରୁ ଉପଯୁକ୍ତ ବୟସ ଆସିଗଲେ ବିବାହକୁ ପ୍ରାଧାନ୍ୟ ଦିଅନ୍ତି କିନ୍ତୁ ଆଜିର ଯୁବପିଢି ସେମାନଙ୍କର ଅଭିଜ୍ଞତାକୁ ଗୁରୁତ୍ୱ ନଦେଇ ନିଜର ଉଚ୍ଚଶିକ୍ଷା, ଉପଯୁକ୍ତ କର୍ମ ସଂସ୍ଥାନ ସର୍ବୋପରି ଆତ୍ମନିର୍ଭରଶୀଳତା ଇତ୍ୟାଦି ବାହାନା ଦେଖାଇ ତାଙ୍କ· କଥାକୁ ଟାଳି ଚାଲୁଥିବାରୁ ସାମାଜିକ ଜୀବନରେ ବହୁ ବ୍ୟତିକ୍ରମ ଦେଖାଦେଉଛି,ଯାହାର ପ୍ରଭାବ ସୁଦୂର ପ୍ରସାରୀ । ଏହିପରି ଭାବନାର ଭଉଁରି ଭିତରେ ମୁଁ ଘୂରିବୁଲୁ ବୁଲୁ କେତେବେଳେ ମତେ ନିଦ ହୋଇଯାଇଛି ଜାଣିପାରିଲିନାହିଁ । ପରଦିନ ସକାଳ ଆଠଟା ବେଳକୁ ମୋ ନିଦ ଭାଙ୍ଗିବାରୁ ଉଠି ଘଣ୍ଟାକୁ ଦେଖି ବିକଳରେ ନିଜର ନିତ୍ୟକର୍ମ ସାରି ତରତରରେ ଅଫିସ ବାହାରିଗଲି, ତଥାପି ପହଞ୍ଚିଲା ବେଳକୁ ସାମାନ୍ୟ ବିଳମ୍ବ ହୋଇଗଲା । ତେଣୁ ଅଫିସକୁ ସନ୍ତର୍ପଣରେ ପଶି ମୋର କୋଠରୀରେ ବସି ପୂର୍ବଦିନ ଅଧାଥିବା ଆଇନ ପୁସ୍ତକକୁ ପଢିଲି । ମଝିରେ ମ୍ୟାନେଜରଙ୍କ କୋଠରୀକୁ ଥରେ ଅଧେ ଡାକରାପାଇ ଯାଇ କିଛି ଆଲୋଚନାରେ ଭାଗନେଲି । ମ୍ୟାନେଜର କହିଲେ ଆପଣ କାଲିଠାରୁ କୌଣସି ଏକ ବିଭାଗରେ ବସି ତାଲିମ ନିଅନ୍ତୁ । ଏହିପରିଭାବେ ସେ ଦିନଟି କଟିଗଲା ବସାକୁ ଫେରି ତର ତରରେ ପ୍ରଥମେ ରୋଷେଇ କରିବାରେ ଲାଗିଗଲି,କାରଣ ଗତ ରାତିରେ ଫୋନ ଯୋଗୁଁ ବିଳମ୍ବ ହୋଇଥିଲା । ଠିକ୍ ରୋଷେଇ ସରିଛି ଶକୁନ୍ତଳାଙ୍କ ପାଖରୁ ଫୋନ ଆସିଲା । ମୁଁ ଫୋନଧରି କଥା ହେବାମାତ୍ରେ

Source: Author, Digitized by PPRACHIN, SOA

ମୋର ଗତରାତିର ଦୁରାବସ୍ଥା ତାଙ୍କୁ ବିସ୍ତୃତ ଭାବେ ଜଣାଇ ପଚାରିଲି ତୁମର ରାତିଟି କିପରି କଟିଛି? ସେ ମୋ କଥା ଶୁଣି ହସି ହସି କହିଲେ ଆପଣଙ୍କ ଅବସ୍ଥା ଯାହା ମୋ ଅବସ୍ଥା ମଧ୍ୟ ତଦ୍ରୂପ । ଅବଶ୍ୟ ଆପଣ ଏକା ଥିବାରୁ ଦୂରାବସ୍ଥାଟିର ଆଭାସ ଆପଣଙ୍କ ଭିତରେ ସିମୀତ ରହିଗଲା କିନ୍ତୁ ମୁଁ ସାମାନ୍ୟ ଲଜ୍ଜିତ ହେଲି । ଏହାଶୁଣି ମୋର କୌତୁହଳ ଓ ଉକ୍ରଣ୍ଠା ବହୁତ ବଢିଗଲା, ତେଣୁ ପଚାରିଲି ଖୋଲିକରି କୁହ । ଶକୁନ୍ତଳା କହିଲେ କହୁଛି ଶୁଣନ୍ତୁ । ବାପା କାଲି ଗୋଟିଏ ପାରିବାରିକ କାର୍ଯ୍ୟପାଇଁ ଅନ୍ୟତ୍ର ଯାଇଥିଲେ ତେଣୁ ବୋଉ ଓ ମୁଁ ଏକାଠି ଗୋଟିଏ କୋଠରୀରେ ଶୋଇଥଲୁ ନିଦ ନହେବାରୁ ମୁଁ ବାରମ୍ବାର ଏପଟ ସେପଟ ହୋଇ ଶୋଇବାକୁ ଚେଷ୍ଟା କରୁଥିଲାବେଳେ ବୋଉ ତାକୁ ଲକ୍ଷ୍ୟ କରି ହସି ହସି କହିଲା କଣ ଦେହ ଭଲନାହିଁ ନା ମନ ଭଲନାହିଁ? ମୁଁ ନଶୁଣିଲା ପରି ଚୁପ୍ ହୋଇ ରହିବାରୁ ବୋଉ ମତେ ତା କୋଳକୁ ଭିଡିନେଇ ମୁଣ୍ଡ ଆଉଁଶି କହିଲା, ଏଇଟା କିଛି ନୂଆ କଥା ନୁହେଁ । ସମସ୍ତଙ୍କର ଏପରି ଅନୁଭୂତି ଅଛି । ତେଣୁ ମୁଁ ପିଠି ଥାପୁଡେଇ ଦେଉଛି ନିଦ ହୋଇଯିବ, ଶୋଇପଡ । ମୁଁ ଓ ଶକୁନ୍ତଳା ଏଇ କଥାରେ ମନଖୋଲି ହସିଲୁ । ଶକୁନ୍ତଳା କହିଲେ ଆଜି ଟିକେ ଡେରିକରି ଫୋନ କଲି, କାରଣ ମୋ ଯୋଗୁ କାଲି ଆପଣଙ୍କର ଖାଇବା ଡେରି ହୋଇଥିଲା । ମୁଁ କହିଲି -ହଁ ମୁଁ ମଧ୍ୟ ସେଇ କଥାକୁ ଦୃଷ୍ଟିରେ ରଖି ଆଜି ଅଫିସରୁ ଆସି ଆଗ ତରତରରେ ରୋଷେଇ ସାରି ଦେଇଛି ତେଣୁ ବ୍ୟସ୍ତ ହେବାର ନାହିଁ । ଆଜିରାତିର ଅନୁଭୂତି କାଲି କଥା ହେବା, ରହୁଛି, ଶୁଭରାତ୍ରୀ କହି ଫୋନ ରଖିଲି ।

ଏହିପରି ଭାବେ ଅଫିସ୍ ଜୀବନ ଦିନପରେ ଦିନ କଟିବାରେ ଲାଗିଲା । ପ୍ରଥମେ କେତେଦିନ ଅଫିସ ଜୀବନ ଖୁବ୍‌ହାଲକା ଫୁଲକା ଥିବାରୁ ବହୁତ ଖୁସି ଲାଗୁଥିଲା । ତେଣୁ ରାତିରେ ଉଭୟ ଫୋନରେ ବହୁତ ସମୟ ଖୁସିରେ କଥା ହେଉଥିଲୁ । କିନ୍ତୁ ଧୀରେ ଧୀରେ ମୋର ଯେପରି ଅଫିସର କାର୍ଯ୍ୟଭାର ଅଧିକ୍ ହେଲା ଠିକ୍ ଅନୁରୂପ ଭାବେ ଶକୁନ୍ତଳାଙ୍କର ପାଠପଢା ଦାୟିତ୍ୱ ମଧ୍ୟ ବଢିଚାଲିଲା । ତେଣୁ ଉଭୟ ଘରକୁ ଫେରିଲାପରେ ବହୁ କ୍ଳାନ୍ତି ଅନୁଭବ କରୁଥିଲୁ । ଯଦିଓ ଶକୁନ୍ତଳାଙ୍କ ପାଇଁ ଘରେ ବିଶ୍ରାମ ନେବାର ସୁଯୋଗ ଥିଲା, କିନ୍ତୁ ଘରକୁ

Source: Author, Digitized by PPRACHIN, SOA

ଫେରିଲାପରେ ମୋର ଅବସ୍ଥା ଠିକ୍ ଓଲଟା ଥିଲା । ତେଣୁ ବେଳେ ବେଳେ ମୁଁ ସବୁ କାମ ସାରି ବିଶ୍ରାମ କଲା ପୂର୍ବରୁ କଥାହେଲା ସମୟରେ ମଝିରେ, ମଝିରେ ଘୁମେଇ ପଡି ଶକୁନ୍ତଳାଙ୍କ କଥାର ଉତ୍ତର ଠିକ୍ ଭାବରେ ନଦେଇ ପାରିବାରୁ ଶକୁନ୍ତଳା ଅନୁମାନ କରି ହସି ହସି କହନ୍ତି-ନିଦ ଲାଗିଲାଣି ଶୁଅନ୍ତୁ କାଲି କଥାହେବା । ମୁଁ ମଧ୍ୟ ତାଙ୍କ କଥା ଶୁଣି ହସିଦେଇ କହେ ହଁ ପ୍ରିୟେ ରହୁଛି ଶୁଭରାତ୍ରୀ ।

ସେଦିନ ଥିଲା ରବିବାର ତେଣୁ ମୁଁ ଟିକେ ଅଳସୁଆମି ଦେଖାଇ ସାମାନ୍ୟ ବିଳମ୍ବରେ ଉଠି ନିତ୍ୟକର୍ମ ସାରି ଜଳଖିଆ କରୁଛି, ଫୋନଟି ବାଜି ଉଠିଲା ଦେଖିଲି ଏକ ନୂଆ ନମ୍ବରରୁ କଲଟି ଆସିଛି । ତଥାପି ସୌଜନ୍ୟ ଦୃଷ୍ଟିରୁ ଉଠାଇ ହାଲୋ କହିବାରୁ ଅପର ପଟରୁ ଜଣେ ବୟସ୍କ ଲୋକଙ୍କ ସ୍ୱର ଶୁଭିଲା । ତାହା ସାମାନ୍ୟ ଚିହ୍ନା ଚିହ୍ନା ଜଣାପଡୁଥିଲା ଏବଂ ସେ କହିଲେ ଅଶୋକବାବୁ କହୁଛନ୍ତିତ ? ମୁଁ ହଁ ଭରିବାରୁ କହିଲେ ଶକୁନ୍ତଳାଙ୍କ ବାପା କହୁଛି, ବାବୁ କେମିତି ଅଛ । ମୁଁ ତତ୍କ୍ଷଣାତ୍ "ଆଜ୍ଞା ନମସ୍କାର" ଜଣାଇ କହିଲି ଭଲରେ ଅଛି ଆପଣମାନେ କିପରି ଅଛନ୍ତି ? ଆମେମାନେ ମଧ୍ୟ ଭଲରେ ଅଛୁ କହି ଶକୁନ୍ତଳାଙ୍କ ବାପା କହିଲେ, ବାବୁ ଜୁନମାସ ୨୮ ତାରିଖକୁ ଦିନ,ବାର ସ୍ଥିର କରିଛି, ତୁମ ପକ୍ଷର ଗୁରୁଜନ କିଏ ଅଛନ୍ତି କହିଲେ ସେମାନଙ୍କ ସହ ଆଉସବୁ କଥାହେବି । ଏହାଶୁଣି ମୁଁ କହିଲି ଆପଣମାନଙ୍କୁ ମୁଁ ମୋର ପରିବାରର ସ୍ଥିତିକଥା ଖୋଲି କରି କହିଛି । ଆଜିକୁ ଦୁଇବର୍ଷ ହେଲା ମୁଁ ଆସି ଏଠି ରହିଲିଣି, କେହିଦିନେ ହେଲେ ମୋ ଭଲମନ୍ଦ କଥା ପଚାରିନାହାନ୍ତି ତେଣୁ ସେମାନଙ୍କୁ କହିବାର ଆବଶ୍ୟକତା ମୁଁ ଉପଲବ୍ଧି କରୁନାହିଁ । ଶକୁନ୍ତଳାଙ୍କ ବାପା କହିଲେ, ବାବୁ ଯେହେତୁ ଏହା ଏକ ପାରମ୍ପରିକ ବାହାଘର ତେଣୁ ତୁମର ପରିବାର ଓ ଅନ୍ୟାନ୍ୟ ଗୁରୁଜନମାନଙ୍କର ସ୍ୱୀକୃତି ଓ ସହଯୋଗ ଏକାନ୍ତ ଲୋଡା । ଆଉ ମଧ୍ୟ ବିବାହ ପାଇଁ କେହିଜଣେ ଗୁରୁଜନ ବରପିତା ହେବା ଆବଶ୍ୟକ । ସେହିସବୁ ଦୃଷ୍ଟିରୁ ପଚାରିଛି । ମୁଁ କହିଲି ଆପଣ ଯାହା କହୁଛନ୍ତି ତାହା ସତ୍ୟ କିନ୍ତୁ ଯେହେତୁ କକେଇ ବା ମାମୁ ବା ପରିବାରର ଅନ୍ୟ ସଦସ୍ୟମାନେ ମୋର ସୁଖ ଦୁଃଖ ଓ ଭଲ ମନ୍ଦ କେଉଁଥିରେ ଆଗ୍ରହ ଦେଖାଉ ନାହାନ୍ତି ତେଣୁ ମୁଁ ଭାବୁଛି ସେମାନଙ୍କୁ ସାମିଲ ନକଲେ ଚଳିବ । ତେବେ ଆପଣଙ୍କ

Source: Author, Digitized by PPRACHIN, SOA

କଥାରଖି ମୁଁ ସେମାନଙ୍କ ସାଙ୍ଗେ କଥାହେଲା ପରେ ଆଗାମୀ ରବିବାର ସୁଧା ଜଣାଇବି । ତେବେ ମୁଁ ଗୋଟିଏ ଛୋଟକଥା ଆପଣଙ୍କଠାରୁ ବୁଝିବାକୁ ଚାହୁଁଛି । ତାହା ହେଲା ଯଦି କୌଣସି ପରିସ୍ଥିତିରେ ସେମାନେ ଏ ବାହାଘରରେ ସାମିଲ ହେବାକୁ ଆଗ୍ରହ ଦେଖାଇବେ ନାହିଁ ତେବେ ଅନ୍ୟ କିଛି ବିକଳ୍ପ ବ୍ୟବସ୍ଥା କରିହେବକି ନାହିଁ ? ଏହାଶୁଣି ଶକୁନ୍ତଳାଙ୍କ ବାପା କହିଲେ, ବାବୁ ସବୁ ପାଇଁ ବିକଳ୍ପ ବ୍ୟବସ୍ଥା ଅଛି ସେଥିରେ ଅସୁବିଧାନାହିଁ । କିନ୍ତୁ ସମସ୍ତଙ୍କ ଖୁସି ଓ ଦାଣ୍ଡ ସୁନ୍ଦର କଥାକୁ ବିଚାର କରି ମୁଁ କହିଥିଲି, ଭଗବାନଙ୍କ କୃପାରୁ ସେମାନେ ଖୁସିରେ ଆସି ଏ ଶୁଭକାମରେ ଯୋଗ ଦିଅନ୍ତୁ ଯାହାଦ୍ୱାରା ସେମାନଙ୍କର ମର୍ଯ୍ୟାଦା ବଢ଼ିବ ଓ ମୋତେ ଖୁସି ଲାଗିବ । ଆଉ ଗୋଟିଏ କଥା,ଏହା ପୂର୍ବରୁ ତୁମେ ବେରୋଜଗାର ଥିଲ, ତେଣୁ ସେମାନେ ତୁମକୁ ବୋଝ ବୋଲି ଭାବୁଥିଲେ । ତେଣୁ ତୁମଠାରୁ ଦୂରତା ରକ୍ଷା କରୁଥିଲେ । ଏବେ ତୁମେ ବ୍ୟାଙ୍କ ସେବାର ଜଣେ ପଦସ୍ଥ କର୍ମଚାରୀ ଆଉ ସେମାନଙ୍କ ପାଇଁ ବୋଝ ନୁହଁ ବରଂ ସମ୍ପତ୍ତି ପାଲଟି ଗଲଣି, ତେଣୁ ସେମାନେ ପାଖକୁ ଲାଗି ଆସିବାକୁ ଆଗ୍ରହ ଦେଖାଇପାରନ୍ତି, ଯାହା ସାଧାରଣତଃ ଏହି ପ୍ରକାର ମଣିଷ ମାନଙ୍କର ପ୍ରକୃତି ବା ଅଭ୍ୟାସ । ଭାବୁଛି ସବୁ ଠିକ୍ ହୋଇଯିବ । ଭଗବାନ ଅଛନ୍ତି, କଥା ହୋଇ ମତେ ଜଣାଇବ, ରହୁଛି କହି ଫୋନ୍ କାଟିଲେ ।

ସେଦିନ ରାତିରେ ଶକୁନ୍ତଳାଙ୍କ ସାଙ୍ଗେ କଥାହେଲାବେଳେ ମୁଁ ବାହାଘର ବାର, ତାରିଖ କଥା କହିବାରୁ ସେ ସାମାନ୍ୟ ସଙ୍କୋଚ ବୋଧ କଲାପରି ଅନୁମାନ କଲି । ତେଣୁ ପଚାରିଲି, ଏଥିରେ ସଙ୍କୋଚ ବୋଧ କରିବାର କଣଅଛି ? ଶକୁନ୍ତଳା କହିଲେ ମୁଁ ଜଣେ ନାରୀ, ଯାହାର ଲଜ୍ୟା ହେଉଛି ଭୂଷଣ, ଯାହା ନାରୀ ଚରିତ୍ରର ଏକ ମହନୀୟ ଗୁଣ । ତେଣୁ ଆପଣଙ୍କଠାରୁ ଶୁଣିଲାପରେ ତାହା ଆପଣାଛାଏଁ ପରିପ୍ରକାଶ କରିଛି ଯେଉଁଥିରେ ମୋର କିଛି ଭୂମିକା ନାହିଁ । ଏହା ଶୁଣି ମୁଁ ହସିଦେଇ କହିଲି ଏହା ଆଗକୁତ ଆହୁରି ଅନେକ କଥା ଅଛି, ତେବେ କଣ.... । ଶକୁନ୍ତଳା କିଛିକ୍ଷଣ ନିରବ ରହି ସମ୍ଭ୍ରମତାରସହ କହିଲେ, ଯେତେବେଳେ ଯେଉଁକଥା, ସେଥିପାଇଁ ତେଣୁ ଏତେ ଆଗରୁ ବ୍ୟସ୍ତ କାହିଁକି ? କଥା ବଦଳାଇବାକୁ ଯାଇ କହିଲେ- ଆଜି ରବିବାର ଦିନଟି କିପରି କଟିଲା ସେ କଥା କୁହନା ? ମୁଁ ମଧ ହସ ସମ୍ଭାଳି ନପାରି ହସି ହସି କହିଲି ସ୍ୱର୍ଗତ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କର

Source: Author, Digitized by PPRACHIN, SOA

ଗୋଟିଏ ଲଘୁ ସଂଗୀତରୁ ଗୋଟିଏ ପଦର କିଛି ଅଂଶ ମନେ ପଡୁଛି, ତାହାହେଲା "ଅସଲ କଥାଟି ପଚାରିଲି ଯେବେ ମୁହଁ ମୋଡିଦେଇ ରହିଲ ।" ଶକୁନ୍ତଳା ଏହାଶୁଣି ଜୋରରେ ହସି ହସି କହିଲେ ଆପଣ ବଡ ଇଏ । ମୁଁ ଆଉ ସେ କଥାକୁ ଆଗକୁ ନନେଇ କହିଲି ବାସ୍ତବରେ ତୁମ ବାପାଙ୍କ ଚିନ୍ତା ଓ ବିଚାରଧାର ପ୍ରଶଂସନୀୟ । ଏହିମାନଙ୍କୁ ହିଁ କୁହାଯାଏ ସ୍ଥିତପ୍ରଜ୍ଞ । ବହୁତ କିଛି ଶିଖିବାର ଅଛି । ମୁଁ ଭାଗ୍ୟବାନ ତୁମପରି ସୁନ୍ଦରୀ ସ୍ତ୍ରୀକୁ ପାଇବା ସାଙ୍ଗେ ସାଙ୍ଗେ ତାଙ୍କ ପରି ବାପାଙ୍କ ସାନିଧ୍ୟ ଲାଭ କରିବାର ସୁଯୋଗ ପାଇଲି । ଶକୁନ୍ତଳା ହଠାତ୍ ହସ ମଜାରୁ ବାହାରି ନଥିଲାବେଳେ ଏପରି ଏକ ସାର ଗର୍ଭକ ଭାଷଣ ଓ ଗୁଣଗାନ ଶୁଣି କହିଲେ ଆପଣଙ୍କ କଥା ଠିକ୍ ଭାବେ ଠଉରାଇ ପାରୁନାହିଁ,ଦୟାକରି ବୁଝାଇ କୁହନ୍ତୁ ନା । ମୁଁ ସବୁକଥା କହିବାରୁ ସେ ଖୁବ୍ ଯୋରରେ ହସି ଉଠି କହିଲେ ଆପଣ ଏତେ ଶୀଘ୍ର ପଟ୍ଟ ପରିବର୍ତ୍ତନ କଲେ ଯେ ଧରିବା ସମ୍ଭବ ହେଲାନାହିଁ । ମୁଁ କହିଲି ବୋକା ତିନିଥର ହସିଲା ପରି ତୁମେ ବୁଝିଲା ପୂର୍ବରୁ ଥରେ ଓ ବୁଝିଲାପରେ ଥରେ ହସିଲଣି ଏବଂ ଏହାପରେ ମଧ୍ୟ ନିଜର ବୋକାମି ଜାଣିପାରିଲେ ଆଉଥରେ ମଧ୍ୟ ହସିବ । ଶକୁନ୍ତଳା ହସିଦେଇ କହିଲେ ଆପଣଙ୍କ କଥା ସତ । ଏବେ ସବୁ କଥା ବୁଝିସାରିଲାପରେ ମୋର ବୋକାମିପାଇଁ ଖୁବ୍ ହସଲାଗୁଛି । ହଉ କୁହନ୍ତୁ ରୋଷେଇ କରିଛନ୍ତି କି ନାହିଁ ନା ମୋ ସକାଶେ ଉପାସ ରହିବେ । ମୁଁ ହସିଦେଇ କହିଲି, ଯାହା ଉପାସ ରହିଯାନ୍ତି କିନ୍ତୁ ଭାବି ଘରୋଇ ବିଭାଗ ମନ୍ତ୍ରୀଙ୍କ କଥା ମନେଥିବାରୁ ରୋଷେଇ ସାରିଦେଇଛି, ବ୍ୟସ୍ତ ହୁଅନାହିଁ ଧନ୍ୟବାଦ । ଶକୁନ୍ତଳା ହସିଦେଇ କହିଲେ ବିଳମ୍ବ ହେଲାଣି ପେଟପୂଜା କରି ଆରାମରେ ବିଶ୍ରାମ ନେବେ ଆଉ କିଛିଦିନ ପାଇଁ ଏଣୁ ତେଣୁ ନଭାବି ଖୁସିରେ ଶୁଅନ୍ତୁ, ରହୁଛି ଶୁଭରାତ୍ରୀ । ମୁଁ କହିଲି ମୋର ମଧ୍ୟ ତୁମକୁ ଏକା ଅନୁରୋଧ ରହିଲା ଶୁଭରାତ୍ରୀ । ଏହାଶୁଣି ଦୁହେଁ ଯୋରରେ ହସିଉଠିଲୁ ଓ ଫୋନ୍ କଟିଲା ।

ଅନୁଚ୍ଛେଦ-୫

ଶକୁନ୍ତଳାଙ୍କ ବାପାଙ୍କୁ କଥା ଦେଲାପରେ ମୋର ଚିନ୍ତା ବଢିଲା, କିପରି କକେଇ ଓ ମାମୁଙ୍କ ସାଙ୍ଗେ କଥା ହେବି । ସେମାନଙ୍କ ମୋବାଇଲ ନମ୍ବର ମଧ୍ୟ ମୋ ପାଖରେ ନଥିଲା । ତେଣୁ ଗାଁକୁ ଯାଇ କଥାହେବା ଏକମାତ୍ର ବାଟଭାବି

Source: Author, Digitized by PPRACHIN, SOA

ଆଗାମୀ ରବିବାରକୁ ଯିବାକୁ ସ୍ଥିର କଲି । ରବିବାର ଦିନ ସକାଳୁ, ସକାଳୁ ଉଠି ନିତ୍ୟକର୍ମସାରି ଆମ ଗାଁ ବସ ଧରି ଦିନ ଦଶଟା ସୁଧା ଗାଁରେ ପହଞ୍ଚିଲି । ବସରୁ ଓହ୍ଲାଇ ଘରେ ପହଞ୍ଚିବାରୁ କକେଇ ମତେ ଦେଖି ବଡ ଖୁସି ହୋଇ କୁଣ୍ଢାଇ ପକାଇଲେ । ମୁଁ ଏହାର କାରଣ କିଛି ବୁଝିପାରିଲି ନାହିଁ । ତାଙ୍କୁ ପ୍ରଣିପାତ କରିବାରୁ କକେଇ ମତେ ଆଶିର୍ବାଦ କରି କହିଲେ-ସୁଖୀ ହୁଅ । ସେ ଖୁଡୀଙ୍କୁ ଡାକି କହିଲେ ଦେଖ କିଏ ଆସିଛି । ଖୁଡୀ ବଡ କଷ୍ଟରେ କୁନ୍ଥେଇ କୁନ୍ଥେଇ ଆସି ମତେ ଦେଖି କକେଇଙ୍କୁ ପଚାରିଲେ ମୁଁ ଚିହ୍ନି ପାରୁନାହିଁ, କିଏ ସେ ସିଏ? ମୁଁ ତାଙ୍କୁ ପ୍ରଣିପାତ କରି କହିଲି ଖୁଡୀ ମୁଁ ଅଶୋକ, ତୁମ ପୁତୁରା । ସେ ବଡ ଖୁସି ହୋଇ କହିଲେ ଯାହାହେଉ ତତେ ଟିକେ ଦେଖିଲି ମୋର ବଡଭାଗ୍ୟ । ମୁଁ କକେଇଙ୍କୁ ପଚାରିବାରୁ ସେ କହିଲେ ବାବୁରେ ତାର ଦେହ ୬ମାସ ହେଲା ବହୁତ ଖରାପ ସେ ଭଲଭାବେ ଚାଲିପାରୁନାହିଁ କି ଦେଖି ମଧ୍ୟ ପାରୁନାହିଁ । ବହୁତ ଖର୍ଚ୍ଚ ମଧ୍ୟ ହେଲାଣି, ତଥାପି ପୂରା ଭଲ ହୋଇନାହିଁ । ତେଣୁ ବହୁତ ଅସୁବିଧାରେ ଅଛି । ପିଲା ଦିଟା ମଧ୍ୟ ସେମିତି ଭଲ ପାଠ ପଢୁନାହାନ୍ତି, ତାହା ମଧ୍ୟ ଚିନ୍ତାର କାରଣ । ଏହା କହି ସେମାନଙ୍କୁ ଡାକିବାରୁ ସେମାନେ ଆସି ମତେ ନମସ୍କାର କଲେ । କକେଇ କହିଲେ, ତୋର ଚାକିରି ହେବା ଖବର ପାଇ ବହୁତ ଖୁସି ଲାଗିଲା । ତୋ ବାପାଙ୍କ ପରି ତୁ ମଧ୍ୟ ଏ ବଂଶର ନାଁ ରଖିଲୁ । ଏ କୁଳାଙ୍ଗାର ଦିଟା କେଉଁ କୂଳର ହେବେନାହିଁ । ଖୁଡୀ ଏହାଶୁଣି କହିଲେ ପିଲାଟା ଆସି ଘରେ ପହଞ୍ଚୁ, ପହଞ୍ଚୁ ଏସବୁ କହିବା କଣ ଦରକାର । ଆରେ ବାପା ଗୋଡହାତ ଧୋ, ମୁଁ ଚକୁଳି ପିଠା କରିଛି, ଦୁଇଖଣ୍ଡ ଖାଆ ତାପରେ କଥାହେବା । ଏହା କହି ରୋଷେଇ ଘରକୁ ଯିବାକୁ ବାହାରିବାରୁ ମୁଁ କହିଲି ଖୁଡୀ ବ୍ୟସ୍ତ ହୁଅନାହିଁ । ମୁଁ ସକାଳୁ ଜଳଖିଆ କରି ଆସିଛି । ଆପଣ ଆସନ୍ତୁ କଥା ହେବା ତାପରେ ମୁଁ ମାମୁ ଘରକୁ ଯିବା ପୂର୍ବରୁ ଖାଇକରି ଯିବି । କକେଇ ମୋ କଥା ଶୁଣି ଆଶ୍ଚର୍ଯ୍ୟ ହୋଇ ମତେ ଚାହିଁବାରୁ କହିଲି, ନାହିଁ ଅନ୍ୟ କିଛି କଥା ନୁହେଁ, ମୋ ବାହାଘର କଥା । ଖୁଡୀ ଆସି ବାରଣ୍ଡାରେ ପଡିଥିବା ବେଞ୍ଚ ଉପରେ ବସି ମତେ ପାଖରେ ବସାଇ କକେଇଙ୍କୁ କହିଲେ ସେ ଚଉକିରେ ବସ ପିଲାଟା କଣ କହୁଛି ଶୁଣ । ମୁଁ ଘଟିଥିବା ସବୁ ଘଟଣା କହି ଶକୁନ୍ତଳାଙ୍କ ସାଙ୍ଗେ ମୋର ବାହାଘର ପାଇଁ ତାର

Source: Author, Digitized by PPRACHIN, SOA

ବାପ ମାଆ ରାଜିଥିବାର କଥା କହିବାରୁ କକେଇ ଓ ଖୁଡୀ ଖୁସି ହୋଇ କହିଲେ ଏତ ବଡ ଖୁସିର କଥା, ଆଜି ତୋ ବାପା, ମାଆ ଥିଲେ କେତେ ଖୁସି ହୋଇଥାନ୍ତେ। ତେଣୁ କହ, କେଉଁଦିନ ସେମାନଙ୍କ ଘରକୁ ଯାଇ ବାହାଘର ଦିନ ବାର ଯାନି ଯଉତୁକ କଥା ଛିଡାଇ ଆସିବି । କହିଲି ମୁଁ ଏବେ ମାମୁଘରକୁ ଯିବି ସେଠାରେ ମାମୁଙ୍କ ସାଙ୍ଗେ କଥା ହୋଇ ସେ ଯେଉଁ ଦିନକୁ ପ୍ରସ୍ତାବ ଦେବେ ସେହି ଅନୁସାରେ ଆପଣ ଦୁଇଜଣ ଯିବାକଥା ଶକୁନ୍ତଳାଙ୍କ ବାପାଙ୍କୁ ଜଣାଇଦେବି । କକେଇ କହିଲେ ତା ହେଲେ ତୁ ଚକୁଳି ପିଠା ଖାଇ ମୋର ସାଇକେଲଟି ନେଇ ମାମୁ ଘରକୁ ଯାଆ, ତାଙ୍କ ସାଙ୍ଗେ କଥାହୋଇ ଆସି ମତେ ଜଣାଇବୁ । ଖୁଡୀ ଯାହା ଗଣ୍ଡେ ରୋଷେଇ କରିଥିବ ଖାଇଦେଇ ଉପରବେଳା ବସରେ ଫେରିଯିବୁ । ଆମେଦୁହେଁ ସେଇଦିନ କେନ୍ଦ୍ରାପଡା ଯାଇ ସମୁଦୀଙ୍କ ସାଙ୍ଗେ ବସି ସବୁ କଥା ପକ୍କା କରି କନ୍ୟା ଦେଖାଦେଇ ଆସିବୁ । ଖୁଡୀଙ୍କୁ କହିଲେ ତୁମେ ଦୁଇଖଣ୍ଡ ଗରମ ଚକୁଳି କରି ଆଣ, ପିଲାଟା ଖାଇଦେଇ ଶୀଘ୍ର ବାହାରିଯିବ । ମୁଁ ମଧ ମାଛ ଆଣିବାକୁ ଯିବି । ଖୁଡୀ ତାଙ୍କ କଥାଶୁଣି କଷ୍ଟରେ ଉଠିଯିବାକୁ ତରତର ହେବାରୁ ମୁଁ କହିଲି ଖୁଡୀ ଆପଣଙ୍କ ଦେହ ଭଲ ନାହିଁ ତେଣୁ ଯୋଉ ଚକୁଳି ଅଛି ସେଇଥିରୁ ଆଣନ୍ତୁ ମୁଁ ଖାଇଦେବି । ହସିଦେଇ ଖୁଡୀ କହିଲେ ପିଲାଟା ପାଇଁ ଏତିକି କରି ପାରିବିନି ତୁମେ ବସ ଆଣୁଛି । କକେଇ ଓ ମୁଁ ବସି କଥା ହେଲୁ । ଖୁଡୀ ଗରମ, ଗରମ ଚକୁଳି ଓ ଆଳୁଭଜା ଆଣି ଥୋଇଲେ ମୁଁ ଖାଇଦେଇ କକେଇଙ୍କ ସାଇକେଲ ଧରି ମାମୁ ଘରକୁ ବାହାରି ପଡିଲି । ବାଟରେ ମୁଁ କକେଇ, ଖୁଡୀଙ୍କ ଏହି ନାଟକୀୟ ପରିବର୍ତ୍ତନ କଥା ଭାବି ଯେତିକି ଆଶ୍ଚର୍ଯ୍ୟ ହେଲି ତାଠାରୁ ଶକୁନ୍ତଳାଙ୍କ ବାପାଙ୍କର ଅଭିଜ୍ଞତାକୁ ସେତିକି ସମ୍ମାନ ଜଣାଇଲି ଏବଂ ଉପଲବ୍ଧି କଲି ଯେ ସେ ଜଣେ ଉତ୍ତମ ପୁରୁଷ ଓ ଉଚ୍ଚ ଚିନ୍ତାଧାରାର ବ୍ୟକ୍ତିତ୍ୱ ।

ମାମୁ ଘରେ ପହଞ୍ଚି ମାମୁ, ମାଇଁଙ୍କୁ ପ୍ରଣିପାତ କଲି । ମାମୁ ସେପରି କିଛି ଆଗ୍ରହ ଦେଖେଇଲେ ନାହିଁ । ମାମୁ ପଚାରିଲେ ବାବୁ ଏବେ କେଉଁଠି ଅଛୁ ଏବଂ ଆସିବାର କାରଣ କଣ? ମୁଁ ମାମୁଁଙ୍କୁ କହିଲି ଏବେ ଭୁବନେଶ୍ୱରରେ ଅଛି ଏବଂ ଆଜକୁ ପ୍ରାୟ ଦୁଇମାସ ହେବ ମୁଁ ବ୍ୟାଙ୍କରେ ଅଫିସର ଚାକିରିଟିଏ ପାଇ ସେଠାରେ

Source: Author, Digitized by PPRACHIN, SOA

କାମ କରୁଛି । ଏହା ଶୁଣୁ ଶୁଣୁ ମାମୁ ମନୋଭାବ ବଦଳାଇ ଦେଇ ବଡ ଖୁସି ହୋଇ ମାଈଁଙ୍କୁ କହିଲେ ଶୁଣିଲତ, ଅଶୋକ ବ୍ୟାଙ୍କ ଅଫିସର ହୋଇଗଲାଣି । ମତେ ତାଙ୍କ ଦାଣ୍ଡଘର ଖଟ ଉପରେ ବସିବାକୁ କହି ନିଜେ ବସିପଡି ମାଈଁଙ୍କୁ କହିଲେ ଆରେ ଦହି ସରବତ୍ ଗିଲାସେ ଆଣ,ପିଲାଟା ଖରାରେ ସାଇକେଲ ଚଳାଇ ଆସିଛି । ମାଈଁ ମଧ୍ୟ ନିଜର ଭାବ ବଦଳାଇ ଦେଇ ଦହି ସରବତ ଗିଲାସେ ଆଣି ଦେଇ କହିଲେ ବାପାରେ ତୁ ତୋ ବାପାଙ୍କ ନାଆଁ ରଖିଲୁ । ଆମେତ ବର୍ଷେ ହେଲା ରୋଗ ବୈରାଗରେ ପଡି ଘାଣ୍ଟି ହେଉଛୁ । ତେଣୁ ତୋ ଭଲମନ୍ଦ କିଛି ବୁଝି ପାରିଲୁନାହିଁ । ମୁ ମାମୁଙ୍କୁ ଶକୁନ୍ତଳାଙ୍କ ସାଙ୍ଗେ ସାକ୍ଷାତଠାରୁ ଆରମ୍ଭ କରି ତାଙ୍କ ବାପ ମାଆ ଦେଇଥିବା ବାହାଘର ପ୍ରସ୍ତାବ ଇତ୍ୟାଦି କଥା ବିସ୍ତୃତ ଭାବେ ଜଣାଇ କହିଲି ସେଇ ବାହାଘର ସମ୍ବନ୍ଧୀୟ ଅନ୍ୟାନ୍ୟ ସବୁ ଆଲୋଚନା ଶକୁନ୍ତଳାଙ୍କ ବାପାଙ୍କ ସାଙ୍ଗେ ଆପଣ ଓ କକେଇ ଯାଇ ହେବାଲାଗି ଆପଣ ମାନଙ୍କ ଅବଗତି ପାଇଁ ଆସିଛି । କକେଇଙ୍କୁ କହିବାରୁ ସେ କହିଲେ ମାମୁଁଙ୍କୁ ପଚାର ସେ ଯେଉଁଦିନ ଯିବାକୁ ରାଜିହେବେ ସେଦିନ ଆମେ ଦୁହେଁ ଯାଇ କନ୍ୟାଦେଖା ସହ କଥା ଛିଡାଇ ଆସିବୁ । ମାମୁ ଓ ମାଈଁ ଏହାଶୁଣି ଖୁସି ହୋଇ କହିଲେ ହଁ ପାଠପଢା ସରିଲା,ଚାକିରି କଲ ଏଣିକିତ ବାହାଘର ହବା କଥା ଏବଂ ତୋ କହିବାରୁ ବୁଝା ପଡୁଛି ଏହା ଏକ ଭଲ ପ୍ରସ୍ତାବ, ତେଣୁ ବିଳମ୍ବ ନକରି ଆମେ ଦୁହେଁ ଆଗାମୀ ରବିବାର ସମୁଦିଙ୍କ ସାଙ୍ଗେ ଆଲୋଚନା କରି ପ୍ରସ୍ତାବ ପକ୍କା କରି ଆସିବୁ । ଆଉ ଗୋଟେ କଥା ଯୌତୁକ ବିଷୟରେ ଆମେ କଥା ହେବୁ ନା ତୁମେ ସେମାନଙ୍କ ସାଙ୍ଗେ ସେକଥା ଛିଡାଇଛ ? ଏଥିରୁ ମୁଁ ବୁଝିଲି ମାମୁ ଏଥିରେ ଟିକେ ପେଞ୍ଚ ଖେଳିବାକୁ ଚାହୁଁଛନ୍ତି । ତେଣୁ ତତ୍କ୍ଷଣାତ୍ କହିଲି ମୋର ଯୌତୁକ କିଛି ଦରକାର ନାହିଁ । ତେଣୁ ସେ କଥା କିଛି ନଉଠାଇ ବାହାଘର ସମ୍ବନ୍ଧୀୟ ଅନ୍ୟାନ୍ୟ ସବୁ କଥା ଆପଣମାନେ ସିଦ୍ଧାନ୍ତ କରିବେ । ତେବେ ମୁଁ ଯାଉଛି । କକେଇଙ୍କୁ ଆପଣଙ୍କ କଥା କହିବି, ଆପଣ ଓ କକେଇ କଥାହୋଇ ରବିବାର ଯିବାର ସବୁ ବ୍ୟବସ୍ଥା କରିବେ । ମୁଁ ଶକୁନ୍ତଳାଙ୍କ ବାପାଙ୍କୁ ଆପଣମନେ ଆଗାମୀ ରବିବାର ଦିନ ଯିବା କଥା ମଧ୍ୟ ଜଣାଇ ଦେବି । ମାଈଁ ମୋ କଥା ଶୁଣି ଲୌକିକତା ରକ୍ଷାକରି କହିଲେ ବାପା ରହୁନ ମୁଁ ରୋଷେଇ କରିଦେଲେ ଗଣ୍ଡେ ଖାଇଦେଇ ଯିବ । ମୁଁ ମାଈଁକି

Source: Author, Digitized by PPRACHIN, SOA

କହିଲି ଆପଣଙ୍କ ଦେହତ ଭଲନାହିଁ ତା ସାଙ୍ଗକୁ ବସ ସମୟ ମଧ୍ୟ ପାଖ ହୋଇ ଆସିଲାଣି ତେଣୁ ମୁଁ ଫେରିଯାଉଛି, କକେଇଙ୍କୁ ସବୁ କଥା ଜଣାଇ ବ୍ୟବସ୍ଥା କରି ସେଠି ଗଣ୍ଡେ ଖାଇଦେଇ ବସଧରି ଭୁବନେଶ୍ୱର ଫେରିଯିବି । ବ୍ୟସ୍ତ ହୁଅନ୍ତୁ ନାହିଁ ଆଉ କେବେ ଆସିଲେ ଖାଇବି । ଏହାକହି ଉଭୟଙ୍କୁ ପ୍ରଣାମ କରି ସାଇକେଲ ଧରି ବାହାରିପଡିଲି ଓ ଗାଁରେ ପହଞ୍ଚି କକେଇଙ୍କୁ ସବୁକଥା ଜଣାଇଲି । ଖାଇ ବସିଲାବେଳେ କକେଇ କହିଲେ ତୋ ମାମୁଙ୍କ ସାଙ୍ଗେ କଥା ହେଲି ଆମେ ଦୁହେଁ ଏଠୁ ସକାଳ ବସରେ ଯିବୁ ଓ ୧୧ଟା ମଧ୍ୟରେ ପହଞ୍ଚିବୁ ତେଣୁ ତୁ ତୋ ଭାବି ଶ୍ୱଶୁରଙ୍କୁ ଏହିକଥା ଜଣାଇ ଦେବୁ । ଆଉ ମଧ୍ୟ ତୋର ଓ ତୋ ଶ୍ୱଶୁରଙ୍କର ଫୋନ ନମ୍ବର ଦୁଇଟି ମତେ ଦେଇଯା । ଖାଇସାରି ଉଠି କକେଇଙ୍କୁ ଫୋନ୍ ନମ୍ବର ଦୁଇଟି ଲେଖିକରି ଦେଲି, ତାଙ୍କ ଫୋନ ନମ୍ବରଟି ଆଣିଲି ଏବଂ ମାମୁଁ ଯୌତୁକ କଥା କହୁଥିଲେ ବୋଲି ଜଣାଇବାରୁ କକେଇ କହିଲେ ସେ ସବୁ ଶୁଣିଲାପରେ ବୁଝି ପାରିଲେ ନାହିଁ ଯେ ଆହୁରି ଯୌତୁକ କଥା ଆଲୋଚନା କରିବାକୁ କହୁଛନ୍ତି । ତୁ ବ୍ୟସ୍ତ ହବୁନାହିଁ ସେ ବିଷୟ ଆଦୌ ଉଠିବ ନାହିଁ ଖାଲି ବାହାଘର କିପରି ଭଲରେ ଭଲରେ ହେବ ସେ ସବୁ ଆଲୋଚନା କରି ଛିଡାଇବୁ । ମୁଁ ତାଙ୍କୁ କହିଲି ମୁଦିପାଇଁ କେତେ ଖର୍ଚ୍ଚ ହେବ । ଏହାଶୁଣି ଖୁଡୀ କହିଲେ ଆମ ବୋହୂକୁ ଆମେ ମୁଦି ଦେବୁ ସେଥିପାଇଁ ତୁ ବ୍ୟସ୍ତ କାହିଁକି । ନାନୀଙ୍କର ସବୁ ଗହଣାପରା ଥୁଆ ହୋଇଛି । ସେଥିରୁ ଗୋଟିଏ ମୁଦି ବଦଳାଇ ନୂଆ ମୁଦି ଆଣିବୁ, ତେଣୁ ବାପା ତୁ ବ୍ୟସ୍ତ ହବୁନାହିଁ । ମୁଁ ଖୁଡୀଙ୍କର ଏପରି ପରିବର୍ତ୍ତନ ଦେଖି କିଛି ବୁଝି ପାରିଲି ନାହିଁ । ତଥାପି କହିଲି ବଦଳଖର୍ଚ୍ଚତ କିଛି ପଡିବ ଆଉ ମଧ୍ୟ ଆପଣମାନେ ଏବେ ଅସୁବିଧାରେ ଅଛନ୍ତି ତେଣୁ ଆପଣ ଏଇ ପାଞ୍ଚ ହଜାର ଟଙ୍କା ରଖନ୍ତୁ ଯାହା ଲାଗିବ ଖର୍ଚ୍ଚ କରିବେ । ଏହା ଶୁଣି ଖୁଡୀ ଓ କକେଇ ମନମାରି ଠିଆ ହେବାରୁ ଉଭୟଙ୍କ ହାତଧରି ବିନମ୍ର ଭାବେ କହିଲି ଆପଣଙ୍କ ପୁଅପରା ରୋଜଗାର କରୁଛି । ଉଭୟ ମତେ କୋଳକୁ ଭିଡିନେଇ କହିଲେ ବାବୁରେ ସମୟ ଚକ୍ରରେ ଆମେ ଗୋଟାଏ ଭୁଲ ବାଟ ଧରି ତୋ ପ୍ରତି ଯେଉଁ ଅନ୍ୟାୟ କରିଛୁ ତାର ଦଣ୍ଡ ଭୋଗୁଛୁ ଏବଂ ଏବେ ପ୍ରାୟଶ୍ଚିତ କରିବାବେଳ ଆସିଛି

Source: Author, Digitized by PPRACHIN, SOA

ତାହା ଆମକୁ କରିବାକୁ ଦେ କହି ଭୋ ଭୋ ହୋଇ କାନ୍ଦିଲେ । ମୁଁ ଉଭୟଙ୍କ ଆଖିର ଲୁହ ପୋଛିଦେଇ ଗୋଡଧରି ନେହୁରାହୋଇ କହିଲି ବିଧିର ବିଧାନ ଅନୁସାରେ ଯାହା ହବାର ଥିଲା ତାହା ହୋଇଛି ଏଥିରେ ଆପଣ ମାନଙ୍କର ଦୋଷ କଣ ବରଂ ଏଣିକି ମୁଁ ଆପଣ ମାନଙ୍କ ଆଶୀର୍ବାଦ ଭିକ୍ଷା କରୁଛି । କକେଇ ମତେ ତାଙ୍କ କୋଳକୁ ଭିଡିନେଇ ମୁଣ୍ଡ ଆଉଁଶି କହିଲେ ଉପଯୁକ୍ତ ପିତାର ଉପଯୁକ୍ତ ପୁତ୍ର ତୁ । ମୁଁ କକେଇଙ୍କ ହାତରେ ଟଙ୍କା ଧରାଇଦେଇ ମୁଣ୍ଡିଆ ମାରି ବାହାରିବାରୁ କକେଇ ମୋ ସାଙ୍ଗେ ସାଙ୍ଗେ ଛକ ଉପରଯାଏ ଆସି ବସରେ ବସାଇ ଦେଇ ଯାତ୍ରା ଶୁଭହେଉ କହି ଫେରିଗଲେ ।

ସମୟ କାହାକୁ ଅପେକ୍ଷା କରେନାହିଁ । ଠିକ୍ ସେମିତି ଆଗାମୀ ରବିବାର ଦିନ ସନ୍ଧ୍ୟାବେଳକୁ କକେଇ ମତେ ଟେଲିଫୋନ କରି କହିଲେ ବାବୁରେ ଆଜି ଆମେ ଦୁହେଁ ଶକୁନ୍ତଳାଙ୍କ ଗାଁକୁ ଯାଇ ସେଠାରେ ତାଙ୍କ ବାପାଙ୍କ ସଙ୍ଗେ ବାହାଘର ପ୍ରସଙ୍ଗ ଆଲୋଚନା କରି ଦିନ ବାର ସ୍ଥିର କଲୁ ଓ ଅନ୍ୟାନ୍ୟ ସବୁ କଥା କିପରି ଠିକ୍ ଠାକ୍ ଭାବେ ହେବ ତାହା ମଧ୍ୟ ଛିଡାଇଲୁ । ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ସବୁ ସରିଲାପରେ ଶକୁନ୍ତଳାଙ୍କ ହାତରେ ମୁଦି ପିନ୍ଧାଇ ଦେଇଛି । ସମୁଦୀ ନିର୍ବନ୍ଧ କଥା କହିବାରୁ ତୋ ମାମୁଁ କହିଲେ ତାଙ୍କର ଏବେ ଆଉ ଛୁଟିନାହିଁ । ତେଣୁ ସେ ଆଉ ସମୟ ଦେଇପାରିବେ ନାହିଁ । ତେଣୁ ଆମେମାନେ ତାଙ୍କ ଗାଁ ମନ୍ଦିରକୁ ଯାଇ ନିର୍ବନ୍ଧର ଔପଚାରିକତାକୁ ମଧ୍ୟ ଛିଡାଇ ଦେଇଛୁ । ତୋ ଶ୍ୱଶୁର ବାସ୍ତବରେ ଜଣେ ଉତ୍ତମ ବ୍ୟକ୍ତି ଆଉ ବୋହୂ ମଧ୍ୟ ମୋ ମନକୁ ବେଶ ପାଇଲା । ସମୁଦୁଣୀ ମଧ୍ୟ ଖୁବ୍ ସ୍ନେହୀ ମହିଳା ଏସବୁ ତୋ ବାପା, ବୋଉଙ୍କ ସୁକୃତ । ଖୁଡୀ ମଧ୍ୟ ବୋହୂ ବିଷୟରେ ଶୁଣି ଖୁବ୍ ଖୁସି ହେଲେ । ଆମେ ଆଶୀର୍ବାଦ କରୁଛୁ ତୁମ ଦାମ୍ପତ୍ୟ ଜୀବନ ସୁଖମୟ ହେଉ । ବାପା,ଆଉ ଗୋଟିଏ କଥା କହିବି ବୋଲି ଭାବୁଛି,ଭୁଲ ବୁଝିବୁନାହିଁ । ଯାହା ଦେଖିଲି ସେଥିରୁ ଅନୁମାନ କରି କହୁଛି ଯେ ତୋ ମାମୁଁ କାହିଁକି ସେପରି ଖୁସିଥିଲା ପରି ଜଣାଗଲାନାହିଁ । ଆଉ ମଧ୍ୟ ଫେରିବାବେଳେ କହିଲେ ଆଜିକାଲି ପିଲା ସବୁ ଠିକ୍ କରି ଗୁରୁଜନମାନଙ୍କୁ ଖାଲି କର୍ତ୍ତବ୍ୟ ସମ୍ପାଦନ କରିବାକୁ କହୁଛନ୍ତି ଯେପରି ସେମାନେ କେବଳ ନାମକୁମାତ୍ର ।

Source: Author, Digitized by PPRACHIN, SOA

ତାଙ୍କର ଏକଥା ଶୁଣି କହିଲି ଆପଣ ସବୁକଥା ଜାଣିଲାପରେ ପିଲାଟାକୁ ଏପରି କହିବା ଠିକ୍ ନୁହେଁ । ଆଜକୁ ଦୁଇବର୍ଷଧରି ସେ କୁଆଡେ ଗଲା, କଣ କଲା, କିପରି ସ୍ଥିତିରେ ଅଛି, ଆମେ ଗୁରୁଜନ ଦିନେହେଲେ ବୁଝିନେ, ତା ସତ୍ୱେ ସେ ଆମକୁ ଖୋଜିଛି । ତେଣୁ ଆମେ ଦୋଷୀ ସିଏ ନୁହେଁ । ହଁ ତା ସତ୍ତ୍ୱେ ବାପା, ଆଉ ଗୋଟିଏ କଥା ଭାବୁଛି, ଆରମାସକୁ ଗାଁ ଘର ସବୁ ରଙ୍ଗ କରିବି ଓ ଗାଧୁଆ ଘରଟାକୁ ଭଲକରି ସଜାଡି ଦେବି । କାରଣ ଖୁଡୀ କହୁଥିଲା ନୂଆ ବୋହୂଟା କଣ ସେଇ ଭଙ୍ଗା କାନ୍ଥ ଗାଧୁଆ ଘରେ ଗାଧୋଇବ । ଲୋକ କହିବେ କଣ । କକେଇଙ୍କ କଥାଶୁଣି ସାରି କହିଲି ଆପଣ ମାମୁଁଙ୍କ କଥା ଯାହା କହିଲେ ସେଇଟା ମୁଁ ସେଦିନ ତାଙ୍କ ଘରକୁ ଯାଇ ଅନୁଭବ କରିଛି, ବ୍ୟସ୍ତ ହୁଅନ୍ତୁ ନାହିଁ । ଆପଣତ ମୋର ବାପା, ସେତ ବନ୍ଧୁ ତେଣୁ ଯାହା ଆବଶ୍ୟକ ଆପଣ କରିବେ । ମୁଁ ଆଉକିଛି ପଇସା ମଝିରେ ଯାଇ ଦେଇଆସିବି ଓ ପ୍ରସ୍ତୁତି ବିଷୟ ଆଲୋଚନା କରିବା । ମଝିରେ ମଝିରେ ଆବଶ୍ୟକତାକୁ ଦେଖି ମତେ ଯାହା କହିବେ ମୁଁ କରିବି । କକେଇ ଫୋନ କାଟିବା ପରେ ଶକୁନ୍ତଳାଙ୍କ ପାଖରୁ ଫୋନ ଆସିଲା । ଶକୁନ୍ତଳା ମତେ କକେଇ ଓ ମାମୁଁ ଆସିଥିବା କଥା କହିବାରୁ ମୁଁ କହିଲି ଠିକ୍ ତୁମ ପୂର୍ବରୁ କକେଇ ମତେ ସବୁ କହିଛନ୍ତି, ବାପା, ବୋଉଙ୍କୁ ବହୁତ ତାରିଫ ମଧ୍ୟ କରିଛନ୍ତି ତା ସାଙ୍ଗେ ତୁମେ ମଧ୍ୟ ତାଙ୍କ ପାଖରୁ ୧୦୦ରୁ ୧୦୦ ସ୍କୋର କରିଛ । ଶକୁନ୍ତଳା ମୋର ଶେଷ କଥାଟିକୁ ନବୁଝିଲାପରି ପଚାରିବାରୁ ମୁଁ କହିଲି କଣ ସବୁ ବୁଝିକରି ଆଉଥରେ ଶୁଣିବାକୁ ପଚାରୁଛ ନା ସତରେ ବୁଝିପାରିନାହଁ । ଯୋଉଟାବି ହୋଇଥାଉ ଶୁଣ, ତୁମେ କକେଇଙ୍କର ଖୁବ ପସନ୍ଦ ହୋଇଛ ସେ ତୁମକୁ ଲକ୍ଷ୍ମୀ ବୋଲି କହିଛନ୍ତି । ଶକୁନ୍ତଳା ସାମାନ୍ୟ ସଙ୍କୋଚ ବୋଧ କଲାପରି କହିଲେ ଆପଣ ମତେ ସବୁବେଳେ ଟାହି କଲେଣି । ଏହାଶୁଣି ମୁଁ କହିଲି କଣ କରିବି ମୋର ତ ଶାଳୀରତ୍ନ ନାହାନ୍ତି ତେଣୁ ମୁଁ ତୁମକୁ ଆବଶ୍ୟକସ୍ଥଳେ ଶାଳୀରତ୍ନ ଭୂମିକାରେ ଦେଖି ଟାହିକରି ତୁମର ମୁହଁଫୁଲା ଦେଖି ଆତ୍ମସନ୍ତୋଷ ଲାଭ କରିବି । ତାପରେ ସ୍ତ୍ରୀ ଭାବରେ ବିଚାରି ମାନଭଞ୍ଜନ କରି ମନୋରଞ୍ଜନ କରିବି । ଶକୁନ୍ତଳା ହସି, ହସି କହିଲେ ଯେଉଁ ଭୂମିକାରେ ଆପଣ ମତେ ଦେଖିବେ ସେଥିରେ ରାଜି କାରଣ

Source: Author, Digitized by PPRACHIN, SOA

ଆପଣଙ୍କ ସେବା ଓ ଖୁସି ମୋର ପ୍ରଥମ ପସନ୍ଦ । ମୁଁ ହସିଦେଇ କହିଲି, ଗେଲରେ କହିଲି ଆଉଟିକେ ହସିଦିଅ ଖୁସି ଲାଗିବ । ସେ ହସିଦେବାରୁ ମୁଁ ମଧ୍ୟ ହସିଲି ଓ ଦୁହେଁ ଆଉକିଛି ସମୟ କଥା ହୋଇ ଫୋନ କାଟିଲୁ ।

ଅନୁଚ୍ଛେଦ-୬

ନଦୀର ସ୍ରୋତ ଓ ସମୟ କାହାକୁ ଅପେକ୍ଷା ନକରି ବହି ଚାଲିଥାନ୍ତି । ମୋର ଏବଂ ଶୁକନ୍ତଳାଙ୍କର ସମୟ ସେହିପରି ଖୁସିର ସ୍ରୋତରେ ବହିଚାଲିଥାଏ । ପ୍ରତିଦିନ ନିଜ ନିଜ କର୍ମକ୍ଷେତ୍ରକୁ ଯାଇ କର୍ତ୍ତବ୍ୟକୁ ମନପ୍ରାଣ ଦେଇ ଲିଭାଇବା ପରେ ସନ୍ଧ୍ୟାକୁ ଘରକୁ ଫେରି ମୋବାଇଲ ଯୋଗେ ଖୁସିରେ ଗପକରି ରାତ୍ରିଭୋଜନ ସାରି ବିଶ୍ରାମ ନେବା ଆମର ନିତିଦିନର ରୁଟିନରେ ପରିଣତ ହୋଇଗଲାଣି । ଇତି ମଧ୍ୟରେ ମୁଁ ମଧ୍ୟ ଦୁଇଟି କୋଠରୀ ବାଲା ଫ୍ଲାଟ ଭଡାନେଇ ସେ ଘରକୁ ଆସି ରହିଲିଣି । ଜଣେ ରୋଷେୟା ରଖି ଥିବାରୁ ସେ ପ୍ରତିଦିନ ରାତି ୭ଟା ବେଳକୁ ଆସି ରାତ୍ରିଭୋଜନ ଓ ସକାଳ ପାଇଁ ଜଳଖିଆ ପ୍ରସ୍ତୁତ କରି ଦେଇ ଯାଉଛନ୍ତି, ତେଣୁ ରୋଷେଇ ଝିନଝଟ୍ ନାହିଁ । ସକାଳୁ ନିତ୍ୟକର୍ମ ସାରି ରଖାଯାଇଥିବା ଜଳଖିଆ ଖାଇଦେଇ ଅଫିସ ଯାଏ । ମଧ୍ୟାହ୍ନରେ ଅଫିସ ଭୋଜନାଳୟରେ ଭୋଜନ ଓ ରାତିକୁ ଘରକୁ ଫେରି ରୋଷେୟା ଖାଦ୍ୟ ପ୍ରସ୍ତୁତ କଲାପରେ ରାତ୍ରିଭୋଜନ କରି ବିଶ୍ରାମ ନିଏ । ତେଣୁ ବର୍ତ୍ତମାନ ଆପାତତଃ ଅଫିସ ଝିନଝଟ୍ ବ୍ୟତୀତ ଆଉ କିଛି ଅସୁବିଧା ନାହିଁ । ଶକୁନ୍ତଳାଙ୍କ କଥା ନକହିଲେ ଭଲ । ସେ ବାପା ମାଆଙ୍କ ସ୍ନେହ ଶ୍ରଦ୍ଧାର ଏକମାତ୍ର ଅଲିଅଳୀ କନ୍ୟା ତାଙ୍କର ବା ଚିନ୍ତାକଣ ବା ଅଭାବ କଣ । ସୁଖର ଦିନ ଗୁଡିକ କେତେ ଶୀଘ୍ର ଅତିବାହିତ ହେଇ ଯାଉଛି ସେଇଆ ଭାବି ଦିନେ ଦିନେ ଉଭୟ ଖୁବ୍ ସେ ବିଷୟରେ ଗପକରୁ । ବେଳେ ବେଳେ କଥା ଉଠେ ଦାମ୍ପତ୍ୟ ଜୀବନ ଆରମ୍ଭ ହେଲାପରେ ଉଭୟ ଗୋଟିଏ ଜାଗାରେ ସବୁଦିନେ ରହିବା ସମ୍ଭବ ହେବନାହିଁ କାରଣ ଉଭୟ କର୍ମଜୀବୀ ଏବଂ କର୍ମସ୍ଥଳ ଅଲଗା ଆଉ ପ୍ରତିଦିନ ଯାତାୟତଃ ପ୍ରାୟତଃ ସମ୍ଭବ ନୁହେଁ ତେଣୁ ସେଇ ଦିନ ଗୁଡିକ ସବୁ ଦୃଷ୍ଟିରୁ ଭଲ ଦେଖାଗଲେ ମଧ୍ୟ ଦମ୍ପତୀ ଦ୍ୱୟଙ୍କ ପାଇଁ ଆଦ୍ୟ ଦାମ୍ପତ୍ୟ ଜୀବନ ଦୃଷ୍ଟିରୁ କିଛିଟା ବେସୁରା ଲାଗିବ । ଏଇ ବିଷୟରେ କଥାହେଲାବେଳେ

Source: Author, Digitized by PPRACHIN, SOA

ମୁଁ ଆନମନା ହୁଏ ଏବଂ ଶକୁନ୍ତଳାଙ୍କ ସ୍ୱର ଓଦା ଓଦା ଲାଗେ । ଉଭୟ ଉଭୟଙ୍କୁ ସାନ୍ତ୍ୱନା ଦେଉ ଏବଂ ଛୁଟିଦିନ ଗୁଡିକ ଆମପାଇଁ ଖୁସିର ଦିନ ହେବ ବୋଲି କଥା ହୋଇ ପରସ୍ପର ହସିଉଠୁ ।

ଏହିପରି ଦିନ ଗଡିଚାଲିଥାଏ । ସେଦିନ ଥିଲା ବୁଧବାର । ମୁଁ ଅଫିସ କାମସାରି ବାହାରୁ ଥାଏ । ସମୟ ସନ୍ଧ୍ୟା ୮ଟା ହେବ । ମୋ ମୋବାଇଲଟି ବାଜି ଉଠିବାରୁ ଉଠାଇ ଦେଖିଲି ଶକୁନ୍ତଳାଙ୍କ ନିକଟରୁ ଫୋନ ଆସିଛି । କଥା ହେବାରୁ ସେ ବ୍ୟସ୍ତ, ବିବ୍ରତ ଓ ବିକଳ ସ୍ୱରରେ ଯାହା କହିଲେ ତାହା ମୁଁ ବର୍ଣ୍ଣନା କରୁଛି । ଶକୁନ୍ତଳାଙ୍କ ଗାଁ ସାଦେଇପୁର ର ସେଦିନ ହାଟବାରି ଥାଏ । ଗାଁ ଛକ ହାଟ ପଡିଆ ଓ ରାସ୍ତା କଡରେ ବେପାରି ଓ ଗ୍ରାହକମାନେ କିଣା ବିକାରେ ବ୍ୟସ୍ତ ଥାଆନ୍ତି । ଛକ ମୁଣ୍ଡରେ ଥିବା ଚାହା ଦୋକାନରେ ଗାଁର କିଛି ଲୋକ ଚାହା ପିଇବା ଓ ଗପସପରେ ବ୍ୟସ୍ତ । ଏହି ସମୟରେ ଗୋଟିଏ ବୋଲେରୋ ଗାଡି କେନାଲବନ୍ଧ ମୁଖ୍ୟରାସ୍ତାରୁ ଗାଁ ରାସ୍ତାକୁ ଗଡିଆସି ହାଟପଡିଆ ଓ ଛକ ମଝିରେ ଥିବା ଦଳ ଗଡିଆ କଡରେ ଥିବା ସନ୍ତସନ୍ତିଆ ଜାଗାରେ ଠିଆହେଲା । କେନାଲରେ ମୁଗ ଓ ଡାଲୁଅ ଚାଷ ପାଇଁ ପାଣି ଚାଲିଥିବାରୁ ଦଳଗଡିଆଟି ପାଣି ଭରିଥାଏ । ଗାଡିଟି ସେଇ ସନ୍ତସନ୍ତିଆ ଜାଗାରେ ଠିଆ ହେବାରୁ ଚକ ଅଛ ଦବିଯାଇ ଅଣେଇହୋଇ ରହିଲା । କିଛି ସମୟପରେ ଗାଡିର କବାଟ ଖୋଲି ଦୁଇଜଣ ଓହ୍ଲାଇଲେ ଓ ଧୀରେ ଧୀରେ ଚାହା ଦୋକାନ ଆଡକୁ ଆସିବାକୁ ଲାଗିଲେ । ଉଭୟଙ୍କ ଗୋଡ ଠିକ ଭାବରେ ପଡୁନଥାଏ । ଚାହା ଦୋକାନ ପାଖରେ ଠିଆ ହୋଇଥିବା ଲୋକମାନେ ସେମାନଙ୍କ ଆଡକୁ ଚାହିଁ ରହିଥାନ୍ତି । ସେହିଭଳି ଟଳି,ଟଳି ଆସି ଉଭୟ ଚାହା ଦୋକାନ ପାଖରେ ପହଞ୍ଚି ଜଣେ ଠିଆ ହେଇଥିବା ଲୋକଙ୍କୁ ପଚାରିଲେ, ହଇଏ ବାବୁ ଜଗବନ୍ଧୁ ସାରଙ୍କ ଘରଟା କେଉଁଠି ଟିକେ କହିବଟି ? ସେ କହିଲାବେଳେ ତାଙ୍କ ପାଟିରୁ ଏକ ଉତ୍କଟଗନ୍ଧ ବାହାରୁଥାଏ ତେଣୁ ସେ ଯାହାକୁ କହିଲେ ସେ ବାବୁ ମୁହଁଟାକୁ ବୁଲେଇ ନେଇ କହିଲେ ଜଗବନ୍ଧୁ ସାରଙ୍କ ଘରତ ଏ ଖଣ୍ଡ ମଣ୍ଡଳରେ ସମସ୍ତଙ୍କୁ ଜଣା, ତୁମେମାନେ କେଉଁ ରାଇଜରୁ ଆସିଛ

Source: Author, Digitized by PPRACHIN, SOA

ଯେ ତାଙ୍କ ଘର ନଜାଣି ପଚାରୁଛ । ସେ ଦୁହିଁଙ୍କ ମଧ୍ୟରୁ ଅନ୍ୟ ଜଣକ ବିଗିଡିଯାଇ ଟିକେ ଚଢ଼ା ଗଳାରେ କହିଲା ଚକୁଳି ନଖାଇ ବିନ୍ଧ କାହିଁକି ଗଣୁଛୁ । ତତେ ଯାହା ପଚାରିଲୁ ସେକଥା କହ ? ଏକଥା କହିଲା ବେଳକୁ ସେ ବାବୁଙ୍କର ହାତ ତାଙ୍କ ସାଥିର କାନ୍ଧରୁ ଖସିଯିବାରୁ ସେ ତଳେ ଆଣ୍ଠେଇ ପଡିଲେ । ଏ ଦୃଶ୍ୟ ଦେଖି ସେଠାରେ ଥିବା ସମସ୍ତେ ଖୁବ୍ ଜୋରରେ ହସି ଉଠିଲେ ଓ ଜଣେ ଅଧେ ଟିକେ ଶୁଣେଇଲା ପରି କହିଲେ କେତେ ପିଇଛିରେ । ସେ ବାବୁ ଟଳି ଟଳି ଉଠି କଦର୍ଯ୍ୟ ଭାଷାରେ କହିଲେ, ମୋ ବାପା ପଇସାରେ ପିଇଛି ତୁ ଏତେ ବ୍ୟସ୍ତ କାହିଁକି । ଚିହ୍ନିଛୁ ମତେ, ବାଡେଇ ବାଡେଇ ସାବାଡ କରିଦେବି, କେହି ତୋ ପିଠିରେ ପଡିବେନାହିଁ । ଏସବୁ ଦେଖି ସମସ୍ତେ ବିରକ୍ତ ହୋଇଥିଲେ ମଧ୍ୟ ଜଣେ ଧୈର୍ଯ୍ୟରଖି ପଚାରିଲେ, ବାବୁ କୁହ, ତୁମେ ଜଗବନ୍ଧୁ ସାରଙ୍କ ଘରକୁ କାହିଁକି ଆସିଛ ଓ କେଉଁଠୁ ଆସିଛ ? ଏହା ଶୁଣି ଆରଜଣକ କହିଲେ ଆମେ ଜଗବନ୍ଧୁ ସାରଙ୍କ ପାଖକୁ ଆସିନାହୁଁ, ତା ଝିଅ ଶକୁନ୍ତଳା ପାଖକୁ ଆସିଛୁ । ତାଙ୍କୁ ଆଜି ଆମ ଦାଦାଙ୍କ କରାମତି ଦେଖାଇ ଜଣାଇ ଦେବୁ ସେ ଦାଦାଙ୍କୁ ଠକି କେତେବଡ ଭୁଲ କରିଛି । ଦାଦା ଆସିଛନ୍ତି ତାକୁ ତା ଘରୁ ଭୁବନେଶ୍ୱରକୁ ଟେକି ନେଇଯିବେ ତାପରେ ଝିଅ ଠିକ୍ ହେଇଯିବ । ଏହା କହି ଦୁହେଁ ଟଳି ଟଳି ଗାଡି ପାଖକୁ ଫେରିଗଲେ । ସେତେବେଳକୁ ଗାଡିର ଅଣେଇ ପଡିଥିବା ପଟକୁ ଆଉ ଦୁଇଜଣ ଗାଡିରୁ ଦୁମକରି ତଳକୁ ଓହ୍ଲାଇବାରୁ ଗୋଡ ଖସି ଦଳଗଡିଆକୁ ଭୁସକରି ଗଳି ପଡିଲେ । ଏସବୁ ଦୃଶ୍ୟ ହାଟ କରିବାକୁ ଆସିଥିବା ଲୋକ ବେଶ ଉପଭୋଗ କରି ଯୋରରେ ହସିଲେ ଏବଂ ସେମାନଙ୍କ କଥା ଶୁଣି ଧୀରେ ଧୀରେ ଗାଡି ପାଖରେ ଆସି ଜମା ହେବାରେ ଲାଗିଲେ ଓ ବିରକ୍ତି ମଧ୍ୟ ବଢ଼ିଲା । ଦଳ ଗଡିଆରେ ଗଳି ପଡିଥିବା ଦୁଇଜଣ ଉଠିବାକୁ ଚେଷ୍ଟା କରି ଉଠିନପାରି ଦଳ ଗଡିଆକୁ ବାରମ୍ବାର ଗଳିପଡୁଥିବା ଦୃଶ୍ୟ ଲୋକଙ୍କ ମନୋରଞ୍ଜନ କରୁଥାଏ । ଲୋକେ ହୋ ହଲ୍ଲା କରି ଏଗୁଡାକ ଗୁଣ୍ଡା, ବଦମାସ ତେଣୁ ବାଡାଅ ଓ ବାନ୍ଧି ପକାଅ ବୋଲି କହି ଠେଙ୍ଗା ବାଡିଧରି ଘେରିଗଲେ । ସେତେବେଳେ ପର୍ଯ୍ୟନ୍ତ ଗାଡିର ଆଗ ସିଟ୍‌ରେ ବସିଥିବା ବାବୁ ଜଣକ ଚୁପ୍ ଥିଲେ । ଅବସ୍ଥା ଖରାପ ହେବାର ଦେଖି

Source: Author, Digitized by PPRACHIN, SOA

ସେ ଓହ୍ଲାଇ ପଡି ନିଜ ପ୍ୟାଣ୍ଟ ପକେଟରୁ ପିସ୍ତଲ କାଢି ଉପରକୁ ଉଠାଇ ଥରେ ଫୁଟାଇବାରୁ ନିରବତା ଛାଇଗଲା । ସେ ଚିତ୍କାର କରି କହିଲେ ସମସ୍ତଙ୍କୁ ଗୁଳି ଓ ବୋମା ଫୁଟାଇ ମାରି ସେ ଟୋକିକୁ ଟେକି ନେଇଯିବି କେହି କିଛି କରିପାରିବ ନାହିଁ ଯଦି ଭଲଗତି ଅଛି ଆମକୁ ସେ ମାଷ୍ଟରଘର ଦେଖାଇ ଦିଅ,ଆମେ ସେ ଝିଅକୁ ନେଇ ଚାଲିଯିବୁ ଆଉ କାହିରି କିଛି କ୍ଷତି କରିବୁ ନାହିଁ କହି ପୁଣିଥରେ ଗୁଳି ଫୁଟାଇବାକୁ ପିସ୍ତଲ ଧରି ହାତ ଟେକିଲା ବେଳକୁ ଗୋଟାଏ ମୁଳିଆ ଛୋଟ ଠେଙ୍ଗା କେଉଁଠୁ ଆସି ତାଙ୍କ ହାତରେ ବାଜିବାରୁ ପିସ୍ତଲଟି ଛିଟିକି ଦଳ ଗଡିଆରେ ପଡିଲା ଓ ସେ ବାବୁ ଏବଂ ଆଉ ଦୁଇଜଣ ଅନ୍ୟ ଉପାୟ ନଦେଖି ଭୟରେ କେନାଲ ଆଡକୁ ଦଉଡିଲେ । ଲୋକେ ଠେଙ୍ଗାବାଡି ଧରି ତାଙ୍କ ପଛରେ ଗୋଡାଇବାରୁ ସେମାନେ ଜୀବନ ବଞ୍ଚାଇବାକୁ କେନାଲକୁ ଡେଇଁ ପଡିଲେ । ପହଁରି, ପହଁରି ସେପଟକୁ ଗଲାବେଳକୁ ଲୋକଙ୍କ ପାଟି ଗୋଳଶୁଣି ସେପଟ କେନାଲ ବନ୍ଧରେ ଲୋକେ ଜମା ହୋଇ ଟେକା, ପଥରମାଡ କରିବାରୁ ସେମାନେ ଫେରିବାକୁ ଚେଷ୍ଟା କରିବାରୁ ଏପଟୁ ଲୋକମାନେ ମଧ୍ୟ ଅନୁରୂପଭାବେ ଟେକା ପଥର ମାଡକଲେ । କେନାଲରେ ପୁରାପାଣି ସେ ତିନିଜଣ ଯାକ ଭଲଭାବେ ପହଁରା ଜାଣି ନଥିବାରୁ ପାଣିରେ ବୁଡିଯିବା ନିଶ୍ଚିତ ଜାଣି ବିକଳ ହୋଇ ଡାକ ପକାଇଲେ ଆମକୁ ଆଉ ମାରନ୍ତୁ ନାହିଁ । ଆମେ ଆପଣ ମାନଙ୍କ ହାତରେ ଧରାଦେବାକୁ ପ୍ରସ୍ତୁତ । ଏହାଶୁଣି ଲୋକମାନେ କହିଲେ ତୁମେ ହାତଟେକି ରଖି କୂଳକୁ ଆସ । ଯଦି ହଲିବାକୁ ଚେଷ୍ଟା କରିବ ତେବେ ଟେକା,ପଥର ମାଡରେ ମାରିଦେବୁ । କୂଳକୁ ଆସି ହାତ ବଢାଇଲେ ତୁମ ହାତକୁ ବାନ୍ଧି ଉପରକୁ ଅଣାଯିବ । ଆଉ ଯଦି ତୁମ ପାଖରେ କିଛି ଅସ୍ତ୍ର, ଶସ୍ତ୍ର ଅଛି ତେବେ ତାକୁ କାଢି କେନାଲ କୂଳକୁ ଫୋପାଡି ତାପରେ କୂଳକୁ ଆସ । ସେମାନଙ୍କ ମଧ୍ୟରୁ ଜଣେ ତା ପାଖରେ ରଖିଥିବା ଭୁଜାଲିଟିଏ କାଢି କୂଳକୁ ପକାଇବାରୁ ଗାଁ ଲୋକମାନେ ତାକୁ ଆଣି ପାଖରେ ରଖି କହିଲେ ତୁମକୁ ବିଶ୍ୱାସ ନାହିଁ ତେଣୁ ସେଇ ପାଣି ମଝିରେ ନିଜର ସାର୍ଟ, ପ୍ୟାଣ୍ଟ ଓ ଗଞ୍ଜି ଖୋଲି ଭସାଇଦେଇ କେବଳ ଚଡି ବା ଅଣ୍ଡର ଓୟାର ପିନ୍ଧି ଆସ । ତିନିଜଣ ଅନ୍ୟ ଉପାୟ ନପାଇ ସେଇଆ କରି ହାତଟେକି କୂଳକୁ

Source: Author, Digitized by PPRACHIN, SOA

ଆସିବାରୁ ତାଙ୍କ ହାତକୁ ବାନ୍ଧି ଉପରକୁ ଆଣି ଛକମୁଣ୍ଡ ବରଗଛରେ ବାନ୍ଧି ପକାଇଲେ । ଏପଟେ ଦଳ ଗଡିଆରେ ପଡିଥିବା ଦୁଇଜଣଙ୍କୁ ଲୋକମାନେ ବାଡି ଓ ଠେଙ୍ଗାରେ ନିଧୁମପିଟି ହାତଗୋଡ ବାନ୍ଧି ବରଗଛ ପାଖ ରାସ୍ତାରେ ପକାଇଥାନ୍ତି । କିନ୍ତୁ ଗାଡିଠାରୁ ଦୂରରେ ଜଗିରହି ପୋଲିସକୁ ଫୋନ କରି ଜଣାଇ ଦେଇଥିଲେ, କାରଣ ଗାଡିରେ ବସିଥିବା ଗାଡିଚାଳକ ଦୁଇଟି ବୋମାଧରି ଲୋକଙ୍କୁ ଡରାଉଥାଏ, ଯଦି ତୁମେ ଗାଡି ପାଖକୁ ଆସିବ ବା ଟେକା ମାଡ କରିବ ମୋ ପାଖରେ ଥିବା ଦଶଟି ବୋମା ମୁଁ ତୁମ ମାନଙ୍କ ଉପରକୁ ଫିଙ୍ଗିବି ଯେଉଁଥିରେ ବହୁତ ଲୋକ ମରିବେ । ପୋଲିସର ବିଳମ୍ବ ଦେଖି ଲୋକମାନେ ଏକାଠି ହୋଇ ବିଚାର ବିମର୍ଷ କରି ବାନ୍ଧି ରଖିଥିବା ତିନିଜଣଙ୍କୁ କହିଲେ ତୁମେ ତୁମ ଡ୍ରାଇଭରକୁ କୁହ ସେ ବୋମାସବୁ ଗାଡିରେ ରଖିଦେଇ ନିଜେ ଓହ୍ଲାଇ ଆସି ଆତ୍ମ ସମର୍ପଣ କରୁ ନହେଲେ ଆମେ ତୁମକୁ ମାରିଦେବୁ । ସେତେବେଳକୁ ଜଗବନ୍ଧୁ ସାର ଖବରପାଇ ମଧ ସେଠାକୁ ଆସିଯାଇ ସବୁ ଶୁଣି ଅବସ୍ଥା ଦେଖି ଅବାକ ହୋଇ ଠିଆ ହୋଇରହି ଝିଅର ସାମାନ୍ୟ ଭୁଲ ଯେ କେତେବଡ ଅଘଟଣ ଘଟାଇବାକୁ ଯାଉଥିଲା ତାହା ଭାବି ଆଖିରୁ ଲୁହ ଗଡାଉଥାନ୍ତି । ଲୋକମାନଙ୍କ ମାଡ ଭୟରେ ସେ ତିନିଜଣ ତାଙ୍କ ଡ୍ରାଇଭରକୁ ସେହିପରି କହିଲେ ମଧ ସେ ଶୁଣିବାକୁ ନାରାଜ । ଗର୍ଜନ କରି କହୁଥାଏ ପାଖକୁ କେହି ଆସନାହିଁ କି ଟେକାମାଡ କରନାହିଁ ଯଦି କରିବ ଗୋଟିକପରେ ଗୋଟିଏ ବୋମା ପକାଇ ତୁମମାନଙ୍କୁ ମାରିଦେବି । ଠିକ୍ ଏତିକି ବେଳକୁ ପୋଲିସ ଗାଡି ଆସି ପହଞ୍ଚିଲା । ଥାନାବାବୁ ଲୋକଙ୍କ ଠାରୁ ସବୁଶୁଣି ଓ ପାଞ୍ଚଜଣଙ୍କ ଅବସ୍ଥା ଦେଖି ଘଟଣାର ଭୟାବହତାକୁ ହୃଦୟଙ୍ଗମ କରି ଡ୍ରାଇଭରକୁ କହିଲେ .ବୋମା ଗାଡିରେ ରଖି ତଳକୁ ଓହ୍ଲାଇ ଆତ୍ମସମର୍ପଣ କର । ଡ୍ରାଇଭର ପ୍ରଥମେ ଶୁଣିବାକୁ ନାରାଜ ହେବାରୁ ପୋଲିସ ତାକୁ ବୁଝେଇ କହିଲା ଦେଖ ତୁମର ଓ ତୁମ ଗାଡିର କିଛି କ୍ଷତି କରାଯିବ ନାହିଁ ବରଂ ତୁମକୁ ରାଜସାକ୍ଷୀ କରି ଛାଡି ଦିଆଯିବ ତେଣୁ ଆତ୍ମସମର୍ପଣ କର ନଚେତ ଫୋର୍ସ ମଗାଇ ତୁମକୁ କିପରି ଅକ୍ତିଆର କରାଯିବ ତାହା ଆମକୁ ଜଣା । ଡ୍ରାଇଭର ଅନ୍ୟ ଉପାୟ ନଦେଖି ପୋଲିସର ନିର୍ଦ୍ଦେଶମାନି ବୋମା ଦୁଇଟି ଗାଡିରେ ରଖି ବାହାରକୁ ଆସି ହାତଟେକି

Source: Author, Digitized by PPRACHIN, SOA

ପୋଲିସ ନିକଟରେ ଆତ୍ମସମର୍ପଣ କଲା । ପୋଲିସ ତାକୁ ବାନ୍ଧି ଗାଡିରେ ବସାଇ ପ୍ରଥମେ ବୋଲେରୋକୁ ନିଜ ଅକ୍ତିଆରକୁ ନେଇ ଦେଖିଲା ଗାଡିରେ ବହୁତ ଗୁଡିଏ ହାତ ବୋମା, ଖଣ୍ଡା ଓ ଭୁଜାଲି ପ୍ରଭୃତି ଅଛି ସେସବୁ ସହ ଗାଡିଟିକୁ ପୋଲିସ ନିଜ ହେପାଜତରେ ରାସ୍ତାକୁ ଆଣି ରଖିଲା । ଲୋକମାନେ ସେସବୁ ଦେଖିଲେ ବେଶି ଉତ୍‌କ୍ଷିପ୍ତ ହେବେ ଜାଣି ଲୋକଙ୍କୁ ଗାଡିଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଲେ ଓ ଅନ୍ଧାର ହୋଇଯାଇଥିବାରୁ ଲୋକମାନେ ସେସବୁ ଦେଖିପାରିଲେ ନାହିଁ । ତାପରେ ନିର୍ଧୁମମାଡ ଖାଇ ରାସ୍ତାରେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଦୁଇଜଣଙ୍କୁ ଉଠାଇ ସାଷ୍ଟାମ କରିବା ପାଇଁ ସାହାଯ୍ୟ କରିବାକୁ ଲୋକମାନଙ୍କୁ ବୁଝାଇଲା । ନଚେତ ହତ୍ୟା ଅଭିଯୋଗରେ କେତେଜଣ ଫସିଯିବ ବୋଲି ଆକଟ କରିବାରୁ ଲୋକେ ସେମାନଙ୍କୁ ପାଣି ଓ ଚାହା ପିଆଇ ସାଷ୍ଟାମ କରିବାରେ ଲାଗିଗଲେ । ଗଛରେ ବନ୍ଧାହୋଇ ରହିଥିବା ତିନିଜଣଙ୍କୁ ପୋଲିସ ସେମାନଙ୍କ ମଧ୍ୟରେ ଦାଦା କିଏ ବୋଲି ପଚାରିବାରୁ ଜଣେ ଦାଦାଙ୍କୁ ଚିହ୍ନାଇଦେଲା । ଦାଦାଙ୍କୁ ଜେରା କରି ପୋଲିସ ତାଙ୍କଠାରୁ ସବୁ ତଥ୍ୟ ହାସଲ କରି ମୋବାଇଲ ପ୍ରେମରେ ବିଫଳ ହୋଇ ସେ ଏପରି ଯୋଜନା କରିଥିଲେ ବୋଲି ଜାଣି ଜଗବନ୍ଧୁ ସାର୍‌ଙ୍କୁ ଡକାଇ ଗୋଟିଏ ଏଫ.ଆଇ.ଆର୍ ଦାଖଲ କରିବାକୁ କହିଲା । ଜଗବନ୍ଧୁ ସାର ଏଫ.ଆଇ.ଆରଟି ଲେଖି ପୋଲିସ ସବ୍ ଇନ୍‌ସପେକ୍ଟରଙ୍କୁ ଦେବାରୁ ସେ କହିଲେ, ରାତି ହୋଇଗଲାଣି ଆମେ ଏମାନଙ୍କୁ ଆରେଷ୍ଟ କରି ନେଇ ଯାଉଛୁ, କାଲି ସକାଳ ୯ଟା ବେଳକୁ ଆପଣ ଶକୁନ୍ତଳା ମ୍ୟାଡାମଙ୍କୁ ଧରି ଥାନାକୁ ଆସନ୍ତୁ । ଥାନାବାବୁଙ୍କ ଉପସ୍ଥିତିରେ ଆପଣମାନଙ୍କ ଷ୍ଟେଟମେଣ୍ଟ ନିଆଯିବ ଏବଂ ଶକୁନ୍ତଳା ମ୍ୟାଡମଙ୍କ ଟେଲିଫୋନରୁ ସବୁ ତଥ୍ୟ ହାସଲ କରିବାକୁ ବ୍ୟବସ୍ଥା କରାଯିବ ତେଣୁ ତାଙ୍କ ଟେଲିଫୋନ ଆଣିବାକୁ କହିବେ । ଏଠାରେ ଘଟିଥିବା ସବୁକଥା ଯେଉଁମାନେ ଦେଖିଛନ୍ତି ବୋଲି କହିଲେ ସେମାନଙ୍କ ନାମ ତାଲିକାଭୁକ୍ତ କରାଯାଇଛି ସେମାନଙ୍କୁ ମଧ୍ୟ କାଲି ଥାନାକୁ ଆସିବାକୁ ପଡିବ କାରଣ ତାଙ୍କର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ରେକର୍ଡ କରାଯାଇ ସାକ୍ଷୀ ତାଲିକାରେ ରଖାଯିବ । ଏହାପରେ ପୋଲିସ ସମସ୍ତଙ୍କୁ ହାତକଡି ପକାଇ ନିଜ ଗାଡିରେ ବସାଇ ବୋଲେରୋଟିକୁ ପୋଲିସବାବୁ ନିଜେ

Source: Author, Digitized by PPRACHIN, SOA

ଚଳାଇ ଥାନାକୁ ନେଇ ଫେରିଗଲେ ବୋଲି ଶକୁନ୍ତଳା କହି ଯୋରରେ କାନ୍ଦିବାକୁ ଲାଗିଲେ । ସେଇପରି କାନ୍ଦି କାନ୍ଦି କହିଲେ ମୋର ଭୁଲ ପାଇଁ ଆଜି ମୋ ବାପା ଅପଦସ୍ଥ ହେଉଛନ୍ତି । ଗାଁର କିଛି ଲୋକ ଆମଘର ଆଗରେ ରୁଣ୍ଡ ହୋଇ ବାପା, ବୋଉଙ୍କୁ ସାନ୍ତ୍ୱନା ଦେବା ବାହାନାରେ ଯେଉଁ କଥା କହୁଛନ୍ତି ତାହା କଟାଘାରେ ଲୁଣ ବୋଳିଲା ପରି । ବାପା ସବୁଶୁଣି ନିରବରେ ଦାଣ୍ଡ ବାରଣ୍ଡାରେ ଥକା ହୋଇ ବସିଛନ୍ତି । କାଲି ପୋଲିସ ବାବୁଙ୍କ ପାଖରେ ହାଜର ହେବେ ଏହା ତାଙ୍କ ପାଇଁ ସବୁଠାରୁ ଲଜ୍ଜା ଜନକ କଥାହେବ । ଗାଁ ଲୋକ ନାନାପ୍ରକାର କଥା କହିବେ, ତାକୁ ଶୁଣି ସେ ଦୁଇଜଣ ଜୀବିତ ଥାଇ ମଧ୍ୟ ମଲାପରି ସବୁ ସହିବେ ସିନା କିଛି କରିପାରିବେ ନାହିଁ । ତେଣୁ ସେମାନଙ୍କର ଏତେ ସବୁ ହୀନସ୍ତା ଦେଖିବା ଅପେକ୍ଷା ମୁଁ ମରିଯିବା ଭଲ । ଶକୁନ୍ତଳାଙ୍କର ଏପରି ଭାଙ୍ଗିପଡିବା ଦେଖି ମୁଁ ବିବ୍ରତ ହୋଇ କହିଲି, ଶୁଣ ଘଟଣା ଚକ୍ରରେ ଯାହା ହୋଇ ଯାଇଛି ତାକୁ ଧରି ନିଜର କ୍ଷତିକଲେ ବଦନାମ ବା ଅପବାଦଟା ବଢିବ ସିନା କମିବ ନାହିଁ । ବାପା, ବୋଉ ମହରଗରୁ ଯାଇ କାନ୍ତାରାରେ ପଡିଲାପରି ଆଉ ଦୁଇ ଚାରିଟି ଅଧିକ ମନଗଢା କାହାଣୀ ଶୁଣିବେ ଯେଉଁ କଥାଗୁଡିକ ତାଙ୍କର ଲଜ୍ୟା, ଅପମାନ ଏତେ ବଢାଇ ଦେବ ଯେ ସେ ମଧ୍ୟ ନିଜ ଜୀବନକୁ ତୁଚ୍ଛ ମଣିବେ । ମୁଁ ଯାହା ପରୋକ୍ଷରେ ଇଙ୍ଗିତ ଦେଉଛି ତୁମେ ନିଶ୍ଚେ ଜାଣିପାରୁଥିବ, ତେଣୁ ଭାଙ୍ଗିନପଡି ମନୋବଳ ଦୃଢରଖି ଆସିଥିବା ସମସ୍ୟାକୁ ମୁକାବିଲା କରିବାପାଇଁ ପ୍ରସ୍ତୁତ ରୁହ । ପଳାୟନପନ୍ଥୀ ହୋଇ ପରିବାରର ସର୍ବନାଶ କରିବା କଥା ଚିନ୍ତା କରନାହିଁ । ଏହି ଘଟଣା ଏକ ମହାବାତ୍ୟା ପରି ଏଥିରେ ଉପୁଡି ନପଡି ଦମ୍ଭ ଧରି ଠିଆ ହୁଅ ଦେଖିବ ଭଙ୍ଗାଗଛରେ କିଛିଦିନ ପରେ ପତ୍ର କଅଁଳିଲା ପରି ସବୁକଥାକୁ ଲୋକମାନେ ବୁଝି ପାରିବେ ଓ ତୁମ ସାହାସକୁ ସାବାସି ଜଣାଇବେ । ଆଉ ଗୋଟିଏ କଥା ଭଲ ହେଲା ଏ ଅଧ୍ୟାୟର ଖଳନାୟକ ନିଶ୍ଚିତ ଜେଲଯିବେ ତେଣୁ ଆଉ ଆଗକୁ ଏ ସମସ୍ୟା ରହିବନାହିଁ । ମୁଁ ତୁମସାଙ୍ଗେ ଅଛି କୌଣସି ପରିସ୍ଥିତିରେ ମୁଁ ତୁମ ହାତ ଛାଡିବି ନାହିଁ । ତେଣୁ ଅନ୍ତତଃ ମୋପାଇଁ ମଧ୍ୟ ତୁମର କିଛି କର୍ତ୍ତବ୍ୟ ଅଛି ବୋଲି ଭାବି ଏପରି ନକାରାତ୍ମକ ମନୋଭାବ ପରିହାର କର । ମୁଁ ଏପରି କହି ଶକୁନ୍ତଳାଙ୍କୁ କିଛିଟା ନୈତିକ

Source: Author, Digitized by PPRACHIN, SOA

ବଳଦେଇ ତାଙ୍କର ମନୋଭାବକୁ ସୁଦୃଢ଼ କରିବାକୁ ଚେଷ୍ଟାକଲି । ଶକୁନ୍ତଳା ମଧ୍ୟ ମୋର ସବୁକଥା ଗୁଡିକ ଶୁଣି ସାରିଲାପରେ କାନ୍ଦିବା ବନ୍ଦ କରି କୋହଭରା କଣ୍ଠରେ କହିଲେ ପ୍ରଥମରୁ କହିଛି ଆପଣ ମୋର ମଣିଷ ଦେବତା ତେଣୁ ଆପଣଙ୍କ ଆଜ୍ଞା, ଉପଦେଶ, ପରାମର୍ଶ ଓ ସାନ୍ତ୍ୱନା ମୋ ପାଇଁ ଶିରୋଧାର୍ଯ୍ୟ । ଆପଣଙ୍କ ଖୁସି ପାଇଁ ମୁଁ କିଛିବି କରିପାରେ ଏପରିକି ମୋର ଜୀବନକୁ ହସି ହସି ବାଜିଲଗେଇ ଦେଇପାରେ । ଏଇଠି ଗୋଟିଏ ସୁଯୋଗ ମିଳିବାରୁ ତାଙ୍କୁ ତାଙ୍କର ବିଷାଦଗ୍ରସ୍ତ ଅବସ୍ଥାରୁ ଫେରାଇ ଆଣିବାକୁ କହିଲି ଏତେସବୁ ମୋର କିଛି ଦରକାର ନାହିଁ କେବଳ ତୁମେ ଦରକାର । ସେ ସେଇ ଅବସ୍ଥାରେ ଥାଇ ମଧ୍ୟ ସାମାନ୍ୟ ହସିଦେଇ କହିଲେ ସେଇଥିପାଇଁ ତ ଆପଣ ମୋର ମଣିଷ ଦେବତା, ଆପଣଙ୍କ ଖୁସି, ଆପଣଙ୍କ ହସ ମୋପାଇଁ ସ୍ୱର୍ଗସୁଖ । ହସିଦେଇ କହିଲି ବ୍ୟସ୍ତ ହୁଅନାହିଁ କାଲି ମୁଁ ମଧ୍ୟ ଯାଇ ଥାନାରେ ପହଞ୍ଚିବି । ବାପା ବୋଉଙ୍କୁ ବୁଝେଇବ, ସାନ୍ତ୍ୱନାଦେବ କାରଣ ସେମାନେ ବୟୋଜ୍ୟେଷ୍ଠ ଲୋକ ଏତେ ଦୁଃଖ ସମ୍ଭାଳିବା କଷ୍ଟଦାୟକ । କୌଣସି ପରିସ୍ଥିତିରେ ତୁମେ ବିବ୍ରତ ଥିବାର ଆଭାସ ଦେବନାହିଁ । ରହୁଛି କାଲି କେନ୍ଦ୍ରାପଡାରେ ଦେଖାହେବ । ଏହାପରେ ମୁଁ ମ୍ୟାନେଜରଙ୍କ ପାଖକୁ ଯାଇ ଜରୁରୀ କାମପାଇଁ କାଲି ଛୁଟି ନେବାକୁ ଚାହୁଁଛି ବୋଲି ଅନୁରୋଧ କରିବାରୁ ସେ ହସିଦେଇ କହିଲେ, ଦରଖାସ୍ତଟିଏ ଦିଅନ୍ତୁ, ବ୍ୟସ୍ତ ନହୋଇ କାଲି ଆପଣଙ୍କ କାମରେ ଯାଆନ୍ତୁ ।

ମୁଁ ବସାକୁ ଫେରିବା ବାଟରେ ଗୋଟିଏ ଟ୍ରାଭେଲସ ସଂସ୍ଥାକୁ ଯାଇ ଆଗାମୀ କାଲିପାଇଁ ଗୋଟିଏ କାରର ବ୍ୟବସ୍ଥା କରି ଘରକୁ ଫେରିଲି । ଘରେ ପହଞ୍ଚି ନିତ୍ୟକର୍ମସାରି ଶୀଘ୍ର ରାତ୍ରୀଭୋଜନ କରି ଶୋଇଗଲି । ଭୋରରୁ ଉଠି ନିଜର ନିତ୍ୟକର୍ମସାରି ଚାହା କପେ ଧରି ପିଇବାକୁ ବସିଛି ଭଡା ଗାଡିର ହର୍ଣ୍ଣ ଶୁଭିଲା । କାନ୍ଥ ଘଣ୍ଟାକୁ ଚାହିଁ ଦେଖିଲି ୬ଟା ୩୦ ହୋଇଗଲାଣି । ତେଣୁ ତରତରରେ ଚାହା ଓ ବିସ୍କୁଟକୁ ଶେଷ କରି ପୋଷାକ ପିନ୍ଧି ଆସି ଗାଡିରେ ବସିବାରୁ ଗାଡିଟି କେନ୍ଦ୍ରାପଡା ଅଭିମୁଖେ ଚାଲିଲା । ମୁଁ ଡ୍ରାଇଭରକୁ କହିଲି ସାଲେପୁରଦେଇ ଚାଲ ସେଠାରେ ଜଳଖିଆ କରି ଯିବା ଓ ଆସିଲାବେଳେ ଚଣ୍ଡିଖୋଲଦେଇ ଆସିବା । ସାଲେପୁର ପହଞ୍ଚି ସେଠାରେ ଜଳଖିଆ କରି ବାହାରିଗଲୁ । ରାସ୍ତାକାମ ଯୋଗୁ

Source: Author, Digitized by PPRACHIN, SOA

ଗାଡିଟି ସାମାନ୍ୟମନ୍ଥର ଗତିରେ ଯିବାରୁ କେନ୍ଦ୍ରାପଡାରେ ପହଞ୍ଚିଲା ବେଳକୁ ସମୟ ୯ଟାରୁ ଊର୍ଦ୍ଧ୍ୱ ହେଲାଣି । ମୋ ପୂର୍ବରୁ ଶକୁନ୍ତଳା ଓ ତାଙ୍କ ବାପା ଆସି ପହଞ୍ଚି ଯାଇଥିଲେ । ମୁଁ ଶକୁନ୍ତଳାଙ୍କ ବାପାଙ୍କୁ ପ୍ରଣାମ କଲି ଓ ଶକୁନ୍ତଳା ମଧ୍ୟ ମତେ ଦେଖି ସାମାନ୍ୟ ଆଶ୍ୱସ୍ତ ହୋଇ ମତେ ପ୍ରଣାମ ଜଣାଇଲେ। ସେତେବେଳକୁ ସାକ୍ଷୀମାନଙ୍କ ଗହଳି ମଧ୍ୟ ବଢିଯାଇଥାଏ । କିଛି ସମୟ ମଧ୍ୟରେ ଥାନାବାବୁ ତାଙ୍କ ଗାଡିରେ ଆସି ଓହ୍ଲାଇଲେ । ସେ ତାଙ୍କ କକ୍ଷକୁ ଗଲାବେଳେ ମୋତେ ବାରମ୍ବାର ପଛକୁ ବୁଲି ଚାହିଁ ଚାହିଁଗଲେ । ମୁଁ ମଧ୍ୟ ତାଙ୍କୁ ଦେଖି ଚିହ୍ନିଲା ପରି ଅନୁଭବ କଲି । ଥାନାବାବୁ ତାଙ୍କ କକ୍ଷରେ ତାଙ୍କ ଥାନାର ଅନ୍ୟ ସାଥୀ ଅଫିସର ମାନଙ୍କ ସାଙ୍ଗେ କିଛି ସମୟ ଆଲୋଚନା କଲାପରେ ତାଙ୍କ ଅର୍ଦ୍ଦଳିକୁ କହି ମତେ ଡକାଇଲେ। ମୁଁ ତାଙ୍କ କକ୍ଷକୁ ଯାଇ ନମସ୍କାର କରିବାରୁ ହସି ହସି କହିଲେ, ମୋତେ ଚିହ୍ନିପାରୁନ ? ମୁଁ ମଧ୍ୟ ସ୍ମିତହସ ଫୁଟାଇ କହିଲି,ଚିହ୍ନିଲା ପରି ଲାଗୁଛନ୍ତି, କିନ୍ତୁ ମନେପଡୁନାହିଁ । ସେ କହିଲେ ଆମେପରା କଲେଜରେ ହଷ୍ଟେଲରେ ଗୋଟିଏ କକ୍ଷରେ ଅନ୍ତତଃ ତିନିବର୍ଷ ଏକାଠି ରହିଛେ । ତାଙ୍କର ଏହି ସୂଚନାରୁ ମୋର ତାଙ୍କ କଥା ମନେପଡିଗଲା । କାରଣ ସେ ଜଣେ ଭଲ ଭଲିବଲ ଖେଳାଳୀ ଥିଲେ ଓ ଆମେ ଦୁହେଁ ଏକ କୋଠରୀରେ ରହୁଥିଲୁ ତେଣୁ ସାମାନ୍ୟ ଲଜ୍ଜିତ ହୋଇ କହିଲି ଚିହ୍ନିପାରିନଥିବାରୁ ଦୁଃଖିତ, କାରଣ ଚାକିରି କଲାପରେ ଆପଣଙ୍କ ଚେହେରାରେ ବହୁତ ପରିବର୍ତ୍ତନ ହୋଇଛି । ସେ ମଧ୍ୟ ହସିଦେଇ ହଁ ଭରି ମତେ ବସିବାକୁ କହି ଥାନାକୁ ଆସିବାର କାରଣ ପଚାରିଲେ ? ମୁଁ ବସିପଡି କାଲିର ଘଟଣାରେ ସମ୍ପୃକ୍ତଙ୍କର ନିକଟତମ ସମ୍ପର୍କୀୟ କହିବାରୁ ସେ କହିଲେ ଭଲ ହେଲା, ଆମକୁ ସବୁ ତଥ୍ୟ ମିଳିଯିବ । ମୁଁ ତାଙ୍କୁ ଅନୁରୋଧ କରି କହିଲି ଆରୋପିମାନେ ଶକୁନ୍ତଳା ଓ ତାଙ୍କ ବାପାଙ୍କୁ ଭଲଭାବେ ଚିହ୍ନିନାହାନ୍ତି ଯାହା ସେମାନଙ୍କ ପାଇଁ ଏକ ବରଦାନ ସଦୃଶ । ତେଣୁ ଆପଣ ସେ ଦୁଇଜଣଙ୍କୁ ଆରୋପିମାନଙ୍କ ସହିତ ସାମ୍ନାସାମ୍ନି କରାଇ ପଚରା ଉଚରା ନକଲେ ଖୁବ୍ ଭଲ ହେବ । ଥାନାବାବୁ କହିଲେ ଆପଣଙ୍କ କଥା ଯୁକ୍ତିଯୁକ୍ତ । ଆରୋପିମାନଙ୍କୁ ଏହି କେଶର ଅନୁସନ୍ଧାନ କରୁଥିବା ପୋଲିସ ଅଧିକାରୀ ସକାଳୁ ପୃଥକ ପୃଥକ ଭାବେ ପଚରା ଉଚରା କରି

Source: Author, Digitized by PPRACHIN, SOA

ସେମାନଙ୍କର ବକ୍ତବ୍ୟ ଦରଜ କରିସାରିଛନ୍ତି ଏବଂ ସେମାନେ ଥାନା ହାଜତରେ ଅଛନ୍ତି । ଏବେ ଆମେ ଜଗବନ୍ଧୁ ସାର ଓ ତାଙ୍କ ଝିଅଙ୍କର ବ୍ୟକ୍ତବ୍ୟ ଦରଜ କଲାପରେ ସମ୍ପୃକ୍ତ ମୋବାଇଲରୁ କିଛି ତଥ୍ୟ ହାସଲ କରିବାକୁ ପଦକ୍ଷେପ ନେବୁ, ତେଣୁ ବ୍ୟସ୍ତ ହୁଅ ନାହିଁ । ଏହା କହି ସେ ବାପ ଝିଅ ଦୁଇଜଣଙ୍କୁ ଡକାଇ କହିଲେ ଲଜ୍ୟା ବା ଅନ୍ୟ କୌଣସି କାରଣରୁ କିଛି ନଲୁଚାଇ ସବୁତଥ୍ୟ ଖୋଲା ଖୋଲି ଭାବେ କୁହନ୍ତୁ ଓ ସମ୍ପୃକ୍ତ ମୋବାଇଲଟି ଦିଅନ୍ତୁ । ଏହାଶୁଣି ଶକୁନ୍ତଳା ତାଙ୍କ ମୋବାଇଲଟି ଦେଇ ଘଟଣାର ମୂଳରୁ କାଲି ପର୍ଯ୍ୟନ୍ତ ଘଟିଥିବା ସମସ୍ତ ଘଟଣା ନିଃସଙ୍କୋଚରେ ବର୍ଣ୍ଣନା କରି ଚୁପହେଲେ । ସେହିପରି ତାଙ୍କ ବାପା ମଧ ଯାହା ଯାହା ତାଙ୍କ ନଜରରେ ଥଲା କହିବାରୁ ଉଭୟଙ୍କ ବକ୍ତବ୍ୟ ଦରଜ କରି ସେମାନଙ୍କୁ ସେଥିରେ ଦସ୍ତଖତ କରିବାକୁ ଥାନାବାବୁ କହିଲେ । ଦୁହେଁ ଦସ୍ତଖତ କଲାପରେ ଥାନାବାବୁ କହିଲେ ଆପଣମାନେ ବର୍ତ୍ତମାନ ଯାଆନ୍ତୁ ଆଉ ଯଦି ଜରୁରୀ ଉପଲବ୍ଧ କରାଯିବ ତେବେ ଡକାଇବି । ନଚେତ୍ କେଶ୍‌ର ଶୁଣାଣୀ ଆରମ୍ଭହେଲେ ଆପଣମାନଙ୍କୁ କୋର୍ଟରେ ହାଜର ହେବାକୁ ପଡିବ ଏବଂ ସେତେବେଳେ ଆପଣ ସେଇ ଏକା କଥା ହିଁ କହିବେ । ଅଳ୍ପ କିଛି ସମୟପରେ ଆମେ ମୋବାଇଲର କିଛି ତଥ୍ୟରଖି ତାହା ଫେରାଇଦେବୁ । ସମ୍ପୃକ୍ତ ପୋଲିସ ଅଧିକାରୀ ସାକ୍ଷୀମାନଙ୍କ ବକ୍ତବ୍ୟ ଦରଜ କରିବେ ଓ ତାହାପରେ ମୁଦାଲାମାନଙ୍କୁ କୋର୍ଟ ଚାଲାଣ କରାଯିବ ।

ଏସବୁ ସରିଲା ବେଳକୁ ଥାନାବାବୁଙ୍କ ନିର୍ଦ୍ଦେଶକ୍ରମେ ଚାହା ଓ ଜଳଖିଆ ଆଣି ସମସ୍ତଙ୍କୁ ଦିଆଗଲା । ଥାନାବାବୁ ଚାହା ପିଉ ପିଉ ମତେ ପଚାରିଲେ ଏବେ ଆପଣ କଣ କରୁଛନ୍ତି ? ମୁଁ ଥାନାବାବୁଙ୍କୁ ଅନୁରୋଧ କରି କହିଲି ଆପଣ ମତେ ଆପଣ ନ କହି କଲେଜ ଜୀବନରେ ଯେପରି ତୁମେ ବୋଲି ସମ୍ବୋଧନ କରୁଥିଲେ ସେପରି କଲେ ଆମ ଆତ୍ମିୟତା କେତେ ଗଭୀର ତାହା ସମସ୍ତେ ଅନୁଭବ କରିବେ । ସେ ହସିଦେଇ କହିଲେ ହଉକୁହ ଏବେ କଣ କରୁଛ ? ମୁଁ ଏବେ ବ୍ୟାଙ୍କରେ ଅଫିସରଭାବେ ଭୁବନେଶ୍ୱରରେ କାମ କରୁଛି କହିବାରୁ ସେ ତାଙ୍କ ଚଉକିରୁ ଉଠିଆସି congratulation କହି କରମର୍ଦ୍ଦନ କରିବା ସହିତ ମୋ ପିଠି ଥାପୁଡାଇ କହିଲେ ତୁମ କଲେଜ ପାଠପଢା ଦେଖି ତୁମେ ଭବିଷ୍ୟତରେ

Source: Author, Digitized by PPRACHIN, SOA

ଜଣେ ଅଫିସର ହେବ ବୋଲି ମୁଁ ଯାହା ଅନୁମାନ କରିଥିଲି ତାହାହିଁ ହେଲା । ସାବାସ ସାନଭାଇ ଜୀବନରେ ଉନ୍ନତି କରି ଖୁସିରେ ରୁହ ଏହାହିଁ ମୋର ଆଶୀର୍ବାଦ ରହିଲା । ମୁଁ ତାଙ୍କ ପାଦଛୁଇଁ ନମସ୍କାର କରିବାରୁ ସେ ମୋତେ ଆନନ୍ଦରେ କୁଣ୍ଢାଇ ପକାଇଲେ । ସେତେବେଳକୁ ଅନ୍ୟ ଅଧିକାରୀମାନେ ଚାଲି ଯାଇଥିବାରୁ ଶକୁନ୍ତଳା ଓ ମୋ ଭବିଷ୍ୟତ କଥା କହିବାରୁ ସେ ଆହୁରି ଖୁସି ହୋଇ କହିଲେ ତୁମେ ଖାଲି ଭଲ ଅଫିସର ନୁହଁ ଜଣେ ଭଲ ମଣିଷ ମଧ୍ୟ । ସେତେବେଳକୁ ଶକୁନ୍ତଳା ଉଠିଆସି ତାଙ୍କୁ ପ୍ରଣାମ କରିବାରୁ ସେ ତାଙ୍କ ମୁଣ୍ଡ ଆଉଁଶି ଦେଇ କହିଲେ ତୁମର ଦାମ୍ପତ୍ୟ ଜୀବନ ସୁଖମୟ ହେଉ । ଏ କେଶପାଇଁ ବ୍ୟସ୍ତ ହେବନାହିଁ ଏହା ମତେ ଲାଗିଲା ମୁଦାଲାମାନଙ୍କୁ କିପରି କଠିନ ଦଣ୍ଡ ମିଳିବ ତାର ବ୍ୟବସ୍ଥା କରାଯାଉଛି, କୌଣସି ଢିଲା ଦିଆଯିବନାହିଁ । ବାପାଙ୍କୁ ମଧ୍ୟ ନମସ୍କାର କରି କହିଲେ ଆପଣ ନିଶ୍ଚିନ୍ତରେ ଯାଆନ୍ତୁ ଏବଂ ବାହାଘର ବ୍ୟବସ୍ଥାରେ ଲାଗନ୍ତୁ , ମୁଁ ନିଶ୍ଚିତ ବାହାଘରକୁ ଆସିବି । ଆମେ ଦୁହେଁ ପୁଣିଥରେ ନମସ୍କାର ଜଣାଇବାରୁ ସେ ହାତହଲାଇ ବିଦାୟ ଜଣାଇଲେ ।

ବାହାରକୁ ଆସିଲାବେଳକୁ ଗାଁରୁ ସାକ୍ଷୀ ଦେବାକୁ ଯାଇଥିବା ବହୁତ ଲୋକ ତାଙ୍କର ବକ୍ତବ୍ୟ ଦରଜ କରାଇ ଫେରିଗଲେଣି । କେବଳ ଦୁଇ ଚାରିଜଣ ବୟସ୍କ ଲୋକ ଅପେକ୍ଷା କରିଅଛନ୍ତି । ବାପା ମୋତେ ସେମାନଙ୍କ ସାଙ୍ଗେ ପରିଚୟ କରାଇ ଦେବାରୁ ମୁଁ ସେମାନଙ୍କୁ ପ୍ରଣିପାତ କଲି । ବାପା ମତେ ତାଙ୍କ ଗାଁକୁ ଯିବାକୁ କହିଲେ ଶକୁନ୍ତଳା ମୁଣ୍ଡ ତଳକୁ କରି ପରୋକ୍ଷରେ ତାଙ୍କ କଥାକୁ ସମର୍ଥନ କଲେ । ମୁଁ ବାପାଙ୍କୁ କହିଲି ମୋର ଯିବାଟା ସୁନ୍ଦର ହେବନାହିଁ ବୋଲି ଭାବୁଛି । ବାପା ମୋ ହାତଧରି ପକାଇ କହିଲେ ବାବା! କିଛି ଅସୁନ୍ଦର ହେବନାହିଁ ବରଂ ବୋଉ ଆପଣ ନଯିବା ଦେଖିଲେ ବହୁତ ମନଦୁଃଖ କରିବ । ସେ ଆପଣ ଆସିଛନ୍ତି ବୋଲି କେତେ ଖୁସି ହୋଇ ଅପେକ୍ଷା କରିଛି, ଆପଣଙ୍କ ଉପସ୍ଥିତି ତାର କାଲିର ଦୁଃଖ ଓ ଗ୍ଲାନି ବହୁତ ଊଣା କରିଦେବ ତେଣୁ ମନା କରନାହିଁ । ତାଙ୍କ କଥା ଭାଙ୍ଗି ନପାରି ନିରବ ରହିବାରୁ ଶକୁନ୍ତଳା ମତେ କଣେଇ ଚାହିଁ ହସିଦେଲେ

Source: Author, Digitized by PPRACHIN, SOA

ଏବଂ ବାପାଙ୍କୁ କହିଲେ ଗୋଟିଏ ଅଟୋ ଭଡା କରିଦେଲେ ବଡବାପା ଓ ମଉସାମାନେ ଗାଁକୁ ଫେରିଯିବେ । ଏହାଶୁଣି ଆପଣ ମାନେ କେଉଁଥିରେ ଆସିଛନ୍ତି ପଚାରିବାରୁ ବାପା କହିଲେ ଗୋଟିଏ ଗାଡିରେ ଆସିଛୁ କିନ୍ତୁ ସେଥିରେ ସମସ୍ତେ ଯାଇ ପାରିବେ ନାହିଁ ତେଣୁ ମୁଁ କହିଲି ଆପଣମାନେ ଆସିଥିବା ଗାଡିରେ ସେ ଚାରିଜଣ ଓ ମୋ ଗାଡିରେ ଆମେମାନେ ଚାଲିଯିବା, ଆଉ ଅଟୋର ଦରକାର କଣ ଅଛି ? ତାହାହିଁ ହେଲା ଦୁଇଟି ଗାଡିରେ ଆମେମାନେ ଗାଁକୁ ଫେରିଲୁ ।

ଗାଁରେ ପହଞ୍ଚିଲାପରେ ବୋଉ ମୋତେ ଦେଖି ଖୁସିରେ ବିଭୋର ହୋଇ କୁଣ୍ଢାଇ ପକାଇ କାନ୍ଦିବାକୁ ଲାଗିଲେ । ତାଙ୍କ ଲୁହପୋଛିଦେଇ କହିଲି "ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳପାଇଁ" ତେଣୁ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ମଙ୍ଗଳମୟଙ୍କର ଇଛାକୁ ଆମେମାନେ ମଥାପାତି ଗ୍ରହଣ କରିବା । ସେ ମୋ ମଥାକୁ ଚୁମ୍ବନ କରି କହିଲେ ବାପା ତୁମ କଥା ଅମୃତପରି ଲାଗୁଛି । ଯେଉଁଥିରେ ସବୁ ଦୁଃଖ କଷ୍ଟ ମୋର ଚାଲିଗଲା । କେତେବେଳୁ ଆସିଲଣି ଭୋକ ଲାଗିବଣି । ଶକୁନ୍ତଳା, ପାଣିଆଣ, ପୁଅଙ୍କ ଗୋଡ ଧୋଇଦେ । ଶକୁନ୍ତଳା ଗୋଟିଏ ବାଲଟିରେ ପାଣି ଓ ମଗଟି ଧରିଆସି ଗୋଡଧୋଇ ଦେବାକୁ କହିବାରୁ ଚୁପ୍ କରି କହିଲି ମୋ କଥା ସତହେଲା ଦେଖ । ସେ ବୁଝି ନପାରି ମୋ ମୁହଁକୁ ବକ୍‌ବକ୍ କରି ଚାହିଁବାରୁ କହିଲି ସାଧାରଣତଃ ଶାଳୀମାନେ ଭିଣୋଇଙ୍କର ଗୋଡ ଧୋଇ ଦିଅନ୍ତି । ସେ ଏଥର ସବୁ ବୁଝିଯାଇ କହିଲେ, ହଉ ବାବା ଆପଣଙ୍କ କଥା ଠିକ୍ । ମତେ ଆଉ ଲାଜରା କରନାହିଁ କହି ଗୋଡ ଧୋଇ ଦେଇ ମଗେ ପାଣି ଧରାଇ ଦେଇ କହିଲେ ହାତମୁହଁ ଧୋଇ ପକାନ୍ତୁ । ସେତେବେଳକୁ ବୋଉ ଗୋଟିଏ ତଉଲିଆ ଆଣି ମତେ ବଢାଇ ଦେଇ କହିଲେ ଭଲକରି ହାତମୁହଁ ପୋଛି ହୋଇପଡ ଏବଂ ଶକୁନ୍ତଳାଙ୍କୁ କହିଲେ ଗୋଡଟା ପୋଛି ଦଉନୁ । ସେ ଡରି ଯାଇ ନିଜ କାନିରେ ଗୋଡ ପୋଛିବାକୁ ନଇଁ ପଡିବାରୁ ମୁଁ ମୁହଁଟା ପୋଛିଦେଇ ତଉଲିଆଟା ବଢାଇ ଦେବାର ଦେଖି ବୋଉ ମୁହଁରେ ଲୁଗାଦେଇ ହସି ବୋକୀଟା କହି ସେଠାରୁ ରୋଷେଇ ଘରକୁ ଚାଲିଗଲେ । ଆରାମରେ ପ୍ରଥମ ଭାବି ଜ୍ୱାଇଁ ଭୋଜନ ପକାଇ କିଛି ସମୟ ବିଶ୍ରାମ ନେଇ ବାହାରିଲା ବେଳକୁ ଦେଖିଲି ଦଶଜଣରୁ ଉର୍ଦ୍ଧ୍ୱ ଝିଅ,

Source: Author, Digitized by PPRACHIN, SOA

ବୋହୂ ଛପିଲାପରି ଠିଆ ହୋଇ ମୋତେ ଚାହିଁଛନ୍ତି, ତେଣୁ ସମ୍ପର୍କରେ କିଏ କଣ ହେବ ନପଚାରି ସୌଜନ୍ୟ ଦୃଷ୍ଟିରୁ ସମସ୍ତଙ୍କୁ ହାତଯୋଡି ନମସ୍କାର ଜଣାଇ ଗାଡିରେ ବସିବାକୁ ଯିବା ପୂର୍ବରୁ ବାପା, ବୋଉଙ୍କୁ ମଧ୍ୟ ନମସ୍କାର ଜଣାଇଲି ହେଲେ କିନ୍ତୁ ଜଣକୁ ନଦେଖି ବ୍ୟସ୍ତ ଲାଗିଲା । ନିରେଖି ଦେଖିଲି ସେଇ ଗହଳି ଭିତରେ ଗୋଟିଏ ଖୁଣ୍ଟମୂଳେ କଡେଇ ଠିଆହୋଇ ଶକୁନ୍ତଳା ନମସ୍କାର ଜଣାଇ ହାତ ହଲାଉଛନ୍ତି । ତାଙ୍କୁ ପ୍ରତିନମସ୍କାର କରି ହାତ ହଲେଇ ବିଦାୟ ନେଇ ଗାଡିରେ ବସିବାରୁ ବାପା, ବୋଉ କହିଲେ ବାପା ହୁସିଆର ହୋଇ ଯିବ ପହଞ୍ଚି ଫୋନ୍‌କରି ଜଣାଇବ । ତାଙ୍କୁ ହଁ ଭରି ଡ୍ରାଇଭରଙ୍କୁ କହିଲି ଚାଲଯିବା ବିଳମ୍ବ ହେଲାଣି । ଏହା କହିଲା ବେଳକୁ ମୋ କଣ୍ଠ ଯେପରି ଶୁଖି ଯାଉଥାଏ ଆଉ ଲାଗୁଥାଏ ସତେ ଯେପରି ମୋ ହୃଦୟଟା ଶକୁନ୍ତଳାଙ୍କ ପାଖେ ରହିଯାଇଛି । ତଥାପି ମନକୁ ଆଉ କିଛି ଦିନ ପାଇଁ ଧୈର୍ଯ୍ୟ ଧରିବାକୁ ସାନ୍ତ୍ୱନା ଦେଇ ଗାଡିରେ ବସିରହିଲି ଓ ଗାଡି ଭୁବନେଶ୍ୱର ଅଭିମୁଖେ ଗଡିଚାଲିଲା ।

ଅନୁଚ୍ଛେଦ-୭

ଭୁବନେଶ୍ୱରରେ ପହଞ୍ଚି ବାପା ବୋଉଙ୍କୁ ଦେଇଥିବା କଥା ରକ୍ଷା କରିବାକୁ ଯାଇ ଟେଲିଫୋନ୍ କରି ଶକୁନ୍ତଳାଙ୍କୁ କହିଲି, ମୁଁ ଭଲରେ ପହଞ୍ଚିଗଲିଣି ବୋଲି ବାପା ବୋଉଙ୍କୁ ଜଣାଇଦେବ । ବ୍ୟସ୍ତ ହେବନି । ନିଜର ଓ ବାପା ବୋଉଙ୍କ ଯତ୍ନନେବ କାରଣ ସେମାନେ ଆମର ଅମୂଲ୍ୟ ସମ୍ପଦ । ସେ ହସିଦେଇ କହିଲେ ଆଦେଶ ଶିରୋଧାର୍ଯ୍ୟ । ଆପଣ ମଧ୍ୟ ନିଜର ଯତ୍ନନେଇ ହୁସିଆର ହୋଇ ରହିବେ । ଆଉ ଆପଣଙ୍କ ଚର୍ଚ୍ଚାରେ ଯଦି କିଛି ହେଳା ହୋଇଥିବ ତେବେ ରାଗ ନରଖି ଭୁଲିଯିବେ । ମୁଁ ତାଙ୍କ କଥାଶୁଣି କହିଲି ପିତାମାତାଙ୍କ ଉପରେ କେହିକେବେ ରାଗ କରନ୍ତି ନାହିଁ । ତେଣୁ ଏପରି ଆଉ କେବେହେଲେ କହିବନାହିଁ । ସ୍କୁଲକୁ ଗଲାବେଳେ ଟିକେ ହୁସିଆର ହୋଇଯିବ କାରଣ ସେ ଅସାମାଜିକ ତତ୍ତ୍ୱ ଗୁଡାକ ଉପରେ ଭରସା ନାହିଁ । କ୍ଲାନ୍ତ ଲାଗିଲାଣି, କାଲି କଥାହେବା କହି ଫୋନ୍ କାଟିଲି । ତା ପରଦିନ ଅଫିସ ଯାଇ ଫେରି ବସାରେ ବସି ଚାହା ପିଉଛି ଶକୁନ୍ତଳାଙ୍କ ପାଖରୁ ଫୋନ୍ ଆସିଲା । ମୁଁ ଫୋନ ଉଠାଇବାରୁ ସେ କହିଲେ ସେମାନଙ୍କ

Source: Author, Digitized by PPRACHIN, SOA

ଜାମିନୀ ଆବେଦନ ଖାରଜ ହୋଇଯିବାରୁ ଜେଲକୁ ଗଲେ । ଉପର କୋର୍ଟରେ ଜାମିନୀ ଆବେଦନ କରିବେ ବୋଲି ଆମ ଓକିଲ ବାପାଙ୍କୁ ଫୋନ୍ କରି ଜଣାଇଛନ୍ତି । ଆଉ ମଧ୍ୟ କହିଛନ୍ତି, ପୋଲିସ ସେମାନଙ୍କ ବିରୁଦ୍ଧରେ ଯେଉଁସବୁ ଧାରା ଲଗାଇଛନ୍ତି ତାଦ୍ୱାରା ଉପର କୋର୍ଟରେ ମଧ୍ୟ ଜାମିନ ମିଳିନପାରେ । ଏହାଶୁଣି କହିଲି, କୋର୍ଟ କଚେରି କଥା କେତେବେଳେ କଣ ହେବ କହିହେବ ନାହିଁ । ସେମାନଙ୍କ ଜାମିନ ମିଳୁ ବା ନମିଳୁ ଆମକୁ କିନ୍ତୁ ସତର୍କ ହୋଇ ରହିବାକୁ ପଡିବ କାରଣ ଏତେ ଶୀଘ୍ର କେସ୍ ବିଚାର ସରିଯିବ ନାହିଁ । ଯାହାବା ସରନ୍ତା ଓକିଲମାନେ କୌଣସି ବିଶେଷ କାରଣ ହେଉ ବା ସେମାନଙ୍କର ବୃତ୍ତିଗତ ଅଭ୍ୟାସ ଯୋଗୁ କାଳକ୍ଷେପଣ ନିତି ଆପଣାଇବାକୁ ପଛେଇବେ ନାହିଁ । ତେଣୁ ବିଭିନ୍ନ ଆଳ ଦେଖାଇ ସମୟ ଗଡେଇ ଚାଲିବେ ଓ ଆମେମାନେ ମଧ୍ୟ ଅନନ୍ୟୋପାୟ ହୋଇ ସେଇ କାଳକ୍ଷେପଣ ପଦ୍ଧତିକୁ ସ୍ୱୀକାର କରିବା ବ୍ୟତୀତ ଅନ୍ୟଗତି ନାହିଁ । ଆଉ ମଧ୍ୟ ଏହା ଆମ ଦେଶର ବିଚାର ବ୍ୟବସ୍ଥାର ଏକ ଅଙ୍ଗ ଯାହାର ଆମୂଳଚୂଳ ପରିବର୍ତ୍ତନ ଆବଶ୍ୟକ । ସେସବୁ କଥାକୁ ଆମେ ଏତେ ଧ୍ୟାନ ନଦେଇ ନିଜର କର୍ମରେ ଧ୍ୟାନ ଦେବା ଉଚିତ ତଥାପି ଆମକୁ ସତର୍କ ରହିବାକୁ ପଡିବ । ଶକୁନ୍ତଳା ସବୁ ଶୁଣି କହିଲେ, ଆପଣଙ୍କ କଥା ଅକ୍ଷରେ ଅକ୍ଷରେ ପାଳନ କରିବି,ଯେଉଁ ଅକ୍ଷମଣୀୟ ଭୁଲ୍ କରିଛି ସେଥିପାଇଁ ସାରା ଜୀବନ ଅନୁତପ୍ତ ରହିବି । ତାଙ୍କର ଏପରି କହିବାର ଶୁଣି କହିଲି ସେମିତି କିଛି ଭାବ ନାହିଁ । ଭୁଲ ମଣିଷ ମାତ୍ରକେ କରନ୍ତି କିନ୍ତୁ ଯିଏ ନିଜ ଭୁଲକୁ ସମାଧାନ କରି ତାର ପୁନରାବୃତ୍ତି ହବାକୁ ନଦିଏ ସିଏହିଁ ପ୍ରକୃତ ମଣିଷ । ତେଣୁ ଗମ୍ଭୀରତାରୁ ଫେରି ଟିକେ ହସିକରି ପଦେ କଥା କହିଲେ ଖୁସି ଲାଗିବ । ତତ୍‌କ୍ଷଣାତ୍ ହସିଦେଇ କହିଲେ ଆପଣଙ୍କ ଖୁସି ପାଇଁ ସବୁ କରିବି । ଏଥିରେ ଆମେ ଦୁହେଁ ଏକାସାଙ୍ଗେ ହସିଉଠିଲୁ ଓ ଅଳ୍ପ କିଛି ସମୟ ଖୁସିରେ କଥା ହୋଇ ପରଦିନକୁ ଅପେକ୍ଷା କରିବାକୁ ପରସ୍ପରକୁ କହି ଫୋନ୍ କାଟିଲୁ ।

ତାପରଠାରୁ ସବୁ ଠିକ୍ ଠାକ୍ ଚାଲିଥାଏ । ପ୍ରତିଦିନ ଶକୁନ୍ତଳାଙ୍କ ସଙ୍ଗେ କଥାହୋଇ କେସର ସ୍ଥିତି ବୁଝେ ଓ ଦିନେ ଦୁଇଦିନ ବ୍ୟବଧାନରେ କକେଇଙ୍କ ସାଙ୍ଗେ କଥାହୋଇ ବାହାଘର ପ୍ରସ୍ତୁତି ବିଷୟରେ ଆଲୋଚନା କରେ । ସେଦିନ

Source: Author, Digitized by PPRACHIN, SOA

ରବିବାର ଥାଏ । ମୁଁ ସକାଳ ଉଠି ନିଜର ନିତ୍ୟକର୍ମ ସାରି ଚାହା ଜଳଖିଆ କଲାପରେ ମୋ ଟେଲିଫୋନଟି ବାଜିବାରୁ ଦେଖିଲି ତାହା କକେଇଙ୍କ ପାଖରୁ ଆସିଥିଲା ତେଣୁ ଉଠାଇ କକେଇଙ୍କୁ ନମସ୍କାର କଲାପରେ ସେ ଆଶୀର୍ବାଦ କରି କହିଲେ ବାବୁରେ ଗୋଟିଏ କଥା କହୁଛି ଶୁଣୁ । ଆଜି ସକାଳୁ ତୋ ମାମୁ ମତେ ଟେଲିଫୋନ କରି କହିଲେ, ବାହାଘର ଆମଘରେ ହେବ, କାରଣ ଅଶୋକ ଆମଘରେ ପିଲାଦିନୁ ରହି ବଡ ହୋଇଛି । ଆଜି ବାପା ବୋଉଥିଲେ ସେମାନେ କେବେହେଲେ ଅଶୋକର ବାହାଘର ତୁମ ଘରେ ହେବାକୁ ଦେଇନଥାନ୍ତେ । ତେଣୁ ମୋ ବାପା, ବୋଉଙ୍କ ଆତ୍ମାକୁ ଖୁସି କରିବା ପାଇଁ ଅଶୋକ ବାହାଘର ଆମଘରେ ହେବ, ସେଥିପାଇଁ ସବୁ ପ୍ରସ୍ତୁତି ମୁଁ ଆରମ୍ଭ କଲିଣି । ଅଶୋକକୁ କହିବାରୁ ସେ ନିରବରେ ମୋ କଥାକୁ ସମର୍ଥନ କରିଛି । ଜାଇ ଅନୁକୂଳ କେବେ ହେବ ଅବଧାନଙ୍କ ସଙ୍ଗେ କଥାକରି ଜଣାଇବି, ଆପଣମାନେ ଆସିବେ । କକେଇ ଏହିକଥା କହିଲାବେଳେ ତାଙ୍କ ସ୍ୱର କାନ୍ଦିଲା, କାନ୍ଦିଲା ପରି ଲାଗୁଥିଲା । ମାମୁଙ୍କର ଏପରି ଏକ ଡାହା ମିଛ କାହାଣୀ ଶୁଣି ମୋ ମନ ବିବ୍ରତ ହୋଇଗଲା ଓ କକେଇଙ୍କ କାନ୍ଦ କାନ୍ଦ ସ୍ୱର ଯୋଗୁ ମୁଣ୍ଡ ମୋର ଠିକ୍‌ଭାବେ କାମ କଲାନାହିଁ । ହଠାତ୍ ମାମୁଙ୍କର ଏପରି ନାଟକୀୟ ପରିବର୍ତ୍ତନର କାରଣ ମୁଁ ଠିକ୍ ଭାବେ ଅନୁମାନ କରି ପାରିଲିନାହିଁ । କକେଇଙ୍କୁ କିଛି ଉତ୍ତର ନଦେବାରୁ ସେ ଠଉରେଇ ନେଲେ ସମ୍ଭବତଃ ମୁଁ ମାମୁଙ୍କର ପ୍ରସ୍ତାବରେ ରାଜି । "ମୌନଂ ସମ୍ମତି ଲକ୍ଷଣମ୍" ନ୍ୟାୟକୁ ବିଚାରକୁ ନେଇ କହିଲେ, ବାପା, ତୋ ବାହାଘର ତୁ ଯେଉଁଠି ଚାହୁଁଛି ସେଠି ହଉ, ଆମର କିଛି ଆପତ୍ତି ନାହିଁ । ଆମେ ନିଶ୍ଚିତ ବାହାଘର କାମରେ ଆମର ସାଧ୍ୟମତେ ଖୁସିରେ ସବୁ କରିବୁ । ତୋର ଖୁସି ଆମର ଖୁସି । କକେଇଙ୍କ ଏହିକଥା ଶୁଣି ମୁଁ ପ୍ରକୃତିସ୍ଥ ହୋଇ କହିଲି, ଆପଣ ମତେ ଭୁଲ ବୁଝନ୍ତୁ ନାହିଁ । ଏପରି ଏକ ମନଗଢା ମିଛ କାହାଣୀ ଶୁଣି ମୁଁ ଏତେ ବିବ୍ରତ ହୋଇଯାଇଛି ଯେ ଆପଣଙ୍କୁ କ'ଣ ଉତ୍ତର ଦେବି ସେଇ ଚିନ୍ତାରେ ପଡି ହଠାତ୍ କିଛି କହି ପାରୁନାହିଁ, ସେଥିପାଇଁ ମତେ କ୍ଷମା କରିଦେବେ । ମାମୁଁ ମୋତେ ଆଦୌ ଟେଲିଫୋନ୍ କରି ନାହାନ୍ତି କି ଆମେ ଦୁହେଁ ବାହାଘର ବିଷୟରେ କିଛି ଆଲୋଚନା କରିନାହୁଁ । ମୋର

Source: Author, Digitized by PPRACHIN, SOA

ପୂର୍ବ ନିଷ୍ପତ୍ତି ବାହାଘରର ଆମଘରେ ହେବ ଓ ସମସ୍ତ ଆନୁସଙ୍ଗିକ ପରମ୍ପରା ସେଇଠି ସମ୍ପାଦିତ ହେବା କଥାରେ କୌଣସି ପରିବର୍ତ୍ତନ ମୁଁ ଚାହେଁ ନାହିଁ । ସେଥିପାଇଁ ଯଦି ମାମୁ ମାଇଁ ରାଗ ବା ଅଭିମାନରେ କିଛିବି କରନ୍ତି ସେଥିପାଇଁ ମୁଁ ଆଦୌ ଚିନ୍ତିତ ନୁହେଁ । ସେ ନିଶ୍ଚିତ ଏଇ ଶୁଭ କାମରେ ଜଣେ ଖଳନାୟକର ଭୂମିକାରେ ଅବତୀର୍ଣ୍ଣ ହୋଇ ବିଘ୍ନସୃଷ୍ଟି କରିବା ପରି ଜଣାଯାଉଛି । ମୁଁ ଆପଣଙ୍କ ପାଦଧରି ତାଙ୍କର ଏହି କଥାପାଇଁ କ୍ଷମା ମାଗିବା ସାଙ୍ଗେ ସାଙ୍ଗେ ଏକଥା ସ୍ପଷ୍ଟ କରି ଦେଉଛି ଯେ ମୋ ବାପ ମାଆଙ୍କ ଅବର୍ତ୍ତମାନରେ ଆପଣ ହିଁ ମୋର ବାପା ମାଆ । ତେଣୁ ଶୁଭକାମଟି ଆପଣଙ୍କ କର୍ତ୍ତୃତ୍ୱରେ ସମ୍ପାଦନ ହେବ । ମାମୁଁ ଆଉଥରେ ଟେଲିଫୋନ କଲେ ଆପଣ ରୋକଠୋକ ଭାବେ ସବୁ ତାଙ୍କୁ ଶୁଣାଇଦେବେ । ସେ ଯେହେତୁ ମୋ ସହିତ କଥାନହୋଇ ଏତେବଡ ମିଛ କଥା କହି ଆପଣଙ୍କ ମନରେ ଦୁଃଖ ଦେଇଛନ୍ତି ତେଣୁ ସେ ଫୋନ୍ ନକରିବା ଯାକେ ମୁଁ ତାଙ୍କ ସାଙ୍ଗେ କଥାହେବି ନାହିଁ । ପରମ୍ପରା ଅନୁଯାୟୀ ତାଙ୍କ ଘରକୁ ମଉଳା ନିମନ୍ତ୍ରଣ ପଠାଇ ଦିଆଯିବ । ଗ୍ରହଣ କରିବା, ନକରିବା ତାଙ୍କର ଇଚ୍ଛା । କିନ୍ତୁ ତାଙ୍କର ଏହି ମନୋଭାବକୁ ମୁଁ କେବେହେଲେ ଗ୍ରହଣ କରିବି ନାହିଁ । ମୋକଥା ଶୁଣି ବଜେଇ ପଚାରିଲେ ତେବେ ତୋ ମାମୁ ଯାହା କହିଲେ ତାହା ସମ୍ପୂର୍ଣ୍ଣ ମିଛ? କାହିଁକି ସେ ଏପରି କରୁଛନ୍ତି କଣ ତାଙ୍କର ଉଦ୍ଦେଶ୍ୟ ? ବଜେଇଙ୍କୁ କହିଲି ସେ ଜଣେ ପରଶ୍ରୀକାତର ଲୋକ । ସେ ନିଜ ବ୍ୟତୀତ ଅନ୍ୟ କାହାର ଭଲ ସହିପାରନ୍ତିନାହିଁ । ଆଉ ରହିଲା ଉଦ୍ଦେଶ୍ୟ କଥା, ମୁଁ ଗାଁକୁ ଗଲେ ଆପଣଙ୍କୁ କହିବି । ତାଙ୍କ କଥାରେ ଯେହେତୁ କିଛି ଗୁରୁତ୍ୱନାହିଁ କି ତାଙ୍କ ବ୍ୟକ୍ତିତ୍ୱର ମଧ୍ୟ ତେଣୁ ଆପଣ ସେସବୁକୁ ଦୟାକରି ଭୁଲିଯାଆନ୍ତୁ । ଆପଣମାନଙ୍କ ଆଶୀର୍ବାଦ ହିଁ ମୋର କାମ୍ୟ । ଏଥର ବଜେଇ କହିଲେ ବାପା ତୋର କଥାରେ ମୋର ଭରସା ଅଛି । ଯାହାହେଲେ ବି ସେ ମଉଳାକୁଳ, ତେଣୁ ତାଙ୍କୁ ସବୁ ବୁଝାଇ କହିବି ଯଦି ଅସହିଷ୍ଣୁ ହେବେ ତେବେ ରୋକଠୋକ୍ ଉତ୍ତର ଦେବି, ବ୍ୟସ୍ତ ହେବୁନାହିଁ । ଦେହ ମୁଣ୍ଡର ଯତ୍ନ ନେବୁ, ହୁସିଆର ହୋଇ ଚଳିବୁ । ପରେ କଥା ହେବା କହିବାରୁ କହିଲି, ଖୁଡ଼ୀଙ୍କି ମୋର ପ୍ରଣାମ ଜଣାଇଦେବ, ରହୁଛି ନମସ୍କାର ।

Source: Author, Digitized by PPRACHIN, SOA

ସେଦିନ ସନ୍ଧ୍ୟାବେଳକୁ ଶକୁନ୍ତଳାଙ୍କ ବାପା ଟେଲିଫୋନ୍ କରି କହିଲେ, ବାବୁ ମାମୁ ଟେଲିଫୋନ୍ କରି କହିଲେ ଯେ ତାଙ୍କ ଘରେ ବାହାଘର ହେବ। ସେଥିରେ ଆପଣ ରାଜି ତେଣୁ ନିମନ୍ତ୍ରଣ ପତ୍ରରେ ତାଙ୍କ ନାଁ ଓ ଠିକଣା ଉଲ୍ଲେଖ କରିବା ସହିତ ବରଧରା ତାଙ୍କ ଘରକୁ ପଠାଇବାକୁ। ଏପରିସ୍ଥିତିରେ କଣ କରିବି ସ୍ଥିର ନକରିପାରି ଜଣାଇଲି। ମାମୁଙ୍କର ଏସବୁ କାରନାମା ଓ ତାହା ମିଛ ଶୁଣି ବଡ ବାଧିଲା। ତାଙ୍କର ପ୍ରକୃତ ଉଦ୍ଦେଶ୍ୟ କଣ ମୁଁ ଠଉରାଇ ପାରିଲିନାହିଁ। ସେ ହଟଚମଟ ସୃଷ୍ଟି କରି ନିଜର ପତିଆରା ଜାହିର କରିବାକୁ ଯେ ସତତ ଚେଷ୍ଟିତ ଏଥିରେ ମୋର ସନ୍ଦେହ ରହିଲାନାହିଁ। ଜଣେ ଗୁରୁଜନ ନିଜର ପିଲାଙ୍କ ସାଙ୍ଗେ ଏପରି ବ୍ୟବହାର କରିପାରନ୍ତି ଭାବି ମୋର ମନୋବଳ ଦୁର୍ବଳ ହୋଇଗଲା। ତଥାପି ନିଜକୁ ସମ୍ଭାଳି ସମସ୍ୟାକୁ ମୁକାବିଲା କରିବାପାଇଁ ମନୋବଳକୁ ଦୃଢକରି କହିଲି,ଆପଣ ତାଙ୍କ କଥାକୁ ଆଦୌ ଗୁରୁତ୍ୱ ଦିଅନ୍ତୁ ନାହିଁ। ସକାଳୁ ସେ ତାଙ୍କର ଏହି ମିଛ ନାଟକ ଆରମ୍ଭ କରି ମୋ କକେଇ ଖୁଡୀକୁ ଦୁଃଖି କରାଇଛନ୍ତି। ତଥାପି ତାଙ୍କ ମନ ବୁଝିଲାନାହିଁ ଯେ ସେ ଆପଣଙ୍କ ପାଖରେ ମଧ ମିଛ ନାଟକର ପୁନରାବୃତ୍ତି କରିଛନ୍ତି। ସେ ବୁଝୁନାହାନ୍ତି ଏହାଦ୍ୱାରା ତାଙ୍କର ବ୍ୟକ୍ତିତ୍ୱ ଓ ସମ୍ମାନରେ ହାନି ଘଟୁଛି। ମୋ କକେଇ ଖୁଡୀ ହେଲେ ମୋର କର୍ତ୍ତା ଓ କର୍ତ୍ତ୍ରୀ ତେଣୁ ତାଙ୍କର ମନଗଢା ମିଛ କାହାଣୀକୁ ବିଶ୍ୱାସ କରନ୍ତୁ ନାହିଁ। ଶକୁନ୍ତଳାଙ୍କ ବାପା କହିଲେ ସେ ଏପରି କାହିଁକି କରୁଛନ୍ତି କଣ ଲାଭ ପାଇବେ? କହିଲି ତାହା ଏକ ଲମ୍ବା କାହାଣୀ। ସେ ପୁତ୍ର ସ୍ନେହରେ ଅନ୍ଧହୋଇ ହିତାହିତ ଜ୍ଞାନ ଭୁଲି ଏପରି କରୁଛନ୍ତି। ସବୁକଥା ମୁଁ ଆପଣଙ୍କୁ କେତେବେଳେ ସୁବିଧା ହେଲେ କହିବି। ତାଙ୍କର ଏହିପରି କଥା ପାଇଁ ମୁଁ ଆପଣଙ୍କୁ କ୍ଷମା ମାଗିନେଉଛି। ଆପଣ କକେଇଙ୍କ ସାଙ୍ଗେ ଆଲୋଚନା କରି ସବୁ କରିବେ, ତାଙ୍କ କଥା ଶୁଣିବେ ନାହିଁ। ବୋଉଙ୍କୁ ମୋର ପ୍ରଣାମ ଜଣାଇ ଦେବେ କହି ଫୋନ କାଟିଲି। ସଙ୍ଗେ ସଙ୍ଗେ କକେଇଙ୍କୁ ଫୋନ କରି ସବୁକଥା କହିଲି। କକେଇ କହିଲେ ବାପାରେ ତୋ ମାମୁ ବୋଧେ ପାଗଳ ହୋଇଯାଇଛନ୍ତି,ନଚେତ୍ ଜଣେ ସୁସ୍ଥ ମସ୍ତିକ ବ୍ୟକ୍ତି କେବେହେଲେ ଏପରି

Source: Author, Digitized by PPRACHIN, SOA

କାମ କରିବାକୁ ଉଚିତ ମଣିବ ନାହିଁ। ଜଣେ ନୂଆ ବନ୍ଧୁଙ୍କୁ ଏପରି ମିଛ କହି ନିଜର ଓ ନିଜ ପିଲାର ସମ୍ମାନ ହାନି କରୁଛନ୍ତି । ଏହାଶୁଣି କହିଲି ସେଇଆତ ନିଶ୍ଚିତ । ସେ ନିଜକୁ ପାଗଳ ବୋଲି ପ୍ରମାଣିତ କରିବାକୁ ଗୋଟିଏ ପରେ ଗୋଟିଏ କାରନାମା କରି ଚାଲିଛନ୍ତି ତେଣୁ ଆପଣ ଶ୍ୱଶୁରଙ୍କ ସାଙ୍ଗେ କଥାହୋଇ ସବୁ ସ୍ଥିର କରିବେ ବୋଲି ଶ୍ୱଶୁରଙ୍କୁ କହିଛି । ମାମୁଙ୍କ କଥାକୁ ଧରିବେ ନାହିଁ । ମୁଁ ଆଗାମୀ ରବିବାରକୁ ସୁବିଧା ଦେଖି ଯିବି, ରହୁଛି, ନମସ୍କାର କରି ଫୋନ୍ କାଟିଲି ।

ଅନୁଚ୍ଛେଦ-୮

ଦିନ ଗଡିଚାଲିଲା ଓ ବାହାଘର ଦିନ ପାଖେଇ ପାଖେଇ ଆସିଲା । ଇତି ମଧ୍ୟରେ କକେଇଙ୍କ କହିଥିବା ମୁତାବକ ଗାଁକୁ ଯାଇ ବାହାଘରର ସବୁ ଆୟୋଜନ କଥା ଆଲୋଚନା କରି କିଛି ପଇସା ତାଙ୍କ ହାତରେ ଦେଇ ଫେରିଲା ପୂର୍ବରୁ ଖୁଡୀ ବୋହୂପାଇଁ ଗଢାଇଥିବା ନୂଆ ଗହଣା ମୋତେ ଦେଖାଇଲେ । ଗହଣା ଗୁଡିକ ଭଲ ଡିଜାଇନର ହୋଇଥିଲା । ତେଣୁ ଖୁସିରେ କହିଲି,ମୁଁ କଣ ଜାଣିଛି ଯେ ଦେଖିବି, ତାହା ଆପଣଙ୍କ ପସନ୍ଦମାନେ ମୋ ପସନ୍ଦ । ସେଥିପାଇଁ କେତେ ଟଙ୍କା ଖର୍ଚ୍ଚହେଲା ବୋଲି ପଚାରିବାରୁ ଖୁଡୀ କହିଲେ ନାନୀଙ୍କର ଗହଣା ବଦଳାଇ ସବୁ କରିଛୁ। ନଇଲେ ଆମ ପାଖରେ ସୁନାର ଏହି ମହଙ୍ଗା ଯୁଗରେ ଏସବୁ ଗହଣା କରିବାକୁ ଏତେ ପଇସା କାହିଁ । ତେଣୁ ତୁ ବ୍ୟସ୍ତ ହଁ ନା । ତୁ ଏ ବଂଶର ବଡପୁଅ ଆଉ ସେ ମଧ୍ୟ ବଡ ବୋହୂ ହେବ ତେଣୁ ତାର ମର୍ଯ୍ୟାଦା ଏ ବଂଶର ମର୍ଯ୍ୟାଦା ତାକୁ ଆଖିରେ ରଖି ସବୁ କରିଛୁ । ବାପା କରିଥିବା ଘରଦ୍ୱାର ମଧ୍ୟ ଯଥା ସମ୍ଭବ ଭଲଭାବେ ସଜଡା ସଜଡି କରି ରଙ୍ଗ କରି ଦେଇଛୁ ଯେପରି ମୋ ବଡବୋହୂର ବନ୍ଧୁ ପରିଜନ ତାକୁ ତୋ ଘର ଗରିବ ଘର ବୋଲି କହିବେ ନାହିଁ । ବାସ୍ତବରେ ମଧ୍ୟ ଘରଦ୍ୱାର ରଙ୍ଗ ହୋଇଯାଇଥିବାରୁ ଖୁବ୍ ସୁନ୍ଦର ଦେଖାଯାଉଥିଲା । ତେଣୁ ମତେ ଖୁସି ଲାଗିଲା । ଖୁଡୀଙ୍କୁ କହିଲି, ଆପଣମାନଙ୍କ ସ୍ନେହ ଓ ଆଶୀର୍ବାଦ ପାଇ ନିଜକୁ ଧନ୍ୟ ମନେ କରୁଛି କହି ଫେରିଆସିଲି । ନିୟମିତ ଭାବେ ଶକୁନ୍ତଳାଙ୍କ ସାଙ୍ଗେ ପ୍ରତିଦିନ ରାତିରେ କଥାହେବା ଗୋଟିଏ ଅଭ୍ୟାସ ପଡିଯାଇଥାଏ । ନିର୍ଦ୍ଧାରିତ ସମୟ ଆସିଗଲେ କଥା ନହେଲେ ସତେ

Source: Author, Digitized by PPRACHIN, SOA

ଯେପରି କିଛି ଗୋଟାଏ ଗୁରୁତ୍ୱପୂର୍ଣ୍ଣ କାମ ବାକି ରହିଗଲା ପରି ଲାଗେ, ତେଣୁ ତୁରନ୍ତ କଥାହେଉ । ସେଦିନ ସେପରି କଥା ଆରମ୍ଭ କରି ଶକୁନ୍ତଳା କହିଲେ, ସେଇ ଅସାମାଜିକ ବ୍ୟକ୍ତିଙ୍କର ଜାମିନ ଆବେଦନ ମଧ୍ୟ ଆଜି ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରା ଖାରଜ ହୋଇଗଲା ଓ ଶୀଘ୍ର ଶୁଣାଣୀ କରିବାକୁ ନିର୍ଦ୍ଦେଶ ମଧ୍ୟ ମିଳିଛି । ଓକିଲ କହୁଥିଲେ, ଶୁଣାଣି ଆଗାମୀ ସପ୍ତାହରୁ ଆରମ୍ଭ ହେବ ଏବଂ ଯେଉଁ ଜଜ୍ ଏହାର ଶୁଣାଣୀ କରିବେ ସେ ଖୁବ୍ ଦୃଢ ଓ ବିଚାରବନ୍ତ ଏବଂ ସମୟ ଗଡାଇବାକୁ ବେଶୀ ସୁଯୋଗ ଦେବେନାହିଁ । ସେ ଆସିଲାଦିନୁ ବହୁତ ପୁରୁଣା କେସ୍ ଫଇସଲା କରିଦେଲେଣି ତେଣୁ ଏ କେସର ଫଇସଲା ମଧ୍ୟ ଶୀଘ୍ର ସରିଯାଇପାରେ । ତାଙ୍କ କଥାଶୁଣି କହିଲି, ଏହା ଏକ ଖୁସି ଖବର । ଆଉ ମଧ୍ୟ ବାପାଙ୍କୁ କହିବ, ସେ ଆମ ଓକିଲଙ୍କୁ କହିବେ ଯେହେତୁ ତୁମର ସେଇ ବାବୁଙ୍କ ସାଙ୍ଗେ ମୁହାଁମୁହିଁ ଦେଖାଭେଟ କଥା ହୋଇନାହିଁ ଯାହା କେବଳ ଫୋନ ମାଧ୍ୟମରେ ହୋଇଛି, ତେଣୁ ତୁମକୁ କୋର୍ଟରେ ହାଜର ପାଇଁ ନଡକାଇବାକୁ ମାନ୍ୟବର କୋର୍ଟଙ୍କୁ ନିବେଦନ କରିବେ । କୋର୍ଟରେ ହାଜର ହେଲେ ତୁମ ଜୀବନ ପ୍ରତି ବିପଦ ବଢିଯିବ । ଶକୁନ୍ତଳା ଏହାଶୁଣି ଡରିଯାଇ କହିଲେ ଆପଣ ଆମ ଓକିଲଙ୍କ ସାଙ୍ଗେ ବସି ବିଚାର ବିମର୍ଷ କଲେ ଭଲ ହୁଅନ୍ତା । କାରଣ ବାପା ଜଣେ ସାଦାସିଧା ଲୋକ, ତେଣୁ ସେ ଓକିଲଙ୍କୁ ଠିକ୍ ଭାବେ ଘଟଣାର ଗୁରୁତ୍ୱ ବୁଝାଇପାରିବେନାହିଁ । ହସିଦେଇ କହିଲି, ତାରିଖ ଠିକ ହେଲା ପରେ ଓକିଲଙ୍କୁ ପଚାରି ମତେ କହିଲେ, ମୁଁ ଯିବି ଏବଂ ସବୁ ଆଲୋଚନା କରିବି ଏଥର ସେ ସାମାନ୍ୟ ଆଶ୍ୱସ୍ତି ଉପଲବ୍ଧି କରି କହିଲେ ସେଇ, ଶୁଭ ଅପରାହ୍ନରେ ଆପଣଙ୍କ ସହ ସାକ୍ଷାତ ଯେ ମୋ ପାଇଁ ଏତେ ଆଶୀର୍ବାଦ ଆଣିଦେବ ଭାବିଲେ ଭଗବାନଙ୍କ ସହ ସାନ୍ନିଧ ଲାଭ କଲାପରି ଲାଗେ । କହିଲି, ତାହା ଉଭୟଙ୍କ ପାଇଁ ମଙ୍ଗଳ ସାବ୍ୟସ୍ତ ହୋଇଛି ତେଣୁ ମଙ୍ଗଳଦାୟକଙ୍କ ଇଛା ପ୍ରାଣୀର ମଙ୍ଗଳପାଇଁ । ଶାସ୍ତ୍ର ପୁରାଣ କଥା ଭୁଲ ନୁହେଁ । ଏହାପରେ ଖୁସିରେ କିଛି ସମୟ କଥାହୋଇ ଉଭୟ ଉଭୟଙ୍କୁ ଶୁଭରାତ୍ରୀ ଜଣାଇ ଫୋନ୍ କାଟିଲୁ ।

ଶକୁନ୍ତଳାଙ୍କ କହିବା ଅନୁଯାୟୀ ତା ଆର ସପ୍ତାହରୁ ଶୁଣାଣି ହେବାପାଇଁ କୋର୍ଟ ତାରିଖ ଧାର୍ଯ୍ୟ କରିବାରୁ ମୁଁ ଓ ଶ୍ୱଶୁର ଉଭୟ ଆମପକ୍ଷ ଓକିଲଙ୍କ ସାଙ୍ଗେ

Source: Author, Digitized by PPRACHIN, SOA

ଆଲୋଚନା ପାଇଁ ତାଙ୍କ ଚାମ୍ବରକୁ ଗଲୁ । ସେ କେସର ସମସ୍ତ ବିବରଣୀ ଓ ମୋବାଇଲରୁ ଉଦ୍ଧୃତ ତଥ୍ୟ ସବୁ ଭଲଭାବେ ପଢିଥିଲେ ତେଣୁ କହିଲେ ଏଥିରେ ଶକୁନ୍ତଳାଙ୍କୁ କୋର୍ଟରେ ହାଜର କରିବାକୁ ବିରୋଧୀ ପକ୍ଷ ଓକିଲ ଆବେଦନ କଲେ ସେ ବିରୋଧ କରିବେ, କାରଣ ଉଭୟ ଉଭୟଙ୍କୁ ମୁହାଁମୁହିଁ ସାକ୍ଷାତ କରିନାହାନ୍ତି । ତେଣୁ ମୋବାଇଲରୁ ମିଳିଥିବା ତଥ୍ୟ ଓ ସେମାନଙ୍କର ସେଦିନିର କାରନାମା ବିଷୟକୁ ବିଚାରକୁ ନିଆଯିବ । ଆଉ ମଧ୍ୟ ସେଦିନର ଘଟଣା ସହିତ ଶକୁନ୍ତଳାଙ୍କର କୌଣସି ସମ୍ପର୍କ ନାହିଁ। ମୁଦାଲାମାନେ ତାଙ୍କର ପଶୁବଳ ଦେଖାଇବାକୁ ବିଭିନ୍ନ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚି ଗାଁ ଲୋକଙ୍କୁ ହତ୍ୟା ଧମକ ଓ ବୋମାମାଡ ଦେଖାଇବାରୁ ଲୋକଙ୍କ ହାତରେ ଧରାପଡିଛନ୍ତି ଯାହା ତାଙ୍କବିରୁଦ୍ଧରେ ଯଥେଷ୍ଟ ପ୍ରମାଣ, ତେଣୁ ଆପଣମାନେ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ । ଏ କେସର ବିଚାର ଶୀଘ୍ର ସରିଯିବ ବୋଲି ଆଶାଅଛି । ମୁଦାଲା ପକ୍ଷର କିଛି ଯୁବକ ସାମାନ୍ୟ ପାରିଶ୍ରମିକ ଓ ମଦ ଲୋଭରେ ଆସି ଫସିଯାଇଛନ୍ତି ତେଣୁ ସେମାନଙ୍କ ତରଫରୁ ମଧ୍ୟ ଅଲଗା ଅଲଗା ଓକିଲ କୋର୍ଟରେ ସେମାନଙ୍କୁ ରାଜସାକ୍ଷୀ ଭାବେ ବିଚାରକୁ ନେବାକୁ ଆବେଦନ କରିବେ ବୋଲି ତାଙ୍କ ପାଖରେ ଖବର ଅଛି, ଯଦ୍ୱାରା ଆସାମୀଙ୍କ ପାଇଁ ଅଡୁଆ ବଢିଯିବ। ଆଉ ମଧ୍ୟ ଏପରି କେସରେ ସାଧାରଣତଃ ମୁଦେଇ ମାନଙ୍କୁ ଏହି ଅସାମାଜିକ ତତ୍ୱ ମାନଙ୍କ ସାମ୍ନାରେ ହାଜର ନକରିବାର ବହୁତ ଦୃଷ୍ଟାନ୍ତ ଅଛି, ତେଣୁ ଶକୁନ୍ତଳାଙ୍କ ହାଜିରକୁ ମୋର ବିରୋଧ ନିଶ୍ଚିତ ମାନ୍ୟବର କୋର୍ଟ ଗ୍ରହଣ କରିବେ। ଓକିଲଙ୍କ ଠାରୁ ଏସବୁ ଶୁଣିଲାପରେ ମୋର ଆଉ କିଛି ବିଶେଷ କହିବାର ନଥିଲା ତଥାପି କହିଲି, ଆପଣ ସେଥିପାଇଁ ନିଶ୍ଚିତ ପ୍ରସ୍ତୁତ ହୋଇଯିବେ । ସେ କହିଲେ ସେଇଟାତ ମୋର ବୃତ୍ତିଗତ ଅଭ୍ୟାସ ତେଣୁ ତାରିଖଦିନ ଜଗବନ୍ଧୁବାବୁ କୋର୍ଟକୁ ଆସନ୍ତୁ, ଦରକାର ପଡିଲେ ତାଙ୍କୁ ହାଜର ହେବାକୁ ପଡିପାରେ ଆଉ ଆପଣ ଯାହା ଦେଖିଛନ୍ତି,ତାକୁ ଠିକ୍‌ଠିକ୍ କହିବେ ଅନ୍ୟସବୁ ମୁଁ ସମ୍ଭାଳିବି । ଓକିଲଙ୍କୁ ତାଙ୍କ ଫିସଦେଇ ଉଭୟ ଫେରିଲୁ । ମୁଁ କେନ୍ଦ୍ରାପଡା ବସଷ୍ଟାଣ୍ଡରୁ ବସଧରି ଭୁବନେଶ୍ୱର ଫେରିଲି ଓ ଶ୍ୱଶୁର ଘରକୁ ଫେରିଗଲେ। ନିର୍ଦ୍ଧାରିତ ତାରିଖ ଦିନ ସନ୍ଧ୍ୟା ବେଳକୁ ଶଶୁର ଟେଲିଫୋନ କରି କହିଲେ ଆମ ଓକିଲ ଯାହା

Source: Author, Digitized by PPRACHIN, SOA

କହିଥିଲେ ତାହାହିଁ ହେଲା । ସେମାନଙ୍କ ମଧ୍ୟରୁ ୩ଜଣ ରାଜସାକ୍ଷୀ ହେବେ ବୋଲି ତାଙ୍କ ଓକିଲଙ୍କ ଆବେଦନକୁ ମାନ୍ୟବର କୋର୍ଟ ଗ୍ରହଣ କରି ତାଙ୍କଠାରୁ ସେଦିନର ଘଟଣାବଳୀର ସବୁତଥ୍ୟ ପୃଥକ ପୃଥକ ଭାବେ ରେର୍କଡ କରିଛନ୍ତି । ବିରୋଧୀ ପକ୍ଷଙ୍କର ଶକୁନ୍ତଳାକୁ କୋର୍ଟରେ ହାଜର କରିବାର ଆବେଦନକୁ ମଧ୍ୟ ଖାରଜ କରିଦେଲେ । କେସର ତାରିଖ ଦଶଦିନପରେ ଧାର୍ଯ୍ୟ କରିଛନ୍ତି । ସେଦିନ ମୋର, ଗାଡି ଡ୍ରାଇଭର, ମୁଦାଲା ଓ ସାକ୍ଷୀମାନଙ୍କ ବୟାନର ବିବରଣୀ ରେକର୍ଡ କରାଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଅବଶ୍ୟ ଆମ ଓକିଲ ବିରୋଧୀ ପକ୍ଷ ଓକିଲଙ୍କଠାରୁ ନିଶ୍ଚିତ ଅଭିଜ୍ଞ ଓ ଚାଲାଖ ଜଣା ପଡୁଛନ୍ତି । କେସଟି ଏପରି ଲଗାତାର ଭାବେ ଶୁଣାଣି ହେଲେ ଆଉ ଦୁଇ ତିନଟି ତାରିଖରେ ଫଇସଲା ହୋଇଯିବ ବୋଲି ଓକିଲବାବୁ କହୁଛନ୍ତି । ମୁଁ କହିଲି ଯଦି ତାହାହେବ ତେବେ ଖୁବ ଭଲ ହେବ । ଆପଣ ତାଙ୍କ ଦାବି ମୁତାବକ ତାଙ୍କ ପାଉଣା ଠିକ୍ ଠିକ୍ ଦେଇଦେବେ ତେବେ ତାଙ୍କର ଆଗ୍ରହ ବଢିବ ଓ ସେ ମନ ଲଗାଇ କେସଟି ଲଢିବେ । ଶ୍ୱଶୁର କହିଲେ ମୁଁ ସେଥିରେ ହେଳା କରୁନାହିଁ, ଓକିଲବାବୁ ଖୁସି ଅଛନ୍ତି । ଆର ତାରିଖଦିନ ସନ୍ଧ୍ୟାବେଳକୁ କେସର ସ୍ଥିତି ବିଷୟ ଜଣାଇବି । ରହୁଛି କହିବାରୁ ମୁଁ ନମସ୍କାର ଜଣାଇ ରହିଲି ।

ଇତି ମଧ୍ୟରେ ଦଶଦିନ କାନ କୁଣ୍ଢାଇଲାପରି କେତେବେଳେ କଟିଗଲା ଜଣା ପଡିଲାନାହିଁ । ନିର୍ଦ୍ଧାରିତ ତାରିଖ ଦିନ ସନ୍ଧ୍ୟାପରେ ଶଶୁର ଟେଲିଫୋନକରି କହିଲେ ବାବୁ ଆଜି କୋର୍ଟର କେସର ବିଚାରହେଲା,ବିଚାରପତିଙ୍କ ପୂର୍ବ ଆଦେଶ ମୁତାବକ ସମସ୍ତଙ୍କର ବୟାନ ରେକର୍ଡ କରାଗଲା । ଖୁସିର କଥା ସମସ୍ତ ସାକ୍ଷୀ ମଧ୍ୟ ଆଜି ହାଜର ହେବାରୁ ପ୍ରଥମ ପର୍ଯ୍ୟାୟ ଶୁଣାଣି ସରିଲା ବୋଲି ଓକିଲ ବାବୁ କହୁଥିଲେ । ପୁଣି ଏକ ସପ୍ତାହପରେ ଶୁଣାଣି ହେବ । ସେଦିନ ଉଭୟପକ୍ଷ ଓକିଲ ମୁଦେଇ ମୁଦାଲା ଓ ସାକ୍ଷୀମାନଙ୍କୁ ଜେରା କରିବେ । ଏହା ଯଦି ସେଦିନ ନସରିବ ତେବେ ତାପରଦିନ ମଧ୍ୟ ଜାରି ରହିବ । ଜେରାକାର୍ଯ୍ୟ ସରିଲାପରେ ଆଉ ଗୋଟିଏ ତାରିଖରେ ଉଭୟ ପକ୍ଷର ଓକିଲ ନିଜ ନିଜ ପକ୍ଷଙ୍କ ତରଫରୁ ଯଦି କିଛି ଅଧିକ ଦସ୍ତାବିଜ୍ ନୂଆ ତଥ୍ୟ ପ୍ରମାଣ ଓ ସାକ୍ଷୀଥାନ୍ତି ତାହା ଉପସ୍ଥାପିତ କରିବେ, ଯାହା

Source: Author, Digitized by PPRACHIN, SOA

ମାନ୍ୟବର କୋର୍ଟ ଗ୍ରହଣକଲେ ତା ଉପରେ ଶୁଣାଣୀ ହେବ । ନଚେତ୍ ସେମାନେ ଏପର୍ଯ୍ୟନ୍ତ ହୋଇଥିବା ଶୁଣାଣୀ, ପୋଲିସ ରିପୋର୍ଟ ଓ ଅନ୍ୟାନ୍ୟ ତଥ୍ୟକୁ ଆଧାର କରି ନିଜ ନିଜ ପକ୍ଷ ରଖିବେ, ଯାହାକୁ ଆଧାର କରି ମାନ୍ୟବର କୋର୍ଟ ତାଙ୍କର ଫଏସଲା ଶୁଣାଇବେ । ଓକିଲବାବୁ କହୁଥିଲେ ଏ କେସରେ ଆଉ ଅଧିକ ତଥ୍ୟ ପ୍ରମାଣ ବା ଦସ୍ତାବିଜ ଥିଲାପରି ପ୍ରତୀୟମାନ ହେଉନାହିଁ । ଯଦି ଥାନ୍ତା ତେବେ ବିରୋଧିପକ୍ଷ ଓକିଲ ତାହା ଉପସ୍ଥାପିତ କରି ବିଚାର ପ୍ରକ୍ରିୟାକୁ ବିଳମ୍ବ କରିବାକୁ ଚେଷ୍ଟା କରିଥାନ୍ତେ । ବର୍ତ୍ତମାନ ସୁଦ୍ଧା ଦୁଇଟି ତାରିଖରେ ବିରୋଧୀପକ୍ଷ ସେପରି କୌଣସି ଆଭାସ ଦେଉନାହାନ୍ତି । ତେଣୁ ସେମାନଙ୍କ ପାଖରେ କେସରୁ ଖସିବାକୁ ଆଉ କିଛି ନଥିଲା ପରି ଜଣାପଡୁଛି, ଯାହା ଆଗାମୀ ତାରିଖରେ ସ୍ପଷ୍ଟ ହେବ । ସବୁ ଶୁଣିଲା ପରେ କହିଲି, ଦେଖାଯାଉ କଣ ହେଉଛି । ଯେତେଶୀଘ୍ର ଶୁଣାଣୀ ସରି କେସଟି ଫଏସଲା ହୋଇ ଦୋଶୀଙ୍କୁ ଦଣ୍ଡ ମିଳିଯିବ ସେତେ ଭଲ । ଭଗବାନଙ୍କ କୃପାରୁ ଓକିଲ ବାବୁଙ୍କ ତୁଣ୍ଡ ସତ୍ତୁଣ୍ଡ ହେଉ ଓ କେସର ଫଏସଲା ଶୀଘ୍ର ହେଇଯାଉ । ବୋଉଙ୍କୁ ମୋର ପ୍ରଣାମ ଜଣାଇଦେବେ, ନମସ୍କାର, ରହୁଛି । ଆଶୀର୍ବାଦ କରି ଶ୍ୱଶୁର କହିଲେ ଆଗାମୀ ଶୁଣାଣି ପରେ ସବୁକଥା ଜଣାଇବି କହି ଫୋନ କାଟିଲେ ।

ଅନୁଚ୍ଛେଦ-୯

ଅଭ୍ୟାସ ଓ ବଦଭ୍ୟାସ ଯାହାହେଉ ଆମେ ଦୁଇଜଣ ପ୍ରତିଦିନ ରାତିରେ କିଛି ସମୟ ଟେଲିଫୋନରେ କଥା ନହେଲେ ଆମର ଭାତ ହଜମ ହୁଏନାହିଁ । ଏହା ଆମର ଏକ ନିତିଦିନିଆ ରୁଟିନରେ ପରିଣତ ହୋଇଯାଇଥାଏ । ତେଣୁ ସବୁଦିନପରି ସେଦିନ କଥାହେଲାବେଳେ ଶକୁନ୍ତଳାଙ୍କ ସ୍ୱର କିଛିଟା ଅସ୍ୱାଭାବିକ ଲାଗିଲା । ଅନ୍ୟ ଦିନମାନଙ୍କ ପରି ସେଦିନ ଶକୁନ୍ତଳା ମନ ଖୁସିରେ ଓ ଖୋଲା ମନରେ କଥା ହେଉନଥିଲେ, ଯାହାମତେ ବ୍ୟଥିତ କଲା । ପଚାରିଲି ଘଟଣାକଣ,ତୁମେ ମୋ ଉପରେ ରାଗିକରି ଖୁସିରେ କଥା କହୁନ ନା ଅନ୍ୟକିଛି ପାରିପାର୍ଶିକ ଘଟଣାକୁ ନେଇ ବ୍ୟଥିତ ଅଛ ? ସେ ସେଇପରି ଦୁଖଭରା କଣ୍ଠରେ କହିଲେ ଗୋଟିଏ ଭୁଲ ପ୍ରତି ପଦକ୍ଷେପରେ ଏପରି ଅପଦସ୍ଥ ଓ ସମାଲୋଚନାର

Source: Author, Digitized by PPRACHIN, SOA

କାରଣ ହେବ ଜାଣି ନଥିଲି ତେଣୁ ବେଳେ ବେଳେ ଜୀବନର ସ୍ପୃହା କମି କମି ଯାଉଛି । ତାଙ୍କର ଏହି ନୈରାଶ୍ୟବୋଧ କଥା ପୁଣିଥରେ ଶୁଣି ମୋର ଚିନ୍ତା ବଢିଗଲା । ହଠାତ୍ କହି ପକାଇଲି, ଜୀବନଟା କେବଳ ନିଜର ନୁହେଁ ସେଥିରେ ଅନ୍ୟମାନଙ୍କର ମଧ ଭାଗ୍ଥାଏ । ଏହାଶୁଣି ସେ କହିଲେ ହଁ ସେଇଥିପାଇଁ ତ କିଛି ଗୋଟାଏ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଜୀବନ ସାଥୀଙ୍କୁ ମୋର ତିକ୍ତ ଅନୁଭୂତି କହିବା ମନସ୍ଥ କରିଥିଲା ବେଳେ ମୋ ମଣିଷ ଦେବତା ତାହା ଠଉରାଇ ନେଇଛନ୍ତି ସେଥିପାଇଁ ନିଜକୁ ଭାଗ୍ୟବତୀ ମନେ କରୁଛି ଏବଂ ଶପଥ କରି କହୁଛି ଆପଣଙ୍କୁ ନ ଜଣାଇ ବା ଆଜ୍ଞା ଅବଜ୍ଞା କରି କୌଣସି କାର୍ଯ୍ୟ ମୁଁ କରିବିନାହିଁ । ମୁଁ ଏଥର ଅବସ୍ଥାକୁ ସମ୍ଭାଳିବା ପାଇଁ ପଚାରିଲି, କଣ ଘଟିଛି ମତେ କୁହ ? ସେ ଯାହା କହିଲେ ତାହାହେଲା ତାଙ୍କର ମୋବାଇଲ ପ୍ରେମ ବା ମୋବାଇଲ ପ୍ରେମିକଙ୍କ କଥା ତାଙ୍କ ପରିବାର ଓ ଅନ୍ୟ କେତେଜଣ ବରିଷ୍ଠ ସାହିପଡିସାଙ୍କୁ ଛାଡିଦେଲେ ଅନ୍ୟମାନେ କେହି ଜାଣିନଥିଲେ । ସେଦିନର ଗାଁ ଛକରେ ଘଟିଥିବା ଘଟଣାବଳୀ ଯୋଗୁଁ ସେ କଥାଟି କେବଳ ସାହି. ଗ୍ରାମ କି ପଞ୍ଚାୟତ ଭିତରେ ସୀମିତ ନରହି ଖଣ୍ଡମଣ୍ଡଳରେ ପିଲାଠାରୁ ବୁଢା ସମସ୍ତଙ୍କ ମଧରେ ବ୍ୟାପିଗଲା ଯେଉଁଥିପାଇଁ ସେ ଜଣେ ବିବାଦୀୟା ଯୁବତୀ ଭାବରେ ପରିଚିତ ହୋଇପାରିଛନ୍ତି । ଆହୁରି ଦୁଃଖର କାରଣ ହେଉଛି ଯେ ସେ ତାଙ୍କ ଗାଁ ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠିତ ଅବସରପ୍ରାପ୍ତ ସ୍ୱନାମଧନ୍ୟ ଛାତ୍ରବତ୍ସଳ ପ୍ରଧାନଶିକ୍ଷକଙ୍କ କନ୍ୟା, ନିଜେ ମଧ ଇତ୍ୟବସରରେ ସୌଭାଗ୍ୟକୁ ହେଉ କି ଦୁର୍ଭାଗ୍ୟକୁ ହେଉ ସେହି ବିଦ୍ୟାଳୟରେ ନୂଆକରି ଶିକ୍ଷକତା ଆରମ୍ଭ କରିଛନ୍ତି । ତେଣୁ ପ୍ରତିଦିନ ତାଙ୍କର ବିଦ୍ୟାଳୟକୁ ଯିବା ଆସିବାବେଳେ ହେଉ ବା ବିଦ୍ୟାଳୟର ରହଣିକାଳ ମଧରେ ହେଉ ତାଙ୍କୁ ଆଙ୍ଗୁଳି ନିର୍ଦ୍ଦେଶ କରି ଲୋକମାନେ ବିଭିନ୍ନ କଥା ହେବା ସଙ୍ଗେ ସଙ୍ଗେ ଅତି ନିନ୍ଦୁକ ବ୍ୟକ୍ତି ହୋଇଥିଲେ କଟୁ ମନ୍ତବ୍ୟ ଦେବାକୁ ପଛାଉ ନାହାନ୍ତି ଯାହା ତାଙ୍କର ନିତିଦିନିଆ ଦେହସୁଆ ହୋଇ ଗଲାଣି ଓ ତାକୁ ସେ ବରଦାସ୍ତ କରିନେଉଥଲେ ମଧ । କିନ୍ତୁ ଆଜିର ଘଟଣାବଳୀ ତାଙ୍କୁ ବହୁ ଭାବରେ ବ୍ୟଥିତ କରିଛି । ବିଦ୍ୟାଳୟରେ ସେ ଶିକ୍ଷୟତ୍ରୀମାନଙ୍କ ବିଶ୍ରାମ ପାଇଁ ଉଦ୍ଦିଷ୍ଟ କକ୍ଷରେ ବସି ଖବର କାଗଜ

Source: Author, Digitized by PPRACHIN, SOA

ପଢୁଥିଲାବେଳେ ଅନ୍ୟ କେତେଜଣ ବୟୋଜ୍ୟେଷ୍ଠା ବରିଷ୍ଠ ଶିକ୍ଷୟତ୍ରୀ ମାନେ ବସି ନିଜ ନିଜ ଭିତରେ ଦୁଃଖ, ସୁଖ ହେଉଥିଲେ। ଶକୁନ୍ତଳା ସେମାନଙ୍କ କଥାରେ ଭାଗ ନ ନେଉଥିବାରୁ ଜଣେ ଶିକ୍ଷୟତ୍ରୀ ତାଙ୍କୁ କହିଲେ, ଆମେ ସମସ୍ତେ କଥା ହେଉଛୁ ତୁମେ କାହିଁକି କିଛି କହୁନ? ସେ କିଛି କହିବା ପୂର୍ବରୁ ଆଉଜଣେ କୁହାଳିଆ ଶିକ୍ଷୟତ୍ରୀ କହିଲେ ସିଏତ ସମ୍ଭବତଃ ତାଙ୍କ ମୋବାଇଲ ପ୍ରେମିକଙ୍କ କାରନାମା କଥା ଭାବୁଛନ୍ତି। ତେଣୁ ଖବର କାଗଜ ପଢିବାର ବାହାନା କରି ମୁହଁକୁ ଘୋଡାଇ ବସିଛନ୍ତି। ଛିଲୋ ମାଆ କି ଅଲାଜୁକ ଯୁଗ ଇଏ ହେଲା, ଦେଖାନାହିଁ କି ସାକ୍ଷାତନାହିଁ, ଛୋଟା, ଲେଙ୍ଗେଡା କି କଣା କୁଜା, ମୂର୍ଖ, ଶିକ୍ଷିତ, ଗୁଣ୍ଡା କି ବଦମାସ ଜଣାନାହିଁ, ଜାତି,ଧର୍ମ, ବର୍ଣ୍ଣର ପରିଚୟ ନାହିଁ,ମୋବାଇଲରେ କଥା ହୋଇ ପ୍ରେମ ଓ ତାହା ଆଗେଇ ବାହା ହେବା ପାଇଁ ରାଜିରୁଜା ଓ ଆଗକୁ ଆଉ କଣ ସବୁ ଘଟିଛି କିଏ ଜାଣେ? ଲୋକେ ବିଭିନ୍ନ କଥା କହି ଚୁପ୍‌ଚାପ୍ ହେଉଛନ୍ତ. ଯାହା ଶୁଣି ମତେ ବଡ ଲାଜ ଲାଗୁଛି । ପ୍ରଥମ କହିଥିବା ଶିକ୍ଷୟତ୍ରୀ କହିଲେ ଆପଣଙ୍କୁ କାହିଁକି ଲାଜ ଲାଗୁଛି । କୁହାଳିଆ ଜଣଙ୍କ ଏଥର ଆଉ ଟିକେ ଜୋରରେ କହି ଉଠିଲେ, କି କଥା ଇଏ କହୁଛନ୍ତି । ଆମେ ସମସ୍ତେ ଗୋଟିଏ ବିଦ୍ୟାଳୟରେ କାମ କରୁଛେ ନା, ତାଙ୍କର ବଦନାମ ଆମର ନୁହେଁ ? ସିଏ ସବୁଦିନ ବିଦ୍ୟାଳୟ ଆସୁଛନ୍ତି ମୁଁ ହୋଇଥିଲେ ଛୁଟିନେଇ ଘର କଣରେ ବସିଥାନ୍ତି । ଏଥର ପ୍ରଥମଜଣଙ୍କ କହିଲେ ହଉ ହେଲା ଆପଣ ବହୁତ କହି ଜାଣିଛନ୍ତି, କହିଲେଣି ମଧ୍ୟ, ବନ୍ଦ କରନ୍ତୁ ପିଲାଟା କାନ୍ଦିବାକୁ ଆରମ୍ଭ କଲାଣି । ଆପଣ ଜଣେ ବଡ ସାଂଘାତିକ ଲୋକ ଯାହାର ନା ଅଛି ଭଲ ମନ୍ଦର ବିଚାର ନା ସ୍ଥାନ କାଳ ପାତ୍ରର ଚିନ୍ତା ଅଛି କେବଳ ପରଚର୍ଚ୍ଚା ଓ କୁତ୍ସାରଟନା। ପିଲାଟାତ ସବୁକଥା ଆମ ସମସ୍ତଙ୍କ ଆଗରେ ଖୋଲିକରି କହି ନିଜର ଦୋଷ ସ୍ୱୀକାର କରି ସେଥିପାଇଁ ସେ ଅନୁତପ୍ତ ବୋଲି ମଧ୍ୟ କହିଛି ତା ସତ୍ତ୍ୱେ ଆପଣଙ୍କର ଏପରି ଭାଷା ଆଦୌ ଗ୍ରହଣୀୟ ନୁହେଁ ବରଂ ମୋର ଦୋଷ ହୋଇଛି ତାଙ୍କୁ ଆମସାଙ୍ଗେ କଥା ହେବାକୁ ଡାକିବା ଯୋଗୁଁ ସେ ଏତେକଥା ଆପଣଙ୍କ ଠାରୁ ଶୁଣିଲାଣି । ଏହାଶୁଣି କୁହାଳିଆ ଜଣଙ୍କ ଆହୁରି ଚିତ୍କାର କରି କହିଲେ ଦୋଷ ସ୍ୱୀକାର କଲେ ହୋଇଯିବ, ସେ କଣ

Source: Author, Digitized by PPRACHIN, SOA

ଜାଣି ନଥିଲା, ଏଇଲାଗେ ସକେଇ ହଉଛି । କାହିଁ ଆମେତ ସେପରି କରିନାହୁଁ । ପ୍ରଥମ ଶିକ୍ଷୟତ୍ରୀ କହିଲେ କିଏ ଜାଣିଛି ଆପଣମାନେ କଣ କରିଛନ୍ତି କି ନାହିଁ? ଆଉ ମଧ ସେତେବେଳେ ଏ ସୁବିଧା ଥିଲେ ଯେ ଆପଣମାନେ କରିନଥାନ୍ତେ କିଏ କହିବ ? ସେଇଥି ପାଇଁତ ବହୁତ ଲୋକକଥା ଅଛି, ଯାହା ଆପଣ ଭଲଭାବେ ବୁଝିପାରୁଥିବେ, କହିବାଟା ଉଚିତ୍ ମନେ କରୁନାହିଁ । ଅନ୍ୟମାନେ ମଧ ଅନୁରୂପ ଭାବେ ତାଙ୍କୁ ଦୁଇ ଦୁଇ ପଦ ଶୁଣାଇବାରୁ ସେ ମୁହଁ ଛିଞ୍ଚାଡି ଗଁ ଗଁ ହୋଇ ବସିଲେ । ଏହି ଉଚ୍ଚ ବାଚ ଶବ୍ଦ ଶୁଣି ପ୍ରଧାନଶିକ୍ଷକ, ମହିଳା ଶିକ୍ଷୟତ୍ରୀ ବିଶ୍ରାମ କକ୍ଷକୁ ପ୍ରବେଶ କରି ଘଟଣାଟି ଶୁଣି କୁହାଳିଆ ଶିକ୍ଷୟତ୍ରୀଙ୍କୁ ବହୁତ ତିରସ୍କାର କଲାପରେ ଏପରି ଆଉ ନ କହିବାକୁ ତାଗିଦ କରି ଶକୁନ୍ତଳାକୁ ତାଙ୍କ କକ୍ଷକୁ ଡାକିନେଇ ବସାଇ ବୁଝାଶୁଝା କଲେ ଓ କହିଲେ,ଏଣିକି ତୁମେ ମୋ କକ୍ଷରେ ଆସି ବିଶ୍ରାମ ନେବ ଓ ଏକଥା ବାପାଙ୍କୁ ଜଣାଇବ ନାହିଁ ମୁଁ ତାଙ୍କ ପାଇଁ କିଛି ଗୋଟାଏ ବ୍ୟବସ୍ଥା କରୁଛି । ପରେ ପରେ ଅନ୍ୟ ଶିକ୍ଷୟତ୍ରୀମାନେ ପ୍ରଧାନଶିକ୍ଷକଙ୍କ କକ୍ଷକୁ ଆସି ଭୁଲ ମାଗିବା ସଙ୍ଗେ ସଙ୍ଗେ ଏପରି ଏକ ଅଦୂରଦର୍ଶୀ ଘଟଣାପାଇଁ ଦୁଃଖପ୍ରକାଶ କଲେ ଓ ଏହାର ପୁନରାବୃତ୍ତି ହେବନାହିଁ ବୋଲି ପ୍ରତିଶ୍ରୁତି ଦେଲେ ।

ଶକୁନ୍ତଳାଙ୍କ ଠାରୁ ସବୁ ଶୁଣିଲାପରେ ତାଙ୍କର ମନର ଅବସ୍ଥା କଥା ଚିନ୍ତା କରି ମୋର ମୁଣ୍ଡ ମଧ କାମ କଲା ନାହିଁ । ତଥାପି ନିଜକୁ ସମ୍ଭାଳି କାଳ ବିଳମ୍ବ ନକରି କହିଲି ଏ ଦୁନିଆଁରେ ବହୁତ ଲୋକ ଅଛନ୍ତି ଯେଉଁମାନେ ଅନ୍ୟର କୁତ୍ସାରଟନା କରି ବହୁ ଆତ୍ମସନ୍ତୋଷ ଲାଭ କରନ୍ତି । ସେପରି ବ୍ୟକ୍ତି ବିଶେଷଙ୍କଠାରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟାକଲେ ମଧ ସାମାଜିକ ଜୀବନରେ ତାହା ସବୁକ୍ଷେତ୍ରରେ ସମ୍ଭବହୁଏ ନାହିଁ । ତେଣୁ ଭଲମନ୍ଦର ଏ ସଂସାର ଯାତ୍ରାରେ ମଣିଷ ବେଳେ ବେଳେ ଏହି ଅମଣିଷ ମାନଙ୍କର ଶବ୍ଦ ବିଷକୁ ଅନିଚ୍ଛାସତ୍ତ୍ୱେ ପାନକରି ବଞ୍ଚିରହେ । ନଈ ବଢିରେ ବାଲିଚର ହୋଇଯାଇଥିବା ଉର୍ବର ଜମି ମଧ ପୁଣି ଶସ୍ୟଶ୍ୟାମଳା ହୁଏ, ଯେଉଁଥିପାଇଁ କିଛି ଅଧ୍ୟବସାୟ ଧୈର୍ଯ୍ୟ ଓ ଦୃଢ ମନୋବଳର ଆବଶ୍ୟକତା ଅଛି । ନିନ୍ଦୁକ ମାନଙ୍କ ନିନ୍ଦା ଓ କୁତ୍ସାରଟନାକୁ ଆଦୌ ଗୁରୁତ୍ୱ ନଦେଇ ବହୁ ମହାମନୀଷୀମାନେ ସେମାନଙ୍କର ଲକ୍ଷ୍ୟ ହାସଲ କରିଛନ୍ତି ଯାହାର ସାକ୍ଷୀ ଇତିହାସ ।

Source: Author, Digitized by PPRACHIN, SOA

ସାମୟିକ ଭାବେ ପ୍ରବାହିତ ଏହି ସ୍ରୋତ ଆପଣାଛାଏ ଛାଏଁ ଦିନେ ସ୍ଥିର, ନିଶ୍ଚଳ ହୋଇଯିବ, ଯେଉଁଥିପାଇଁ ଧୈର୍ଯ୍ୟ ଓ ସାହାସ ଧରି ଆମକୁ ମଣିଷ ପଣିଆକୁ ବଜାୟ ରଖିବାକୁ ପଡିବ। ଆଉ ତୁମ୍ଭକୁ ମିଳିଥିବା ସୁଯୋଗକୁ ସଦବ୍ୟବହାର କରି ତୁମେ ଯଦି କୋମଳମତି ବାଳକ, ବାଳିକା ମାନଙ୍କ ମନକୁ ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ଆଦରପଣିଆ ଓ ସର୍ବୋପରି ଶିକ୍ଷାର ପରାକାଷ୍ଠା ବଳରେ କିଣିପାରି ଜଣେ ଛାତ୍ର ବତ୍ସଳା ଶିକ୍ଷୟତ୍ରୀ ହୋଇପାରିବ ତେବେ ଏ ନିନ୍ଦୁକମାନେ ତାଙ୍କ ମୁହଁ ଲୁଚାଇବାକୁ ସ୍ଥାନ ପାଇବେ ନାହିଁ। ମୋର ମଧ୍ୟ ସମ୍ପୂର୍ଣ୍ଣ ବିଶ୍ୱାସ ଅଛି ତୁମେ ଏସବୁ ଖୁସିରେ କରିପାରିବ। ତେଣୁ ସମୟ ସ୍ରୋତରେ ଏସବୁ କଥାକୁ ଆଦୌ ଗୁରୁତ୍ୱ ନଦେଇ ନିଜର କର୍ମମୟ ଜୀବନକୁ ସକର୍ମରେ ଚଳଚଞ୍ଚଳ କରି ରଖ ଦେଖିବ ଅଦିନିଆଁ ମେଘଖଣ୍ଡ ଅପସରିଯାଇ ଭାଗ୍ୟାକାଶ ଉଜ୍ୱଳ କିରଣରେ ଉଦ୍‌ଭାସିତ ହେବ। ଏତେ କଥା କହିଲିଣି, ଟିକେ ହସି ପଦେ କହିଲେ ମୁଁ ଖୁସି ହେବି ବୋଲି କହିବାରୁ ଶକୁନ୍ତଳା ହସିଦେଇ କହିଲେ, ଆପଣଙ୍କୁ ଖୁସି ରଖିବାତ ମୋର ପରମ କର୍ତ୍ତବ୍ୟ, ତାହା ଭୁଲିବି ନାହିଁ। ଦୁହେଁ ମିଶି ପୁଣି ହସ, ଖୁସିରେ ସବୁ ଦିନର ପୁନରାବୃତ୍ତି କଲୁ ଓ ରାତି ବଢିବାରୁ ଶକୁନ୍ତଳା କହିଲେ ଆପଣ କ୍ଲାନ୍ତ ହୋଇ ଯିବେଣି, ଖୁସିରେ ବିଶ୍ରାମ ନିଅନ୍ତୁ। ମୁଁ କହିଲି ତୁମେ ମଧ୍ୟ ସେ ସବୁକୁ ଦୁଃସ୍ୱପ୍ନ ଭାବି ଭୁଲି ଖୁସିରେ ଶୁଅ ଏବଂ ବାପା, ବୋଉଙ୍କୁ ଏହାର ଆଭାସ ଦେବନାହିଁ। ଉଭୟ ଉଭୟଙ୍କୁ ଶୁଭରାତ୍ରୀ କହି ରହିଲୁ।

ଅନୁଚ୍ଛେଦ-୧୦

ସମୟ କାହାକୁ ଅପେକ୍ଷା କରେନାହିଁ। ସେ ତାର ଟିକ୍ ଟିକ୍ ଶବ୍ଦ କରି ଆଗକୁ ବଢିଚାଲେ। ସେହି କ୍ରମରେ ଦିନ ଗଡିଯାଇ କୋର୍ଟରେ ତାରିଖଦିନ ଆସିଲା। ସେଦିନ ସନ୍ଧ୍ୟାକୁ ଶ୍ୱଶୁର ଟେଲିଫୋନ୍ କରି କହିଲେ ବାପା ଆଜି କୋର୍ଟରେ ଜେରାକାର୍ଯ୍ୟ ସରିଗଲା। ଉଭୟପକ୍ଷ ଓକିଲ ନିଜ ନିଜର ପ୍ରଶ୍ନବାଣ ଜରିଆରେ ସାକ୍ଷୀ ,ମୁଦେଇ ଓ ମୁଦାଲାଙ୍କୁ ଜେରା କରି ନିଜ ପକ୍ଷକୁ ସୁହାଇଲା ଭଳି ତଥ୍ୟ ହାସଲ କରିବାକୁ ଆପ୍ରାଣ ଉଦ୍ୟମ କରିଛନ୍ତି। ଆଗାମୀ ସପ୍ତାହରେ ଉଭୟପକ୍ଷ ସବୁ ତଥ୍ୟ ସାକ୍ଷୀମାନଙ୍କ ମୂଳ ବୟାନ ଓ ଜେରାବେଳେ ଦେଇଥିବା ବୟାନକୁ

Source: Author, Digitized by PPRACHIN, SOA

ଆଧାରକର ନିଜ ପକ୍ଷ ରଖି କେସରେ ଜିତିବାକୁ ଚେଷ୍ଟା କରିବେ । ଦେଖାଯାଉ ବିଚାରପତିଙ୍କ ବିଚାରରେ କିଏ ଜିତୁଛି ? ଓକିଲବାବୁ କହୁଥିଲେ ଆଗାମୀ ତାରିଖପରେ ସମ୍ଭବତଃ ପରବର୍ତ୍ତୀ ତାରିଖଟି ଟିକେ ଲମ୍ବା ସମୟ ନେଇପାରେ, କାରଣ ମାନ୍ୟବର ଅଦାଲତ ଫଏସଲା ଶୁଣାଇବାକୁ କିଛି ଅଧିକ ସମୟ ନେଇ ପାରନ୍ତି । ଏଇ ଅଦାଲତ ଝାମଲାରେ ଫସି ଯାଇଥିବାରୁ ମୁଁ ବାହାଘର ପ୍ରସ୍ତୁତି ପାଇଁ ସମ୍ପୂର୍ଣ୍ଣ ସମୟ ଦେଇ ପାରୁନାହିଁ । ଏବେଠାରୁ ପୂରା ଦମରେ ମତେ ଲାଗିବାକୁ ପଡିବ । ତାଙ୍କର ଏସବୁ କଥା ଶୁଣି କହିଲି ଆପଣ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ ଧୀରେ ସୁସ୍ଥେ ଯେତିକି ସମ୍ଭବ ସେତିକି କରନ୍ତୁ । ଏଣିକି କେସ୍ ତା ବାଟରେ ଚାଲିବ ଆଉ ଫଏସଲା ଯାହା ଭଗବାନଙ୍କର ଇଛାଥିବ ତାହାହେବ । ଆଉ ମଧ୍ୟ ବାହାଘର ଯେତେ ନିରାଡମ୍ବର ଭାବେ ହେବ ସେଥିପାଇଁ ଦୃଷ୍ଟିଦେବାକୁ ଅନୁରୋଧ କରୁଛି । ବରଂ ଆଡମ୍ବର ପୂର୍ଣ୍ଣ ବାହାଘର ପାଇଁ ଯେଉଁ ଅଧିକ ଖର୍ଚ୍ଚ ଲାଗିଥାନ୍ତା ସେଥିରୁ କିଛି ବଞ୍ଚାଇ କୌଣସି ଏକ ଶିକ୍ଷାନୁଷ୍ଠାନକୁ ସେ ଅର୍ଥ ସାହାଯ୍ୟ କଲେ ଅନେକ ଛାତ୍ର ଛାତ୍ରୀଙ୍କର ଭବିଷ୍ୟତ ଗଢିବା ପାଇଁ ତାହା ଦରକାରରେ ଲାଗିବ । ଆଡମ୍ବର ପୂର୍ଣ୍ଣ ଭୋଜିଭାତରେ ଯେଉଁ ଖାଦ୍ୟ ପଦାର୍ଥ ନଷ୍ଟ ହେଉଛି ତାହା ନକରି ଆମେ ଦେଶର ଖାଦ୍ୟ ସମସ୍ୟାର ସମାଧାନ କରିବାପାଇଁ କ୍ଷୁଦ୍ର ପ୍ରଚେଷ୍ଟା କରିବାକୁ ମୁଁ ନିବେଦନ କରୁଛି । ଶ୍ୱଶୁର ହସିଦେଇ କହିଲେ ବାପା ସତରେ ତୁମରକଥା ଓ କାର୍ଯ୍ୟଦେଖି ମୁଁ ବେଳେ ବେଳେ ଭାବେ ଯଦି ଏ ଦେଶର ଯୁବପିଢି ସମସ୍ତେ ଏହିପରି ମନୋଭାବ ରଖନ୍ତେ ତେବେ ଏ ଦେଶ ସୁନାର ଦେଶରେ ପରିଣତ ହୋଇଯାଆନ୍ତା । ମୁଁ ଆଶୀର୍ବାଦ କରୁଛି ତୁମର ଏଇ ମନୋଭାବ ବଜାୟ ରହୁ ଯାହା ଆଗାମୀ ଦିନରେ ଅନ୍ୟ କେତେକଙ୍କୁ ଏଥିରେ ଅନୁପ୍ରାଣିତ କରିବ । ଦେହ ମୁଣ୍ଡର ଯତ୍ନ ନେବ, ହୁସିଆର ହୋଇ ଚଳିବ ଓ କର୍ତ୍ତବ୍ୟରେ ହେଳା କରିବ ନାହିଁ । ମୁଁ ବୋଉଙ୍କୁ ନମସ୍କାର ଜଣାଇବାକୁ କହି ନମସ୍କାର କରି ଫୋନ୍ କାଟିଲି ।

ସେଦିନ ରାତିରେ ଶକୁନ୍ତଳାଙ୍କ ସଙ୍ଗେ କଥାହେଲାବେଳେ ସେ କହିଲେ ଆପଣ ବାହାଘର ଖର୍ଚ୍ଚ କାଟ କଥା ବାପାଙ୍କୁ କହିଛନ୍ତି ବୋଧେ । କାରଣ ବାପା ବୋଉଙ୍କୁ ସେସବୁ କଥା କହିବାରୁ ଦୁହେଁ ମନଭରି ଖୁବ୍ ହସିଲେ ଓ ଆପଣଙ୍କ

Source: Author, Digitized by PPRACHIN, SOA

ମନୋଭାବକୁ ତାରିଫକରି ଆଶୀର୍ବାଦ ଦେଲେ । ତାଙ୍କର କଥାଶୁଣି କହିଲି ହଁ ଆଜିକାଲି ନିଜର ଆଭିଜାତ୍ୟ, ପତିଆରା ଓ ପାରିବାପଣିଆ ଦେଖାଇବା ପାଇଁ ଏହିପରି ସବୁ ସାମାଜିକ ଉତ୍ସବରେ ଆମେମାନେ ଯେଉଁ ପରିମାଣର ବହୁ ମୂଲ୍ୟ ଖାଦ୍ୟ ନଷ୍ଟ କରୁଛେ ତାହା ଏ ଦେଶ ଓ ଜାତି ପାଇଁ ଶୁଭ ସଙ୍କେତ ନୁହେଁ । ବିଶେଷକରି ବିବାହ ଉତ୍ସବରେ ଯୋଗ ଦେଉଥିବା ବରଯାତ୍ରୀମାନଙ୍କ ବ୍ୟବହାର ଓ ଖାଦ୍ୟପେୟର ନଷ୍ଟ କରିବା ଢଙ୍ଗ ସମସ୍ତଙ୍କୁ ବ୍ୟଥିତ କରୁଥିଲେ ମଧ୍ୟ କେବଳ ଉତ୍ସବରେ ବ୍ୟାଘାତ ନଘଟାଇବାକୁ କନ୍ୟାପିତାଙ୍କ ଅନୁରୋଧ ରକ୍ଷାକରି ଜ୍ଞାତି କୁଟୁମ୍ବମାନେ ସବୁ ଦେଖି ସହି ନୀରବ ରହୁଛନ୍ତି । କିନ୍ତୁ ବେଳେ ବେଳେ ମାତ୍ରା ଅତି ଅଧିକ ହେଲେ ତାହା ବିସ୍ଫୋରକ ରୂପନେଇ ନାନାପ୍ରକାର କଦର୍ଯ୍ୟ ବାତାବରଣ ସୃଷ୍ଟିକରି ବିବାହପରି ଏକ ଶୁଭ ଅବସରର ହର୍ଷୋଲ୍ଲାସକୁ ଫିକା କରିଦେଉଛି ଏବଂ କିଛି କ୍ଷେତ୍ରରେ ଅବସ୍ଥା ଶାନ୍ତ କରିବାକୁ ସ୍ଥାନୀୟ ପୋଲିସର ହସ୍ତକ୍ଷେପ ଜରୁରୀ ହୋଇପଡୁଛି, ଯାହା ଆଦୌ ସ୍ପୃହଣୀୟ ନୁହେଁ । ଆଉମଧ୍ୟ କେତେକ କ୍ଷେତ୍ରରେ ବରର ପରିବାର ଆବଶ୍ୟକ ସ୍ଥଳେ ମଧ୍ୟସ୍ଥଙ୍କ ଜରିଆରେ ହେଉ ବା ପୁଲିସଦ୍ୱାରା କରାଯାଉଥିବା ସମାଧାନକୁ ଗ୍ରହଣ ନକରି ନିଜ ନିଜ ମଧ୍ୟରେ ନୂଆକରି ଗଢାଯାଇଥିବା ମଧୁର ସମ୍ପର୍କକୁ ଫିକା କରିଦଉଛନ୍ତି ଯାହା ସବୁଠାରୁ ହୃଦୟ ବିଦାରକ ଏବଂ ନୂଆ ବୋହୁଟି ନୂଆ ଜୀବନ ଗଢିବା ପାଇଁ ଶଶୁରଘରେ ପହଞ୍ଚି ଯେଉଁ ଆଦର ସ୍ନେହ ଓ ଭଲପାଇବା ଇତ୍ୟାଦି ପାଇବା କଥା ବିନା ଅପରାଧରେ ସେଥିରୁ ବଞ୍ଚିତ ହେଉଛି, ଯାହା ତା ପାଇଁ ସାରାଜୀବନ ଏକ କଳାଦାଗରେ ପରିଣତ ହେଉଛି, ଯେଉଁଥିପାଇଁ ତାର କୌଣସି ଭୂମିକା ନଥିଲା । ଏହା କୁଆ ଓ ହଂସ ଉପାଖ୍ୟାନ ସାଙ୍ଗେ ବେଶ ମେଳ ଖାଉଛି । ଏପ୍ରକାର ଘଟଣା ଘଟୁଥିଲେ ମଧ୍ୟ ଆମେମାନେ ସେଥିରୁ କୌଣସି ଶିକ୍ଷାଲାଭ କରୁନାହୁଁ ବରଂ ତାକୁ କେତେକ କ୍ଷେତ୍ରରେ ଉଦାହରଣ ଭାବେ ବ୍ୟବହାର କରିବାର ନଜିର ଅଛି ଯାହା ସମାଜ ପାଇଁ ମଙ୍ଗଳକର ନୁହେଁ । ଏସବୁକୁ ଦୃଷ୍ଟିରେ ରଖି ମୁଁ କକେଇଙ୍କୁ ଅନୁରୋଧ କରି କହଛି ନିଜ ଜ୍ଞାତିକୁଟୁମ୍ବଙ୍କ ମଧ୍ୟରୁ ବୟସ୍କ ଓ ମାନ୍ୟଗଣ୍ୟ ସୀମିତ ବରଯାତ୍ରୀଙ୍କୁ ବାହାଘରରେ ସାମିଲ କରିବାକୁ । ଶକୁନ୍ତଳା କହିଲେ ଏପରି କହିବା ଦ୍ୱାରା

Source: Author, Digitized by PPRACHIN, SOA

କକେଇଙ୍କୁ ଖରାପ ଲାଗି ନାହିଁତ ? ମୁଁ କହିଲି ମୋ କକେଇ ମଧ୍ୟ ଅଧିକ ଗୁଡାଏ ହାବଡା ଝାବଡା ବରଯାତ୍ରୀ ନବା ସପକ୍ଷରେ ଥିବା ବ୍ୟକ୍ତି ନୁହଁନ୍ତି । ସେ ମୋକଥା ଶୁଣି କହିଲେ ବାପାରେ ତୋ ମୋ ମନକଥା ପୂରା ମେଳ ଖାଉଛି । ଏହାପରେ ଆମେ ଦୁହେଁ ପରସ୍ପର ମଧ୍ୟରେ ସବୁଦିନର ଭାବି ପତି ପତ୍ନୀ ଉପାଖ୍ୟାନ କୁ ନେଇ ଗପରେ ମାତିଗଲୁ ଓ ବିଳମ୍ବିତ ରାତ୍ରୀ ହେବାରୁ ଶୁଭରାତ୍ରୀ ଜଣାଇ ଫୋନକାଟି ଶୋଇଲୁ ।

ସେଦିନ ଥାଏ ବୁଧବାର । ଅପରାହ୍ନ ୩ଟା ସମୟ ହେବ ମୁଁ ମୋର ଅଫିସ କାମରେ ବ୍ୟସ୍ତଥାଏ ହଠାତ୍ ମୋ ଫୋନଟି ବାଜିବାରୁ ଦେଖିଲି ତାହା ଶ୍ୱଶୁରଙ୍କର ପାଖରୁ ଆସିଥିଲା ତେଣୁ ଉଠାଇ ଶଶୁରଙ୍କୁ ନମସ୍କାର ଜଣାଇଲି । ସେ କହିଲେ ବାବୁ ଆଜି କୋର୍ଟରେ କେସର ବିଚାର ସରିଗଲା । ଉଭୟ ପକ୍ଷ ଓକିଲ ଏ ପର୍ଯ୍ୟନ୍ତ ହୋଇଥିବା ଶୁଣାଣିକୁ ଆଧାର କରି ନିଜ ନିଜ ପକ୍ଷ ରଖିଲେ । ଆମ ଓକିଲ ତାଙ୍କ ପକ୍ଷରୁ ଅପରାଧୀଙ୍କ ବିରୁଦ୍ଧରେ ଥିବା ସବୁ ତଥ୍ୟ ଓ ସାକ୍ଷୀମାନେ ଦେଇଥିବା ବୟାନକୁ ଆଧାର କରି ବହୁ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିବା ସହିତ ବିଭିନ୍ନ କେସର ନଜିର ଦେଇ ଅପରାଧୀଙ୍କୁ କଠିନରୁ କଠିନତମ ଦଣ୍ଡ ଦେବାକୁ ମାନ୍ୟବର ଅଦାଲତଙ୍କୁ ଦରଖାସ୍ତ କରିଛନ୍ତି । ତାଙ୍କର ପକ୍ଷ ରଖିବା ଯୁକ୍ତି ଓ ନଜିର ଗୁଡିକ ଏଇ ମକଦ୍ଦମାକୁ ଆମ ପକ୍ଷରୁ ବହୁତ ମଜବୁତ କରିଛି ବୋଲି ଅନ୍ୟ ଓକିଲମାନେ କୁହାକୁହି ହେଉଥିବାର ମୁଁ ଶୁଣିଛି । ଅପରପକ୍ଷରେ ଆର ଓକିଲ ମୋବାଇଲି ତଥ୍ୟ ଗ୍ରହଣଯୋଗ୍ୟ ନୁହେଁ ବୋଲି ପକ୍ଷ ରଖିବା ସହିତ ଆମ ଗାଁ ମୁଣ୍ଡରେ ଘଟିଥିବା ଅଘଟଣ ପାଇଁ ଆମ ଗାଁ ଲୋକମାନେ ଦାୟୀ ବୋଲି ଯୁକ୍ତି ବାଢିଲାବେଳେ ମାନ୍ୟବର ବିଚାରପତିଙ୍କର ଦୁଇ ଚାରିଟି ପ୍ରଶ୍ନର ଉତ୍ତର ନ ଦେଇପାରି ବଡ ହଟହଟା ମଧ୍ୟ ହେଲେ ଓ ସ୍ଥଳ ବିଶେଷରେ ନିରବ ରହିବାଦ୍ୱାରା ଅପରାଧୀମାନଙ୍କ ପକ୍ଷ ଦୁର୍ବଳ ହୋଇଗଲା ବୋଲି ମଧ୍ୟ ଅନ୍ୟ ଓକିଲମାନେ ନିଜ ନିଜ ମଧ୍ୟରେ ଆଲୋଚନା କଲେ । ସେ ଏଇ ମକଦ୍ଦମା ପରିପ୍ରେକ୍ଷୀରେ ମାନ୍ୟବର ଅଦାଲତଙ୍କ ଆଗରେ ଯେଉଁ ନଜିର ଗୁଡିକ ପେସକଲେ ସେଥିରେ ମଧ୍ୟ ଅଦାଲତ ଅସନ୍ତୋଷ ବ୍ୟକ୍ତ କରି ଟିପ୍ପଣୀ ଦେଲେ ଯେ ଆପଣ ସେସବୁ ମକଦ୍ଦମାର ତଥ୍ୟକୁ

Source: Author, Digitized by PPRACHIN, SOA

ଭଲଭାବେ ପଢ଼ି ନଜିର ପାଇଁ ଆଣିବାର ଥିଲା । ତାହା ନକରି ଆପଣ କେବଳ କିଛି ନଜିର ଦାଖଲ କରିବାର ବାହାନା କରି ମାନ୍ୟବର ଅଦାଲତଙ୍କ ସମୟ ବରବାଦ କରୁଛନ୍ତି ତେଣୁ ଭବିଷ୍ୟତରେ ଏପରି ତ୍ରୁଟି ମାର୍ଜନୀୟ ନୁହେଁ ଯାହା ଅପରାଧୀମାନଙ୍କ ପାଇଁ ସତର୍କ ଘଣ୍ଟି ସଦୃଶ । ମକଦ୍ଦମାର ରାୟ ଆରମାସ ୧୯ ତାରିଖରେ ଘୋଷଣା କରିବେ ବୋଲି ମାନ୍ୟବର ବିଚାରପତି ଆଜି ତାରିଖ ଧାର୍ଯ୍ୟ କରିଛନ୍ତି । ଅବଶ୍ୟ ତାର ୯ଦିନ ପରେ ବାହାଘର ଦିନ ଧାର୍ଯ୍ୟ ହୋଇଛି, ତେଣୁ ଠାକୁରଙ୍କ କୃପାରୁ ବାହାଘର ପୂର୍ବରୁ ମକଦ୍ଦମାଟି ଫଇସଲା ହୋଇଯିବ ଯାହା ଖୁସିର ବିଷୟ, କିନ୍ତୁ ରାୟ କେଉଁ ପକ୍ଷଙ୍କ ସପକ୍ଷରେ ଯିବ ତାହା ଦେଖିବା ବାକି ରହିଲା । ଏପର୍ଯ୍ୟନ୍ତ ଯାହା ଯାହା କଚେରିରେ ଘଟିଛି ସବୁ ଆମ ସପକ୍ଷରେ ଅଛି, ତେଣୁ ଦେଖାଯାଉ ଭଗବାନଙ୍କର ଇଛା କଣ ? ଶଶୁର ସବୁ କହି ସାରିଲା ପରେ ଆଶ୍ୱସ୍ତିର ଦୀର୍ଘଶ୍ୱାସଟିଏ ଛାଡିଲେ ଯାହା ଅନୁମାନ କରି ମତେ ଖୁସି ଲାଗିଲା । କହିଲି ଆମ ବିଚାର ବ୍ୟବସ୍ଥାପ୍ରତି ମୋର ଭରସା ଅଛି ତେଣୁ ସବୁକଥା ତାଙ୍କ ବିରୁଦ୍ଧରେ ଯାଇଛି ମାନେ ଭଗବାନଙ୍କ କୃପାରୁ ନ୍ୟାୟ ନିଶ୍ଚିତ ମିଳିବ ଓ ଅପରାଧୀ ଦଣ୍ଡ ପାଇବ ତେଣୁ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ । ବୋଉଙ୍କୁ ମୋର ନମସ୍କାର ଜଣାଇଦେବେ । ମୋର ଅଫିସ କାମ ଅଛି ତେଣୁ ରହୁଛି ପରେ କଥାହେବା କହି ନମସ୍କାର କହିବାରୁ ଶଶୁର ମଧ୍ୟ ଆଶୀର୍ବାଦ କରି ଫୋନ୍ କାଟିଲେ ।

ଅନୁଚ୍ଛେଦ-୧୧

ବାହାଘର ଦିନ ପାଖରୁ ପାଖ ହୋଇ ଆସିବାରୁ ସେଥିପାଇଁ ଆବଶ୍ୟକୀୟ ପାରମ୍ପରିକ ବ୍ୟବସ୍ଥା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସବୁ କାର୍ଯ୍ୟର ପ୍ରସ୍ତୁତି ଜୋର ସୋରରେ ଚାଲିଲା । ବକେଇ ଓ ଖୁଡୀ ତାଙ୍କର ପୁରାଦମ ଦେଇ ପ୍ରସ୍ତୁତିରେ ଲାଗିପଡିଥାନ୍ତି । ତେଣୁ ପ୍ରତିଦିନ ସନ୍ଧ୍ୟାବେଳେ ମୁଁ ବକେଇଙ୍କ ସାଙ୍ଗେ ଫୋନରେ କଥାହୋଇ ଆବଶ୍ୟକତାକୁ ଆଖିରେ ରଖି ଟଙ୍କା ପଠାଇଦିଏ । ସେଦିନ ଥାଏ ରବିବାର ତେଣୁ ନିମନ୍ତ୍ରଣ ପତ୍ର ଛାପିବା ଇତ୍ୟାଦି ପାଇଁ ମୁଁ ବକେଇଙ୍କି ଫୋନ କରି କେତେକ ତଥ୍ୟ କଥା ବୁଝି ସାରିଲା ପରେ ବକେଇ କହିଲେ ବାପା ଗୋଟଏ କଥା କହିବି, ମନଦୁଃଖ କରିବୁନାହିଁ । କାଲି ସନ୍ଧ୍ୟାବେଳେ ମୁଁ ତୋ ମାମୁଙ୍କୁ

Source: Author, Digitized by PPRACHIN, SOA

ଫୋନକରି ୪ତାରିଖ ରବିବାର ଦିନ ଜାଇ ଅନୁକୂଳ ହେବ ବୋଲି କହିବା ସାଙ୍ଗେ ସାଙ୍ଗେ ସେ ଦୁଇଜଣ ସେଦିନ ଆସିଲେ ଶୁଭକାମଟି ଆରମ୍ଭ ହେବବୋଲି କହିବାରୁ ମାମୁ ଟିକେ ବିରକ୍ତି ପ୍ରକାଶ କଲେ । କହିଲେ ତାହା ଆପଣମାନଙ୍କ କାମ । ତେଣୁ ଆମେ ଯିବାର ଆବଶ୍ୟକତା କଣ ଅଛି ? ମୁଁ ତାଙ୍କୁ କହିଲି ପିଲାଟା ଆପଣଙ୍କ ଘରେ ରହି ସ୍ନେହ ଯତ୍ନରେ ମଣିଷ ହୋଇଛି ତେଣୁ ତାର ଏଇ ଶୁଭକର୍ମରେ ଆପଣଙ୍କ ଉପସ୍ଥିତି ଆମ ସମସ୍ତଙ୍କୁ ଖୁସି କରିବ । ମୋ କଥା ଶୁଣି ବିରକ୍ତ ହୋଇ କହିଲେ ସେ ଆପଣଙ୍କ ପୁଅ ଆପଣମାନେ ସେସବୁ ବ୍ୟବସ୍ଥା କରିବେ ଆମେ ମାମୁ,ମାଇଁ ତେଣୁ ମଉଳା ନିମନ୍ତ୍ରଣ ପାଇଁ ଅପେକ୍ଷା କରିବୁ । ଆମର ସେଠାକୁ ଯିବାର ଆବଶ୍ୟକତା ନାହିଁ । କକେଇଙ୍କ କଥା ଶୁଣି କହିଲି ଆପଣଙ୍କ ଡାକିବାଟା ସ୍ନେହ, ଶ୍ରଦ୍ଧାର ମାପକାଠି ଥିଲାବେଳେ ତାଙ୍କର କଥା ମଧ୍ୟ ଯୁକ୍ତିଯୁକ୍ତ ତେଣୁ ଏଥିରେ ବ୍ୟସ୍ତ ନହୋଇ ଆଗାନ୍ତୁ । ସେ ବନ୍ଧୁ ତେଣୁ ବନ୍ଧୁ ହିସାବରେ ଆସିବେ ଏବଂ ଯୋଗ ଦେବେ ବୋଲି ଯଦି ତାଙ୍କର ଇଛା ତେବେ ଆମେ କାହିଁ କଥା ବଢ଼ାଇବା । ମୋକଥା ଶୁଣି କକେଇ କହିଲେ ତୋ ଖୁଡୀ ମଧ୍ୟ ସେଇକଥା କହୁଛନ୍ତି, ହଉ ତାଙ୍କର ଯାହା ଖୁସି ସେ କରନ୍ତୁ । ହଁ ସେ ରବିବାର ଦିନକୁ ନିମନ୍ତ୍ରଣ କାର୍ଡ ଧରି ପହଞ୍ଚିବୁ ତାହା ମଧ୍ୟ ଅନୁକୂଳ ହେବ । ଆସିଲେ ଅନ୍ୟ ସବୁ କଥା ବିଷୟରେ ଆଲୋଚନା କରି ଠିକ କରିବା । ନିମନ୍ତ୍ରଣ କାର୍ଡ ୧୦୦ରୁ ୧୫୦ମଧ୍ୟରେ ଆଣି ମତେ ଦେଇଯିବୁ ମୁଁ ସେଗୁଡିକ ବାଣ୍ଟିବା ବ୍ୟବସ୍ଥା କରିବି । ଏହା ବାଦ ତୋର ନିଜ ଆବଶ୍ୟକତାକୁ ନଜରରେ ରଖି କାର୍ଡ ଛାପିବୁ । ଖୁଡୀ କହୁଥିଲା ବାହାଘର ଚାରିଦିନ ପୂର୍ବରୁ ଛୁଟି ନେଇ ଆସିବୁ ଏବଂ ଅଷ୍ଟମମଙ୍ଗଳାପରେ ତୁ ଅଫିସ ଯାଇ ପାରିବୁ । ଏହାକୁ ହିସାବରେ ରଖି ଛୁଟି ନେବା ବ୍ୟବସ୍ଥା କରିବୁ । କକେଇଙ୍କ ସବୁକଥା ଶୁଣି କହିଲି ମତେ ଅତିବେଶୀରେ ୧୫ଦିନ ଛୁଟି ମିଳିବ ତେଣୁ ଖୁଡୀଙ୍କ ହିସାବ ଠିକ୍ ଅଛି । ଖୁଡୀଙ୍କୁ ମୋର ନମସ୍କାର ଜଣାଇ ଦେବେ ଏବଂ କହିବେ ସେ ଗୁଡାଏ କାମକରି ନିଜର ଦେହ ଅଧିକ ବିଗାଡିବେ ନାହିଁ । ନିଜର ଯତ୍ନ ନେବେ, ବ୍ୟସ୍ତ ହେବେନାହିଁ । ମୁଁ ମଧ୍ୟ ରବିବାର ଦିନ ସହଳ ସହଳ ବାହାରି ୯ଟା ମଧ୍ୟରେ ପହଞ୍ଚିବି ଆଉ ଯଦି ଏଠୁ କିଛି ନେବା ଦରକାର ପଡେ ତେବେ

Source: Author, Digitized by PPRACHIN, SOA

ଖୁଡୀଙ୍କ ସାଙ୍ଗେ ଆଲୋଚନା କରି କହିଲେ ମୁଁ ଗଲାବେଳେ ସାଙ୍ଗରେ ନେଇଯିବି । ଆପଣ ମଧ୍ୟ ନିଜର ଯତ୍ନନେବେ । ରହୁଛି, ନମସ୍କାର, କକେଇ ପ୍ରତି ନମସ୍କାର ଜଣାଇ କହିଲେ ତୋ ଦେହ ମୁଣ୍ଡ ଜଗି ଚଳିବୁ ରହୁଛି ।

କାନ କୁଣ୍ଡାଇଲା ପରି ଦିନ ଗଡିଯାଇ ୪ତାରିଖ ରବିବାରଦିନ ଆସିଲା । ମୁଁ ସକାଳୁ ସକାଳୁ ଉଠି ନିଜ ନିତ୍ୟକର୍ମସାରି ବିସ୍କୁଟ ଦୁଇଖଣ୍ଡ ପାଟିରେ ପକାଇ ପାଣିମୁନ୍ଦେ ପିଇଦେଇ ଖୁଡୀ ବରାଦ କରିଥିବା ଯୋଡଲୁଗା ନିମନ୍ତ୍ରଣ କାର୍ଡ ଇତ୍ୟାଦି ଧରି ବସଷ୍ଟାଣ୍ଡରେ ପହଞ୍ଚିଲି ଘରକୁ ଯିବାପାଇଁ କିନ୍ତୁ ସେଠାରେ ଯାହା ଶୁଣିଲି ସେଥିରେ ମୋର ହୋସ ଉଡିଗଲା । କଟକ ଓ ଭୁବନେଶ୍ୱର ବସମାଲିକ ସଂଘର ବିବାଦ ଯୋଗୁ ସେଦିନ ଭୁବନେଶ୍ୱରକୁ କଟକ ଦେଇ କୌଣସି ବସ ଚଳାଚଳ କରୁନଥିବା ହେତୁ ଆମଗାଁ ବସ ମଧ୍ୟ ନଥିଲା । ଲୋକମାନେ ପିଲାଛୁଆ ଧରି ଆସି ବସ ନପାଇ ବ୍ୟସ୍ତ ବିକଳ ହେଉଥାନ୍ତି । ମୋର ଅବସ୍ଥା ମଧ୍ୟ ସେମାନଙ୍କଠାରୁ କୌଣସି ଗୁଣରେ କମ ନଥିଲା । ନୂଆ ଯୋଡ, ନିମନ୍ତ୍ରଣ କାର୍ଡ ଇତ୍ୟାଦି ଠିକ୍ ସମୟରେ ଧରି ନ ପହଞ୍ଚିଲେ କକେଇ, ଖୁଡୀ ହତାଶ ହେବେ ଏବଂ ଶୁଭ କାମର ପ୍ରଥମ ଉତ୍ସବ ଜାଇ ଅନୁକୂଳ ନିର୍ଦ୍ଧାରିତ ସମୟରେ ହୋଇପାରିବ ନାହିଁ, ଯାହା ଶୁଭ ସଙ୍କେତ ନୁହେଁ । ତେଣୁ ବ୍ୟସ୍ତ ହୋଇ ଏପଟ, ସେପଟ ହୋଇ ଅନ୍ୟ କିଛି ବିକଳ୍ପ କଥାପାଇଁ ଚେଷ୍ଟା କରୁଥାଏ । ଏହି ସମୟରେ ଜଣେ ଭଦ୍ରଲୋକ ମତେ ପଚାରିଲେ ଆଜ୍ଞା ଆପଣଙ୍କ ଘର ବୋଧେ ସାଲେପୁର ଅଞ୍ଚଳରେ ? ମୁଁ ହଁ ଭରି କହିଲି ଆପଣ କିପରି ଜାଣିଲେ ? ସେ ଭଦ୍ରଲୋକ ହସିଦେଇ କହିଲେ ମୁଁ ଆପଣଙ୍କ ଗାଁ ପାଖ ଲୋକ ହୋଇଥିବାରୁ ଆପଣଙ୍କୁ ସେଇ ଅଞ୍ଚଳରେ ବହୁବାର ଦେଖିଛି ତେଣୁ ପଚାରିଦେଲି । ଆପଣବୋଧେ କୌଣସି ଜରୁରୀ କାମପାଇଁ ଗାଁକୁ ବାହାରିଛନ୍ତି । କିନ୍ତୁ ଆଜି ବସ ବାଲା ଧର୍ମଘଟ କରିଛନ୍ତି କିପରି ଯିବା । ତାଙ୍କ କଥା ଶୁଣି ବୁଝିଗଲି ସେମଧ୍ୟ ଗାଁକୁ ଯିବାକୁ ବସଷ୍ଟାଣ୍ଡ ଆସିଛନ୍ତି । ତେଣୁ ପଚାରିଲି ଆପଣ ଯିବେନା କଣ ? ସେ କହିଲେ ମୋ ବୋଉ ଦେହ ଖରାପ ଶୁଣି ପିଲାମାନଙ୍କୁ ଧରି ବଡି ସକାଳୁ ଆସି ବସ ନପାଇ ସବୁଶୁଣି ହତାଶ ହୋଇ ଭଗବାନଙ୍କୁ ଡାକୁଛି କିପରି ଯିବି । ମୁଁ ପଚାରିଲି ଆଉ କିଛି ବିକଳ୍ପ ବ୍ୟବସ୍ଥା

Source: Author, Digitized by PPRACHIN, SOA

ନାହିଁ, କାରଣ ମୋର ମଧ୍ୟ ଯିବାଟା ନିହାତି ଜରୁରୀ । ସେ ଦୀର୍ଘଶ୍ୱାସ ଛାଡ଼ି କହିଲେ ଜଣେ ଟ୍ୟାକ୍ସି ବାଲା ସହିତ କଥାହେଲି ସେ କହିଲା ୧୫୦୦ ଟଙ୍କା ନେବ ଯାହା ମୋପାଇଁ ବହୁତ ବେଶୀ, ତେଣୁ....ମୁଁ ତାଙ୍କ ମୁହଁରୁ କଥା ଛଡ଼ାଇ କହିଲି ଆମେଦୁହେଁ ମିଶି ଅଧା, ଅଧା ଭଡ଼ାଦେଇ ଯାଇପାରିବା, କିଛି ଅସୁବିଧା ହେବ? ଜଣେ ବାଟୋଇ ଶୋଷରେ ଆଉଟ ପାଉଟ ହୋଇ ମରୁଭୂମିରେ ପାଣି ପାଇଁ ଚାଲିଥିଲା ବେଳେ ଛୋଟ ମରୁ ଝରଣାଟିଏ ପାଇଗଲେ ଯେପରି ଖୁସିରେ ଆତ୍ମହରା ହୋଇପଡ଼େ ସେ ଭଦ୍ରଲୋକ ସେପରି ଖୁସି ହୋଇଯାଇ ପଚାରିଲେ ତାହାଲେ ସେ ଟ୍ୟାକ୍ସି ବାଲାକୁ ଡାକିବି, ହେଇଟି ସେଠି ବୁଲୁଚି । ମୁଁ ମୁଣ୍ଡ ଟୁଙ୍ଗାରିବାରୁ ଦଉଡ଼ିଯାଇ ତାକୁ ଡାକି ଆଣିଲେ । କଥା ଛିଡ଼ିଲାପରେ ତାଙ୍କ ପରିବାର ଓ ମୁଁ ଟ୍ୟାକ୍ସିରେ ବସି ଗାଁ ଅଭିମୁଖେ ବାହାରିଲା ବେଳେ ଆମ ଦୁହିଁଙ୍କର ମନର ଖୁସି ବ୍ୟକ୍ତ କରିବାକୁ ମୋ ପାଖରେ ଭାଷା ନଥାଏ । ଆଉ ମଧ୍ୟ ଦୁହେଁ ପ୍ରଭୁ ଜଗନ୍ନାଥଙ୍କୁ ମୁଣ୍ଡିଆମାରି ମନେ ମନେ ଆର୍ତ୍ତତ୍ରାଣଙ୍କ ମହିମା ଗାନ କରୁଥାଉ । ଜଗନ୍ନାଥଙ୍କ କୃପାରୁ ୮ଟା ୩୦ ବେଳକୁ ଆମ ଗାଁ ମୁଣ୍ଡରେ ଟ୍ୟାକ୍ସିଟି ପହଞ୍ଚି ଯିବାରୁ ମୁଁ ଗାଡ଼ି ଅଟକାଇଲି ଓ ମୋର ଜିନିଷପତ୍ର ଧରି ଓହ୍ଲାଇ ଅଧା ଭଡ଼ା ୭୦୦ଟଙ୍କା ସେ ଭଦ୍ରଲୋକଙ୍କ ହାତକୁ ବଢାଇଦେଇ କହିଲି ଠାକୁରଙ୍କ କୃପାରୁ ଆପଣଙ୍କ ବୋଉଙ୍କ ଦେହ ଭଲ ହୋଇଯାଉ ଓ ଆପଣଙ୍କ ଯାତ୍ରା ଶୁଭଦାୟୀ ହେଉ, ନମସ୍କାର, ରହୁଛି । ସେ ଭଦ୍ରଲୋକ ମତେ ପ୍ରତିନମସ୍କାର ଜଣାଇ କହିଲେ ମୁଁ ଆଶୀର୍ବାଦ କରୁଛି ଆପଣଙ୍କ ଆଜିର ଉତ୍ସବ ଓ ବିବାହ ଭଲରେ ଭଲରେ ହେଉ ଏବଂ ଆପଣଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହେଉ । ମତେ ଛାଡ଼ି ଟ୍ୟାକ୍ସିଟି ଭଦ୍ରଲୋକଙ୍କୁ ଧରି ତାଙ୍କ ଗାଁ ଅଭିମୁଖେ ଚାଲିଲା । ମୁଁ ଘରେ ପହଞ୍ଚିବାରୁ କକେଇ ଖୁଡ଼ୀ ମତେ ଦେଖି ଖୁବ୍ ଖୁସି ହୋଇ କିପରି ଆସିଲୁ ବୋଲି ପଚାରିଲେ । ମୁଁ ସବୁକଥା କହିବାରୁ ଦୁହେଁ ଆମ କୂଳଦେବତା ରାଧାକୃଷ୍ଣଙ୍କୁ ପ୍ରଣାମ ଜଣାଇ ଗୁହାରି କଲେ, ପ୍ରଭୁ ଏହିପରି ଘଣ୍ଟା ଘୋଡେଇ ବାପା ମା ଛେଉଣ୍ଡ ପିଲାଟିର ଶୁଭ କାମଗୁଡ଼ିକ ଭଲରେ ଭଲରେ ସମ୍ପାଦନ ପାଇଁ ଆଶିର୍ବାଦ କରନ୍ତୁ । ଖୁଡ଼ୀ ମୋତେ ଜଳଖିଆ ଦେଇସାରି ଜାଇ ଅନୁକୂଳ କାମରେ ଲାଗିପଡ଼ିଲେ ପଡ଼ିଶାଘରର ଦେଠେଇ, ଖୁଡ଼ୀ,

Source: Author, Digitized by PPRACHIN, SOA

ଭାଉଜମାନେ ଆସି ପାରମ୍ପରିକ ଢଙ୍ଗରେ ସବୁକାମ ସାରିବାକୁ ଲାଗିଗଲେ ଓ ଜାଇ ଅନୁକୂଳ ସରିଲାପରେ କକେଇ ମଉଳା ନିମନ୍ତ୍ରଣ ପାଇଁ ସବୁ ସରଞ୍ଜାମ ବାରିକ ଓ ଶଙ୍ଖୁଆକୁ ଧରାଇ ଦେଇ ମାମୁଘର ଗାଁକୁ ତାଙ୍କୁ ଧରି ବାହାରିଗଲେ । ସବୁକାମ ଭଲରେ ଭଲରେ ଠିକ୍ ସମୟରେ ହୋଇଯାଇଥିବାରୁ ଖୁଡୀ ଆନନ୍ଦରେ ମୋ ମଥା ଆଉଁଶି ସାଙ୍ଗରେ ଧରି ଠାକୁର ଘରକୁ ଡାକିନେଇ ମତେ ଦଣ୍ଡବତ କରିବାକୁ କହି ନିଜେ ସଷ୍ଟାଙ୍ଗ ପ୍ରଣିପାତ କଲେ । ମୁଁ ଦଣ୍ଡବତ କରି ଉଠି ଦେଖିଲି ଖୁଡୀଙ୍କ ଆଖିରୁ ଲୁହର ଧାର ଛୁଟିଚାଲିଛି । ତାଙ୍କ ଲୁହ ପୋଛିଦେଇ ପଚାରିଲି ଖୁଡୀ ଆପଣ କାନ୍ଦୁଛନ୍ତି କାହିଁକି ? ଖୁଡୀ ଠାକୁରଙ୍କ ଘର ଧୂଳି ଆଣି ମୋ ମୁଣ୍ଡରେ ବୋଳିଦେଇ କହିଲେ, ବାପାରେ ଏହା ମୋର ଆନନ୍ଦାଶ୍ରୁ । କାରଣ ନାନୀମତେ ଏ ଦାୟିତ୍ୱ ଦେଇ ଯାଇଛନ୍ତି, ମୁଁ ତାକୁ କିପରି ଠିକ୍ ଠିକ୍ ସମ୍ପାଦାନ କରିବି ସେଥିପାଇଁ ପ୍ରଭୁମତେ ବଳ ଦିଅନ୍ତୁ । ଅବଶ୍ୟ ନାନୀ ଓ ନନା ଥିଲେ କେତେ ଖୁସି ହୋଇଥାନ୍ତେ ତାହା ଭାବି ମଧ୍ୟ ମୋର ମନ ଦୁଃଖରେ ଭାଙ୍ଗିପଡୁଛି । ମୁଁ ତାଙ୍କ ଦୁଇଜଣଙ୍କର ଆଶୀର୍ବାଦ ଭିକ୍ଷା କରୁଛି । ସେମାନେ ମୋତେ ବଳ ଦିଅନ୍ତୁ ମୁଁ କିପରି ଏସବୁକାମ ଠିକ୍ ଠିକ୍ କରି ମୋର ପୂର୍ବ କର୍ମର ପ୍ରାୟଶ୍ଚିତ କରେ କହି ଭୋ ଭୋ ହୋଇ କାନ୍ଦି ଉଠିଲେ । ମୁଁ ଖୁଡୀକୁ କୁଣ୍ଢାଇଧରି କହିଲି ଆପଣ ଯଦି ଭାଙ୍ଗିପଡିବେ ତେବେ ଏସବୁ କାମ କିପରି ଠିକ୍ ଠିକ୍ ହେବ । ସେ କାନ୍ଦିବା ବନ୍ଦ କରି କହିଲେ ନାହିଁରେ ବାପା ସେମାନଙ୍କର ମଣିଷ ପଣିଆ, ସ୍ନେହ, ଶ୍ରଦ୍ଧା ମନେପଡିବାରୁ ମୁଁ ଟିକେ ସାମାନ୍ୟ ଭାବପ୍ରବଣ ହୋଇଗଲି ଆଉ ସେ ଭୁଲ ହେବନାହିଁ । ଚାଲ ଖେଚୁଡି, ଡାଲମା କରିଛି ବାଢିଦେବି ତୁମେ ତିନିଭାଇ ଖାଇବ । ଖୁଡୀଙ୍କୁ କହିଲି ଆପଣ ଆଉ ସେ ପଛକଥା ଆଦୌ ଭାବିବେ ନାହିଁ କାରଣ ତାହା ନିୟତୀର ନିର୍ଦ୍ଦେଶଥିଲା ଯେଉଁଥିରେ ଆପଣଙ୍କର କୌଣସି ଦୋଷନାହିଁ । ତେଣୁ ଏଣିକି ଆପଣ ସବୁ କାମ ହସି ହସି କଲେ ମତେ ମୋ ବାପା ବୋଉଙ୍କ ଅନୁପସ୍ଥିତି ବାଧିବ ନାହିଁ । ଖୁଡୀ ସାମାନ୍ୟ ହସିଦେଇ କହିଲେ, ଧନରେ ତୋରକଥା ସତେ ଯିଏ ଶୁଣିବ ସେ ଖୁସିରେ ଆତ୍ମହରା ହୋଇପଡିବ । ଠାକୁରେ କରନ୍ତୁ ତୁ ଏହିପରି ତୋ ବାପା ମାଆଙ୍କ ନାଁ ଉଜ୍ଜ୍ୱଳ କରୁଥା । ଖୁଡୀ ଖେଚୁଡି ଡାଲମା

Source: Author, Digitized by PPRACHIN, SOA

ବାଢ଼ିଦେଲେ, ଆମେ ତିନିଭାଇ ଖାଇ ବସିଲୁ । କକେଇଙ୍କ ସାନପୁଅ କହିଲା ବଡଭାଇ ବସ ତ ଚାଲିଲାଣି । ସମସ୍ତେ ବଜାର ଛକରେ କଥା ହେଉଥିଲେ ସବୁ ସମାଧାନ ହେବାରୁ ବସ ଚାଲିଲାଣି । ଖାଇ ସାରିଲାପରେ ମୁଁ କକେଇଙ୍କ ଫେରିବାକୁ ଅପେକ୍ଷାକଲି । କକେଇ ୩ଟା ବେଳକୁ ପହଞ୍ଚିବାରୁ ତାଙ୍କୁ ମାମୁଁ ଘର ବ୍ୟବହାର କଥା ପଚାରିଲି । ସେ କହିଲେ ସବୁ ଠିକ୍ ଠାକ୍ ହେଲା କିଛି ଅସୁବିଧା ନାହିଁ । ମାମୁ ମାଇଁଙ୍କୁ ଦୁଇଦିନ ଆଗରୁ ଆସିବାକୁ କହିବାରୁ ସେମାନେ ରାଜିହେଲେ । ଭଣ୍ଡାରି ଓ ଶଙ୍ଖୁଆକୁ ଠିକ୍ ବିଦାକି ଦେଲେ । ଖାଇବା ମଧ ଭଲ କରିଥିଲେ ତେଣୁ ସେ ଦୁଇଜଣ ଖୁବ୍‌ଖୁସି ହୋଇ ଫେରିଲେ । କକେଇଙ୍କଠାରୁ ଏସବୁ ଶୁଣି ମତେ ଖୁସି ଲାଗିଲା । ଆବଶ୍ୟକ ପରିମାଣର ନିମନ୍ତ୍ରଣ କାର୍ଡ କକେଇଙ୍କୁ ଦେଲି ଓ ଅନ୍ୟାନ୍ୟ ଆୟୋଜନ କଥା କକେଇ, ଖୁଡୀଙ୍କ ସାଙ୍ଗେ କଥା ହେଲି । କିଛି ଟଙ୍କା ମଧ କକେଇଙ୍କ ହାତରେ ଦେଇ କହିଲି ମୁଁ ଗୋଟିଏ ଲୋନପାଇଁ ଦରଖାସ୍ତ କରିଛି ତେଣୁ ବାହାଘର ପୂର୍ବରୁ ଆସିଲାବେଳକୁ ଧରି ଆସିବି ଆପଣ ବ୍ୟସ୍ତ ହେବେନାହିଁ । ଖୁଡୀ ମୋ ହାତକୁ ଧରି କହିଲେ ରଣ କାହିଁକି କରିବୁ, ଆମେ କଣ ମରିଯାଇଛୁ । ପୁଅ ବାହାହବା ପାଇଁ ରଣ କରି ଆଣିଦେଲେ ବାହାଘର ହେବ । ରଣ କରିବା ଦରକାର ନାହିଁ । କକେଇ ସବୁ ବ୍ୟବସ୍ଥା କରିଛନ୍ତି । ତୁ ଖୁସିରେ ଖୁସିରେ ଚାରିଦିନ ପୂର୍ବରୁ ପହଞ୍ଚିବୁ । କକେଇ ମଧ କହିଲେ ନାଇଁରେ ବାପା ରଣ କରି ଆଣିବୁ ନାହିଁ । ବୋହୂଟା ଆସି ଶୁଣିଲେ ଆମକୁ କଣ ଭାବିବ ? ମୁଁ ସବୁ ଆୟୋଜନ ପାଇଁ ପ୍ରସ୍ତୁତ ଅଛି । ଭଗବାନଙ୍କୁ ଡାକୁଛି କିପରି କାମଟି ସୁରୁଖୁରୁରେ ସରିଯାଉ । ନୂଆବୋଉ, ନନା ସ୍ୱର୍ଗରୁ ଆମକୁ ଏତିକି ଆଶୀର୍ବାଦ କରନ୍ତୁ । ହଁ ତୁ ପ୍ରସ୍ତୁତ ହୋଇପଡ, ଶେଷ ବସ ଆସିବାକୁ ଆଉ ଅଧଘଣ୍ଟାଏ ରହିଲା । ସେତିକି ବେଳକୁ ଖୁଡୀ ଦୁଇଟି କପରେ ଚାହା ଆଣି ଆମ ହାତକୁ ବଢେଇଦେଇ କହିଲେ ବାପା ଚାହାଟା ପିଇଦେଇ ହୁସିଆର ହୋଇ ଯାଆ, ଚାରିଦିନ ପୂର୍ବରୁ ଆସିଲେ କକେଇଙ୍କର ମନବଳ ଟିକେ ବଢିବ । ମୁଁ ଚାହା ପିଇଦେଇ କହିଲି ହଁ ଖୁଡୀ, ମୁଁ ଆପଣଙ୍କ କହିବା ଅନୁସାରେ ଆସିବି । ଆଉ ଯାହାକିଛି ଦରକାର ଥିବ ଭାବି ମତେ ଫୋନରେ କହିବେ ମୁଁ ସାଙ୍ଗରେ ଧରି ଆସିବି ।

Source: Author, Digitized by PPRACHIN, SOA

ଖୁଡୀଙ୍କୁ ମୁଣ୍ଡିଆ ମାରି ସାରି କକେଇଙ୍କ ସାଙ୍ଗରେ ତରତରରେ ଆସି ବସ ରହିବା ଯାଗାରେ ପହଞ୍ଚିଲା ବେଳକୁ ବସଟି ଆସି ପହଞ୍ଚିଲା । ମୁଁ କକେଇଙ୍କୁ ମୁଣ୍ଡିଆମାରି ବସରେ ଉଠିଲି । କକେଇ ତଳେ ଠିଆହୋଇ ହାତହଲେଇ ମତେ ବିଦାୟ ଜଣାଇଲେ ।

ଅନୁଚ୍ଛେଦ-୧୨

ଶକୁନ୍ତଳାଙ୍କ ପରିବାର ଓ ମୋ ମନରେ ୧୯ତାରିଖରେ ବିଚାରାଳୟର ନିଷ୍ପତ୍ତିକୁ ନେଇ ବହୁତ ଉତ୍କଣ୍ଠା ଥାଏ । ସମୟତ କାହାକୁ ଅପେକ୍ଷାକରେ ନାହିଁ ସେ ଅବିରାମ ଗତିରେ ଆଗକୁ ମାଡିଚାଲେ । ପଛକୁ କେବେହେଲେ ଫେରେନା । ସେଇ ଉତ୍କଣ୍ଠା ଭରା ଦିନ ୧୯ତାରିଖ ଆସିଲା । ମୁଁ ଅଫିସ ଯାଇଥିଲେ ମଧ ଶ୍ୱଶୁରଙ୍କ ଟେଲିଫୋନ କେତେବେଳେ ଆସିବ ଅପେକ୍ଷା କରିଥାଏ । ସେହିଦିନର ସମୟ ଯେତେ ଯେତେ ଆଗକୁ ମାଡି ଚାଲିଥାଏ ମୋ ମନର ଉତ୍କଣ୍ଠା ସେତିକି ତିବ୍ର ହେଉଥାଏ । ପରିଶେଷରେ ସବୁ ନାଟକର ଯବନୀକା ବିଳମ୍ବରେ ହେଉ ମଧ ପଡିଲାପରି ପ୍ରାୟ ୪ଟା ୩୦ ବେଳକୁ ଶଶୁରଙ୍କ ପାଖରୁ ଫୋନ ଆସିଲା । ମୁଁ ଫୋନ୍ ଉଠାଇ ନମସ୍କାର କରିବାରୁ ଶ୍ୱଶୁର ଆଶିର୍ବାଦ କରି କହିଲେ ବାବୁ ମାନ୍ୟବର ବିରାଚପତି ଏଇ କିଛି ସମୟତଳେ ଆମ କେଶଟିର ନିଷ୍ପତି ଶୁଣାଇଲେ । ସାତପୃଷ୍ଠା ବିଶିଷ୍ଟ ସେଇ ନିଷ୍ପତିଟିକୁ ମାନ୍ୟବର ବିଚାରପତି ପଢି ଘୋଷଣାକଲେ ଯେ ଅପରପକ୍ଷ ଭାରତୀୟ ପିଙ୍ଗଳ କୋର୍ଡର ବିଭିନ୍ନ ଦଫାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଓ ସେମାନଙ୍କ ଦଣ୍ଡ ବିଧାନ ଇତ୍ୟାଦି ଆଗାମୀ ୩୦ ତାରିଖରେ ଘୋଷଣା କରାଯିବ ଏବଂ ସମ୍ପୃକ୍ତ ପକ୍ଷ ଚାହିଁଲେ ସେହି ଦିନଠାରୁ ୩୦ ଦିନ ମଧରେ ଉପର ଅଦାଲତରେ ନିଷ୍ପତ୍ତିର ପୁନଃ ବିଚାର ପାଇଁ ଆବେଦନ କରିପାରିବେ । ଆମ ଓକିଲ କହୁଥିଲେ ବିଚାରପତି ଯେଉଁସବୁ ଧାରା ଆଧାରରେ ଦୋଷୀ ସାବ୍ୟସ୍ତ କରିଛନ୍ତି ସେଇ ଧାରାର ବ୍ୟବସ୍ଥା ଅନୁଯାୟୀ ସର୍ବନିମ୍ନ ୭ବର୍ଷ , ସର୍ବୋଚ୍ଚ ୧୨ବର୍ଷର ସଶ୍ରମ କାରାଦଣ୍ଡ ହୋଇପାରେ । ମୁଁ ସବୁଶୁଣି ଖୁସିହୋଇ କହିଲି, ଯାହାହେଉ ଦୋଷୀ ନିଶ୍ଚିତ ଦଣ୍ଡପାଇବ ଏ ବିଶ୍ୱାସ ମୋର ଭାରତୀୟ ବିଚାରବ୍ୟବସ୍ଥା ଉପରେ ଥିଲା ଓ ତାହାହିଁ ହେଲା । ତେଣୁ ଦଣ୍ଡ ୭ବର୍ଷ ହେଉକି ୧୨ବର୍ଷ ହେଉ ସେଥିରେ

Source: Author, Digitized by PPRACHIN, SOA

ବ୍ୟସ୍ତ ହେବାର ନାହିଁ । ଆପଣ ଏଣିକି ଏଥିପାଇଁ ଆଉ ସମୟ ବରବାଦ ନକରି ନିଜ ପ୍ରସ୍ତୁତିରେ ମନଦିଅନ୍ତୁ । ଶ୍ୱଶୁର କହିଲେ ବାବୁ ଯେପର୍ଯ୍ୟନ୍ତ ସେ ନଷ୍ଟ ଚରିତ୍ର ଜେଲ ନଯାଇଛି ସେପର୍ଯ୍ୟନ୍ତ ମୋ ମନ ବୁଝିବନାହିଁ । ଆଉ ମଧ୍ୟ ଯଦି ସିଏ ଉପର ଅଦାଲତକୁ ଯାଏ ଆମକୁ ମଧ ସେ ଅଦାଲତ ଲଢେଇରେ ରହିବାକୁ ପଡିବ । ମୁଁ କହିଲି ହଁ ଆପଣଙ୍କ କଥା ଯଥାର୍ଥ ଅଟେ । ତେବେ ଏଣିକି ଆଇନର ଲଢେଇ ହବ, ତେଣୁ ଆମକୁ ଦରକାର ପଡିଲେ ଆଉଜଣେ ଭଲ ବରିଷ୍ଠ ଓକିଲଙ୍କୁ ଯୋଗାଡ କରିବାକୁ ପଡିବ । ମୋର ଜଣେ କଲେଜ ସହପାଠୀ ଆଇନରେ ଏଲ.ଏଲ.ବି କଲାପରେ ହାଇକୋର୍ଟର ଜଣେ ବରିଷ୍ଠ ଓକିଲଙ୍କ ନିକଟରେ ରହି କାମ କରୁଛନ୍ତି । ଇତି ମଧ୍ୟରେ ସେ ମଧ ଜଣେ ଭଲ ଓକିଲ ହୋଇ ଗଲେଣି ଓ ସେ କେବଳ ଏଇ ଅପରାଧ ସମ୍ବନ୍ଧୀୟ କେସ୍ ଗୁଡିକରେ ଲଢନ୍ତି । ମୁଁ ଦିନେ, ଦୁଇଦିନ ମଧ୍ୟରେ ସେ ବାବୁଙ୍କ ସାଙ୍ଗେ ଆମ କେସ୍ ବିଷୟରେ ଆଲୋଚନା କରି ଆପଣଙ୍କୁ ଜଣାଇବି । ବର୍ତ୍ତମାନ ଆମ ହାତରେ ହାରାହାରି ଗୋଟିଏ ମାସରୁ ଉର୍ଦ୍ଧ୍ୱ ସମୟ ରହିବ, ଆପଣ ଆଉ ଅଧିକ ବ୍ୟସ୍ତ ହୁଅନ୍ତୁ ନାହିଁ । ଖୁସିରେ ଘରକୁ ଯାଆନ୍ତୁ ରାତିରେ ମୁଁ ଆପଣଙ୍କ ସାଙ୍ଗେ କଥା ହେବି । ବୋଉଙ୍କୁ ନମସ୍କାର ଜଣାଇଦେବେ, ନମସ୍କାର, ରହୁଛି କହି ଫୋନ କାଟିଲି ।

ଶଶୁରଙ୍କୁ ଦେଇଥିବା ପ୍ରତିଶ୍ରୁତି ରଖିବା ପାଇଁ ମୁଁ ଅଫିସରୁ ଫେରି ନିତ୍ୟକର୍ମ ସାରି ସାମାନ୍ୟ ଜଳଖିଆ ଓ ଚାହାକପେ ନେଇ ମୋର ସେଇ ଓକିଲ ସହପାଠୀଙ୍କ ଟେଲିଫୋନ ନମ୍ବର ଟେଲିଫୋନ୍ ଡାଇରେକ୍ଟାରୀରୁ ଖୋଜିବାକୁ ବହୁ ଚେଷ୍ଟା କରି ପାଇଲି ନାହିଁ । ଶେଷରେ ମୋର ଖୋଜିବାର ତରିକା ବଦଳାଇ ସେ କାମ କରୁଥିବା ବରିଷ୍ଠ ଓକିଲଙ୍କ ଟେଲିଫୋନ ନମ୍ବର ଖୋଜିବାରୁ ତାହା ମିଳିଗଲା । ଅନ୍ଧାର ଭିତରେ ସାମାନ୍ୟ ଆଲୋକ ଦେଖିଲେ ଯେପରି ବାଟବଣା ଲୋକଟି ଖୁସିରେ ଆତ୍ମହରା ହୋଇପଡେ ଠିକ୍ ସେପରି, ମୁଁ ଗୋଟାଏ ଗଡ ଜିତିଲା ପରି ଅନୁଭବ କରି ସେଇ ନମ୍ବରକୁ ଟେଲିଫୋନ୍ କଲି, କିନ୍ତୁ ତାହା ବ୍ୟସ୍ତ ଥିବାର ସୂଚନା ମିଳିଲା । ମୁଁ କିଛି ସମୟପରେ ପୁଣି ଚେଷ୍ଟାକଲି ସେଇ ପୂର୍ବକଥା ବ୍ୟସ୍ତ ଅଛି । ଏହିପରି ୪ଥର ଚେଷ୍ଟାକରି ମଧ ଟେଲିଫୋନ୍‌ଟି ବ୍ୟସ୍ତ ଥିବାର ସୂଚନା

Source: Author, Digitized by PPRACHIN, SOA

ପାଇ ହତୋତ୍ସାହ ହୋଇ ପଡିଲି । ତଥାପି ଧର୍ଯ୍ୟ, ନହରାଇ ଆଉଥରେ ଚେଷ୍ଟା କରିବାରୁ ଟେଲିଫୋନ୍‌ଟି ଲାଗିଲା ଓ ସେପଟରୁ ଫୋନ ଉଠାଇ ଜଣେ ଲଳନା ହ୍ୟାଲୋ କହିବାରୁ ମୁଁ ପ୍ରଥମେ ଏହା ଭୁଲ ନମ୍ବର ହୋଇଥାଇପାରେ ଭାବି ସନ୍ତର୍ପଣରେ ସମ୍ପୃକ୍ତ ଓକିଲଙ୍କ ନାମ ପଚାରିବାରୁ ଭଦ୍ର ମହିଳା ହସିଦେଇ କହିଲେ ହଁ ଆପଣ କଣ ସାରଙ୍କ ସାଙ୍ଗେ କଥା ହେବେ ନା ଆମ ଚାମ୍ବରର ଅନ୍ୟ କେଉଁ ଓକିଲଙ୍କ ସାଙ୍ଗେ କଥା ହେବେ ? ଏଥର ମୁଁ ସାହାସ ସଞ୍ଚୟ କରି କହିଲି ମୁଁ ପାର୍ଥ ସାରଥି ସାରଙ୍କ ସାଙ୍ଗେ କଥା ହେବାକୁ ଚାହୁଁଛି । ଦୟାକରି ଦେଇପାରିବେ ? ସେ କହିଲେ ଆପଣ ଲାଇନରେ ରୁହନ୍ତୁ ମୁଁ ତାଙ୍କୁ ଫୋନ୍‌ଟି ଦେଉଛି । କିଛିକ୍ଷଣର ବ୍ୟବଧାନରେ ପାର୍ଥସାରଥି ବାବୁ ହାଲୋ କହିବାରୁ ମୁଁ ନମସ୍କାର ଜଣାଇ ତାଙ୍କୁ ମୋର ପରିଚୟ ଦେବାରୁ ସେ କହିଲେ ଆରେ କେମିତି ଅଛୁ, ବହୁଦିନପରେ ମୋ କଥା ମନେପଡିଲା । ତୁମେ ତ ସବୁ ବିଶ୍ୱବିଦ୍ୟାଳୟର କୃତୀ ଛାତ୍ର । ତେଣୁ ବଡ, ବଡ ଅଫିସର ହୋଇଯିବଣି ତେଣୁ ଏ ଖଡାଖିଆ ଓକିଲଙ୍କ କଥା କେମିତି ମନେ ପଡିଲା । ମୁଁ ତାକୁ କହିଲି ଆରେ ଭାଇ ବର୍ତ୍ତମାନର ଦୁନିଆରେ ବିନା ଆବଶ୍ୟକତାରେ କେହି କାହାରି କଥା ମନେ ପକାଉନାହାନ୍ତି ଏପରି ସ୍ୱାମୀ ଓ ସ୍ତ୍ରୀ ମଧ ତେଣୁ ଯାହା ବୁଝୁଥିବୁ । ସେ ଜୋରରେ ହସିଉଠି କହିଲା ଠିକ୍ କହିଲୁ, ସ୍ୱାର୍ଥପର ଦୁନିଆରେ ବିନା ସ୍ୱାର୍ଥରେ କିଏ କାହିଁକି କାହାକୁ ପଚାରି ଅଯଥା ଅଡୁଆକୁ ନିମନ୍ତ୍ରଣ କରିବ । ହଉ କହ ଏବେ କେଉଁଠି କଣ କରୁଛୁ । ବାହା ସାହା ହେଲୁଣିକି ନାହିଁ ଆଉ ଫୋନ୍ କରିବାର କାରଣ କଣ ?ମୁଁ ମୋ ବିଷୟରେ ସବୁକଥା କହିବା ସହିତ ମୋର ଫୋନ୍ କରିବାଟି ତୋ ପ୍ରଶ୍ନ ବାହାଚୁଡା ସାଙ୍ଗେ ସମ୍ପର୍କ ରଖୁଛି ବୋଲି ଜଣାଇବାରୁ ସେ ବ୍ୟସ୍ତ ହୋଇ କହିଲା କଣ ଗୋଟାଏ ବଡଲୋକ ଝିଅକୁ ବାହା ହୋଇଥିଲୁ କି ସେ ତତେ ଛାଡପତ୍ର ଦବାକୁ ଚାହୁଁଛି । ଆଜି କାଲିତ ଏସବୁ ଗୋଟାଏ ନିତିଦିନିଆ କଥା ହେଲାଣି । ମୁଁ ତାକୁ କହିଲି ନାହିଁ ସେପରି ନୁହେଁକି କଥା ସେଯାଏ ପହଞ୍ଚିନାହିଁ । ବାହାଘର ପୂର୍ବରୁ ଯାହାଙ୍କୁ ବାହାହେବି ତାଙ୍କର କେତେକ ଆଇନଗତ ଅଡୁଆ ସଫା କରିବାକୁ ତୋର ସାହାଯ୍ୟ ଲୋଡା । ଏହା କହି ମୋର ଓ ଶକୁନ୍ତଳାଙ୍କର ସାକ୍ଷାତ ଠାରୁ ଆଜି ପର୍ଯ୍ୟନ୍ତ ଘଟିଥିବା ଘଟଣା

Source: Author, Digitized by PPRACHIN, SOA

ଓ ବିଚରାଳୟର ନିଷ୍ପତ୍ତି ଏବଂ ତତ୍ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ କଣ ଆବଶ୍ୟକ ସେଇସବୁ କଥା ବୁଝିବା ପାଇଁ ଫୋନ କରିଥିଲି ବୋଲି କହିବାରୁ ସେ କହିଲା ଏବେ ଠାରୁ ଏତେ ବ୍ୟସ୍ତ ହୁଅନାହିଁ । ବିଚାରାଳୟ ଦଣ୍ଡକଥା ଘୋଷଣା କଲାପରେ ନିଷ୍ପତ୍ତି ଗୁଡିକର ନକଲ ଧରି ମୋ ପାଖକୁ ଆସିବୁ । ମୁଁ ସେଗୁଡାକ ଦେଖିଲାପରେ ଯଦି ଦୋଷୀମାନେ ଉପର ଅଦାଲତରେ ଆପିଲ କରିବେ ତେବେ ତାର ବ୍ୟବସ୍ଥା କରିବି । ମୁଁ ତାକୁ କହିଲି, ଆରେ ଭାଇ, ମୋର ବାହାଘରର ୩ଦିନ ପରେ ଦଣ୍ଡ ବ୍ୟବସ୍ଥା ଘୋଷଣା ହେବ ସେଇଟାହିଁ ମୋ ପାଇଁ ଅଡୁଆର ପ୍ରଶ୍ନ । ସେ ଆରପଟରୁ ହସିଦେଇ କହିଲା କିଛି ଅଡୁଆ ନାହିଁ । ସବୁ ଗୁଡିକର ନକଲ ମିଳିବାକୁ ଅନ୍ତତଃ ଦୁଇ, ତିନିଦିନ ଉଭୟ ପକ୍ଷଙ୍କୁ ଲାଗିବ ତେଣୁ ଅପରପକ୍ଷ ଯେତେ ବ୍ୟସ୍ତ ହେଲେ ମଧ୍ୟ ପାଞ୍ଚଦିନ ପୂର୍ବରୁ ଉପର ଅଦାଲତରେ ପହଞ୍ଚି ପାରିବେ ନାହିଁ । ଆଉ ମଧ୍ୟ ଏହା ଯେହେତୁ ଏକ ଅପରାଧ ସମ୍ବନ୍ଧୀୟ କେସ ତେଣୁ ଉପର ଅଦାଲତ ସବୁ ନଥିପତ୍ର ନଦେଖି କେବେହେଲେ କିଛି ନିଷ୍ପତ୍ତି ଦେବେନାହିଁ ଯେଉଁଥିପାଇଁ ଆଉ କିଛି ସମୟ ଲାଗିବ । ଆମେ ଇତି ମଧ୍ୟରେ ଆମର ପକ୍ଷ ରଖିବାପାଇଁ ପ୍ରସ୍ତୁତ ହୋଇ ଯାଇପାରିବା । ତୁମେ ତୁମର ବାହାଘର ଆରାମରେ କର ଓ ତୁମ ଓକିଲଙ୍କୁ ଜଣାଇ ବିଚାରାଳୟ ନିଷ୍ପତ୍ତିର ନକଲ ତୁରନ୍ତ ସଂଗ୍ରହ କରିବାକୁ କୁହ । ବାହାଘରର ଶୁଭେଚ୍ଛା । ମୁଁ ଗୋଟିଏ କେସର ନଥିପତ୍ର ପ୍ରସ୍ତୁତ କରୁଛି, ତେଣୁ ରହୁଛି, ପରେ କଥା ହେବା କହି ଫୋନ୍ ରଖିଲା ।

ବନ୍ଧୁ ପାର୍ଥସାରଥି ସାଙ୍ଗେ କଥା ସରିଲା ପରେ ଘଣ୍ଟାକୁ ଦେଖିଲି ୯ଟା ବାଜିଲାଣି ଓ ପେଟରେ ମୂଷାମାନେ ଦୌଡିବା ଆରମ୍ଭ କରିଦେଲେଣି । କାଳ ବିଳମ୍ବ ନ କରି ହାତ,ମୁହଁ, ଧୋଇ ରୋଷେଇ ହୋଇ ଥୁଆ ହୋଇଥିବା ଖାଦ୍ୟ ବାଢିଆଣି ଖାଇ ବସିଗଲି । କାରଣ ୯ଟା ୩୦ପରେ ଆମର ସବୁଦିନିଆ ଟେଲିଫୋନରେ ରାତ୍ରି ଶେଷନ ଗପ ଆରମ୍ଭ ହେବ । ଆରାମରେ ଖାଇସାରି ମୁହଁ ଧୋଇ ହାତ, ମୁହଁ, ପୋଛୁଚି ଫୋନଟି ବାଜିବାରୁ ଶକୁନ୍ତଳାଙ୍କ ସମୟାନୁବର୍ତ୍ତିତାକୁ ତାରିଫ ନକରି ରହିପାରିଲି ନାହିଁ ଓ ଫୋନଟି ଉଠାଇ କାନରେ ଲଗାଇବାରୁ ଶକୁନ୍ତଳା ପଚାରିଲେ ଖାଇ ସାରିଛନ୍ତି ତ ? ମୁଁ ତାଙ୍କୁ ସାମାନ୍ୟ ଚିଡାଇବା ପାଇଁ

Source: Author, Digitized by PPRACHIN, SOA

ଗମ୍ଭୀର କଣ୍ଠରେ କହିଲି ଖାଇଲି କେତେବେଳେ, ଖାଇବାକୁ ବସୁଥିଲି ତୁମେଫୋନ କଲ କଥା ହଉଛି କଣ କରିବି, ଭାବି ପତ୍ନୀଙ୍କ ମନ ଭାଙ୍ଗିବାଟା ଠିକ୍ ନୁହେଁ। ବିବାହପରେ ଯଦି ପତ୍ନୀଙ୍କ ମନ ଆଜିକାଲି ଜଗି ନ ଚଳିଲ ତେବେ ତ ଅବସ୍ଥା ଅସମ୍ଭାଳ ହୋଇପଡୁଛି ଆଉ ବିହାହ ପୂର୍ବରୁ ସେ କଥା ଚିନ୍ତା କଲା ବେଳକୁ ମନ ଡରରେ କମ୍ପିଉଠୁଛି । ଶକୁନ୍ତଳା ମୋ କଥା ଶୁଣି କାନ୍ଦ, କାନ୍ଦ ହୋଇ କହିଲେ ମୁଁ ଦୁଃଖିତ, ମତେ କ୍ଷମା କରିଦେବେ, ମୁଁ ଟିକେ ଅଧିକ ବ୍ୟଗ୍ର ହୋଇ ପାଞ୍ଚମିନିଟ୍ ଆଗରୁ ଫୋନ୍ କରି ଦେଇଛି। ଏବେ ଆପଣ ଆରାମରେ ବସି ଖାଆନ୍ତୁ, ମୁଁ ରହୁଛି,ଅଧଘଣ୍ଟାପରେ ଫୋନ କରି ଆଉସବୁ ସନ୍ଦେହ ମୋଚନ କରିବି। ତାଙ୍କର ଏପରି ଅବସ୍ଥା ଓ କାନ୍ଦ କାନ୍ଦ ସ୍ୱର ଶୁଣି ମୁଁ ପିଲାବେଳେ ସଂସ୍କୃତରେ ପଢିଥିବା ଶ୍ଳୋକ "ବାଳାନାଂ ରୋଦନମ୍ ବଳମ" ଟି ମନେ ପଡିବାରୁ ହସ ସମ୍ଭାଳି ନପାରି ହସି ଉଠିଲି ଯାହା ଜାଣି ସେ କହିଲେ କଣ ମତେ ଚିଡେଇବାକୁ ନା କନ୍ଦେଇବାକୁ ଏପରି କହିଥିଲେ ? ମୁଁ ତାଳିପକା ନୀତି ଆପଣାଇ କହିଲି ମଜାରେ ଏପରି କହିଥିଲି। କିନ୍ତୁ ମୁଁ ଖାଇନାହିଁ ଶୁଣି ତୁମେ କାନ୍ଦି ଉଠିବ ଏହା କଳ୍ପନା ମଧ୍ୟ କରିନଥିଲି। ଶୁଣିଛି ମଜା କରିବା ବେଳେ ବେଳେ ସଜା ଦିଏ ବୋଲି ତାହା ଆଜି ଅଙ୍ଗେ ଲିଭେଇଲି । ତେଣୁ ମୁଁ କାନଧରି ଶପଥ କରୁଛି ଆଉଦିନେ ଏପରି ମଜା କରିବାକୁ ଚେଷ୍ଟା କରିବିନାହିଁ କି ତୁମର ସମ୍ବେଦନଶୀଳ ଭାବନାକୁ ଆଘାତ ଦେବିନାହିଁ। ବାସ୍ତବରେ ମୁଁ ମୋର କଥା ପାଇଁ ଦୁଃଖିତ, ଦୟାକରି ଟିକେ ହସିଦେଇ ପଦେ କହିଲେ ମୋର ଏଇ ଅନୁତପ୍ତ ମନ କିଛିଟା ଆଶ୍ୱସ୍ତ ହେବ। ଏଥର ଶକୁନ୍ତଳା କହିଲେ ମୁଁ ବହୁବାର କହିଛି ଏବେ ମଧ ପୁଣିଥରେ ସେଇ ଏକାକଥା କହୁଛି ଆପଣଙ୍କ ମୁହଁର ହସ ମୋ ପାଇଁ ସ୍ୱର୍ଗର ପାରିଜାତ ପୁଷ୍ପ ପାଇବା ସାଙ୍ଗେ ସମାନ। ତେଣୁ ମୁଁ ହସିଲେ ଯଦି ଆପଣ ହସିବେ ତେବେ ମୁଁ ମୋର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ହସୁଥିବି ସିନା କେଭେ ଥକ୍କି ପଡିବି ନାହିଁ। ଆଉ ରହିଲା ପତ୍ନୀ ଓ ଭାବିପତ୍ନୀ କଥା। କିନ୍ତୁ ମୁଁ ଆପଣଙ୍କୁ ମୋର ପତି ପରମେଶ୍ୱର ଭାବେ ଯଥାମାନ୍ୟ, ଦିଏ କେବେ ହେଲେ ମୋ ମନରେ ଆପଣ ମୋର ଭାବିପତି ସେ କଥା ଭାବି ନାହିଁ କାରଣ ଆମେ ପତି ପତ୍ନୀ ଗୋଟିଏ ରାତି ଏକାଠି ଅଭିଶପ୍ତ

Source: Author, Digitized by PPRACHIN, SOA

ଚକୁଆ, ଚକୋଇ ପରି ଏକ ବର୍ଷଣ ମୁଖର ଶୀତ ରାତିରେ ନିରୋଳା ଗୋଟିଏ ବନ୍ଦ କୋଠରୀରେ ବିଛଣାର ଦୁଇପଟେ ପରସ୍ପରକୁ ପଛ କରି ବସି ବିତାଇ ସାରିଛେ । ଏବେ କୁହନ୍ତୁ କଣ ଖାଇଲେ । ମୁଁ ମୋର ସମ୍ପର୍କ ମରାମତିର ହତିଆର ବାକ୍‌ଚାତୁରୀ ଦେଖାଇ କହିଲି ପତ୍ନୀ ଭାବିପତ୍ନୀ ଉପାଖ୍ୟାନଟି କେବଳ ଆଜିର ଦୁନିଆଁର ହାଲଚାଲ କଥା କହିବାକୁ ଯାଇ କହିଥିଲି, ତାହା ତୁମ ମୋ ସମ୍ପର୍କକୁ ନେଇ ନଥିଲା । ନିଶ୍ଚିତ ରୂପରେ ତୁମ କହିବା ଠିକ୍ କାରଣ ଆମେ ପତି ଓ ପତ୍ନୀ କେବଳ ଅଭିଶାପ ମୁକ୍ତ ହେବାଯାଏ ଅର୍ଥାତ୍ ବାହାଘର ପରି ସାମାଜିକ ଶୃଙ୍ଖଳାକୁ ଯଥାମାନ୍ୟ ଦେବାକୁ ଆମେ ପରସ୍ପର ପୃଥକ ବାସରେ ଅଛେ, ଯାହା ଆମର କର୍ତ୍ତବ୍ୟ ମଧ୍ୟ । ହଁ ଆଜି ଅଣ୍ଡା ତରକାରି, ପୋଟଳ ଭଜା ଓ ରୁଟି ଖାଇଛି, ଆଉ ତୁମେ ? ଶକୁନ୍ତଳା ହସିଦେଇ କହିଲେ ଆପଣ ଗରମ ଖାଦ୍ୟ ଖାଇଥିଲା ବେଳେ ମୁଁ ଥଣ୍ଡାର ପ୍ରତୀକଭାବେ ପଖାଳ ଓ ସଜନାଛୁଇଁ ଆଳୁ ଭଜା ଖାଇଛି କାରଣ ବାପା ଆଜି ନିମନ୍ତ୍ରଣ କାର୍ଡ ବାଣ୍ଟିବାକୁ ଯାଇ ଆମ ପିଉସୀନାନୀଙ୍କ ଘରେ ରହିଯାଇଛନ୍ତି କାଲି ସେଇ ପାଖା ପାଖିରେ ଆଉ କିଛି ବନ୍ଧୁ ଓ ନିକଟ ସମ୍ପର୍କୀୟଙ୍କୁ ନିମନ୍ତ୍ରଣ କାର୍ଡ ଓ ଗୁଆ ଇତ୍ୟାଦି ଦେଇ ଫେରିବେ । ତେଣୁ ଆମେ ମାଆ ଝିଅ, ମଫସଲ ଜାଗାତ, ପଖାଳରେ ଚଳାଇ ଦେଲୁ । ତାଙ୍କର ଏଇ ମଜାଦାର କଥାଟି ଶୁଣି ମତେ ବହୁତ ଖୁସି ଲାଗିଲା । ତେଣୁ ମୁଁ ଜୋରରେ ହସିଉଠି କହିଲି ଏଣିକି ମୁଁ ମୋର ମଜାଦାର କଥା ତୁମରି ଢଙ୍ଗରେ କହିବି ଯାହାଦ୍ୱାରା ମନ ଖୁସି ହେବ ସମ୍ପର୍କ ନିବିଡ ହେବ,ଭାବର ଚାହିଦା ବଢିବ ଓ ହସର ଜୁଆର ଛୁଟିବ । ଆଜିକାଲିତ ଓଡିଆ ପଖାଳ ବଡ ବଡ ହୋଟେଲରେ ଉପଲବ୍ଧ ହେଲାଣି ଓ ତାପାଇଁ ମଧ୍ୟ ଲୋକଙ୍କ ଆଗ୍ରହ ବହୁତ ଆଉ ମଫସଲିଆ ବୋଲି କାହିଁକି ଭାବୁଛ, ସବୁ ଖାଦ୍ୟର ସ୍ୱାଦ ଓ ଉପକାରିତା ନିଆରା । ତେଣୁ ସହର ଆଉ ମଫସଲର ପାର୍ଥକ୍ୟ ସେପରି ନାହିଁ । ହଁ ମୋ ତରଫରୁ ଗୋଟିଏ ଖବର କାଲି ବାପା ଫେରିଲେ କହିଦେବ । ଏହାଶୁଣି ଶକୁନ୍ତଳା ତୁରନ୍ତ କହିଉଠିଲେ ନାହିଁ ଆପଣ ବାପାଙ୍କୁ ସିଧା ସଳଖ ଯାହା କହିବାର କଥା କହିବେ ମୁଁ ତାଙ୍କୁ ସାମନା କରିପାରିବିନାହିଁ । ମତେ କ୍ଷମା କରିବେ, ଭୁଲ ବୁଝିବେନାହିଁ । ତାଙ୍କର ଏପରି ମ୍ରିୟମାଣ ଅବସ୍ଥା ଦେଖି ମତେ ଦୁଃଖ ଲାଗିଲା ।

Source: Author, Digitized by PPRACHIN, SOA

ତେଣୁ କହିଲି ହଁ ମୁଁ ସବୁ ତାଙ୍କୁ ଜଣାଇବି ତୁମେ ମନକଷ୍ଟ କରନାହିଁ । ଆଜି ମୁଁ ତୁମକୁ ଖାଲି କଷ୍ଟ ଦେଉଛି, ତେଣୁ ଦୁଃଖିତ । ସେ କହିଲେ ନାହିଁ ସେକଥା ନୁହେଁ, ବାପା ଆପଣଙ୍କ କଥାକୁ ଯେତେ ଭରସା କରନ୍ତି ସେ ଆଉ କାହା କଥାକୁ ତାର ସାମାନ୍ୟ ତମ ଗୁଣରେ ଗୁରୁତ୍ୱ ଦିଅନ୍ତି ନାହିଁ ତେଣୁ ସେପରି କହିଲି । ଏହି ପରି କିଛି ସମୟ ଅଭିଶପ୍ତ ପତିପତ୍ନୀ ଦୁହେଁ କଥା ହୋଇ ପରସ୍ପରକୁ ଶୁଭରାତ୍ରୀ ଜଣାଇ ବିଶ୍ରାମକଲୁ ।

ଅନୁଚ୍ଛେଦ-୧୩

ଶନିବାର ଦିନ ସନ୍ଧ୍ୟାରେ ଅଫିସରୁ ଫେରି ଚାହା ଜଳଖିଆ କଲାପରେ ବାହାଘର ଆୟୋଜନ କଥା ବୁଝିବାପାଇଁ କକେଇଙ୍କୁ ଟେଲିଫୋନ କରି କଥାହେଲାବେଳେ ଉପଲବ୍ଧିକଲି କକେଇ ଏକୁଟିଆ ସବୁ ଆ୍ୟୋଜନ ପାଇଁ ଧାଁ ଧପଡ କରି କ୍ଳାନ୍ତ ଅନୁଭବ କରୁଛନ୍ତି । ତେଣୁ ମନେ ମନେ ଚିନ୍ତା କଲି କାଲି ସକାଳୁ ଗାଁକୁ ଯାଇ ଓ ସୋମବାରଟା ଛୁଟିନେଲେ ମଙ୍ଗଳବାର ବ୍ୟାଙ୍କ ଛୁଟିଥିବାରୁ ଅନ୍ତତଃ ୩ଦିନ କକେଇଙ୍କୁ କିଛିଟା ସାହାଯ୍ୟ କରିହେବ । ତେଣୁ ମୋ ମ୍ୟାନେଜରଙ୍କୁ ଟେଲିଫୋନ କରି ଛୁଟିନେବା କଥା କହିବାରୁ ସେ ହଁ ଭରିଲେ । ଖୁଡୀ ଆଗରୁ ବରାଦ କରିଥିବା କିଛି ଆବଶ୍ୟକୀୟ ଜିନିଷ କିଣିଥିଲେ ମଧ୍ୟ ଆଉ କିଛି କିଣାବାକି ଥିଲା । ତରତରରେ ପୋଷାକ ପିନ୍ଧି ମଟର ସାଇକେଲଟି ଧରି ବଜାରକୁ ବାହାରିଯାଇ ସେ ସବୁ ଜିନିଷ କିଣାକିଣିରେ ଲାଗିପଡିଲି । ସବୁ କିଣି ସାରିଲାବେଳକୁ ରାତି ୯ଟାରୁ ଉର୍ଦ୍ଧ୍ୱ ହୋଇଗଲା । ଜିନିଷ ସବୁ ଧରି ବସାରେ ପହଞ୍ଚି ଗାଧୁଆଘରୁ ଗୋଡମୁହଁ ଧୋଇ ଆସି ଖାଇବା ପାଇଁ ପ୍ରସ୍ତୁତ ହେଉଛି ଶକୁନ୍ତଳାଙ୍କ ପାଖରୁ ଟେଲିଫୋନ୍ ସବୁଦିନପରି ଆସିବାରୁ ତାଙ୍କୁ ସବୁକଥା କହିଲି । ସେ ହସିଦେଇ କହିଲେ ଆପଣ ଆରାମରେ ଖିଆପିଆ ସାରି ବିଶ୍ରାମ ନିଅନ୍ତୁ କାଲି ସକାଳୁ ସକାଳୁ ବାହାରିବେ । ତେଣୁ ମୁଁ ରହୁଛି କାଲି ରାତିକୁ ଫୋନ୍ କରିବି ଶୁଭରାତ୍ରୀ । ମୁଁ ମଧ୍ୟ ଶୁଭରାତ୍ରୀ ଜଣାଇ ଫୋନଟି ରଖି ଖାଇବାରେ ବସିଗଲି । ଖାଇସାରି ଉଠି ମୁହଁ, ହାତ ଧୋଇ ସବୁ ଜିନିଷ ଗୁଡିକ ଏକାଠି କରି ଭଲ ଭାବରେ ସଜାଡି ଦୁଇଟି ବ୍ୟାଗରେ ଯତ୍ନରେ ରଖିଲି । ସେତିକିବେଳକୁ ମୋ ମନରେ ଗୋଟିଏ

Source: Author, Digitized by PPRACHIN, SOA

କଥା ଉଙ୍କି ମାରିଲା । ତାହାହେଲା ମୁଁ ମଟର ସାଇକେଲନେଇ ସିଧା ଚାଲିଗଲେ ସୁବିଧା ହେବ ଓ ମୁଁ ମଙ୍ଗଳବାର ଅପରାହ୍ନରେ ନଫେରି ବୁଧବାର ସକାଳୁ ସକାଳୁ ଫେରି ଅଫିସ କରିପାରିବି କିନ୍ତୁ ଠିକ୍ ଏତିକିବେଳକୁ ମୋର ମନେପଡିଲା ମୁଁ ବାହାଘର ପାଇଁ ଛୁଟିନେଇ ଗଲାବେଳକୁ ମଟର ସାଇକେଲରେ ଘରକୁ ଆସିବା କଥା ଶୁଣି ଖୁଡୀ ବ୍ୟସ୍ତ ହୋଇ ମତେ କହିଛନ୍ତି ଗାଡି ଧୀରେ ଚଳାଇ ଆସିବୁ । ବାଟରେ ଥରେ ଅଧେ ବିଶ୍ରାମ ନେବୁ, ଆଦୌ ତରତର ହେବୁନାହିଁ ଯଦି ମଟର ସାଇକେଲ ନ ଆଣିଲେ ଚଳିବ ବୋଲି ଭାବିବୁ ତେବେ ନଆଣିଲେ ଭଲ । ତେଣୁ ଏବେ ମଟର ସାଇକେଲ ନେଇଗଲେ ସେ ନିଶ୍ଚିତ ମନ ଉଣା କରିବେ । ତା ବାଦେ ଓଜନିଆ ବ୍ୟାଗ୍ ଦୁଇଟି ମଧ ମଟର ସାଇକେଲରେ ବାନ୍ଧିନେବା କଷ୍ଟକାମ । ଏହାଭାବି ମଟର ସାଇକେଲରେ ଯିବା ଚିନ୍ତାଧାରାକୁ ପ୍ରତ୍ୟାହାର କରି ରାତି ପାଖାପାଖି ୧୧ଟା ବାଜିବାକୁ ଥିବାରୁ ତରତରରେ ଶୋଇଗଲି । କାରଣ ସକାଳୁ ସକାଳୁ ନ ଉଠିଲେ ପ୍ରଥମ ବସଟି ଧରି ହେବନାହିଁ ଆଉ ଦ୍ୱିତୀୟ ବସରେ ଗଲେ ଘରେ ପହଞ୍ଚିଲା ବେଳକୁ ଦିନ ୧୨ଟାରୁ ଉର୍ଦ୍ଧ୍ୱ ହେବ, ଯଦ୍ୱାରା ସକାଳ ଓଳିଟା ନଷ୍ଟ ହୋଇଯିବ । ବଡି ସକାଳୁ ଉଠି ଶୀଘ୍ର ଶୀଘ୍ର ନିତ୍ୟକର୍ମ ସାରି ଜିନିଷଭର୍ତ୍ତି ବ୍ୟାଗ ଦୁଇଟି ଧରି ତଳକୁ ଆସି ଗୋଟିଏ ଅଟୋ ଭଡା କରି ବସଷ୍ଟାଣ୍ଡକୁ ଚାଲିଲି । ଷ୍ଟାଣ୍ଡରେ ପହଞ୍ଚି ଆମ ଗାଁ ବସରେ ଗୋଟିଏ ଆଗ ସିଟରେ ବସି ମୋର ବ୍ୟାଗ ଦୁଇଟିକୁ ସଜାଡି ରଖି କ୍ଲିନର ବାବୁଙ୍କୁ କହି ଚାହା ପିଇବାକୁ ଓହ୍ଲାଉଛି ଦେଖିଲି ଜଣେ ଭଦ୍ର ମହିଳା ତାଙ୍କର ପିଲା ଦୁଇଟିକୁ ଧରି ବସରେ ଚଢିବାକୁ ତଳେ ଠିଆ ହୋଇଛନ୍ତି । ମୁଁ ଓହ୍ଲାଇପଡି ତାଙ୍କ ପିଲା ଦୁଇଟିଙ୍କୁ ଟେକି ବସ ଉପରକୁ ଚଢାଇ ଦେବାରୁ ସେ ହସିଦେଇ ମତେ ଧନ୍ୟବାଦ କହିଲେ ସତ, କିନ୍ତୁ ମୋ ମୁହଁକୁ ଚାହିଁ ରହିଲେ । ମୁଁ ତାକୁ ନଜର ନଦେଇ ଚାହା ପିଇବାକୁ ଚାଲିଗଲି । ଚାହା ପିଇସାରି ଆସି ବସରେ ମୋ ସିଟରେ ବସିଲା ବେଳକୁ ଦେଖିଲି ଭଦ୍ରମହିଳା ମୋ ପାଖ ଖାଲି ସିଟରେ ପିଲା ଦୁଇଟିକୁ ଧରି ବସିଛନ୍ତି । ମୁଁ ବସିବାରୁ ସେ ମୋତେ କହିଲେ ଆପଣ ଏଇଠି ବସିଛନ୍ତି । କେଉଁ ଯାକେ ଯିବେ ? ମୁଁ ଆମ ଗ୍ରାମନାମ କହିବାରୁ ସେ କହିଲେ ମୁଁ ସେଇ ଛକରେ ଓହ୍ଲାଇବି । ଯାହା ହେଉ

Source: Author, Digitized by PPRACHIN, SOA

ଭଗବାନ ବଡ ଦୟାଳୁ । ଏଠାପରି ଆପଣ ମଧ୍ୟ ସେଠାରେ ମତେ ଟିକେ ସାହାଯ୍ୟ କରିବେ । ମୁଁ ପଚାରିଲି ଆପଣ ଏକା ପିଲା ଦୁଇଟିଙ୍କୁ ଧରି ଯାଉଛନ୍ତି ? ସେ କହିଲେ କଣ କରିବି ତାଙ୍କ ବାପାଙ୍କର ଛୁଟି ନାହିଁ ତେଣେ ଘରେ ଶ୍ୱଶୁରଙ୍କ ଦେହ ଖରାପ ଆଉ ଉପାୟନାହିଁ । ଏକୁଟିଆ ଯାଉଛି । ଆପଣ ମୋତେ ଚିହ୍ନା ଚିହ୍ନା ଲାଗୁଛନ୍ତି , ଆପଣଙ୍କ ନାଁ କଣ ?ମୁଁ ଅଶୋକ ବୋଲି କହିବାରୁ ସେ କହିଲେ ମୁଁ ମଧ୍ୟ ସେଇଆ ଭାବୁଥିଲି । ମୋ ନାମ ମନୋରମା, ଚିହ୍ନି ପାରୁନାହାନ୍ତି ଆମେ ହାଇସ୍କୁଲରେ ଏକାଠି ପାଠ ପଢୁଥିଲେ । ଆପଣତ ମେଧାବୀ ଛାତ୍ରଥିଲେ ତେଣୁ ସମସ୍ତଙ୍କର ପ୍ରିୟ ଆଉ ଆମେ ଟାଇମପାସ କରିବାକୁ ସ୍କୁଲ ଯାଉଥିବା ଗଧ ଛାତ୍ରୀ । ଏଥର ହସ ସମ୍ଭାଳୀ ନପାରି କହିଲି ହଁ ଆମ ଗଣିତ ଓ ଇଂରାଜୀ ଶିକ୍ଷକମାନେ ଆପଣମାନଙ୍କୁ ସବୁଦିନେ ଠିଆ କରାଉ ଥିବା କଥା ମୋର ମନେ ପଡୁଛି । ସେ ହସିଦେଇ କହିଲେ ସେଇଥିପାଇଁ ଆମେ (M.A.B.B.F) ମାଟ୍ରିକ ଆପିଅର ବଟ ବାଇଚାନସ ଫେଲ ଉପାଧିରେ ଭୂଷିତ ହୋଇ ୧୯ବର୍ଷରେ ବିବାହ କରି ଘରସଂସାରରେ ମାତି ରହିଛୁ । ଆଉ ଆପଣଙ୍କ ପିଲାପିଲି କଣ ପଚାରି ପିଲାମାନଙ୍କୁ କହିଲେ ମାମୁଙ୍କୁ ନମସ୍କାର କର । ପିଲାମାନେ ନମସ୍କାର କରିବାରୁ ସେମାନଙ୍କ ମୁଣ୍ଡକୁ ଆଉଁଶି ତାଙ୍କନାମ ପଚାରିବା ଛଳରେ ତାଙ୍କର ପ୍ରଶ୍ନର ଉତ୍ତର କଣ ଦେବି ବୋଲି ଭାବୁଥିଲାବେଳେ ସେ ମୋତେ ହଲାଇଦେଇ ଚୁପ୍ ଚୁପ୍ କହିଲେ ସେତେବେଳେ କ୍ଲାସରେ ପଢୁଥିବା ଆମେ ଚାରିଜଣ ଛାତ୍ରୀ ଆପଣଙ୍କୁ ପାଇବାକୁ ମଧ୍ୟ ଆଶା ରଖିଥିଲୁ । କିନ୍ତୁ ଆପଣ ତ କେଭେ ମୁହଁ ଟେକି ଆମମାନଙ୍କ ସାଥିରେ କଥା ହୁଅନ୍ତି ନାହିଁ । ତେଣୁ ଆମ ମାନଙ୍କମନ କଥା ମନରେ ରହିଗଲା । ମୁଁ ଗୋଟିଏ ପ୍ରଶ୍ନର ଉତ୍ତର ଖୋଜି ପାଇ ନଥିଲାବେଳେ ତାଙ୍କର ଏପରି ଅଜବ କଥା ଶୁଣି ଘବଡେଇ ଯାଇ କହିଲି, ବାହାତ ହୋଇନି ଆଉ ପିଲା ଛୁଆ କଥା କଣ କହିବି । ସେ ମୋ କଥା ଶୁଣି ମୁହଁକୁ ଆଶ୍ଚର୍ଯ୍ୟହୋଇ ଋହିଁ ରହି ମନ ଉଣା କରି କହିଲେ ଏତେ ବିଳମ୍ବ ହେଲାଣି ତଥାପି । ତାଙ୍କ କଥା ଶୁଣି ମୁଁ ମୋ ଜୀବନର ସବୁକଥା କହିବାରୁ ସେ ଗମ୍ଭୀର ହୋଇ କହିଲେ ଧନ୍ୟ ପ୍ରଭୁ ଧନ୍ୟ ତୁମ ଲୀଳା, କାହାକୁ କେତେବେଳେ କେଉଁ ଅବସ୍ଥାରେ ରଖ ତାହା ତୁମକୁ ଜଣା । ହେଇ

Source: Author, Digitized by PPRACHIN, SOA

ଆଜି ମୋ କଥା ପରି । ଘରୁ ପିଲା ଦୁଇଟି ଧରି ବାହାରିଲାବେଳେ ବଡ ଚିନ୍ତାରେ ଥିଲି ପ୍ରଥମଥର ପାଇଁ ଏକୁଟିଆ କିପରି ଯିବି, କିନ୍ତୁ ପ୍ରଭୁ ଆପଣ ଅଶୋକ ବାବୁଙ୍କ ପରି ବାଲ୍ୟ ସହପାଠୀ ଜୁଟାଇ ମୋ ପାଇଁ ସବୁ ବ୍ୟବସ୍ଥା କରି ଦେଇଛନ୍ତି । ତେଣୁ ମୋର ଚିନ୍ତା ନାହିଁ । ଆଉ ଅଶୋକ ବାବୁଙ୍କ ପରି ମେଧାବୀ ଓ ସୁଧାର ମଣିଷପାଇଁ ଆଜିଯାକେ ବୋହୂଟିଏ ମିଳୁନାହିଁ । ଏହା କିପରି ବିଚାର ? ମୁଁ ତାଙ୍କୁ ବୁଝାଇବାକୁ ଯାଇ କହିଲି ନାହିଁ ମୋର ବିବାହ ଏଇମାସ ୨୮ତାରିଖରେ ହେବ, ତେଣୁ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ କି ପ୍ରଭୁଙ୍କୁ ଦୋଷାରୋପ କରନ୍ତୁ ନାହିଁ । ସବୁ ମୋର ଭାଗ୍ୟ ଦୋଷ । ମନୋରମା ଏଥର ସାମାନ୍ୟ ଆଶ୍ୱସ୍ତହୋଇ ମୋର ବାହାଘର ପାଇଁ ଶୁଭେଛା ଜଣାଇଲେ । ଏହିପରି କଥା ହେବା ଭିତରେ ବସ ଆସି ଆମ ଗ୍ରାମ ଛକରେ ଅଟକିବାରୁ ମୁଁ ମୋର ଜିନିଷ ଧରି ଓହ୍ଲାଇ ପଡିଲାପରେ ପିଲା ଦୁଇଟିଙ୍କୁ ବସରୁ ଓହ୍ଲାଇଦେଲି ଓ ବସ ଉପରୁ ତାଙ୍କର ଜିନିଷ ଗୁଡିକ କ୍ଲିନରଙ୍କ ହାତରୁ ଧରି ଓହ୍ଲାଇ ଥୋଇଲି । ବସ୍‌ଟି ଚାଲି ଗଲାପରେ ସେ କିପରି ଯିବେ ପଚାରିବାରୁ ଅଟୋରେ ଯିବେ ବୋଲି କହିଲେ । ଗୋଟିଏ ଅଟୋ ଡାକି ତାଙ୍କ ଜିନିଷ ସବୁ ସେଥିରେ ରଖିଲି ମାଆ ପିଲା ବସି ତାଙ୍କ ଗାଁକୁ ଗଲାବେଳେ ମନୋରମା ଖୁସି ହୋଇ ଧନ୍ୟବାଦ ଜଣାଇଲେ । ମୁଁ ମଧ ଗୋଟିଏ ଅଟୋ ଡାକି ମୋର ଓଜନିଆଁ ବ୍ୟାଗଦୁଇଟି ଧରି ଆମ ଘରକୁ ଗଲି ।

ହଠାତ୍ ଗାଁରେ ପହଞ୍ଚି ଯିବାରୁ ବୋଉ, ଖୁଡୀ ମତେ ଦେଖି ବହୁତ ଖୁସି ହୋଇଗଲେ । ମୁଁ ସେମାନଙ୍କୁ ପ୍ରଣାମ କଲାପରେ ଖୁଡୀ ପଚାରିଲେ କଣ ଏବେଠୁ ଛୁଟିନେଇ ଆସିଛୁ ? ମୁଁ କହିଲି ମୋର ଦୁଇଦିନ ଛୁଟିଥିଲା ତେଣୁ ତାକୁ ଯୋଡିବା ପାଇଁ ସୋମବାରଟା ଛୁଟି ନେଇ ଆସିଛି ବୋଉଙ୍କୁ କିଛିଟା ସାହାଯ୍ୟ ଓ ଭରସା ହେବାପାଇଁ । ବୋଉ ହସିଦେଇ କହିଲେ ହଉ ଭଲ କଲୁ । ଲୁଗାପଟା ବଦଳା ଜଳଖିଆ କରିବା ତାପରେ ଯାହାକିଛି କାମ ଆରମ୍ଭ କରିବା । ମୁଁ ଲୁଗାପଟା ବଦଳାଇ ହାତମୁହଁ ଧୋଇ ଆସିବାରୁ ଆମେ ସମସ୍ତେ ବସି ଜଳଖିଆ କଲୁ । ଜଳଖିଆ ସାରି ମୁଁ ବୋଉଙ୍କ ସାଙ୍ଗେ ମିଶି ବାହାଘର ଭୋଜିପାଇଁ ସଉଦା ଆଣିବାକୁ ଆମ ପାଖ ଗ୍ରାମରେ ଥିବା ବଡ ତେଜରାତି ଦୋକାନକୁ ଗଲୁ ଓ କିଣାକିଣି ସାରି

Source: Author, Digitized by PPRACHIN, SOA

ଗୋଟାଏ ଅଟୋରେ ସବୁଧରି ଦିନ ୨ଟା ସୁଦ୍ଧା ଘରକୁ ଆସି ମଧ୍ୟାହ୍ନ ଭୋଜନ ସାରି ବିଶ୍ରାମ ନେଲି । ଏହିପରି ଛୋଟ, ମୋଟ କିଛି କାମରେ ମୁଁ କକେଇଙ୍କ ସାଙ୍ଗେ ମିଶିବାରୁ ସେ ବହୁତ ଖୁସି ହେଲେ । ରାତିରେ ଖାଇଲାବେଳେ କହିଲେ ସେଇଥିପାଇଁ ବୋଧେ ପୂର୍ବପୁରୁଷ କହିଛନ୍ତି "ଯୋଡାକୁ ଘୋଡା ସରିନୁହେଁ" । ଗାଁରେ ସେଇ ୩ଦିନର ରହଣି ଭିତରେ ସାଇ ଭାଇରେ ଥିବା ମୋର ସମବୟସ୍କ ଭାଇ, ଦାଦା ମାନଙ୍କ ସାଙ୍ଗେ ମୁଁ ମିଶିବାରୁ ସେମାନେ ମଧ୍ୟ ବହୁତ ଖୁସିହେଲେ ଓ ବହୁତ କାମରେ ସାହାଯ୍ୟ କଲେ। ଖୁଡୀ ମଧ୍ୟ ଆମେ କକେଇ ପୁତୁରାଙ୍କ ମିଳିମିଶି ସବୁ କାମ ଦେଖି ଖୁସିରେ ଆତ୍ମହରା ହୋଇ ପଡିଲେ। ଗାଁ ଓ ସାହିର ଗୁରୁଜନମାନେ ମୋର ସରଳତା ଓ ଭଦ୍ରବ୍ୟବହାର ଦେଖି ମୋ ବାପାଙ୍କ କଥା ମନେ ପକାଇ କହିଲେ ବାପ ଗୁଣେ ପୁଅ, ବାପର ନାଆଁ ରଖିଲା। ୩ଦିନ ସମୟ କିପରି କଟିଲା ଜଣାପଡିଲା ନାହିଁ । ମଙ୍ଗଳବାର ଦିନ ମଧ୍ୟାହ୍ନ ଭୋଜନ କଲାବେଳେ ଖୁଡୀ କହିଲେ ବାପାରେ ତୁ ଏଇ ତିନିଦିନ କକେଇଙ୍କ ସାଙ୍ଗେ ମିଶି ବହୁତ ଗୁଡିଏ ଦରକାରୀ କାମ କରିଦେବାରୁ ତାଙ୍କୁ ବହୁତ ସୁବିଧାହେଲା ଓ କାମର ବୋଝ ହାଲକା ହୋଇଗଲା । କିନ୍ତୁ ଏ ଖରାରେ ଶିଝି ତୁ କଳାକାଠ ପଡିଗଲୁଣି । କକେଇ କହିଲେ ଠିକ୍ କହିଲ ପିଲାଟା ଶୁଖିଲା ଦେଖାଯାଉଛି ତେଣୁ କିଛି ସମୟ ବିଶ୍ରାମନେଇ ୪ଟା ବେଳକୁ ଉଠିଲେ ଭୁବନେଶ୍ୱର ଫେରିଯିବ। ମୁଁ ଖୁଡୀ ଓ କକେଇଙ୍କୁ ପଚାରିଲି ଆଉ କିଛି ଜିନିଷ ଆଣିବାର ଥିଲେ ମତେ କୁହନ୍ତୁ ମୁଁ ଆର ସପ୍ତାହରେ ଛୁଟିନେଇ ଆସିଲାବେଳେ ଧରି ଆସିବି । ଖୁଡୀ କହିଲେ ସେପରି କିଛି ମନେ ପଡୁନାହିଁ । ପରେ ମନେ ପଡିଲେ ଫୋନରେ ଜଣାଇବି। ହଁ ତୁ ତୋର ବର ବେଶପାଇଁ ପୋଷାକ ବରାଦ ଦେଇଛୁ ତ? ମୁଁ ମୁଣ୍ଡ ଟୁଙ୍ଗାରି ହଁ ଭରିଲି। ଅପରାହ୍ନରେ ଚାହା କପେ ପିଇ କକେଇ ଖୁଡୀଙ୍କୁ ପ୍ରଣାମ କରି ଗାଁ ଛକକୁ ଆସି ବସଧରି ଭୁବନେଶ୍ୱର ଫେରିଲାବେଳେ ମୋର ତିନିଦିନ ଗାଁ ରହଣି କଥାମନେ ପଡି ଖୁସି ଲାଗିଲା। ସତରେ ସେ ଜୀବନ କେତେ ସରଳ ଓ ଆତ୍ମୀୟତା ପୂର୍ଣ୍ଣ ଯେଉଁଠି ନାହିଁ ସହରୀ ଜୀବନରେ ଥିବା ଅହଂ, ବଡ ପଣିଆ ଓ ଦେଖେଇ ହବାର ମନୋବୃତ୍ତି ।

Source: Author, Digitized by PPRACHIN, SOA

ଅନୁଚ୍ଛେଦ-୧୪

ବସାରେ ପହଞ୍ଚି ନିତ୍ୟକର୍ମ ସାରିଲା ବେଳକୁ ନିତିଦିନ ମୋପାଇଁ ଖାଦ୍ୟ ରୋଷେଇ କରୁଥିବା ଭାଇନା ଆସି ପହଞ୍ଚିଲେ । ପ୍ରଥମେ ମତେ ଚାହାକପେ କରି ଆଣି ଦେଲେ ଓ ପଚାରିଲେ କଣ ଖାଦ୍ୟ ପ୍ରସ୍ତୁତ କରିବି ? ମୁଁ ବରାଦ ଦେବାରୁ ସେ ରୋଷେଇରେ ଲାଗିପଡିଲେ । ମୁଁ ଚାହା ପିଇଲାବେଳେ ଶକୁନ୍ତଳାଙ୍କ ବାପାଙ୍କ ପାଖରୁ ଫୋନ୍ ଆସିବାରୁ ମୁଁ ପ୍ରଣାମ ଜଣାଇ ମୋ ଓକିଲ ବନ୍ଧୁଙ୍କ ସାଙ୍ଗେ ହୋଇଥିବା ଆଲୋଚନା ତାଙ୍କୁ ଜଣାଇଲି ଏବଂ ଅନୁରୋଧ କଲି ଆଉ ବେଶି ବ୍ୟସ୍ତ ନହେବା ପାଇଁ । ଏଣିକି ଓକିଲ ସେସବୁ ବୁଝିବେ କେବଳ ଆମେ ବିଚାରାଳୟର ନିଷ୍ପତ୍ତିକୁ ଅପେକ୍ଷା କରିବା । ସେ ମୋକଥା ଶୁଣି ଆଶ୍ୱସ୍ତ ହେଲେ ଓ କହିଲେ ଭଗବାନଙ୍କର ଯାହା ବରାଦ ଥିବ ତେଣୁ ବ୍ୟସ୍ତ ହୋଇ ଲାଭ ବା କଣ ? ସବୁ ତାଙ୍କର ଖେଳ । ବାପା ହୁସିଆର ହୋଇ ଚଳିବ କହି ରହୁଛି କହିବାରୁ ତାଙ୍କୁ ପ୍ରଣାମ ଜଣାଇ ଫୋନ କାଟିଲି । ରାତି ୯ଟା ବାଜିବାରୁ ରାତ୍ରି ଭୋଜନସାରି ଶକୁନ୍ତଳାଙ୍କ ଫୋନକୁ ଅପେକ୍ଷା ନକରି ମୋ ଆଡୁ ଫୋନ୍ ଲଗାଇଲି । ସେ ଖୁସି ହୋଇ କହିଲେ ମୁଁ ଭାବୁଥିଲି ଫୋନ କରିବାକୁ କିନ୍ତୁ ଆପଣ କାଳେ ଖାଇନଥିବେ ତେଣୁ କିଛି ସମୟ ବିଳମ୍ବରେ ଲଗାଇବାକୁ ଚିନ୍ତା କରି ଅପେକ୍ଷା କରିଥିଲି । ଗାଁରେ ସମୟ କିପରି କଟିଲା, କକେଇ ଖୁଡୀ କିପରି ଅଛନ୍ତି ଓ ଆପଣଙ୍କ ଦେହ ମୁଣ୍ଡ କିପରି ଅଛି ଓ ଖାଇ ସାରିଲେଣି କି ନାହିଁ ଇତ୍ୟାଦି ବହୁତ କଥା ପଚାରି ଚାଲିଲେ । ମୁଁ ସବୁ ଶୁଣି ହସିଦେଇ କହିଲି ଏକାବେଳକେ ଏତେଗୁଡିଏ କଥାର ଉତ୍ତର ହେଲା ସବୁ ଠିକ୍ ଅଛି ଓ ମୁଁ ଖାଇ ସାରିଛି । ବାହାଘର ପ୍ରସ୍ତୁତି ରେ କକେଇ, ଖୁଡୀ ବ୍ୟସ୍ତ ଅଛନ୍ତି ମୁଁ କିଛିଟା ସେ କାମରେ ସାହାଯ୍ୟ କଲି ଯାହାଦ୍ୱାରା ସେମାନେ ଖୁସି ହେଲେ । ଅବଶ୍ୟ ଏଇଥିପାଇଁ ଏ ତିନିଦିନ ତୁମସାଙ୍ଗେ କଥା ହୋଇପାରିନାହିଁ ସେଥିପାଇଁ ମନଦୁଃଖ କରିବ ନାହିଁ । ବାପାଙ୍କୁ ଯାହା କହିବାର କଥା ମୁଁ କିଛି ସମୟ ପୂର୍ବରୁ ତାଙ୍କୁ ଜଣାଇ ଦେଇଛି ତେଣୁ ବ୍ୟସ୍ତ ହେବନାହିଁ । ମୋ କଥା ଶୁଣି ସେ କହିଲେ, ଖାଇଲାବେଳେ ବାପା ବୋଉକୁ ସେ କଥା କହୁଥିଲେ ଓ ଆପଣଙ୍କୁ ବହୁତ ତାରିଫ କରୁଥିଲେ । ସ୍କୁଲର ଖରାଦିନ ଛୁଟି ହୋଇଥିବାରୁ

Source: Author, Digitized by PPRACHIN, SOA

ଘରେ ବସି ବସି ବଡ ବ୍ୟସ୍ତ ଲାଗିଲାଣି । ତା ସାଙ୍ଗକୁ ମଝିରେ ମଝିରେ ସାହି ପଡିଶା ବନ୍ଧୁ ବାନ୍ଧବ ଘରକୁ କନ୍ୟାଖିଆ ଡାକରା ଓ ଫେରିଲା ବେଳେ କାନ୍ଦକଟା ଦେଖି ମନଟା ଆପଣଙ୍କ ପାଖକୁ ଉଡି ଯାଉଛି । ଯଦିଓ ଶରୀରଟା ଏଠି ପଡିରହିଛି । ଏବେ ପ୍ରତିଟି ଦିନ ମତେ ବହୁତ ଲମ୍ବା ଲାଗୁଛି ଆଉ ରାତିକଥା ନକହିଲେ ଭଲ । ମୁଁ ବାପ,ମାଆ, ଜ୍ଞାତିକୁଟୁମ୍ବଙ୍କ ସାଥିରେ ରହି ମଧ୍ୟ ଏପରି ଉପଲବ୍ଧି କରୁଥିଲାବେଳେ ଆପଣ ସେଠି ଏକୁଟିଆ ଗୋଟିଏ ଘରେ କପିରି ରହୁଛନ୍ତି ତାହା ପରିକଳ୍ପନା କରିପାରୁନାହିଁ । ହେଇପାରେ ଆପଣ ପୁରୁଷ ପିଲା, ତେଣୁ ଆପଣଙ୍କର ଏପରି କିଛି ଅସ୍ୱାଭାବିକତା ଦେଖାଦେଉନଥିବ । କିଛି ଦୟାକରି କୁହନ୍ତୁନା, ଚୁପହୋଇ ମୋ ମନ ବିଡନ୍ତୁ ନାହିଁ ? ଶକୁନ୍ତଳାଙ୍କ ଠାରୁ ଏଇସବୁ ଶୁଣି ଖୁବ୍ ଜୋରରେ ହସିଉଠିଲି । ମୋ ହସଟା ଏତେ ଲମ୍ବାଥିଲା ଯେ ସେ କହିଲେ ଦୟାକରି ମୋର ଏଇ ଅପରାଧ କ୍ଷମା କରିବେ, ହସ ବନ୍ଦ କରନ୍ତୁ ମତେ ଡର ଲାଗିଲାଣି । ହସବନ୍ଦ କରି କହିଲି ତୁମର କଥା ଗୁଡିକ ବେଶ ରସାପ୍ଳୁତ, ମଜାଳିଆ ଓ ନାରୀ ସୁଲଭ ସମ୍ବେଦନଶୀଳ । ଏସବୁ ଶୁଣି ମୋର ଆହୁରି ମନଖୋଲି ହସିବାକୁ ଇଛା ହେଉଛି କିନ୍ତୁ ତୁମେ ଯେହେତୁ ଡରିଗଲଣି ତେଣୁ ନହସି ମୋର ଅବସ୍ଥା ବର୍ଣ୍ଣନା କରୁଛି ଯାହା ଶୁଣିଲେ ତୁମେ ସମ୍ଭବତଃ ଅଧିକ ଡରିଯାଇପାର, ତଥାପି କିଛିଟା କହିବି । ଦିନରେ ୧୦ଘଣ୍ଟା ବ୍ୟାଙ୍କ ସେବାରେ ଓ ସେ କ୍ଳାନ୍ତି ମେଣ୍ଟାଇବାକୁ ଆଉ ଦୁଇ ଚାରିଘଣ୍ଟା ବିଶ୍ରାମ ନେବାରେ କଟିଯାଉଥିବାରୁ ସେତିକି ସମୟ ମୋର ଅନ୍ତତଃ କିଛି ସମସ୍ୟା ସୃଷ୍ଟି କରୁନାହିଁ । ଆଉ ଅବଶିଷ୍ଟ ସମୟ କିପରି କଟାଉଛି ତାହା ବର୍ଣ୍ଣନା କରିବାକୁ ଗୁଡିଏ ଅପଶବ୍ଦ ବ୍ୟବହାରର ଆବଶ୍ୟକତା ପଡୁଥିବାରୁ ଫୋନଯୋଗେ କହୁନାହିଁ ଯଦି ସମ୍ଭବ ହେବ କେବେ ସେସବୁ ବର୍ଣ୍ଣନା ମୁହାଁମୁହିଁ କରିବି, ଆଶାକରେ ବୁଝିପାରୁଥିବ । ଏଥର ଶକୁନ୍ତଳା ମୋ ପରି ହସି ଉଠିବାର ଶୁଣି ମନେମନେ ଭାବିଲି ମୋର ସାଙ୍କେତିକ ସୁଚନା ସେ ବୋଧହୁଏ ବୁଝିପାରିଛନ୍ତି । କିଛି ସମୟ ହସି ସାରିଲା ପରେ ସେ କହିଲେ ତାହାଲେ ବେନିଜନେ ଏକା ଦଶା । ମୁଁ ମୋର ହସ ରୋକି କହିଲି, ଯାହାତ ହୁଏ ବେନି ଜନଙ୍କୁ ନେଇ ହୁଏ, ଆଉ ଜଣଙ୍କୁ ନେଇ କିପରି ହେବ ? ସେଇଥିପାଇଁତ ବିବାହ ବ୍ୟବସ୍ଥାର

Source: Author, Digitized by PPRACHIN, SOA

ପରିକଳ୍ପନା । ସେ ଏଥର ଆହୁରି ଯୋରରେ ହସିହସି କହିଲେ ମୋ ପେଟ ଦରଜ ହୋଇଗଲାଣି ଆଉ ହସାନ୍ତୁ ନାହିଁ । ମୁଁ କହିଲି ମୁଁ କେଉଁ ଭଲରେ ଅଛି, ଇଏତ ଆରମ୍ଭ ମାତ୍ର । ଚଳଚିତ୍ର ଆରମ୍ଭ ହୋଇନାହିଁ ଅପେକ୍ଷା କର । ଏଥର ଉଭୟ ଯୋରରେ ହସି ହସି ଶୁଭରାତ୍ରୀ ଜଣାଇଁ ରହିଲୁ ।

ସମୟ ଓ ସ୍ରୋତ କାହାକୁ ଅପେକ୍ଷା କରେନାହିଁ । ଦିନ ଗଡି ଚାଲି ୨୩ ତାରିଖ ଶୁକ୍ରବାର ଆସିଗଲା । ମୁଁ ସେଦିନ ଅଫିସରେ ପହଞ୍ଚି ନିଜ କାମରେ ଲାଗିଗଲି । ମଧ୍ୟାହ୍ନ ଭୋଜନପରେ ଛୁଟି ଦରଖାସ୍ତଟି ନେଇ ମ୍ୟାନେଜରଙ୍କୁ ଦେବା ସହିତ ନିମନ୍ତ୍ରଣ କାର୍ଡଟି ଦେଇ ମୋ ବାହାଘରରେ ଯୋଗ ଦେବାକୁ ଅନୁରୋଧ କଲି । ମ୍ୟାନେଜର ପ୍ରଥମେ ମୋର ନିମନ୍ତ୍ରଣ ପତ୍ରଟି ଧରି ମତେ ବଧାଇ ଓ ଶୁଭେଚ୍ଛା ଜଣାଇଲେ ଓ କହିଲେ ମୁଁ ନିଶ୍ଚିତ ଯୋଗଦେବାକୁ ଚେଷ୍ଟା କରିବି । ତାପରେ ଛୁଟି ଦରଖାସ୍ତଟିକୁ ପଢି କହିଲେ ଆପଣ ୨୬ଜୁନ ସୋମବାର ଠାରୁ ଛୁଟିରେ ରହିବେ ଓ ୧୦ ଜୁଲାଇ ସୋମବାର ଅଫିସ ଆସିବେ ? ମୁଁ କହିଲି ଆପଣ ମତେ କହୁଥିଲେ ୧୫ଦିନରୁ ଅଧିକ ଛୁଟି ନେଇ ହେବନାହିଁ । ତେଣୁ ମୁଁ ସେହି ୧୫ଦିନ ପାଇଁ ଛୁଟି ମାଗିଛି । ସେ ହସିଦେଇ କହିଲେ ହଁ ତାହାତ ଠିକ୍ ତେବେ ଯଦି ନିହାତି ଦରକାର ହେବ ଆପଣ ଆଉ ଗୋଟିଏ ସପ୍ତାହ ଛୁଟିନେଇ ପାରିବେ । ଆମେମାନେ କିଛି ଲୋକ ବାହାଘର ବରଯାତ୍ରୀରେ ସାମିଲ ହେବୁ ଓ ଆଉକିଛି ଭୋଜିଦିନ ଭୋଜିକୁ ଯିବୁ । ଏହା ଆମପାଇଁ ଏକ ଖୁସିର ଦିନ, ନିଶ୍ଚିତ ସାମିଲ ହେବୁ । ମୁଁ ତାଙ୍କୁ ଧନ୍ୟବାଦ ଜଣାଇ ବାହାରକୁ ଆସି ଅଫିସର ଅନ୍ୟ ସହକର୍ମୀ ବନ୍ଧୁ ଓ କର୍ମଚାରୀ ବନ୍ଧୁମାନଙ୍କୁ ନିମନ୍ତ୍ରଣ ପତ୍ର ଦେଇ ବାହାଘର ଦିନ ଓ ଭୋଜିଦିନ ସମସ୍ତେ ଯୋଗେଦବାକୁ ଅନୁରୋଧ କଲି । ସମସ୍ତେ ମୋ ସାଙ୍ଗେ କରମର୍ଦ୍ଦନ କରି ବଧାଇ ଓ ଶୁଭେଚ୍ଛା ଜଣାଇ ନିଶ୍ଚିତ ଯୋଗଦେବାକୁ ପ୍ରତିଶ୍ରୁତି ଦେଲେ । ମୁଁ ନିମନ୍ତ୍ରଣ ପତ୍ର ବାଣ୍ଟିସାରି ମ୍ୟାନେଜରଙ୍କ କକ୍ଷକୁ ଯାଇ କିଛି କାମ ଅଛି କହି ଏକଘଣ୍ଟା ପୂର୍ବରୁ ଅଫିସ ଛାଡିବାକୁ ଅନୁରୋଧ କରିବାରୁ ସେ ଖୁସିରେ ହଁ ଭରିଲେ । ମୁଁ ତତ୍କ୍ଷଣାତ୍ ମୋ ଜାଗାକୁ ଆସି ସବୁ ବନ୍ଦକରି ଅଫିସରୁ ବାହାରି ମଟର ସାଇକେଲ ଧରି ବଜାରକୁ ବାହାରିଗଲି । ଇତି ମଧ୍ୟରେ ଖୁଡୀ କହିଥିବା

Source: Author, Digitized by PPRACHIN, SOA

ସବୁ ଆବଶ୍ୟକ ଜିନିଷ ଗୁଡିକ କିଣିବାରେ ଲାଗିଗଲି । କିଣା ସରିଲା ବେଳକୁ ରାତି ୯ଟାରୁ ଉର୍ଦ୍ଧ୍ୱ ହୋଇଗଲା । ସବୁ ଜିନିଷ ମଟର ସାଇକେଲରେ ଆଣି ହେବନାହିଁ ଦେଖି ଗୋଟିଏ ଅଟୋ ଭଡା କରି ସେଗୁଡିକ ଆଣି ବସାକୁ ଫେରିଲି । ବସାରେ ପହଞ୍ଚି ସବୁଜତ୍ନରେ ରଖି ନିଜର ନିତ୍ୟ କର୍ମ ସାରିଲା ବେଳକୁ ୯ଟା ୩୦ରୁ ଉର୍ଦ୍ଧ୍ୱ ତେଣୁ ଆଗୁଆ ଟେଲିଫୋନ୍ କରି ପ୍ରତିଦିନର ରୁଟିନ ଟେଲିଫୋନ୍ ମିଟିଂ ଆଜିପାଇଁ ସ୍ଥଗିତ ରହିଲା ବୋଲି ଶକୁନ୍ତଳାଙ୍କୁ ହସି ହସି କହିବାରୁ ସେ ଖୁସିରେ କହିଲେ ହେଉ ଆପଣ ଖାଇପିଇ ବିଶ୍ରାମ ନିଅନ୍ତୁ କାଲି କଥା ହେବା ଶୁଭରାତ୍ରୀ । ମୁଁ ମଧ୍ୟ ଶୁଭରାତ୍ରୀ ଜଣାଇ ଫୋନକାଟି ପେଟପୂଜାରେ ଲାଗିଗଲି । ଖାଇ ସାରିଲା ପରେ ହାତମୁହଁ ଧୋଇ କ୍ଲାନ୍ତି ଲାଗୁଥିବାରୁ ଶୋଇବାମାତ୍ରେ ନିଦ ଲାଗିବାରୁ ଗଭୀର ନିଦରେ ଶୋଇଗଲି ।

ଶନିବାର ଦିନ ଅଫିସରୁ ଫେରି ଚାହା, ଜଳଖିଆ ସାରିଲାପରେ ଜିନିଷଗୁଡିକ ଯତ୍ନରେ ସଜାଡି ବ୍ୟାଗରେ ରଖିଲି । ଦେଖିଲି, ତିନଟି ବଡ ବ୍ୟାଗ ହେଲା ଯାହା ମଟର ସାଇକେଲରେ ଧରିଯିବା ସମ୍ଭବ ନୁହେଁ । ତେଣୁ ବସରେ ଯିବାକୁ ମନସ୍ଥ କରି ମଟରସାଇକେଲଟିକୁ ଚେନତାଲା ପକାଇ ମୋ ଘରର ବାରଣ୍ଡାରେ ରଖିଲି । ଗାଧୁଆ ଘରକୁ ଯାଇ ମୁହଁ, ହାତ ଧୋଇ ଆସି ରୋଷେଇ ହୋଇଥିବା ଖାଦ୍ୟ ବାଢିଆଣି ଖାଇଲି । ଖାଇସାରିଲାପରେ ସବୁ ହାଣ୍ଡି, ବାସନକୁ ଭଲକରି ମାଜି ରଖିଲି । ଇତି ମଧ୍ୟରେ ସମୟ ଆସି ରାତ୍ରି ମିଟିଙ୍ଗ୍ ସମୟକୁ ଅତିକ୍ରମ କରିଗଲାଣି ଜାଣି ପାରିନଥିଲି । ଫୋନଟି ବାଜି ଉଠିବାରୁ ପ୍ରକୃତିସ୍ଥ ହୋଇ ଉଠାଇବାରୁ ଆରପଟରୁ ଶକୁନ୍ତଳା ପଚାରିଲେ ଆପଣ ରାତ୍ରିଭୋଜନ କରି ସାରିଲେଣି ? ମୁଁ ହସିଦେଇ କହିଲି ଯାହା ଡେରି କରିଥାନ୍ତି ଏଇ ମୋବାଇଲ ପ୍ରେମ ମିଟିଂ ପାଇଁ ତରବରରେ ସାରିଦେଇଛି । ସେ ମଧ୍ୟ ହସିହସି କହିଲେ ଏଇଟା ଆମ ଦୁହିଁଙ୍କର ଗୋଟିଏ ନିଶା ହୋଇଗଲାଣି । ତେଣୁ ରାତି ୯ଟା ବାଜିଗଲାପରେ ମନ ଉଚ୍ଚାଟ ହେଉଛି କିପରି ଦୁଇପଦ କଥା ହେବାପାଇଁ । ଆମେ ସାମାଜିକ ବିଧି ବ୍ୟବସ୍ଥାକୁ ସମ୍ମାନ ଦେଇ ଶାରୀରିକ ଭାବେ ମିଶି ପାରୁନଥିଲେ ମଧ୍ୟ ଏଇ ପାଞ୍ଚ ଦଶ ମିନିଟର ମୋବାଇଲି ବାର୍ତ୍ତାଳାପ ମନର ଭୋକ ଶୋଷ କିଛିଟା କମାଇ

Source: Author, Digitized by PPRACHIN, SOA

ଦେଉଛି ଓ ଶରୀରର ଉଷ୍ମତା ମଧ୍ୟ ଆପେ ଆପେ ହ୍ରାସ ପାଇ ଯିବାରୁ ଅନ୍ୟୂନ ଚାରି ପ୍ରଭାବରେ ଦୁହେଁ ଦୁଇ ଚାରଘଣ୍ଟା ଭଲନିଦରେ ଶୋଇପାରୁଛେ । ଅବଶ୍ୟ ଏହା ମୋର କଥା ଏବଂ ଆପଣଙ୍କର ସେଇ ଅବସ୍ଥା ଥିବ ଭାବି ମୁଁ ଦୁହେଁ ବୋଲି କହିଦେଲି । ତତ୍‌କ୍ଷଣାତ୍ ମୁଁ କହିଲି ତୁମ ଅନୁମାନ ସଂପୂର୍ଣ୍ଣ ଠିକ୍, କାରଣ ଆମର ବାଚନିକ ପ୍ରେମ ଶାରୀରିକ ପ୍ରେମଯାଏ ମସଗୁଲ୍ କରି ରଖିଛି ଓ ଜାଁ ଭାଁ ତାହା କାମ କରୁନଥିଲେ ମଧ୍ୟ ବହୁତ ସମୟରେ କାମ ଦେଉଛି । ଏଥିରେ ଦୁହେଁ ଯାକ ମନଖୋଲି ହସି ଉଠିଲୁ । ହଠାତ୍ ଶକୁନ୍ତଳା ଗମ୍ଭୀର ସ୍ୱରରେ କହିଲେ ଅବଶ୍ୟ ମୁଁ ଏହି ମୋବାଇଲ ପ୍ରେମର ତିକ୍ତତା ଅନୁଭବ କରିସାରିଛି କାରଣ ମୋର ପ୍ରଥମ ମୋବାଇଲ ପ୍ରେମ ମୋ ପାଇଁ କାଳରାତ୍ରୀ ସାବ୍ୟସ୍ତ ହୋଇଥିଲା । ଯେଉଁଥିରେ ମୋର ସେଇ ମୋବାଇଲ ପ୍ରେମିକ ଜଣେ ଶଠ ଓ ନଷ୍ଟ ଚରିତ୍ର ହୋଇଥିଲେ ମଧ୍ୟ ଭଦ୍ର ଓ ଶିଷ୍ଟର ଅଭିନୟ କରି ମୋ ମନ କିଣି ତାଙ୍କର ସଠତା ବଳରେ ମତେ ବିପଥଗାମୀ କରିବାର ଚେଷ୍ଟା ସାକାର କରିବା ଉଦ୍ୟମକୁ ମୁଁ ଜାଣି ନପାରି ପ୍ରାୟତଃ ତାଙ୍କ ମନ୍ଦ ଉଦ୍ଦେଶ୍ୟରେ ଶୀକାର ହେବାର ଦ୍ୱାର ଦେଶରେ ପହଞ୍ଚିଯାଇଥିଲି । କିନ୍ତୁ ମୋ ପିତା,ମାତାଙ୍କ ସୁକୃତ ମୋର ଭାଗ୍ୟବଳ ଯୋଗୁ ଭଗବାନଙ୍କ ଅସୀମ କରୁଣାରୁ ଆପଣଙ୍କ ପରି ମଣିଷ ଦେବତାଙ୍କ ଦର୍ଶନପାଇ ସେଇ ମହା ବିପଦରୁ ବଞ୍ଚି ଏବର ଛଳନା ବିହୀନ, ମାନବଧର୍ମୀ ସ୍ନେହ ଶ୍ରଦ୍ଧା ଓ ଆନ୍ତରିକତା ପୂର୍ଣ୍ଣ ମୋବାଇଲ ପ୍ରେମ ଆପଣଙ୍କ ସଙ୍ଗେ କରିବାକୁ ସକ୍ଷମ ହୋଇଛି । ତେଣୁ ଅଶ୍ରୁପୂର୍ଣ୍ଣ ନୟନରେ ହେ ମୋର ଉଦ୍ଧାରକର୍ତ୍ତା ମଣିଷ ଦେବତା ଦୂରରୁ ଆପଣଙ୍କ ପାଦ ବନ୍ଦନା କରି ଶପଥ କରୁଛି, ଆପଣଙ୍କୁ ସୁଖଦେବା ମୋର ପ୍ରଥମ କାମ ହେବ କହି ସେ ଉଚ୍ଚ ସ୍ୱରରେ କାନ୍ଦିବାର ଶବ୍ଦ ମତେ ଶୁଣାଗଲା । ଶୁକନ୍ତଳାଙ୍କର ପୂର୍ବକଥା ମନେ ପକାଇ ବିବ୍ରତ ହୋଇ କାନ୍ଦିଉଠିବା ଶୁଣି ମୁଁ ବ୍ୟତିବ୍ୟସ୍ତ ହୋଇପଡି କି ଉତ୍ତର ଦେଲେ ସେ ତୁରନ୍ତ ସେଇ ମନସ୍ତାପରୁ ଫେରିବେ ତାହା ଭାବୁ ଭାବୁ କହି ପକାଇଲି ଯଦି ତୁମେ ମୋବୋଇଲ ପ୍ରେମିକଙ୍କ ଇନ୍ଦ୍ରଜାଲରେ ପଡି ଏଠାକୁ ନ ଆସିଥାନ୍ତ ତାହେଲେ ମୁଁ କିପରି ତୁମକୁ ପାଇଥାନ୍ତି । କାହିଁ କେନ୍ଦ୍ରାପଡା କାହିଁ ଭୁବନେଶ୍ୱର ସେଥିରେ ଆମର ସାକ୍ଷାତ ହେବାର ସୁଯୋଗ

Source: Author, Digitized by PPRACHIN, SOA

କେଉଁଠି ଥିଲା । କେବଳ ସେଇ ମୋବାଇଲ ପ୍ରେମିକଙ୍କ ଶଠତା ଯୋଗୁ ଆମ ଦୁହିଁଙ୍କର ସାକ୍ଷାତ ଓ ପ୍ରେମ ସମ୍ଭବହୋଇ ପାରିଲା । ସେଇଥିପାଇଁ କୁହାଯାଇଛି "ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ" । ଏଇ ପରିପ୍ରେକ୍ଷୀରେ ଗୋଟିଏ ଲୋକକଥା ଅଛି କହୁଛି ଶୁଣ, ତାହାଲେ ତୁମ ମନ ବୁଝିବ ।

ଗୋଟିଏ ଦେଶରେ ଜଣେ ରାଜା ଥିଲେ । ଦିନେ ସକାଳୁ କୌଣସି ଅସାବଧନତା ଯୋଗୁଁ ତାଙ୍କ ହାତର ପାପୁଲିଟି ଟିକେ ଗଭୀର ଭାବେ କଟିଗଲା । ରାଜା ସେଦିନ ରାଜସଭାକୁ ଆସି ବସିବାରୁ ତାଙ୍କ ହାତରେ ବନ୍ଧାଯାଇଥିବା ପଟିଟି ଦେଖି ତାଙ୍କ ମନ୍ତ୍ରୀ ପଚାରିଲେ ମଣିମା ଆପଣ ହାତରେ ପଟି ବାନ୍ଧିଛନ୍ତି, କଣ ହୋଇଛି ? ରାଜା ଉତ୍ତର ଦେଲେ ଅସାବଧାନତା ଯୋଗୁ ହାତଟି କଟିଯିବାରୁ ରାଜବୈଦ୍ୟ ଔଷଧଦେଇ ପଟି ବାନ୍ଧିଦେଇଛନ୍ତି । ମନ୍ତ୍ରୀ ରାଜାଙ୍କ କଥାଶୁଣି କହି ପକାଇଲେ "ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ ।" ରାଜା ମନ୍ତ୍ରୀଙ୍କର ଏଇ ଭଲ କଥାଟିର ଅର୍ଥ ଠିକ୍ ଭାବରେ ନ ବୁଝି ରାଜା ଗୋଜା ନ୍ୟାୟରେ ରାଗରେ ଚିତ୍କାର କରି ଉଠିଲେ ଓ କହିଲେ, ଦୃଷ୍ଟମନ୍ତ୍ରୀ, ମୋର ହାତକଟି ଯାଇଛି ଆଉ ତୁ ମତେ ଥଟ୍ଟା କରି କହୁଛୁ ? "ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳପାଇଁ"। ରକ୍ଷୀ ଏଇଟାକୁ ନେଇ କାରାଗାରରେ ବନ୍ଦୀକର, ତାହାଲେ ବୁଝିବ ରଜାଙ୍କୁ ଥଟ୍ଟା କରିବାର ମଜା । ରାଜାଦେଶ ପାଳିତହେଲା ଓ ମନ୍ତ୍ରୀ କାରାଗାରରେ ବନ୍ଦୀ ହେଲେ । ରାଜସଭା ଚାଲିବାରୁ ସେନାପତି ପ୍ରଣାମ ଜଣାଇ କହିଲେ ମହାରାଜ କାଲି ପାରିଧିକୁ ଯିବାକୁ ଆପଣ ଆଦେଶ ଦେଇଥିଲେ ଓ ସେଥିପାଇଁ ସବୁ ବନ୍ଦୋବସ୍ତ କରାଯାଇଛି କିନ୍ତୁ ଆପଣଙ୍କ ହାତଟି କଟିଯାଇଥିବାରୁ ପାରିଧି କାର୍ଯ୍ୟକ୍ରମ ଆଉ କିଛିଦିନ ପାଇଁ ଗଡାଇ ଦେବା ସମୀଚୀନ ହେବ ବୋଲି ମୁଁ ଉପଲବ୍ଧି କରୁଛି । ତେଣୁ ଆପଣଙ୍କ ଆଦେଶ ଅପେକ୍ଷାରେ । ମହାରାଜ ମନ୍ତ୍ରୀଙ୍କ କଥାରେ କ୍ଷୁବଧ ହୋଇଥିଲେ । ତାଙ୍କର କ୍ରୋଧ ଶାନ୍ତ ହୋଇନଥିଲା । ସେନାପତିଙ୍କ କଥା ନିଆଁରେ ଘିଅ ଢାଳିଲା ପରି ରଜାଙ୍କର କ୍ରୋଧର ମାତ୍ରା ବଢାଇଦେଲା । ସେ ପୁଣି ଗର୍ଜନ କରି ଆଦେଶ ଦେଲେ ଆରେ ଏଇଟା ଆଜିଠାରୁ ଆଉ ସେନାପତି ପାଇଁ ଯୋଗ୍ୟ ନୁହେଁ । କାରଣ ମୋର ଏଇ ସାମାନ୍ୟ ଆଘାତର ବାହାନା ଦେଖାଇ ରାଜାଦେଶ

Source: Author, Digitized by PPRACHIN, SOA

ପରିବର୍ତ୍ତନର ପ୍ରସ୍ତାବ ଦେଇଛି। ତେଣୁ ଉପ ସେନାପତି ଆଜିଠାରୁ ମୋ ସେନାବାହିନୀର ସେନାପତି ହେଲେ ଓ ପୂର୍ବ ନିର୍ଦ୍ଧାରିତ ପାରିଧି ପାଇଁ କାଲି ବ୍ୟବସ୍ଥା କରନ୍ତୁ କହି ରାଜ ସଭାଭଙ୍ଗ ନିର୍ଦ୍ଦେଶ ଦେଇ ମହଲକୁ ଚାଲିଗଲେ। ରାଜାଦେଶ ପାଳନ କରିବାରୁ ଅନଭିଜ୍ଞ ଉପସେନାପତି ଯୋଗ୍ୟ ନଥିଲେ ମଧ୍ୟ ହଠାତ୍ ସେନାପତି ଉପାଧିପାଇ ଗର୍ବରେ ପାରିଧିପାଇଁ ନିଜପରି ଗୁଡିଏ ଅଭିଜ୍ଞତା ବିହିନ ସୈନ୍ୟଙ୍କୁ ଧରି ସବୁ ଆୟୋଜନକଲେ ଓ ପୂର୍ବ ସେନାପତିଙ୍କ ସାଙ୍ଗେ ଟିକେ ପରାମର୍ଶ ମଧ୍ୟ କଲେ ନାହିଁ। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ରାଜା ତା ପରଦିନ ପାରିଧିରେ ନୂଆ ସେନାପତିଙ୍କ ଗହଣରେ ଘଞ୍ଚ ଜଙ୍ଗଲକୁ ଗଲେ ଓ ସେନାପତିଙ୍କ ଅନଭିଜ୍ଞତାରୁ ଜଙ୍ଗଲରେ ନିଜ ସୈନ୍ୟ ବାହିନୀଠାରୁ ଅଲଗା ହୋଇ ବହୁ ଦୂରକୁ ଚାଲିଗଲେ। ଧୀରେ ଧୀରେ ଦିନ ଗଡିଯାଇ ରାତ୍ରି ଆସିଲା। ରାଜା ଏକା ଜଙ୍ଗଲରେ ଘୂରୁଥିବାବେଳେ କିଛି ଆଦିମ ଅଧିବାସୀଙ୍କ ହାବୁଡେ ପଡିଲେ। ସେମାନେ ରାଜାଙ୍କ ସୁନ୍ଦର ଚେହେରା ଦେଖି ତାଙ୍କୁ ବନ ଦେବତୀଙ୍କ ପାଖେ ବଳିଦେବାପାଇଁ ଧରି ଗୋଟିଏ ଗଛରେ ବାନ୍ଧି ପକାଇଲେ। ରାଜା ଯେତେ ଚିତ୍କାର କରି ମୁଁ ଏ ଦେଶର ରଜା ବୋଲି ପରିଚୟ ଦେଲେ ମଧ୍ୟ ସେମାନଙ୍କ ଉପରେ କିଛି ଫରକ ପଡିଲାନାହିଁ। ରଜା ସେହିପରି ରାତିସାରା ଗଛରେ ବନ୍ଧାହୋଇ ସେଇ ଆଦିବାସୀ ମାନଙ୍କ ଜଗାରଖାରେ ରହିଲେ। ସକାଳ ହେବାରୁ ଆଦିବାସୀମାନେ ରଜାଙ୍କୁ ହଳଦୀ, ତେଲ ମାଖି ଭଲଭାବେ ଗାଧୋଇ ଗୋଟିଏ ବଳ୍କଳ ପିନ୍ଧାଇଲେ ଓ ମନ୍ଦାରମାଳ ପକାଇ ବନଦେବତୀଙ୍କ ପାଖକୁ ବଳି ଦେବାକୁ ଘୋଷାରି, ଘୋସାରି ନେଲେ। ରଜାଙ୍କର ଆକୁଳ ନିବେଦନ କେହି ଶୁଣିଲେ ନାହିଁ। ବନଦେବତୀଙ୍କ ଦେହୁରି ରଜାଙ୍କ ପରି ଜଣେ ସୁନ୍ଦର ଯୁବକ ବଳି ପଡିବାକୁ ଆସିଥିବାରୁ ଖୁସି ହୋଇ କହିଲେ ଆକୁ ବଳିଦେଲେ ମା ବହୁତ ଖୁସି ହେବେ ଓ ଏବର୍ଷ ଭଲ ହଳଦୀ ଫସଲ ହେବ। ହଉ ଆଣ ମୁଁ ଦେଖେ ଏଇଟା ଅଙ୍ଗଁଠା ହୋଇଛି ନା ନାହିଁ। ସେ ରଜାଙ୍କ ହାତରେ ବନ୍ଧାହୋଇଥିବା ପଟିଟିକୁ ଦେଖି ତାଙ୍କ ଲୋକମାନଙ୍କୁ ତାକୁ ଖୋଲିବାକୁ କହିଲେ। ପଟିଟି ଖୋଲିବାରୁ ରଜାଙ୍କର ହାତ କଟିଥିବା ଦେଖି ଦେହୁରି କହିଲେ ଆରେ ଏଇଟା ଅଙ୍ଗଁଠା ହୋଇଯାଇଛି ତେଣୁ ମାଙ୍କ ପାଖେ ବଳିଯୋଗ୍ୟ ନୁହେଁ, ଫିଟାଇ

Source: Author, Digitized by PPRACHIN, SOA

ଛାଡିଦିଅ । ସେଇ ଆଦିବାସୀ ଲୋକମାନେ ଏଥର ରଜାଙ୍କ ଅଣ୍ଟାରୁ ଦଉଡି ଫିଟାଇ ଦୁଇ ଚାରି ଗଳା ଧକ୍କାଦେଇ ବିରକ୍ତ ହୋଇ ଛାଡିଦେଲେ । ରଜା ସେଠାରୁ ସେଇ ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ଜଙ୍ଗଲରେ ଦଉଡି କିଛି ଦୂର ଅତିକ୍ରମ କଲାପରେ ତାଙ୍କୁ ଖୋଜୁଥିବା ସୈନ୍ୟ ସାମନ୍ତଙ୍କ ସାଙ୍ଗେ ଦେଖାହେଲା । ସେମାନେ ରଜାଙ୍କର ଏ ଦୁର୍ଦ୍ଦଶା ଦେଖି ଭୟ ଓ ବିକଳରେ ରଜାଙ୍କର ଗୋଡତଳେ ପଡି କ୍ଷମା ମାଗିଲେ । ରଜା କହିଲେ ମତେ ତୁରନ୍ତ ରାଜଧାନୀକୁ ନେଇଚାଲ । ସେଠାରେ ବିଚାର ହେବ । ତାଙ୍କ ଆଦେଶାନୁସାରେ ତାଙ୍କୁ ଘୋଡା ଯୋଗେ ରାଜଧାନୀକୁ ଅଣାଗଲା । ରାଜା ରାଜଧାନୀରେ ପହଞ୍ଚି ପ୍ରଥମେ କାରାଗାରକୁ ଯାଇ ମନ୍ତ୍ରୀଙ୍କୁ ମୁକ୍ତ କଲେ ଓ ରାଜସଭାକୁ ଆଣିଲେ । ସେଠାରେ ରାଜା ନିଜର ଅବୁଝାପଣ ପାଇଁ ମନସ୍ତାପ କରିବା ସହିତ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇ ବହୁତ ଧନ, ରତ୍ନ ଦେଲେ ଓ ପୁରୁଣା ସେନାପତିଙ୍କୁ ନିଜର ସେନାପତିଭାବେ ଘୋଷଣା କରି କହିଲେ ସବୁ କଥାର ଅର୍ଥ ବୁଝିଲାପରେ ସେ ଏଣିକି ଯାହା ଆଦେଶଦେବେ ଓ ସଭା ଭଙ୍ଗ ହେଲା ।

ମୋର ଏଇ ଦୀର୍ଘ କାହାଣୀଟି ଶୁଣି ଶକୁନ୍ତଳା ହସିଦେଇ କହିଲେ ମୁଁ ବୁଝୁଛି ସେଇଥିପାଇଁ ମୁଁ ଆପଣଙ୍କର ସାନ୍ନିଧଲାଭ କରିଛି ନଇଲେ ଆଜି କାଲିର ସ୍ୱାର୍ଥ ସର୍ବସ୍ୱ ଦୁନିଆଁରେ କେଉଁ ଗୋଟିଏ ଅମଣିଷର ହାତ ଧରିବାକୁ ପଡିଥାନ୍ତା ଓ ସାରା ଜୀବନ ହନ୍ତସନ୍ତ ହୋଇ କଟିଥାନ୍ତା । ତାହା ଭଗବାନଙ୍କର ବରାଦ ଥିଲା । ତେଣୁ ଆଉଥରେ ଏଇ ଦୂରରୁ ଆପଣଙ୍କ ପାଦବନ୍ଦନା କରୁଛି । ଅଧିକ ରାତ୍ରୀ ହେଲାଣି । ଆପଣ ବିଶ୍ରାମ ନିଅନ୍ତୁ,କାହିଁକିନା କାଲି ଭୋରରୁ ଉଠି ଆପଣ ଗାଁକୁ ଆସିବାକୁ ପ୍ରସ୍ତୁତ ହେବେ । ତେଣୁ କାଲି ରାତିରେ କଥାହେବା, ଶୁଭରାତ୍ରୀ । ମୁଁ ମଧ ଶୁଭରାତ୍ରୀ କହି ଫୋନ୍ କାଟିଲି ।

ଅନୁଚ୍ଛେଦ-୧୫

ରବିବାର ଦିନ ବଢି ଭୋରରୁ ଉଠି ନିତ୍ୟକର୍ମସାରି ତରତରରେ ଜିନିଷପତ୍ର ଧରି ଗୋଟିଏ ଅଟୋରିକ୍ସା ଭଡାକରି ବସଷ୍ଟାଣ୍ଡରେ ପହଞ୍ଚିଲି । ବସରେ ଗୋଟିଏ ସିଟ୍ ଉପରେ ମୋର ବ୍ୟାଗ ତିନୋଟି ଓ ମୋର ସୁଟକେସଟି ରଖି ଖଲାସି ବାବୁଙ୍କୁ କହି ଓହ୍ଲାଇଯାଇ ଚାହା ଦୋକାନରେ ଚାହା, ବିସ୍କୁଟ ଖାଇ ଫେରିଆସି

Source: Author, Digitized by PPRACHIN, SOA

ନିଜ ଜାଗାରେ ମୋର ଜିନିଷ ସବୁ ଧରି ବସିରହିଲି । କିଛି ସମୟପରେ ବସଟି ତାର ନିର୍ଦ୍ଧାରିତ ସମୟ ହେବାରୁ ଛାଡିଲା, ପ୍ରାୟ ଦୁଇଘଣ୍ଟା ପରେ ଆମଗାଁ ଛକପାଖିରେ ପହଞ୍ଚିବାରୁ ବସରୁ ଓହ୍ଲାଇ ବ୍ୟାଗ ତିନଟି ଓ ସୁଟକେସକୁ ଗୋଟିଏ ଅଟୋ ଭଡାକରି ଧରି ଘରେ ପହଞ୍ଚିଲି । ଘରେ କକେଇ, ଖୁଡୀ ଓ ମାମୁ ମାଙ୍କୁ ପ୍ରଣାମ କଲି । ଖୁଡୀଙ୍କୁ ସବୁ ଜିନିଷ ଧରାଇ ନିଜର ପୋଷାକ ବଦଳାଇ ମୁହଁ ହାତ ଧୋଇବାରୁ ଖୁଡୀ ଜଳଖିଆ ଖାଇବାକୁ ଦେଲେ । କକେଇ, ମାମୁଁ ଓ ମୁଁ ଜଳଖିଆ କରିସାରିଲା ପରେ କକେଇଙ୍କ ବରାଦ ମୁତାବିକ କାମରେ ଲାଗିଗଲି । ବାହାଘର ହେଉ ବା ଯେ କୌଣସି କାମହେଉ ଆଗରୁ ଯେତେ ତତ୍ପର ହୋଇ କାମକଲେ ମଧ୍ୟ ନିର୍ଦ୍ଧାରିତ ଦିନ ପାଖେଇ ପାଖେଇ ଆସିଲେ ବାକିଥିବା କାମ ଗୁଡିକ ସାରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ହୁଏ ! ଏହା ପ୍ରାୟ ସବୁକ୍ଷେତ୍ରରେ ଦେଖାଯାଏ । ଠିକ୍ ସେହିପରି କକେଇ ଖୁଡୀ ବହୁ ଆଗରୁ ଲାଗିଥିଲେ ମଧ୍ୟ ବହୁତ କାମ ବାକିଥିଲା ଯେଉଁଥିପାଇଁ ମୁଁ କକେଇ ଓ ମାମୁ ସବୁ ସାରିବା ପାଇଁ ଲାଗିଯିବାରୁ ବିଶ୍ରାମ ପାଇଁ ସମୟ ମିଳିଲା ନାହିଁ। ଏପରିକି ନିଜର ଖାଇବା ସମୟ ମଧ୍ୟ ବହୁତ ଡେରିହେଲା ଆଉ ବିଶ୍ରାମ କଥା ନକହିଲେ ଭଲ, କାରଣ କିପରି ସବୁ ଠିକ୍ ଠିକ୍ ଭାବେ ସରିଲେ ଶୁଭକାମଟି ନିର୍ବିଘ୍ନରେ ହେବ ତାହାଥିଲା କକେଇଙ୍କର ପ୍ରଥମ କର୍ତ୍ତବ୍ୟ । ଯାହାପାଇଁ ଆମେ ମାମୁ ଭଣଜା ସହଯୋଗୀ ଭୂମିକାରେ ଥିଲୁ । ଓଡିଆ ଘରର ପାରମ୍ପରିକ ବିବାହରେ ବହୁତ ଗୁଡିଏ ବୈଦିକ ଓ ଲୋକାଚାର ପଦ୍ଧତି ଅନୁସରଣ କରାଯାଏ । ଅବଶ୍ୟ ସ୍ଥଳ ବିଶେଷରେ ସେସବୁରେ କିଛିଟା ଫରକ ଥିଲେ ମଧ୍ୟ ପ୍ରାୟତଃ ବହୁତ ଗୁଡିଏ ପଦ୍ଧତି ସମାନ । ସେଇଥିପାଇଁ କୁହାଯାଏ "ନଈକେ ବାଙ୍କ ଦେଶକେ ଫାଙ୍କ" । ମଙ୍ଗନଦିନ ସକାଳୁ ପାରମ୍ପରିକ ଓ ଲୋକାଚାର ପଦ୍ଧତି ଗୁଡିକ ଠିକ୍ ଠିକ ଭାବେ ସମ୍ପର୍ଣ୍ଣ କରିବାରେ ଖୁଡୀ ମାଇଁ,ସାହି ପଡିଶାର ବଡବୋଉ, ଖୁଡୀ, ଭାଉଜ ପ୍ରଭୃତି ଲାଗିପଡିଥାନ୍ତି । ଗାଁ ବାଜାବାଲା, ଢୋଲ ମହୁରୀ, ବଜାଇ ଦାଣ୍ଡ କମ୍ପାଇ ଦେଉଥାନ୍ତି । ସନ୍ଧ୍ୟାବେଳକୁ ବର ନିମନ୍ତ୍ରଣ ଧରି ଶକୁନ୍ତଳାଙ୍କର ଜଣେ ଦାଦାପୁଅ ଭାଇ, ବାରିକ ଓ ଶଙ୍ଖୁଆ ପହଞ୍ଚିଲେ । ବୈଦିକ ଓ ଲୋକାଚାର ନୀତି ସମ୍ପର୍ଣ୍ଣ କରି ବର ନିମନ୍ତ୍ରଣ କଲେ । ସେମାନଙ୍କୁ

Source: Author, Digitized by PPRACHIN, SOA

ବାନ୍ଧୁଚର୍ଚ୍ଚା କରାଗଲା । ବାରିକ ଓ ଶଙ୍ଖୁଆଙ୍କୁ ଖୁସି କଲାଭଳି ବିଦାକି ଦିଆଗଲାପରେ ସେମାନେ ଫେରିଗଲେ। ବନ୍ଧୁବାନ୍ଧବଙ୍କ ଗହଳିରେ ଘର ପୂର୍ଣ୍ଣ ଥାଏ। ରାତ୍ରି ଭୋଜନ ସରିଲା ବେଳକୁ ରାତି ଏଗାରାଟା ହେଲା ଓ ସମସ୍ତେ ଶୋଇଗଲେ। ଟିକେ ଫାଙ୍କା ପାଇବାରୁ ଶକୁନ୍ତଳାଙ୍କ ସାଙ୍ଗେ ଶେଷ ମୋବାଇଲ ପ୍ରେମ ମିଟିଂ କରିବାକୁ ମନ ବିକଳ ହେଉଥିଲେ ମଧ୍ୟ ଗଲା ଦୁଇଦିନ ତାହା ସମ୍ଭବ ହୋଇନାହିଁ। ଆଜି ନକଲେ ଆଉ ସେ ସୁଯୋଗ ମିଳିବ ନାହିଁ । ବହୁତ ବିଳମ୍ବ ହୋଇଥିବାରୁ କରିବା ଉଚିତ କି ଅନୁଚିତ୍ ତାହା ମୋପାଇଁ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିଲା। ତଥାପି ମନର ଆବେଗକୁ ଚାପି ନପାରି ଫୋନ ଲଗାଇବାରୁ ଶକୁନ୍ତଳା ତୁରନ୍ତ ଫୋନ ଉଠାଇ ନମସ୍କାର ଜଣାଇ ପଚାରିଲେ ଆପଣ ରାତ୍ରୀ ଭୋଜନ କଲେଣିତ? ତାଙ୍କ କଥାଶୁଣି ମୁଁ ଭାବିଲି ମୁଁ ଭୁବନେଶ୍ୱରରେ ଥିଲାବେଳେ ସିନା ଏକା ଲୋକ ହୋଇଥିବାରୁ ସେ ମୋ ଖାଇବା କଥା ନେଇ ଚିନ୍ତିତ ଥିଲେ   କିନ୍ତୁ ମୁଁ ଏବେତ ଗାଁରେ ଅଛି ତେଣୁ ତାଙ୍କର ଏତେ ଚିନ୍ତା କାହିଁକି? ପରମୁହୂର୍ତ୍ତରେ ମୋ ମନକୁ ଆସିଲା ନାରୀ ସେ ପ୍ରେମିକା, ପତ୍ନୀ, ଭାଉଜ, ମାଆ, ଜେଜେମାଆ ଯେଉଁ ଭୂମିକାରେ ଥାଉନା କାହିଁକି ସେ ଅନ୍ନଦାତ୍ରୀ ତେଣୁ ସମସ୍ତଙ୍କର ପେଟ ଚିହ୍ନିବା ତାଙ୍କର ପ୍ରାଥମିକତା, ଯାହା କାଁ ଭାଁ କ୍ଷେତ୍ରକୁ ଛାଡିଦେଲେ ସର୍ବତ୍ର ପରିଲକ୍ଷିତ ହୁଏ । ସେଇଥିପାଇଁ ନାରୀ ମମତାମୟୀ, ସ୍ନେହମୟୀ ବୋଲି ପରିଚିତ । ଭାବନାରୁ ଫେରି ପ୍ରକୃତିସ୍ଥ ହୋଇ ନିଦଭାଙ୍ଗି ଉଠି ଜବାବ ଦେଲା ଢଙ୍ଗରେ ହଁ କହିବାରୁ ଶୁକୁନ୍ତଳା ହସି ଉଠି କହିଲେ ଆପଣ ଏପରି ଚମକିଲା ପରି କହିଲେ, ପାଖରେ କିଏ ଅଛନ୍ତି କି? ମୁଁ ମଧ୍ୟ ମୋର ଅସ୍ୱାଭାବିକ ଉତ୍ତରପାଇଁ ହସିଉଠି କହିଲି, ନାହିଁ, ତୁମେ ଖାଇଲଣିତ? ସେ କହିଲେ ଏବେ ଅନ୍ୟମାନେ ସବୁ ଖାଇସାରିଲେ ବୋଉ ଓ ପିଉସୀନାନୀ ବାଢୁଛନ୍ତି ଆମେ ଖାଇବୁ । ଆପଣ ସମ୍ଭବତଃ କାମରେ ବ୍ୟସ୍ତ ରହିବାରୁ ଗଲା ଦୁଇଦିନ ଫୋନ କରି ପାରିନାହାନ୍ତି । ମୁଁ ମଧ୍ୟ ସଙ୍କୋଚରେ ଫୋନ କରି ପାରିନାହିଁ । କାରଣ ଗାଁରେ କିଏ କାଳେ ଖରାପ ଭାବିବେ ବୋଲି ତେଣୁ କ୍ଷମା କରିଦେବେ । ମୁଁ କହିଲି ମୁଁ ବ୍ୟସ୍ତ ଯୋଗୁ କରିପାରିନାହିଁ ଆଉ ତୁମେ ଫୋନ ନକରିବା କାରଣ ଯଥାର୍ଥ । ଆଜି ବହୁ ପୂର୍ବରୁ ଫୋନ କରିବାକୁ

Source: Author, Digitized by PPRACHIN, SOA

ମନ ଚାହୁଁଥିଲେ ମଧ୍ୟ ଗହଳି ଯୋଗୁ କରିପାରିଲିନାହିଁ । ବହୁତ ବିଳମ୍ବ ହୋଇଥିଲେ ମଧ୍ୟ ଆଜି ଆମ ମୋବାଇଲ ପ୍ରେମ ମିଟିଂର ଶେଷ ମିଟିଂଥିବାରୁ କଲି, କାରଣ କାଲିଠୁଁ ଆମେ ପତି ପତ୍ନୀ ଭାବରେ ସ୍ୱୀକୃତି ଲାଭ କଲାପରେ ପ୍ରେମିକ ପ୍ରେମିକା ଭୂମିକା ଆଉ ରହିବ ନାହିଁ । ଶକୁନ୍ତଳା ମଧ୍ୟ ହସିଉଠି କହିଲେ ହଁ ଏଇ ପତି ପତ୍ନୀ ହେବାପାଇଁ ଆମ ସାମାଜିକ ଜୀବନରେ ଯେଉଁ ବିଧି ବ୍ୟବସ୍ଥା ଅଛି ତାହା ବାସ୍ତବିକ ଆକର୍ଷଣୀୟ ଓ ମଧୁର । ପ୍ରେମତ ପ୍ରେମିକ, ପ୍ରେମିକା, ପତି, ପତ୍ନୀ ସମସ୍ତେ କରନ୍ତି କିନ୍ତୁ ଦାମ୍ପତ୍ୟ ପ୍ରେମ ପ୍ରତ୍ୟେକ ଯୁବକ, ଯୁବତୀଙ୍କର ପାଇଁ ଏକ ମାଇଲଖୁଣ୍ଟ ସଦୃଶ, ଯାହାକୁ ସ୍ପର୍ଶ କରିବାକୁ ସମସ୍ତଙ୍କ ମନରେ ଉତ୍କଣ୍ଠା ଥାଏ ଏବଂ ଆମ ମନରେ ମଧ୍ୟ । ଜଗନ୍ନାଥଙ୍କ କୃପାରୁ ତାହା କାଲିଠାରୁ ସାକାର ହେବ । ଆଉ ମୋବାଇଲ ମିଟିଂର ଆବଶ୍ୟକତା ରହିବ ନାହିଁ । କଣ ମୁଁ ଭୁଲ କହୁଛି ? ମୁଁ ହସି ଦେଇ ପୁରାପୁରି ଠିକ୍ କହି ଗୋଟିଏ ବଡ ହାଇ ମାରିବାରୁ ମମତାମୟୀ ନାରୀ କହି ଉଠିଲେ ଆପଣ କ୍ଳାନ୍ତ ଅଛନ୍ତି ବିଶ୍ରାମ ନିଅନ୍ତୁ । କାଲି ଆପଣଙ୍କୁ ବର ବେଶରେ ସଜେଇ ହୋଇ ସୁନ୍ଦର ଚେହେରା ଦେଖିବାପାଇଁ ମୁଁ ଅପେକ୍ଷା କଲି, ଶୁଭରାତ୍ରୀ । ମୁଁ ଶକୁନ୍ତଳାଙ୍କୁ କହଲି ମୁଁ ମଧ୍ୟ ତୁମର କନ୍ୟାବେଶ ଦେଖିବାପାଇଁ ବ୍ୟଗ୍ରତାର ସହ ଅପେକ୍ଷା କରୁଛି, ଶୁଭରାତ୍ରୀ । ଦୁହେଁ ହସି ହସି ଫୋନ୍ ରଖି ବିଶ୍ରାମ ନେଲୁ ।

ବାହାଘର ଦିନ ବଡି ଭୋରରୁ କକେଇ, ଖୁଡୀ ପ୍ରଭୃତି ଉଠି ବାହାଘର ପ୍ରସ୍ତୁତିରେ ଲାଗିପଡିଥାନ୍ତି । ଖୁଡୀ ମୋ ପାଖକୁ ଆସି ମତେ ଉଠାଇ କହିଲେ ବାପା ଉଠ, ନିଜର ନିତ୍ୟକର୍ମସାର କେତେକ ପାରମ୍ପରିକ ବିଧି ଅଛି । ତାହା ସାରିବାକୁ ପଡିବ । ମତେ କ୍ଳାନ୍ତ ଲାଗୁଥିଲେ ମଧ୍ୟ ଖୁଡୀଙ୍କ କଥାଶୁଣି ଉଠି ନିଜର ନିତ୍ୟକର୍ମ ସାରିବାରେ ଲାଗିଗଲି । କିଛି ସମୟପରେ ଦେଖିଲି ଗତକାଲିପରି ଆଜି ମଧ୍ୟ ସାହିର ବଡବୋଉ, ଭାଉଜ ପ୍ରଭୃତି ଆସି ପୁଣି ଏକାଠି ହେଲେଣି । ମାଈଁ ଆସି ମତେ ଡାକିନେଲେ ଓ ସମସ୍ତେ ମିଶି କେତେକ ଲୋକାଚାର ବିଧି ସାରି ମୋ ଦେହରେ ହଳଦୀ,ଚନ୍ଦନ ପ୍ରଭୃତି ଲଗାଇ ଦେଲେ ଓ ଗାଧୋଇ ମଧ୍ୟ ଦେଲେ । ତାପରେ ମାଈଁ କହିଲେ ତୁମେ ଏଣିକି ନିଜେ ଭଲକରି ଗାଧୋଇ ସାରି ଆସ ।

Source: Author, Digitized by PPRACHIN, SOA

ସମସ୍ତେ ଚାଲିଗଲାପରେ ମୁଁ ଭଲଭାବେ ଗାଧୋଇ ସାରି ଆସିବାରୁ ଖୁଡୀ ମତେ ଗୋଟିଏ ଗ୍ଲାସରେ ସରବତ ଆଣି ପିଇବାକୁ ଦେଇ କହିଲେ ଯେତେବେଳେ ଭୋକ ଲାଗିବ କହିବୁ ମୁଁ ତତେ ଏହିପରି ଦହି ସରବତ ଦେବି କାରଣ ଆଜି ବାହାଘର ନସରିବା ଯାକେ ତୋତେ ଉପାସ ରହିବାକୁ ପଡିବ । ତୁ ଆଉ ଆଜି ବେଶି କେଉଁଥିରେ ମୁଣ୍ଡ ଖେଳାଇ କ୍ଳାନ୍ତ ହୋନା, କକେଇ ଓ ମାମୁଁ ସବୁ ବୁଝିବେ । ବାରିକ ଓ ପୁରୋହିତ ଆସିଲେ ତତେ ପ୍ରସ୍ତୁତି ହେବାକୁ ପଡିବ । କିଛି ସମୟ ପରେ ଜଣେ ପଡୋଶୀ ଭାଉଜ ଆସି ମତେ ଚନ୍ଦନ, ସିନ୍ଦୂର ଲଗାଇ ବର ବେଶରେ ସଜାଇଲେ । ତାପରେ ବାରିକ ମୋତେ ଧୋତି, ପାଇଜାମା ପିନ୍ଧାଇଲେ ଓ ମୁଣ୍ଡରେ ପଗଡି ବାନ୍ଧି ଦେଲେ । ସେତେବେଳକୁ ଗାଡିଟି ଫୁଲରେ ସଜା ହୋଇ ଆସି ଦାଣ୍ଡରେ ଠିଆହୋଇଥାଏ । କେତେକ ବୈଦିକ ନିତି ପୁରୋହିତ ସମ୍ପର୍ଣ୍ଣ କଲାପରେ ମୁଁ ହାତରେ ଆଞ୍ଜୁଳି ଧରି ବାହାରିଲା ବେଳକୁ ବାଜାବାଲାଙ୍କ ବାଜା, ବାଣ ଓ ହୁଳହୁଳି ଓ ଶଙ୍ଖଶବ୍ଦରେ ଦାଣ୍ଡ କମ୍ପି ଉଠିଲା । ମୁଁ ମାର୍କୁଣ୍ଡିକୁ ସାଙ୍ଗରେ ଧରି ସଜା ଯାଇଥିବା ଗାଡିରେ ବସିଲି ଓ ଗାଡି ଶୁଭ ବେଳାରେ ହୁଳହୁଳି ଓ ଶଙ୍ଖଧ୍ୱନି ମଧ୍ୟରେ ଆଗକୁ ଚାଲିଲା । ଆମେମାନେ ଯାଇ ଶକୁନ୍ତଳାଙ୍କ ଗାଁ ମୁଣ୍ଡରେ ପହଞ୍ଚିଲା ବେଳକୁ ଦିନ ୪ଟା ବାଜିଥାଏ । ଶୁକନ୍ତଳାଙ୍କ ବାପା ବର ପଟୁଆର ପାଇଁ ଦୁଇଦଳ ବାଜାବାଲା ପ୍ରଚୁର ବାଣ ଓ ଆଲୋକ ବ୍ୟବସ୍ଥା କରିଥାନ୍ତି । ତାଙ୍କ ଗାଁ ମୁଣ୍ଡରୁ ଆମେମାନେ ପଟୁଆରରେ ବାହାରିଲା ବେଳକୁ ପ୍ରାୟ ସନ୍ଧ୍ୟା ହୋଇ ଆସିଲା । ବାଜା,ବାଣ, ଆଲୋକରେ ଗାଁଦାଣ୍ଡ କମ୍ପାଇ ଆମର ପଟୁଆର ଧୀରେ ଧୀରେ ଆଗେଇ ତାଙ୍କ ଘର ପାଖରେ ପହଞ୍ଚିଲା ବେଳକୁ ରାତି ଆଠଟା । ପ୍ରଥମେ ବାଟ ବରଣୀ ସରିଲା ପରେ ବାହାଘର ଆରମ୍ଭ ହେଲା ।' ଇତି ମଧ୍ୟରେ ବରଯାତ୍ରୀମାନେ ଭୋଜିଖାଇ ଫେରିଗଲେ । ସୁରୁଖୁରୁରେ ବାହାଘରକାମ ପ୍ରାୟ ରାତି ୧୧ଟା ବେଳକୁ ସରିଲା । ବେଦିରେ ବସିଥିଲାବେଳେ ଶକୁନ୍ତଳା ମଝିରେ ମଝିରେ ତାଙ୍କ ଓଢଣି ଫାଙ୍କରେ ମତେ ଦେଖି ମୁରୁକି, ମୁରୁକି ହସୁଥାନ୍ତି ଯାହା ମତେ ଖୁବ୍ ଖୁସି ଲାଗୁଥାଏ । ବାହାଘର ପରେ ଲୋକାଚାର ମୁତାବକ ବରକନ୍ୟାଙ୍କ କଉଡି ଖେଳ ବେଶ ମଜାଦାର ଢଙ୍ଗରେ ହେଲା । ସବୁ ଶେଷରେ ସମସ୍ତେ ଭୋଜନ କରିଲାପରେ

Source: Author, Digitized by PPRACHIN, SOA

କନ୍ୟା ମେଲାଣି ବେଳ । ସବୁ ବାହାଘରର ଦୃଶ୍ୟପରି ଏହା ମଧ୍ୟ ବହୁତ ଦୁଃଖ ଦାୟକ ଥିଲା । ଶକୁନ୍ତଳାଙ୍କ ବାପା, ବୋଉ ପ୍ରଭୃତି ବିକଳରେ କାନ୍ଦୁଥାନ୍ତି । ତାଙ୍କ ବାପା ମୋ ହାତଧରି କହିଲେ ବାପା ତୁମପରି ସୁଧାର ମଣିଷକୁ ମୁଁ ବା କଣ କହିବି, ତଥାପି ଝିଅ ତୁମକୁ ଲାଗିଲା । ମୁଁ ତାଙ୍କ ବାପା, ବୋଉଙ୍କୁ କୋଳେଇ ନେଇ କହିଲି ଆପଣତ ମତେ ଜାଣିଛନ୍ତି, ତେଣୁ ଏତେ ବ୍ୟସ୍ତ ହୁଅନ୍ତୁ ନାହିଁ । ଦେହ ଖରାପ ହେବ । ତାଙ୍କର ସମସ୍ତ ଦାୟିତ୍ୱ ମୋର, ଆଉ ମଧ୍ୟ ସିଏ ତ ବେଶୀଦିନ ଆପଣଙ୍କ ପାଖରେ ରହିବେ, କାରଣ ତାଙ୍କ ଶିକ୍ଷୟିତ୍ରୀ ଚାକିରି ଆପଣଙ୍କ ଗାଁ ସ୍କୁଲରେ । ଏଥର ତାଙ୍କ ବାପା ବୋଉ ସାମାନ୍ୟ ଆଶ୍ୱସ୍ତ ହେବାରୁ ଆମେମାନେ ଆମ ଗାଁ ଅଭିମୁଖେ ଫେରିଲୁ । ଗାଁରେ ପହଞ୍ଚିଲାପରେ ବିଳମ୍ବିତ ରାତ୍ରୀ ହୋଇଥିଲେ ମଧ୍ୟ ଅନେକ ମହିଳା ପଡୋଶୀ ଉଠି ବୋହୂ ଦେଖିବାକୁ ଆସି ବୋହୂ ଦେଖି ଖୁବ୍ ଖୁସି ହୋଇ ଖୁଡୀଙ୍କୁ କହୁଥାନ୍ତି ବଡ ସୁନ୍ଦର ବୋହୁଟିଏ ପାଇଛ । ପୁଅକୁ ବୋହୁଟି ଠିକ୍ ସାଜୁଛି । ଖୁଡି ବୋହୂର ସୁନ୍ଦର ରୁପ କଥା ସମସ୍ତଙ୍କ ଠାରୁ ଶୁଣି ଖୁସି ଅନୁଭବ କରୁଥାନ୍ତି । ଧୀରେ ଧୀରେ ଗହଳି କମିଗଲାପରେ ସମସ୍ତେ ବିଶ୍ରାମ କଲୁ ।

ଅନୁଚ୍ଛେଦ-୧୬

ବାହାଘର ଖୁବ୍ ଭଲରେ ସରି ଯାଇଥିବାରୁ ସମସ୍ତେ ଖୁବ୍ ଖୁସିଥିଲାବେଳେ ଆମେ ଦୁହେଁ ଓ ଶକୁନ୍ତଳାଙ୍କ ବାପା, ବୋଉ ଖୁସି ଅନୁଭବ କରୁଥିଲେ ମଧ୍ୟ ଆମମାନଙ୍କ ମନରେ ୩୦ତାରିଖ ଦିନ ଦଣ୍ଡ ଘୋଷଣା ଥିବାରୁ ଉତ୍କଣ୍ଠା ଥାଏ । ସେଦିନ ଖୁଡୀ ମୋ ମୁହଁକୁ ଦେଖି ପଚାରିଲେ ବାପା ତୁ ଗୋଟାଏ ଚିନ୍ତାରେ ଥିଲାପରି ଜଣାପଡୁଛୁ, କଣ ହୋଇଛି କହ ? ବୋହୂ ବି କାଲି ପରି ଆଜି ଏତେ ଖୁସି ନାହିଁ । ତୁମ ଦୁହିଁଙ୍କର କିଛି ମନ ଅମେଳ ହୋଇଛି କି ? ଏହା ଶୁଣି ମୁଁ ଖୁଡୀଙ୍କୁ ବୁଝାଇ କହିଲି ନାହିଁ ଆପଣ ଯାହା ଭାବୁଛନ୍ତି ସେପରି କିଛି ନାହିଁ । ଏହାର କାରଣ ଶକୁନ୍ତଳାଙ୍କୁ ଯେଉଁ ମୋବାଇଲ ପ୍ରେମିକ ହଇରାଣ, ହରକତ କରିବା ପାଇଁ ତାଙ୍କ ଗାଁକୁ ଆସି ଧରାପଡିଥିଲା ସେଇ କେସର ଆଜି ଜଜମେଣ୍ଟ ଘୋଷଣାହେବ, ଯେଉଁଥିପାଇଁ ଆମେ ଦୁହେଁ ଓ ତାଙ୍କ ବାପା ମାଆ ସାମାନ୍ୟ ବ୍ୟସ୍ତତା ଭିତରେ ଅଛୁ । ଆପଣ ସେପରି ଭାବନ୍ତୁ ନାହିଁ । ଏଥର ଖୁଡୀ କହିଲେ

Source: Author, Digitized by PPRACHIN, SOA

ସେ ନିଶ୍ଚିତ ଦଣ୍ଡ ପାଇବ, ଭଗବାନ ଅଛନ୍ତି । ତୁମେ ଦୁହେଁ ଖୁସି ରହିବା ବେଳଟାରେ ଚିନ୍ତାମଗ୍ନ ଦେଖି ମନଟା ଖରାପ ହୋଇଗଲା ତେଣୁ ପଚାରିଦେଲି । ଏହିପରି ଦିନଟି ଆଗକୁ ବଢିଚାଲିଲା । ମୁଁ ଓ ଶକୁନ୍ତଳା ତାଙ୍କ ବାପାଙ୍କ ଫୋନକୁ ଚାତକ ପରି ଅପେକ୍ଷାକରି ବସିଥାଉ । ସବୁ ଉତ୍କଣ୍ଠାର ଅବସାନ ଘଟାଇ ପ୍ରାୟ ଅପରାହ୍ନ ପାଞ୍ଚଟା ପାଖାପାଖି ତାଙ୍କ ବାପା ଫୋନ୍ କରି ମତେ କହିଲେ ମୂଳ ମୁଦାଲାକୁ ୧୨ବର୍ଷ ଜେଲ ଓ ୫୦୦୦ ଟଙ୍କା ଜରିମାନା ଓ ଅନ୍ୟମାନଙ୍କୁ ୩ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଗଲା । ଆମ ଓକିଲ ମଧ ଜଜମେଣ୍ଟ ଘୋଷଣାପରେ ପରେ ଆବଶ୍ୟକୀୟ ଦସ୍ତାବିଜର ଅବିକଳ ସହି ନକଲପାଇଁ ଆବେଦନ କରିଛନ୍ତି । ଅପରପକ୍ଷ ମଧ ଆବେଦନ କରିଛନ୍ତି କିନ୍ତୁ ଆଗାମୀ କାଲି ବିଚାରାଳୟ ବନ୍ଦ ଯୋଗୁଁ ସୋମବାର କିମ୍ବା ମଙ୍ଗଳବାର ଦିନ ମିଳିବ । ମୁଁ ଓକିଲଙ୍କ ଜରିଆରେ ଅପରପକ୍ଷ ଓକିଲଙ୍କଠାରୁ ଜାଣିବାକୁ ପାଇଛି ସେମାନେ ତୁରନ୍ତ ଉଚ୍ଚନ୍ୟାୟାଳୟକୁ ଯିବେନାହିଁ । ପ୍ରଥମେ ଜିଲ୍ଲା ଜଜଙ୍କ କୋର୍ଟରେ ଏହି ଜଜମେଣ୍ଟ ବିରୋଧରେ ଆବେଦନ କରିବେ ସେଠାରୁ ତାଙ୍କୁ ନ୍ୟାୟ ନମିଳିଲେ ସେମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବେ । ଆମ ଓକିଲ ମଧ କହୁଥିଲେ ଯେଉଁସବୁ ଦଫାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ସେଥିରୁ ମୁକୁଳିବା ଏତେ ସହଜ ନୁହେଁ । ମୁଁ କହିଲି ଏଣିକି ଆଇନ ଓ ଓକିଲଙ୍କ ଉପସ୍ଥିତ ବୁଦ୍ଧିର ଖେଳ ହେବ । ସେ ଯାହାହେଉ ଦଣ୍ଡ କିଛିଟା କୋହଳ ହୋଇପାରେ, ସମ୍ପୂର୍ଣ୍ଣ ନୁହେଁ, ତେଣୁ ଆମେ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ଅପେକ୍ଷା କରିବା । ଆପଣମାନେ ଆଉ ସେ କଥାକୁ ଏତେ ଗୁରୁତ୍ୱ ଦିଅନ୍ତୁ ନାହିଁ । ଯାହା ଭଗବାନଙ୍କ ଇଛା ତାହାହିଁ ହେବ । ବୋଉଙ୍କୁ ମୋର ପ୍ରଣାମ ଜଣାଇ ଦେବେ, ନିଜର ଯତ୍ନନେବେ, ନମସ୍କାର କହି ଫୋନରଖିଲି । ଶକୁନ୍ତଳାଙ୍କୁ ବାପା ଟେଲିଫୋନ କରି କହିଥିବା କଥା କହିବାରୁ ସେ ନିଜକୁ ଦୋଷୀଟିଏ ପରି ଉପଲବଧି କରି କହିଲେ ଆପଣ ମୋର ଦୋଷପାଇଁ ଦଣ୍ଡ ଭୋଗୁଛନ୍ତି । ତାଙ୍କୁ ବୁଝାଇ କହିଲି ସେପରି ନୁହେଁ, ଯାହା ଘଟିବାର ଅଛି ତାହା ଘଟିବ ଯେଉଁଥିରେ ତୁମର ମୋର କାହାରି ହାତ ନାହିଁ, ତେଣୁ ତୁମେ ମନ ଉଣା କରନାହିଁ । ଆମେ ଆମ ବୈବାହିକ ଜୀବନର ଆଦ୍ୟରେ ଏପରି ଚିନ୍ତିତ ଥିବା ଦେଖି ଗୁରୁଜନମାନେ

Source: Author, Digitized by PPRACHIN, SOA

ଚିନ୍ତାରେ ପଡୁଛନ୍ତି, ତେଣୁ ଆମେ ଅତୀତକୁ ଭୁଲି ବର୍ତ୍ତମାନକୁ ବର୍ତ୍ତମାନପରି ଉପଭୋଗ କରିବା ଓ ଭବିଷ୍ୟତପାଇଁ ଏତେଟା ଉତ୍କଣ୍ଠା ବା ବ୍ୟଗ୍ରତା ଦେଖାଇବା ନାହିଁ ବୋଲି ମୋର ମତ । ଶକୁନ୍ତଳା ଏଥର ସାମାନ୍ୟ ହସିଦେଇ ମୁହଁ ତଳକୁ କରି କହିଲେ ମୋର ପରମ ସୌଭାଗ୍ୟ ଯେ ଆପଣଙ୍କ ପରି ଜଣେ ସୁକ୍ଷ୍ମ ବୁଦ୍ଧି ସମ୍ପର୍ଣ୍ଣ, ବିଚାରବନ୍ତ, ଉଦାର ହୃଦୟବାନ ମଣିଷଟିଏ ପରି ମଣିଷଙ୍କ ହାତ ଧରିଛି, ଯେଉଁଥିପାଇଁ ମୋର ସବୁ ଦୋଷତ୍ରୁଟି ମାର୍ଜନୀୟ ହୋଇଯାଉଛି । ମୁଁ ଆବେଗରେ ତାଙ୍କ ହାତଧରି ପକାଇ କହିଲି, ଏକଥା କହୁନ ମୁଁ ତୁମ ପରି ଜଣେ ଅନନ୍ୟା ସୁନ୍ଦରୀ, ଗୁଣବତୀ ସ୍ତ୍ରୀ ପାଇଛି ବୋଲି । ସେ ସନ୍ତର୍ପଣରେ ମୋ ହାତରୁ ହାତ କାଢିନେଇ କହିଲେ କାଳେ ଖୁଡୀକି ମାଇଁ ଆସିଯିବେ ତେଣୁ ଡର ଲାଗୁଛି । ତାଙ୍କ ବିରୋଧକୁ ଯଥାର୍ଥ ଭାବି ତରତରରେ କୋଳକୁ ଭିଡିଆଣି ମଥାରେ ଚୁମାଟିଏ ଦେଇ ପ୍ରତିବଦଳକୁ ଅପେକ୍ଷା ନକରି ତାଙ୍କ କକ୍ଷରୁ ବାହାରି ଆସିଲାବେଳକୁ ଖୁଡୀଙ୍କୁ ଦେଖି ଲାଜରେ ମୁହଁ ତଳକରି ଚାଲିଗଲି ।

ବିବାହ ଉତ୍ସବର ଶେଷପର୍ବ ଚତୁର୍ଥୀ ବା ବାସର ରାତି ଓ ଭୋଜି । ଏହି ଦିନଟି ପ୍ରତ୍ୟେକ ବର,କନ୍ୟାଙ୍କ ପାଇଁ ସ୍ମରଣୀୟ ଓ ମହାର୍ଘ ଦିନଟିଏ । କାରଣ ବିବାହ ପର୍ବ ସରିଗଲେ ମଧ୍ୟ ଦାମ୍ପତ୍ୟର ଆଦ୍ୟପର୍ବ ମିଳନ ସେ ପର୍ଯ୍ୟନ୍ତ ଔପଚାରିକ ଭାବେ ହୋଇନଥାଏ । ଅବଶ୍ୟ କେତେକ କ୍ଷେତ୍ରରେ ଏହି ବାସର ରାତ୍ରି ବିବାହ ଦିନ ମଧ୍ୟ ପାଳନ କରାଯାଇଥାଏ, ଯାହା ପ୍ରାୟ ନଗଣ୍ୟ କେତେକ ଅଞ୍ଚଳ, ଗୋଷ୍ଠୀ ଓ ସମ୍ପ୍ରଦାୟ ମଧ୍ୟରେ ସୀମିତ । ପ୍ରାୟତଃ ଅଧିକାଂଶ କ୍ଷେତ୍ରରେ ବିବାହର ୪ର୍ଥ ଦିନ ଏହି ଉତ୍ସବ ପାଳନ କରାଯାଏ ଯେଉଁଥିପାଇଁ ଏହାର ନାମ ଚଉଠୀ କୁହାଯାଏ । ଆଉ ରହିଲା ଭୋଜି ଯାହା ଭାଇ, ବନ୍ଧୁ, କୁଟୁମ୍ବ ଓ ଅନ୍ୟାନ୍ୟ ଅତିଥିମାନଙ୍କ ପାଇଁ ଏକ ଆକର୍ଷଣ । ଅନ୍ୟପକ୍ଷରେ ଆଜିକାଲିର ଆତ୍ମବଡିମା ସମାଜରେ ଏହି ଭୋଜିର ଗୁରୁତ୍ୱ ମଧ୍ୟ ଅନେକ । ପ୍ରାୟତଃ ଲୋକେ ଏହି ଭୋଜିକୁ ଅଧିକରୁ ଅଧିକ ଆକର୍ଷଣୀୟ କରିବାପାଇଁ ବହୁ ପ୍ରକାରର ସୁସ୍ୱାଦୁ, ଲୋଭନୀୟ ଓ ମିଷ୍ଟାନ୍ନ ଖାଦ୍ୟ ପ୍ରଭୃତି କରି ନିଜ ପାରିବା ପଣିଆକୁ ବା ନିଜର ଆର୍ଥିକ ବଡପଣିଆଁ ଦେଖାଇ ସାମାଜିକ ଜୀବନରେ ନିଜର ମର୍ଯ୍ୟାଦା ବଢାଇବା ପାଇଁ ତତ୍ପର । ଆଜିକାଲି ମଧ୍ୟ

Source: Author, Digitized by PPRACHIN, SOA

ଏହିସବୁ ଭୋଜିରେ ବିଭିନ୍ନ ପାନୀୟର ବ୍ୟବସ୍ଥା ସହ ନାଚ, ଗୀତ ପ୍ରଭୃତିର ଆୟୋଜନ ପ୍ରଚଳିତ ହେଲାଣି ଯାହା ଏହିସବୁ ଭୋଜିକୁ ଅଧିକରୁ ଅଧିକ ଲୋଭନୀୟ କରୁଛି । କିନ୍ତୁ ଏହାଦ୍ୱାରା ସୃଷ୍ଟ କେତେକ ସମସ୍ୟା ପ୍ରତି ସମାଜର ବଡ ପଣ୍ଡାଙ୍କଠାରୁ ଆରମ୍ଭକରି ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ମଧ୍ୟ ସଚେତନ ନୁହନ୍ତି କେବଳ ଅନ୍ଧାନୁକରଣରେ ସମସ୍ତେ ବ୍ୟସ୍ତ । ଏହିସବୁ ଭୋଜିର ପ୍ରସ୍ତୁତ ଖାଦ୍ୟ ବହୁ ଦାମିକା ହୋଇଥିଲେ ମଧ୍ୟ କେହି ସେଥିପ୍ରତି ଧ୍ୟାନ ନ ଦେଇ ଖାଇବା ବାହାନାରେ ନେଇ ନଷ୍ଟ କରିବା ଏହାର ଏକ ଅଶୋଭନୀୟ ଦିଗ । ଖାଦ୍ୟଶସ୍ୟର ଅଭାବରେ କେତେ ଶିଶୁ, ଗର୍ଭବତୀ ମହିଳା ଓ ଗରିବ ଲୋକେ ଉପାସରେ କାଳାତିପାତ କରୁଥିଲା ବେଳେ ଆମେ ଆମର ନିଜର ବଡିମା ଦେଖାଇବାକୁ ଅନେକ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ମିଷ୍ଟାନ୍ନ ନିମନ୍ତ୍ରିତ ଅତିଥିମାନଙ୍କ ସନ୍ତୁଷ୍ଟି ପାଇଁ ପ୍ରସ୍ତୁତ କରି ପରିବେଷଣ କରୁଛୁ କିନ୍ତୁ ନିମନ୍ତ୍ରିତ ଅତିଥିମାନେ ସେହି ଖାଦ୍ୟର ଗୁରୁତ୍ୱ ଉପଲବଧି ନକରି ମାଗଣାରେ ମିଳୁଥିବା ସବୁ ଖାଦ୍ୟରୁ କିଛି, କିଛି ସଂଗ୍ରହ କରି ଯେଉଁ ଗୋଟିଏ ଦୁଇଟି ବେଶୀ ଲୋଭନୀୟ ତାକୁ ଉଦରସ୍ଥ କରି ଅନ୍ୟ ଗୁଡିକ ଉଚିଷ୍ଟକରି ଫୋପାଡିବା ବୋଧେ ଏହିସବୁ ଭୋଜିର ଏକ ମୁଖ୍ୟ ଦିଗ ଯାହା ଆଦୌ ସ୍ପୃହଣୀୟ ନୁହେଁ । ଏଠି ଗୋଟିଏ କଥା ନକହିଲେ ମନ ବୁଝୁନାହିଁ । ସାଧାରଣତଃ ଆମ ସମାଜରେ ଏହିସବୁ ଭୋଜିପାଇଁ ନିମନ୍ତ୍ରିତ ଅତିଥିମାନେ ଆସନରେ ବସି ପତ୍ରରେ ପରିବେଷିତ ହେଉଥିବା ଖାଦ୍ୟ ଗ୍ରହଣ କରୁଥିଲେ ଯାହାଦ୍ୱାରା ପରିବେଷଣକାରୀ ବ୍ୟକ୍ତିଙ୍କ ଆବଶ୍ୟକତା ଦେଖି ନିୟନ୍ତ୍ରିତ ଢଙ୍ଗରେ ପରିବେଷଣ କରୁଥିଲେ ତେଣୁ ଅଧିକ ଖାଦ୍ୟ ନଷ୍ଟ ହେଉନଥିଲା । ସେତେବେଳର ଭୋଜିରେ ଆଜିକାଲିର ଭୋଜିପରି ଏତେ ପ୍ରକାରର ଖାଦ୍ୟ ମଧ୍ୟ କରାଯାଉନଥିଲା । ଯାହା ଖାଦ୍ୟ ନଷ୍ଟ ରୋକିବାର ଅନ୍ୟ ଏକ କାରଣ । ଠିକ୍ ସେହିପରି ସେଇ ସବୁ ଭୋଜିରେ ବସି ଖାଦ୍ୟ ଗ୍ରହଣ କରୁଥିବା ଅତିଥିମାନେ ଆତ୍ମସଚେତନ ଥିଲେ, ତେଣୁ ଅଯଥାରେ ଗୁଡିଏ ମାଗିନେଇ ନଷ୍ଟ କରିବାକୁ ଉଚିତ୍ ମଣୁନଥିଲେ । ଅନ୍ୟ ଗୋଟିଏ କାରଣ ହେଲା ଭୋଜି ଚାଲିଥିଲାବେଳେ ତାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ କିଛି ବୟସ୍କ ମାନ୍ୟଗଣ୍ୟ ବ୍ୟକ୍ତି ଭୋଜି ସଭାରେ

Source: Author, Digitized by PPRACHIN, SOA

ଉପସ୍ଥିତ ରହି ଅତିଥିମାନଙ୍କ ଆବଶ୍ୟକତାକୁ ଦେଖି ପରିବେଷଣ କାରୀମାନଙ୍କୁ ସ୍ଥଳ ବିଶେଷରେ ନିର୍ଦ୍ଦେଶ ଦେଉଥିଲେ ଏବଂ ଯେଉଁ ପତ୍ରରେ ଖାଦ୍ୟ ଅଯଥା ଜମାହୋଇ ରହୁଥିଲା ସେ କ୍ଷେତ୍ରରେ ଅତିଥିଙ୍କୁ ଖାଦ୍ୟ ନଷ୍ଟ ନକରିବାକୁ ପରାମର୍ଶ ଦେଉଥିଲେ ଓ ଉପସ୍ଥିତ ନିମନ୍ତ୍ରିତ ଅତିଥିମାନେ ସେପରି ପରିସ୍ଥିତିକୁ ସାମନା ନ କରିବାପାଇଁ ଅଯଥାରେ ଖାଦ୍ୟ ଜମାଇ ରଖି ଚିହ୍ନିତ ହେବାକୁ ଅପମାନ ବୋଲି ଭାବି ଯେତିକି ଖାଇବେ ସେତିକି ନେଉଥିଲେ । ସମୟ ବଦଳିବା ସଙ୍ଗେ ସଭ୍ୟତାର ପରିବର୍ତ୍ତନ ଘଟି ବର୍ତ୍ତମାନର ସମାଜରେ ପ୍ରାୟତଃ ସବୁଠି ଆଉ ସେ ବ୍ୟବସ୍ଥା ଚାଲୁନାହିଁ । ନୂଆ ପଦ୍ଧତି ଅନୁଯାୟୀ ଭୋଜିରେ ପ୍ରସ୍ତୁତ ଖାଦ୍ୟ ସବୁ ବିଭିନ୍ନ ପାତ୍ରରେ ରଖାଯାଇ ଅତିଥିମାନଙ୍କୁ ନିଜ ହାତରେ ନିଜର ପସନ୍ଦ ଓ ଆବଶ୍ୟକତାକୁ ଦେଖି ନେବାପାଇଁ ସୁଯୋଗ ଦିଆଯାଉଛି· ଯାହାର ଇଂରାଜୀ ନାମ "ବଫେ ସିଷ୍ଟମ"। ଏହାର କାରଣ ହେଲା ସ୍ଥାନଭାବ ଏଡାଇବା, ସମୟ ବଞ୍ଚାଇବା, ଖାଦ୍ୟପଦାର୍ଥ ନଷ୍ଟ ନକରିବା ଓ ଅଯଥା ଗହଳିକୁ ଏଡାଇଯିବା । ଯଦିଓ ବର୍ଣ୍ଣିତ ବହୁତ ଗୁଡିଏ ଉଦ୍ଦେଶ୍ୟ ଠିକ୍‌ଠାକ୍ ଭାବେ ସାଧିତ ହେଉଛି ତଥାପି ମୁଖ୍ୟ ଉଦ୍ଦେଶ୍ୟ ଖାଦ୍ୟପଦାର୍ଥ ବଞ୍ଚାଇବାଟି ସମ୍ପୂର୍ଣ୍ଣ ରୂପେ ପ୍ରତିହତ ହେଉଛି । ଆମେ ନିଜର ପସନ୍ଦ ଯୋଗ୍ୟ ଓ ଅଯୋଗ୍ୟ ସବୁ ଖାଦ୍ୟରୁ କିଛ କିଛି ଧରିନେଇ ଖାଇଲାବେଳେ କେବଳ ପସନ୍ଦ ଖାଦ୍ୟ ଖାଇ ଅନ୍ୟଗୁଡିକ ଉଚିଷ୍ଟ କରି ଫୋପାଡି ନଷ୍ଟ କରୁଛୁ । ଏହି ବ୍ୟବସ୍ଥା ସୁପରିଚାଳନା ପାଇଁ ଆଉ ସେପରି ଜଗୁଆଳି ବ୍ୟବସ୍ଥା ନାହିଁ, ଯେଉଁଥିପାଇଁ ଆମର ଅମାନିଆଁ ଅମଣିଷ ଅତିଥିମାନେ ମନଇଚ୍ଛା ଖାଦ୍ୟନେଇ ଅଳ୍ପଖାଇ ବେଶୀ ନଷ୍ଟ କରୁଛନ୍ତି । ଏହାଦ୍ୱାରା ଏହି ନୂଆ ବ୍ୟବସ୍ଥା ଖାଦ୍ୟ ନଷ୍ଟ ରୋକିବା ପରିବର୍ତ୍ତେ ଅଧିକ ନଷ୍ଟର କାରଣ ପାଲଟିଛି । ଅନ୍ୟ ଦିଗଟି କଥା ସାମାନ୍ୟ ବର୍ଣ୍ଣନା ନକଲେ ଉପସ୍ଥାପନା କରିବାର ଯଥାର୍ଥତା ନଥିଲା, ତେଣୁ ପଦେ ଅଧେ କହୁଛି । ତାହାହେଲା ପାନୀୟ ବ୍ୟବସ୍ଥା ଓ ନାଚଗୀତ ଇତ୍ୟାଦି । ପ୍ରଥମଟି ଯଦିଓ ପ୍ରଥମେ ପ୍ରଥମେ ଉଚ୍ଚବର୍ଗର ଭୋଜିରେ ପ୍ରଚଳିତ ଥିଲା । ତାହା ଏବେ ସବୁ ବର୍ଗର ଭୋଜିରେ ଏକ ମୁଖ୍ୟ ଆକର୍ଷଣ ଓ ବେଳେ ବେଳେ ଅଯଥା ବିଘ୍ନର କାରଣ ପାଲଟିଛି ତଥାପି ଏସବୁ ଦେଖି ମଧ୍ୟ ବର୍ତ୍ତମାନର ଆମ୍ବଡିମା ପୂର୍ଣ୍ଣ ମଣିଷ ସମାଜିକ

Source: Author, Digitized by PPRACHIN, SOA

ଜୀବନରେ ନିଜର ପ୍ରତିପତ୍ତି ଜାହିରି କରିବାପାଇଁ ସେ ସବୁକୁ ଖାତିର ନକରି· ତାର ବ୍ୟବସ୍ଥା କରୁଛି ଯାହାଦ୍ୱାରା ବିବାହ ଭୋଜି ପରି ଏକ ସରସ ସୁନ୍ଦର ଆୟୋଜନ ବେଳେ ବେଳେ ରଣ କ୍ଷେତ୍ରରେ ପରିଣତ ହୋଇ ଧନ ଜୀବନ ହାନିର କାରଣ ପାଲଟୁଛି । ଅନ୍ୟଟି ସଙ୍ଗୀତ ଓ ନାଚ, ଯାହା ଯଦି ନିୟନ୍ତ୍ରିତ ଢଙ୍ଗରେ ଚାଲୁଛି ତେବେଠିକ୍ କିନ୍ତୁ କଦବା କିପରି ଏହା ଶାଳୀନତା ବାହାରକୁ ଚାଲିଗଲେ ନିମନ୍ତ୍ରିତ ମହିଳା ବର୍ଗ ଅମପାନିତ ଓ ଲାଞ୍ଛିତ ହେବାର ଦୃଷ୍ଟାନ୍ତ ପରିଲକ୍ଷିତ ହୁଏ । ଏସବୁ କଥାକୁ ସମସ୍ତେ ହୃଦୟଙ୍ଗମ କଲେ ମଧ୍ୟ ନିଜର ପାଳି ଆସଲା ବେଳକୁ ସବୁ ଭୁଲି ସେଇ ପଦ୍ଧତି ଆପଣାଉଛନ୍ତି । "ବିରାଡି ବେକରେ ଘଣ୍ଟି ବାନ୍ଧିବାକୁ" କାହାର ସାହାସ ହେଉନାହିଁ, କାରଣ ନିଜର ଭୋଜିଟିରେ ଯଦି ସେପରି ଆକର୍ଷଣୀୟ ଖାଦ୍ୟ ସମ୍ଭାର, ଜାକଜମକ ପୂର୍ଣ୍ଣ ନାଚ ଗୀତ ସାଙ୍ଗକୁ ପାନୀୟର ବ୍ୟବସ୍ଥା ରହିବନାହିଁ ତେବେ ଅତିଥିମାନେ କାଳେ ତାଙ୍କୁ ନ୍ୟୁନ ବୋଲି ଆକଳନ କରିବେ (under estimate) ଓ ତାଙ୍କର ସାମାଜିକ ପ୍ରତିଷ୍ଠା ଓ ପ୍ରତିପତ୍ତି ବାଜିରେ ଲାଗିଯିବ । କିନ୍ତୁ ମୁଁ ଓ କକେଇ ବିରାଡି ବେକରେ ଘଣ୍ଟିବାନ୍ଧିବାକୁ ଚିନ୍ତାକରି ବିବାହ ଭୋଜିର ଆୟୋଜନ ସାଧାରଣ ମର୍ଯ୍ୟାଦା ସମ୍ପନ୍ନ ଢଙ୍ଗରେ ପାରମ୍ପାରିକତାକ ବଜାୟରଖି ସୀମିତ ପ୍ରକାର ସୁସ୍ୱାଦୁ ଖାଦ୍ୟପେୟ ଦ୍ୱାରା ଅତିଥି ବନ୍ଧୁବାନ୍ଧବଙ୍କୁ ଆପ୍ୟାୟିତ କରିବାକୁ ସ୍ଥିର କରିଥିଲୁ । ୪ର୍ଥ ଦିନଟି ଶନିବାର ପଡିବାରୁ ପୁରୋହିତଙ୍କ ପରାମର୍ଶକ୍ରମେ ତାହା ରବିବାର ଜୁଲାଇ ୨ତାରିଖ ଅର୍ଥାତ୍ ବିବାହର ୫ମ ଦିନ କରିବାକୁ କକେଇ, ଖୁଡୀ ସ୍ଥିର କରିଥିଲେ । ସେଦିନ କକେଇ ଓ ମାମୁ ଭୋଜିର ଆୟୋଜନରେ ବ୍ୟସ୍ତ ଥିଲାବେଳେ ଖୁଡୀ ଓ ମାଇଁ ପୁଅ ବୋହୂଙ୍କ ବୈଦିକମତେ ଚତୁର୍ଥୀ କର୍ମର ବ୍ୟବସ୍ଥାରେ ବ୍ୟସ୍ତ ଥାଆନ୍ତି । ଘର ବନ୍ଧୁ ବାନ୍ଧବଙ୍କ ଗହଳିରେ କମ୍ପୁଥାଏ । ସମସ୍ତେ ଯିଏ ଜେଝା କାମ ଠିକ୍ ଭାବେ ସାରିବାକୁ ବ୍ୟଗ୍ରଥାନ୍ତି । ସବୁ ଠିକ୍ ଠାକ୍ ଚାଲି ସନ୍ଧ୍ୟା ପୂର୍ବରୁ ବୈଦିକ ଓ ଲୋକାଚାର ନିତି ସରିବାରୁ ମୁଁ ଓ ଶକୁନ୍ତଳା ଅତିଥିମାନଙ୍କୁ ସ୍ୱାଗତ କରିବାକୁ ଆଡମ୍ବର ଢଙ୍ଗରେ ସଜେଇ ହୋଇ ଆସି ପ୍ରସ୍ତୁତ ମଞ୍ଚରେ ବସିଲୁ । ସନ୍ଧ୍ୟା ଗଡିଯାଇଥିବାରୁ ଧୀରେ ଧୀରେ ଅତିଥିମାନଙ୍କ ଗହଳି ବଢିବାରେ ଲାଗିଲା । ସମସ୍ତେ ବୋହୂକୁ ଦେଖି

Source: Author, Digitized by PPRACHIN, SOA

ତାରିଫ କରିବା ସାଙ୍ଗେସାଙ୍ଗେ ପୁଅ, ବୋହୂଙ୍କ ଯୋଡି ବହୁତ ସୁନ୍ଦର ବୋଲି କକେଇ, ଖୁଡୀଙ୍କୁ କହିବାରୁ ସେମାନେ ମଧ୍ୟ ଖୁବ୍ ଆନନ୍ଦ ଅନୁଭବ କରୁଥାନ୍ତି । ରାତି ପ୍ରାୟ ଆଠଟା ସୁଧା ମୋ ଅଫିସର ପ୍ରାୟ ଅଧିକାଂଶ ସଦସ୍ୟ ଦୁଇଟି ଗାଡିରେ ଆସି ପହଞ୍ଚି ଆମଦୁହିଁଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଇତ୍ୟାଦି ଦେଇ ଶୁଭେଚ୍ଛା ଜଣାଇଲେ । ମୁଁ ସେମାନଙ୍କୁ କକେଇ, ମାମୁ, ଖୁଡୀ ଓ ମାଇଁ ପ୍ରଭୃତି ଆତ୍ମୀୟ ଗୁରୁଜନମାନଙ୍କ ସାଙ୍ଗେ ପରିଚୟ କରାଇଲି । ମାମୁଁ ସେମାନଙ୍କ ସାଙ୍ଗେ ସାଙ୍ଗେ ରହି ତାଙ୍କର ଖାଦ୍ୟପେୟର ଯତ୍ନନେବେ ବୋଲି ଖୁଡୀ ମାମୁଙ୍କୁ କହିଲେ ଓ ମୁଁ ବୋହୂ ସାଙ୍ଗରେ ମଞ୍ଚରେ ବସିରହି ଅନ୍ୟ ଅତିଥିମାନଙ୍କୁ ସ୍ୱାଗତ କରିବାକୁ ନିର୍ଦ୍ଦେଶ ଦେଲେ । ଅଫିସବନ୍ଧୁ ଓ ମ୍ୟାନେଜର ସମସ୍ତେ ଖାଇସାରି ଆସି ଭୋଜି ସନ୍ତୁଳିତ ଢଙ୍ଗରେ ହୋଇଥିବାରୁ ଖୁସି ବ୍ୟକ୍ତ କରି କହିଲେ ଅଯଥା ଗୁଡାଏ ବିଭିନ୍ନ ପ୍ରକାର ଖାଦ୍ୟର ବ୍ୟବସ୍ଥା ନଥିବାରୁ ଭୋଜିଟି ଖୁବ ଭଲ ହୋଇଛି । ରାତ୍ରି ବିଳମ୍ବ ହେଉଥିବାରୁ ସେମାନେ ଆଜିର ଦିନର ଶୁଭେଚ୍ଛା ଆଉଥରେ ଜଣାଇ ଫେରିଗଲେ । ଧୀରେ,ଧୀରେ ରାତି ବଢି ଚାଲିବାରୁ ଭୋଜିର ଆୟୋଜନ ମଧ୍ୟ ଶେଷ ହେଲା । ସେତେବେଳକୁ ରାତି ୧୧ଟା ତେଣୁ ଆମେ ସମସ୍ତେ ପରିବାରବର୍ଗ ଏକାଠି ବସି ଖାଇଲୁ । ଖାଇ ସାରିଲା ବେଳକୁ ବର୍ଷା ଆରମ୍ଭ ହେଲା । କକେଇ ଓ ମାମୁ ପ୍ରଭୃତି କହିଲେ ଯାହାହେଉ ଇନ୍ଦ୍ରଙ୍କ କୃପାରୁ ଆମ କାମଟି ନିର୍ବିଘ୍ନରେ ସରିଗଲା ।

ଏଥର ରହିଲା ବିବାହ ଉତ୍ସବର ଶେଷଦୃଶ୍ୟ ବାସର ରାତିରେ ଆମ ଦୁହିଁଙ୍କ ମିଳନ । ମୋର ଶୋଇବା ଘରଟିକୁ ଆକର୍ଷଣୀୟ ଢଙ୍ଗରେ ସଜ୍ଜା ଯାଇଥାଏ । ଜଣେ ଭାଉଜ ମୋ ହାତ ଧରି ଆଣି ଶୋଇବା କକ୍ଷରେ ଛାଡିଗଲାବେଳେ କହିଲେ କବାଟ କିଳି ଶୋଇପଡିବ ନାହିଁ ଆମେ ବୋହୂକୁ ଧରି ଆସିବାକୁ ବିଳମ୍ବ ହୋଇପାରେ । ଏଣିକି ତାପାଇଁ ଅପେକ୍ଷା କରିବାକୁ ପଡିବ ବୋଲି କହି ହସିଦେଇ ଚାଲିଗଲେ । ସତକୁ ସତ ସେଇଆହେଲା । ମତେ ନିଦ ଲାଗୁଥିଲେ ମଧ୍ୟ ବାଧ୍ୟହୋଇ ବସି ଘୁମାଉଁଥାଏ । ପ୍ରାୟ ରାତି ୧୨ଟା ୩୦ ପାଖାପାଖି ମହିଳାମାନଙ୍କ ହସର ଆବାଜ ଶୁଣି ଖଟ ଉପରେ ଘୁମାଇଁବା ଛାଡି ବସି ରହିଲି । ଭାଉଜମାନେ ଶକୁନ୍ତଳାଙ୍କୁ ଧରି ଧୀରେ ଘର ଭିତରକୁ ପଶି ତାଙ୍କୁ ମୋ ହାତରେ ଧରାଇଦେଇ ତୁମମାନଙ୍କ

Source: Author, Digitized by PPRACHIN, SOA

ଦାମ୍ପତ୍ୟ ସୁଖମୟ ହେଉ ଓ ମନଭରି ଉପଭୋଗ କର ବୋଲି କହି ସମସ୍ତେ ହସି, ହସି ଚାଲିଗଲାବେଳେ କବାଟଟି ବନ୍ଦ କରିଦେବାରୁ ମୁଁ ଆସି କିଳିଣି ଲଗାଇଲି । ଶକୁନ୍ତଳା ମୋତେ ପ୍ରଣିପାତ କରିବାରୁ ତାଙ୍କୁ କୋଳକୁ ଭିଡିନେଇ ତାଙ୍କ ପାଟିରେ ଭୋଗ ନଡିଆରୁ ଖଣ୍ଡେ ଦେଇ କହିଲି ସେଦିନ ବର୍ଷଣ ମୁଖର ଶୀତରାତିରେ ଆମେ ଚକ୍ଷୁଆ ଚକୋଇ ଦିହେଁ ଗୋଟିଏ ବିଛଣାର ଦୁଇମୁଣ୍ଡରେ ପରସ୍ପରକୁ ପଛକରି ବସି ରାତି ବିତାଇଥିଲେ ବୋଲି ଆଜିର ଆଷାଢ ମାସର ବର୍ଷା ଜୁଆର ଜାରି ରହିଥିଲାବେଳେ ଆମେ ପତିପତ୍ନୀ ଭାବେ ସେଇ ଗୋଟିଏ ସଜ୍ଜିତ ବିଛଣାରେ ଜୀବନର ସବୁଠୁଁ ମହାର୍ଘ ମୁହୂର୍ତ୍ତକୁ ଏକାଠି ହୋଇ ଉପଭୋଗ କରିବା । ଶକୁନ୍ତଳା ଲାଜରେ ମୁହଁ ତଳକୁ କଲେ ମୁଁ ଘରର ଆଲୁଅ ଲିଭାଇ ଦେବା ବେଳକୁ ଗୋଟିଏ ବଡ ଘଡଘଡି ମାରିବାରୁ ଶକୁନ୍ତଳା ଡରରେ ମତେ କୁଣ୍ଢାଇ ପକାଇଲେ ମୁଁ ତାଙ୍କୁ ଆବେଗରେ କୋଳରେ ଭିଡି ଧରିଲି ।

●

Source: Author, Digitized by PPRACHIN, SOA

ସନ ୧୯୪୯ ମସିହା ଅଗଷ୍ଟ ୧୩ ତାରିଖରେ ବୟାଳିଶ ମୌଜା ଅନ୍ତର୍ଗତ କଳପଡ଼ା ଗ୍ରାମର ଏକ କୂଳିନ ବ୍ରାହ୍ମଣ ପରିବାରରେ ପିତା ସ୍ୱର୍ଗତ ନରସିଂହ ପତି ଓ ମାତା ସ୍ୱର୍ଗତ ଲାବଣ୍ୟ ଦେବୀଙ୍କ କୋଳମଣ୍ଡନକରି **ଶ୍ରୀ ରାଜ କିଶୋର ପତିଙ୍କ** ଜନ୍ମ । ତୁଳସୀ ଦୁଇପତ୍ରରୁ ବାସିଲାପରି ଶୈଶବରୁ ବାରି ହେଉଥିଲା ଅସାଧାରଣ ପ୍ରତିଭା । ବାଲ୍ୟାବସ୍ଥାରେ ମାତାଙ୍କ କୋଳରେ ବସି ବାପା ପାଠ କରୁଥିବା ଗୀତା, ବିଭିନ୍ନ ପୁରାଣ ଓ ଭାଗବତ ଶୁଣିବାରେ ଅହେତୁକ ରୁଚି ରଖିଥିଲେ । ଜୀବନ ସ୍ରୋତରେ ସାମିଲହୋଇ ରାଜ୍ୟ ସରକାରଙ୍କ ପ୍ରଶାସନିକ ଅଧିକାରୀ ଭାବେ କର୍ମମୟ ଜୀବନ ବିତାଇଛନ୍ତି ।

ଅବସର ଗ୍ରହଣପରେ ପଦଯୁଗଳ ଖୁବ୍ କ୍ରିୟାଶୀଳ । ସାହିତ୍ୟ ସାଧନା, କବିତା, ଉପନ୍ୟାସ, ଗଳ୍ପ ଓ ପ୍ରବନ୍ଧ ରଚନା ସହିତ ବହୁ ସାହିତ୍ୟ ଅନୁଷ୍ଠାନସହ ଶ୍ରୀଯୁକ୍ତ ପତି ଓତଃପ୍ରୋତ ଭାବେ ଜଡ଼ିତ ଓ ନିଜର ପ୍ରତିଭାପାଇଁ ବହୁ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ଓ ସମ୍ମାନିତ । ଏ ବୟସରେ ଖୁବ୍ ଚଳଚଞ୍ଚଳସହ ଭୁବନେଶ୍ୱରର ଅଗ୍ରଣୀ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ 'ସାରସ୍ୱତ ସମାଜ'ର ସଭାପତି ଭାବେ କାର୍ଯ୍ୟରତ । ପ୍ରକାଶ ପାଉଥିବା ଉପନ୍ୟାସ **'ମୋବାଇଲ୍ ପ୍ରେମ'** ସୃଜନଶୀଳ ପାଠକ/ପାଠିକାଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ମୋର ଆଶା ଓ ବିଶ୍ୱାସ । ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀ କଦମ୍ବେଶ୍ୱର ଓ ମା' ଦୁର୍ଗା ଶ୍ରୀଯୁକ୍ତ ପତିଙ୍କ ଚଲାପଥ କୁସୁମିତ ସହ ଦୀର୍ଘ ନିରାମୟ ଜୀବନ ବିତାଇବା ପାଇଁ ଆଶୀର୍ବାଦ ପ୍ରଦାନ କରନ୍ତୁ

ଶ୍ରୀମତୀ ସଂଯୁକ୍ତା ପତି
ପ୍ରକାଶିକା
ପ୍ଲଟ୍ ନଂ- ୪୩/ଖ, ଲେନ୍- ୧
ରୋଡ- ୨, ଜଗନ୍ନାଥ ବିହାର
ବରମୁଣ୍ଡା, ଭୁବନେଶ୍ୱର- ୩

Source: Author, Digitized by PPRACHIN, SOA